

ଦଳ ଛାଡ଼ିଲେ କବିତା

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 164 | ଭାଗ ୩୩ | ସଂଖ୍ୟା ୧୬୪ | Thursday 4 September 2025 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର ୪ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ଓଡ଼ିଶା ସେମିକନ ଇଣ୍ଡିଆ-୨୦୨୫ର ଅନ୍ୟତମ ଆକର୍ଷଣ

## ଦିନକରେ ୫୨୦୦ କୋଟିରୁ ଅଧିକ ଟଙ୍କାର ଏମଓୟୁ



- ● ନିବେଶକଙ୍କୁ ଆକୃଷ୍ଟ କରୁଛି ସେମିକଣ୍ଡକ୍ଟର ନୀତି-୨୦୨୫
- ● ଶିଳ୍ପପତିଙ୍କ ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଓ ବ୍ୟବସାୟ ସୁଯୋଗ
- ● ସହଯୋଗୀ ରାଷ୍ଟ୍ରଙ୍କ ସହ ଗୋଲ ଟେବୁଲ ଆଲୋଚନା

**ନୂଆଦିଲ୍ଲୀ,୩।୯:** ନୂଆଦିଲ୍ଲୀଠାରେ ଗତକାଲି ଆରମ୍ଭ ହୋଇଥିବା ସେମିକନ ଇଣ୍ଡିଆ-୨୦୨୫ କନକ୍ଲେଭରେ ଓଡିଶା ସେମିକଣ୍ଡକ୍ଟର ଶିଳ୍ପରେ ନିଜର ଆଭିମୁଖ୍ୟକୁ ଉପସ୍ଥାପନ କରିଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର ଶିଳ୍ପରେ ଓଡିଶାକୁ ଦେଶର ଏକ ପ୍ରମୁଖ ହବ୍ ଭାବେ ରୂପାନ୍ତରିତ କରିବାକୁ ପ୍ରସ୍ତୁତ ହୋଇଥିବା ରୋଡମ୍ୟାପ ସମ୍ପର୍କରେ ନିବେଶକଙ୍କୁ ଆବଗତ କରାଯାଇଛି। ଏହି ଅବସରରେ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓଡିଶା ପ୍ୟାଭିଲିନର ଉଦଘାଟନ କରିବା ସହ ବିଶ୍ୱର କିଛି ପ୍ରମୁଖ ନିବେଶକଙ୍କ ସହ ୫୨୦୦ କୋଟିରୁ ଅଧିକ ଟଙ୍କାର ଏମଓୟୁ ସ୍ୱାକ୍ଷର କରିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଟପଟ୍ରାକ ହାଇଟେକ ପିସିବି ପ୍ରାଇଭେଟ ଲିମିଟେଡ ସହ ୨୬୫୫ କୋଟି ଟଙ୍କାର ନିବେଶ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ସାନକୋଡ ଟେକ ଓ ସିଲକନ କନେକ୍ଟ ମିଳିତ ଭାବେ ଓଡିଶାରେ ୧୦୦୫ କୋଟି ଟଙ୍କା ନିବେଶ କରିବାକୁ ଏମଓୟୁ କରିଛନ୍ତି। ➪ପୃଷ୍ଠା-୬

ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ

## ମଧ୍ୟବିତ୍ତଙ୍କୁ ପୂଜା ଭେଟି

- ସ୍ୱାସ୍ଥ୍ୟ ଓ ଜୀବନ ବୀମା ଉପରୁ ଛାଡ ହେଲା ଜିଏସ୍‌ଟି
- ସବୁପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ହେଲା ଶସ୍ତା
- ମହଙ୍ଗା ହେଲା ବିଳାସ ସାମଗ୍ରୀ, ଜର୍ଦ୍ଦା, ସିଗାରେଟ୍, ଦାମୀ କାର
- ୯୭୦୦ କୋଟିର କ୍ଷତି ସହିବେ ସରକାର
- ଚାଷୀ, ସ୍ୱାସ୍ଥ୍ୟ ସେବା ଓ ଶିକ୍ଷାର୍ଥୀଙ୍କ ପାଇଁ ଖୁସି ଖବର
- କ୍ଷୀର, ଛେନା, ପାଉଁରୁଟି ଜିଏସଟିମୁକ୍ତ



**ନୂଆଦିଲ୍ଲୀ,୩।୯:** ୫୬ତମ ଜିଏସଟି ପରିଷଦ ବୈଠକରେ ନିଆଯାଇଛି ବଡ ନିଷ୍ପତ୍ତି। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତଙ୍କୁ ଦୃଷ୍ଟିରେ ରଖି ଜିଏସଟି ସ୍ଲାବରେ କରାଯାଇଛି ପରିବର୍ତ୍ତନ। ପୂର୍ବର ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ, ୨୮ ପ୍ରତିଶତ ଏହିପରି ଚାରୋଟି ସ୍ଲାବକୁ ପରିବର୍ତ୍ତନ କରି ତିନୋଟି ସ୍ଲାବ କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଓ ଜରୁରୀ ସାମଗ୍ରୀଗୁଡିକୁ ୫ ପ୍ରତିଶତ ଓ ୧୮ ପ୍ରତିଶତ ଜିଏସଟି ସ୍ଲାବ ପରିସରଭୁକ୍ତ କରାଯାଇଥିବା ବେଳେ ସବୁ ପ୍ରକାର ବିଳାସ ଓ ଆମୋଦପୂର୍ଣ୍ଣ ସାମଗ୍ରୀକୁ ୪୦ ପ୍ରତିଶତ ସ୍ଲାବରେ ରଖାଯାଇଛି। ନୂଆ ଜିଏସଟି ଦର ଚଳିତ ମାସ ୨୨ ତାରିଖରୁ ଲାଗୁ ହେବ ବୋଲି ଜିଏସଟି ପରିଷଦ ବୈଠକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଛନ୍ତି।

ପୂର୍ବର ଚାରି ପ୍ରକାର ସ୍ଲାବ ମଧ୍ୟରୁ ୧୨ ପ୍ରତିଶତ ଓ ୨୮ ପ୍ରତିଶତ ସ୍ଲାବକୁ ଉଚ୍ଛେଦ କରିଛନ୍ତି କେନ୍ଦ୍ର ସରକାର। କ୍ଷୀର, ଛେନା, ଭାରତୀୟ ପାଉଁରୁଟି ଭଳି ଅତ୍ୟାବଶ୍ୟକ ସାମଗ୍ରୀକୁ ଜିଏସଟି ପରିସରରୁ ବାହାର କରାଯାଇଛି। ଏହାଦ୍ୱାରା ଏହି ସାମଗ୍ରୀ ଦର ଏଣିକି ଖାଉଟିଙ୍କ ପାଇଁ ଶସ୍ତା ହେବ। ସେହିଭଳି ଟୁଥପେଷ୍ଟ, ସାମ୍ପୋ, ସାବୁନ ଉପରେ ଜିଏସଟିକୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହାଦ୍ୱାରା ଏହିସବୁ ସାମଗ୍ରୀ ଦର ଆଖିଦୃଶିଆ ଭାବେ ହ୍ରାସ ପାଇବ। ଚକୋଲେଟ, ପେଷ୍ଟ୍ରି, ଆଇସକ୍ରିମ ଏବଂ ଧାନ ଜାତୀୟ ଶସ୍ୟ ଉପରେ ଜିଏସଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଉଲ୍ଲେଖନୀୟ ଭାବେ କେନ୍ଦ୍ର ସରକାର ସବୁ ପ୍ରକାର ସ୍ୱାସ୍ଥ୍ୟବିମା ଓ ଜୀବନବିମା ଉପରୁ ଜିଏସଟି ସମ୍ପୂର୍ଣ୍ଣ ଛାଡ କରିଛନ୍ତି। ଏହାଦ୍ୱାରା ଅଧିକ ଲୋକ ନିଜକୁ ବିମା ପରିସରଭୁକ୍ତ କରିବେ ବୋଲି କେନ୍ଦ୍ର ସରକାର ଆଶା ରଖିଛନ୍ତି। ଜିଏସଟି ସ୍ଲାବରେ ପରିବର୍ତ୍ତନ ଦ୍ୱାରା କେନ୍ଦ୍ର ସରକାର ବାର୍ଷିକ ପାଖାପାଖି ୯୭୦୦ କୋଟି ଟଙ୍କା କ୍ଷତି ସହିବାକୁ ଥିଲେ ବି ସାଧାରଣ ଲୋକଙ୍କୁ ଏହାଦ୍ୱାରା ସୁଫଳ ମିଳିପାରିବ। ➪ପୃଷ୍ଠା-୬

**ଶସ୍ତା ହେଲା**

ଦୁଧ, ରୁଟି, ପନୀର, ଘିଅ, ବିସ୍କୁଟ, ସସ୍, ପାସ୍ତା, ଶୁଖିଲା ଫଳ, ପିଜା ରୁଟି, ଅକ୍ସିଜେନ, ଗ୍ଲୁକୋମିଟର, କିଟ୍, ଗୁରୁତ୍ୱପୂର୍ଣ୍ଣ ଔଷଧ, ବ୍ୟାଣ୍ଡେଜ୍, ସାବୁନ୍, ଶାମ୍ପୁ, ଟୁଥପେଷ୍ଟ, ମହମବତୀ, ଖେଳଣା, ଆସବାବପତ୍ର, ସୌର ଓ ପବନ ଉପକରଣ, ବାୟୋଗ୍ୟାସ ଉପକରଣ, ଛୋଟ କାର, ବାଇକ୍

**ମହଙ୍ଗା ହେଲା**

ସୌଖୀନ କାର, ବଡ଼ ଏସୟୁଭି, ସିଗାରେଟ, ତମାଖୁ, ଗୁଟଖା

ହତ୍ୟା ମାମଲାରେ ଆସିଲା ରାୟ

## ପରିବାରର ୬ ଜଣଙ୍କୁ ଆଜୀବନ ଜେଲ୍

**ନବରଙ୍ଗପୁର,୩।୯(ସଂଚାର ବ୍ୟୁରୋ):** ଏକ ହତ୍ୟାକାଣ୍ଡ ମାମଲାରେ ଗୋଟିଏ ପରିବାରର ଜଣେ ନାବାଳକ ସମେତ ୬ ଜଣଙ୍କୁ ଆଜୀବନ ଜେଲ୍‌ଦଣ୍ଡାଦେଶ ହୋଇଛି। ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଜଜ୍ ଆଜି ଏହି ମାମଲାରେ ରାୟ ଶୁଣାଇଛନ୍ତି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ନାବାଳକଙ୍କୁ ସୁଧାର ଗୃହ ଓ ଅନ୍ୟ ୫ ଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଦଣ୍ଡାଦେଶ ପାଇଥିବା ଦୋଷୀମାନେ ହେଲେ କୋଡିଙ୍ଗା ଥାନା ବାରମାସୀ ଗାଁର ଅନନ୍ତ ପୂଜାରୀ, ଶିବ ଶଙ୍କର ପୂଜାରୀ, ଚନ୍ଦନ ପୂଜାରୀ, ତୁମର ପୂଜାରୀ ଓ ଡାଳିମ୍ବ ପୂଜାରୀ। ଏହି ମାମଲାରେ ସେମାନଙ୍କୁ କାରାଦଣ୍ଡାଦେଶ ସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନା ମଧ୍ୟ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୦୨୨ ଅଗଷ୍ଟ ୯ ତାରିଖରେ ଜମିଜମା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ୬ ଜଣ ଜଣେ ବ୍ୟକ୍ତିଙ୍କୁ ଟ୍ରାକ୍ଟର ଚଢ଼ାଇ ଦେବା ସହ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିଲେ।

**ଜଣେ ନାବାଳକ ମଧ୍ୟ ସାମିଲ୍**

ଗାଇଡଲାଇନର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

## ସ୍କୁଲ ସହ ଯୋଡ଼ିହେବ ଅଙ୍ଗନବାଡ଼ି

- ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାର ମହତ୍ତ୍ୱକୁ ଗୁରୁତ୍ୱ
- ସ୍କୁଲ ପରିସରରେ ରହିଛି ୨.୯ ଲକ୍ଷରୁ ଅଧିକ ଅଙ୍ଗନବାଡି କେନ୍ଦ୍ର
- ୧୫ କୋଟି ପିଲାଙ୍କ ଉପଯୁକ୍ତ ଯତ୍ନ ଆମର ପ୍ରାଥମିକତା
- ଅଙ୍ଗନବାଡ଼ି ଦିଦିଙ୍କ ପାଇଁ ମଡ୍ୟୁଲ ପ୍ରସ୍ତୁତି ପ୍ରସ୍ତାବ
- ଏଆଇ ଉପଯୋଗରେ ପିଲାଙ୍କ ଭବିଷ୍ୟତ ନିର୍ମାଣ ଉପରେ ଜୋର୍



**ନୂଆଦିଲ୍ଲୀ,୩।୯:** ଏଠାକାର ବିଜ୍ଞାନ ଭବନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ଗୋଟିଏ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ସହ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସ୍ଥାପନା ପାଇଁ ଗାଇଡଲାଇନର ଶୁଭାରମ୍ଭ ହୋଇଛି। ନୂଆ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର ପରାମର୍ଶ ଅନୁସାରେ ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାର ମହତ୍ତ୍ୱ ଉପରେ ଗାଇଡଲାଇନରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏପରି ଅଭିନବ ପଦକ୍ଷେପ ପାଇଁ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକଶିତ ଭାରତ'ର ମାନବ ପୁଞ୍ଜି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବାର ଦୃଷ୍ଟିକୋଣକୁ ➪ପୃଷ୍ଠା-୬

## କଂଗ୍ରେସକୁ ଫେରିବେ ଭୂପିନ୍ଦର



**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ବିଜେଡିର ବରିଷ୍ଠ ନେତା ତଥା ନର୍ଲାର ପୂର୍ବତନ ବିଧାୟକ ଭୂପିନ୍ଦର ସିଂ ଦଳ ଛାଡ଼ିବା ନେଇ ଏକ ବଡ଼ ସଂକେତ ଦେଇଛନ୍ତି। ସେ କହିଛନ୍ତି ଯେ ତାଙ୍କ ପାଇଁ ଲୋକମାନେ ହିଁ ସବୁଠୁ ବଡ଼ ଦଳ ଓ ତାଙ୍କର ଭବିଷ୍ୟତ ନିଷ୍ପତ୍ତି ଲୋକମାନେ ହିଁ ନେବେ। ସେ କହିଛନ୍ତି, ଲୋକେ ମୋତେ କହୁଛନ୍ତି ଯେ ମୁଁ ଯେଉଁ ଚିହ୍ନରେ ଛିଡ଼ା ହେବି, ସେମାନେ ସେହି ଚିହ୍ନକୁ ଭୋଟ ଦେବେ। କଂଗ୍ରେସ ଦଳ ଦେଶ ତଥା ରାଜ୍ୟରେ ବେଶ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ସେ ଅଭିଯୋଗ କରିଛନ୍ତି ଯେ ବିଜେଡି ମୁଖ୍ୟ ବିରୋଧୀ ଦଳ ଭାବେ ନିଜର ଭୂମିକା ଠିକ ଭାବେ ନିର୍ବାହ କରୁନାହିଁ। ଲୋକେ ଅନୁଭବ କରୁଛନ୍ତି ଯେ ବିଜେଡି ଓ ବିଜେପି ମଧ୍ୟରେ କୌଣସି ପ୍ରଭେଦ ନାହିଁ। ତେଣୁ ଲୋକେ ଏବେ କଂଗ୍ରେସ ଆଡ଼କୁ ମୁହାଁଇଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ➪ପୃଷ୍ଠା-୬

ସୁନା ଦରରେ ଲାଗିଛି ନିଆଁ

## ୨୦୨୬ ସୁଦ୍ଧା ୧.୨୫ ଲକ୍ଷ ଟପିବ



**ନୂଆଦିଲ୍ଲୀ,୩।୯:** ଗତ କିଛି ଦିନ ହେଲା ଭାରତରେ ସୁନା ଦର ଯେପରି ହୁ ହୁ ହୋଇ ବଢ଼ିଚାଲିଛି, ତାକୁ ଲକ୍ଷ୍ୟ କଲେ ଏହି ଦାମୀ ଧାତୁର ଦର ଆସନ୍ତା ବର୍ଷ ବେଳକୁ ୧ ଲକ୍ଷ ୨୫ ହଜାରକୁ ଟପିଯିବ ବୋଲି ଆକଳନ କରାଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରତି ୧୦ ଗ୍ରାମ ପାଇଁ ୯୯,୫୦୦ ରୁ ୧ ଲକ୍ଷ ୧୦ ହଜାର ଟଙ୍କା ଏବଂ ୨୦୨୬ ପ୍ରଥମ ୬ ମାସରେ ଦାମ୍ ୧ ଲକ୍ଷ ୧୦ ହଜାରରୁ ୧ ଲକ୍ଷ ୨୫ ହଜାର ଟଙ୍କା ମଧ୍ୟରେ ରହିବ ବୋଲି ଆଇସିଆସିଆଇ ବ୍ୟାଙ୍କର ଆର୍ଥିକ ଗବେଷଣା ଗୋଷ୍ଠୀ ଏକ ରିପୋର୍ଟରେ ଉଲ୍ଲେଖ କରିଛି। ରିପୋର୍ଟ ଅନୁସାରେ, ଯଦି ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ଆମେ ଅନୁମାନ କରିଥିବା ୮୭.୦୦-୮୯.୦୦ ସୀମା ଅପେକ୍ଷା ଅଧିକ ଅବନମିତ ହୁଏ, ତେବେ ଏହି ମୂଲ୍ୟ ଆହୁରି ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶ୍ୱ ବଜାରରେ ସୁନା ମୂଲ୍ୟ ୨୦୨୫ରେ ଅଦ୍ୟାବଧି ପ୍ରାୟ ୩୩ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଆମେରିକୀୟ ଫେଡେରାଲ ରିଜର୍ଭର ମୁଦ୍ରା ନୀତି ଶିଥିଳତା ଏବଂ ଆମେରିକାର ଅର୍ଥନୀତି ସମ୍ବନ୍ଧୀୟ ଚିନ୍ତା ଦ୍ୱାରା ସମର୍ଥିତ। ବିଶ୍ଳେଷକମାନେ ଅନୁମାନ କରିଛନ୍ତି ଯେ ବିଶ୍ୱ ସୁନା ମୂଲ୍ୟ ୨୦୨୫ ଶେଷ ସୁଦ୍ଧା ପ୍ରତି ଆଉନ୍ସ ପିଛା ୩,୪୦୦- ➪ପୃଷ୍ଠା-୬

## ଅସ୍ତ୍ର ଛାଡ଼ିଲେ ୨୦ ଦୁର୍ଦ୍ଧାନ୍ତ ମାଓବାଦୀ



- ● ମୁଣ୍ଡରେ ଥିଲା ୩୩ ଲକ୍ଷ ପୁରସ୍କାର
- ● ୯ ମହିଳା ବି ସାମିଲ

**ମାଲକାନଗିରି,୩।୯(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ସୁକମା ଜିଲ୍ଲାରେ ଆଜି ସ୍ଥାନୀୟ ପୁଲିସ୍‌କୁ ବଡ଼ ଧରଣର ସଫଳତା ମିଳିଛି। ନକ୍ସଲବିରୋଧୀ ଅଭିଯାନ ଜାରି ରହିଥିବାରୁ ନିଜର କାର୍ଯ୍ୟକଳାପକୁ ଜାରି ରଖିବାରେ ବିଫଳ ହେବାରୁ ଆଜି ୨୦ ଜଣ ଦୁର୍ଦ୍ଧାନ୍ତ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରେ ୯ ଜଣ ମହିଳା ମାଓବାଦୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ପିଏଲ୍‌ଜିଏର ଜଣେ ଦୁର୍ଦ୍ଧାନ୍ତ କ୍ୟାଡର୍ ମଧ୍ୟ ରହିଥିବା ଜଣାପଡ଼ିଛି। ଆଜି ଅସ୍ତ୍ର ତ୍ୟାଗ କରିଥିବା ମାଓବାଦୀଙ୍କ ନାଁରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୩୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଏହି ମାଓବାଦୀଙ୍କ ମଧ୍ୟରୁ ଅନେକ କେତେକ ପ୍ରମୁଖ ହିଂସାକାଣ୍ଡରେ ସାମିଲ ଥିଲେ। ଦୁଇ ଜଣ ମାଓ ନେତାଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ ସରକାର ମଧ୍ୟ ୮ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରିଥିଲେ।

ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ସୁକମା ଏସପି କିରଣ ଚୌହାନ ଜଣ ପିଛା ୨୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ➪ପୃଷ୍ଠା-୬

ଶ୍ରୀମନ୍ଦିର ପରିଚାଳନା କମିଟି ପ୍ରଥମ ବୈଠକ

## ଧାଡ଼ି ଦର୍ଶନ ଓ ୧୪ ସବ୍‌କମିଟି ଗଠନକୁ ମଞ୍ଜୁରୀ




**ପୁରୀ,୩।୯(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ଶେଷ ହୋଇଛି। ପରିଚାଳନା କମିଟି ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢୀ ସୂଚନା ଦେଇ କହିଛନ୍ତି ଯେ ଶ୍ରୀମନ୍ଦିର ସୁରକ୍ଷା ନେଇ ୧୪ ସବ୍‌କମିଟି ଗଠନ ହୋଇଛି। ୧୪ ସବ୍‌କମିଟି ମଧ୍ୟରୁ ୪ଟି ଷ୍ଟାଚ୍ୟୁଟାରୀ ସବ୍‌କମିଟି-ଅର୍ଥ, ନୀତି, ରତ୍ନଭଣ୍ଡାର, ଅପିଲ୍ କମିଟି ଗଠନ କରାଯାଇଛି। ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ନେଇ ସବ୍‌କମିଟି ଗଠନ କରାଯାଇଛି। ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା, ପ୍ରକାଶନ ଓ ପ୍ରସାର ସବ୍‌କମିଟି ମଧ୍ୟ ଗଠନ କରାଯାଇଛି। ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ସବ୍‌କମିଟି ଗଠନ ହୋଇଥିବା ବେଳେ ସେବକ କଲ୍ୟାଣ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମଧ୍ୟ ସବ୍‌କମିଟି ଗଠିତ ହୋଇଛି। ଏହାଛଡ଼ା ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବିଧି ସବ୍‌କମିଟି ଗଠିତ ହୋଇଥିବା ବେଳେ ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ନୀତି ସମନ୍ୱୟ ସବ୍ କମିଟି ଗଠିତ ହୋଇଥିବା ଡ. ପାଢ଼ୀ କହିଛନ୍ତି।

ଏଥିସହ ବୈଠକରେ ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ପରିଚାଳନା କମିଟି ଅନୁମୋଦନ ଦେଇଛି। ସୁପରିଚାଳନା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଥିବା ବେଳେ ଉକ୍ତ କମିଟିରେ ୯ ଜଣ ସଦସ୍ୟ ଅଛନ୍ତି। ସେମାନେ ସବୁ ଦିଗରୁ ଅନୁଧ୍ୟାନ କରିବେ। ସମ୍ପୃକ୍ତ ନିଯୋଗ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ମହାପ୍ରଭୁଙ୍କ ନୀତି ଯେପରି ବିଳମ୍ବିତ ନ ହେବ, ସେମାନେ ତା' ଉପରେ ଗୁରୁତ୍ୱ ଦେବେ। ପ୍ରଥମେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନକୁ ଲାଗୁ କରାଯିବ। ଆବଶ୍ୟକ ପଡ଼ିଲେ ଜିଲ୍ଲାପାଳଙ୍କ ନେତୃତ୍ୱାଧୀନ କମିଟି ସଂଶୋଧନ କରିବ। ଖୁବ୍‌ଶୀଘ୍ର ଧାଡ଼ି ➪ପୃଷ୍ଠା-୬



**କାନ ଡେରିଆ**

ବିଜେଡି ନେତାଏ ଏଣିକି ଏଣିକି
ହାତ ପଟେ ଢଳୁଛନ୍ତି
କାହିଁକି କେଜାଣି ହାତ
ଭଲଲାଗେ
ଦେଖିବା ଲୋକେ କୁହନ୍ତି
ଘର ବାହୁଡା ହୁଅନ୍ତି...
ବିଜେଡିରେ ପରା ଅଣଦେଖା
ହୁଏ
ତାଙ୍କରି ନେତା ଭାବନ୍ତି !

■ ଦେବାଶିଷ

## ଡାହାଣୀ ହୋଇଥିଲେ କ୍ରୀତଦାସ, କାମ କରୁନି ଗୁଣିଆ ମନ୍ତ୍ର

- ● ଫତ୍‌ୱା ଜାରି କଲେ ଦେବୀ
- ● ଅସନ୍ତୁଷ୍ଟଙ୍କୁ ଶଙ୍ଖ ଭବନ ମନା

**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ଛାତ୍ର ବିଜେଡି ଓ ଯୁବ ବିଜେଡି ମୁଖିଆ ନିଯୁକ୍ତିକୁ ନେଇ ଦଳ ଭିତରେ କୁହୁଳୁଥିବା ଅସନ୍ତୋଷକୁ ସମାଧାନ ପାଇଁ କ୍ରୀତଦାସ ୪୮ ଘଣ୍ଟା ସମୟ ନେଇ ଫେଲ୍ ମାରିବାପରେ ବିଜେଡି ରାଜନୀତିକୁ ଏହା ନୂଆ ମୋଡ ଦେଇଛି। ଅବସ୍ଥା ଏଭଳି ହୋଇଛି ଯେ ଅସନ୍ତୁଷ୍ଟମାନଙ୍କୁ ଶଙ୍ଖ ଭବନରେ ମେଳି ନ କରିବା ପାଇଁ ଫତ୍‌ୱା ଜାରି ହୋଇଛି।

ବିଜେଡି ସଭାପତି ନବୀନ ପଟ୍ଟନାୟକ ଛାତ୍ର ବିଜେଡି ସଭାପତି ଭାବେ ଇପ୍ସିତା ସାହୁ ଓ ଯୁବ ବିଜେଡି ସଭାପତି ଭାବେ ଚିନ୍ମୟ ସାହୁଙ୍କୁ ନିଯୁକ୍ତ କରିବାପରେ ଦଳ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଅସନ୍ତୋଷକୁ ତେଜୁଛନ୍ତି ଦଳର କିଛି ଯୁବ ନେତା। ଗୋଟିଏ ପଟେ ଅସନ୍ତୁଷ୍ଟମାନଙ୍କ ସହିତ ଡାହାଣି ହୋଇ ଲାଗୁଥିବା ବେଳେ ମାମଲା ଥଣ୍ଡା କରିବା ପାଇଁ ଗୁଣିଆ ଅବତାର ଧରୁଛନ୍ତି। ହାଇକମାଣ୍ଡଙ୍କ ନଜରକୁ ଏହା ଆସିବା ପରେ ଦଳ ଭିତରେ ଘମାଘୋଟ ଚାଲିଥିଲା। ତେବେ ଏହା ଭିତରେ ଅସନ୍ତୁଷ୍ଟମାନଙ୍କୁ ବୁଝାଇବା ପାଇଁ କ୍ରୀତଦାସ ୪୮ ଘଣ୍ଟାର ମହଲତ ନେଇଥିଲେ।

ଆଜି ଏହି କଣ୍ଟ ପୂରିଥିବା ବେଳେ କ୍ରୀତାଦାସ କିନ୍ତୁ ଏଥିରେ ଫେଲ୍ ମାରିଥିବା ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ଅସନ୍ତୁଷ୍ଟମାନେ ଆଉ କ୍ରୀତଦାସଙ୍କୁ ମାନିବା ଅବସ୍ଥାରେ ନାହାନ୍ତି। ଦୁଇ ଦିନ କାଳ ବୁଝାଇ ବୁଝାଇ କ୍ରୀତଦାସ ଝାଳନାଳ ହୋଇଥିଲେ ମଧ୍ୟ ଅସନ୍ତୁଷ୍ଟମାନେ ବୁଝିନାହାନ୍ତି। କେଉଁ ମାନଦଣ୍ଡରେ ଏହି ଦୁଇ ଜଣଙ୍କୁ ନିଯୁକ୍ତ କରାଗଲା, ତାହା ଜାଣିବା ପାଇଁ ସେମାନେ ଅଡ଼ି ବସିଛନ୍ତି। ଏହି ଅସନ୍ତୁଷ୍ଟଙ୍କ ନିଶାଣରେ ଅଛନ୍ତି ଦଳର ବରିଷ୍ଠ ନେତା ଦେବୀ ମିଶ୍ର। ଶ୍ରୀ ମିଶ୍ରଙ୍କୁ ଶଙ୍ଖ ଭବନରେ ଦେଖିଲା ମାତ୍ରେ ଏମାନେ ଘେରିଯାଇ ପ୍ରଶ୍ନ ପରେ ପ୍ରଶ୍ନ କରୁଛନ୍ତି। ତେବେ ଏହି ନିଯୁକ୍ତିରେ କୌଣସି ଭୂମିକା ନ ଥିବାରୁ



ଦେବୀ ବି ନିଜର ଅସହାୟତା ପ୍ରକାଶ କରୁଛନ୍ତି।

ଦଳରେ ସମସ୍ତେ ଆଶା କରିଥିଲେ ଯେ କ୍ରୀତଦାସ ନିଶ୍ଚିତ ଭାବେ ସମସ୍ୟାର ସମାଧାନ କରିବେ। ତାଙ୍କ କଥା ସମସ୍ତେ ମାନିନେବେ। ହେଲେ ସେମିତି କିଛି ନ ହେବା ଫଳରେ ଶଙ୍ଖ ଭବନ ଭିତରେ କେତେବେଳେ କ'ଣ ଘଟିବ, ତାହାକୁ ନେଇ ଦଳୀୟ ନେତାମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଏଥିପାଇଁ ଅସନ୍ତୁଷ୍ଟମାନେ ଆଉ ଯେଭଳି ଶଙ୍ଖ ଭବନ ଭିତରେ ମେଳି ନହେବେ, ସେଥିପାଇଁ ଦେବୀ ମିଶ୍ର ଏକ ପ୍ରକାର ଫତ୍‌ୱା ଜାରି କରିଥିବା କୁହାଯାଉଛି। ଏହା କିନ୍ତୁ ଅସନ୍ତୁଷ୍ଟଙ୍କ ରାଗକୁ ବଢ଼ାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟ ପକ୍ଷରେ ଦଳର ଏହି ଦୁଇ ଛାମୁଆ ପଦରେ ନିଜ ନିଜ ସମର୍ଥକଙ୍କୁ ବସାଇବାକୁ ଚାହୁଁଥିବା ନେତାମାନେ ବି ନଛୋଡ଼ବନ୍ଧା ସ୍ଥିତିରେ ରହିଛନ୍ତି। ଅପମାନର ପ୍ରତିଶୋଧ ନେବା ପାଇଁ ସେମାନେ ସୁଯୋଗ ଅପେକ୍ଷାରେ ଅଛନ୍ତି। ଅସନ୍ତୁଷ୍ଟମାନଙ୍କୁ ସେମାନେ ସମସ୍ତ ପ୍ରକାରର ସହାୟତା ବି ଯୋଗାଇ ଦେଉଛନ୍ତି। ତେବେ ଏମାନଙ୍କ ଉପରେ ହାଇକମାଣ୍ଡ ତୀକ୍ଷ୍ଣ ନଜର ରଖିଥିବା ବେଳେ ଆଜି କ୍ରୀତଦାସ ଫେଲ୍ ମାରିବା ଘଟଣାକୁ ନୂଆ ମୋଡ଼ ଦେଇଛି। ସତରେ ଏହି ଅଭିଜ୍ଞ ନେତା ଫେଲ୍ ମାରିଲେ ନା ଜାଣିଶୁଣି ଏଭଳି କଲେ, ତାହାକୁ ନେଇ ଗୋଟିଏ ଗୋଷ୍ଠୀ ଆଲୋଚନା କରୁଥିବା ବେଳେ ଏହା କିନ୍ତୁ ଡାହାଣି-ଗୁଣିଆ ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛି।

### ୨୮ ବର୍ଷ ଧରି ଚାଲିଛି ନିଆରା ପରମ୍ପରା

## ୧୫ ଦିନଧରି ଚାଲେ ଗଜାନନଙ୍କ ପୂଜା



**ଡେରାବିଶ,୩।୯(ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାସ୍ତା ରାଜପଥ ଚଣ୍ଡି ବଜାର ନିକଟରେ ମା ରାମଚଣ୍ଡୀଙ୍କ ବିଜେସ୍ଥଳୀ ରହିଛି। ସ୍ଥାନୀୟ ମେଳକସାହି ଗ୍ରାମରେ ଏହି ପରମ୍ପରା ଦୀର୍ଘ ୨୮ ବର୍ଷ ଧରି ଚାଲିଛି। ଗଣେଶ ଚତୁର୍ଥୀରେ ପ୍ରଭୁ ବିନାୟକଙ୍କୁ ମା'ଙ୍କ ପୀଠ ଆବାହନ କରାଯାଇଥାଏ। ସମସ୍ତ ଗ୍ରାମବାସୀ ଏହି ପୂଜାରେ ସାମିଲ ହୋଇଥାନ୍ତି। ୧୫ ଫୁଟ ଉଚ୍ଚତା ବିଶିଷ୍ଟ ଗଜାନନଙ୍କ ଏହି ପୂଜା ୧୫ ଦିନଧରି ଚାଲେ। ଏହି ସମୟରେ ଗ୍ରାମର ସମସ୍ତ ଜନସାଧାରଣ ପାଇଁ ଭୋଜନ ସହ ବିଧି ବିଧାନରେ ଗଜାନନଙ୍କ ପୂଜା କରିଥାନ୍ତି। ମା'ଙ୍କ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭୋଜିଭାତରେ ସାମିଲ ହୋଇଥାନ୍ତି ଗ୍ରାମର ଆବାଳବୃଦ୍ଧବନିତା।

ଏହି କାର୍ଯ୍ୟକ୍ରମକୁ ରାମଚଣ୍ଡୀ ଯୁବକ ସଂଘ ପକ୍ଷରୁ ସଭାପତି ସମୀର କୁମାର ଦାସ, ସମ୍ପାଦକ ସୁରଞ୍ଜନ ବାରିକ ଓ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଥିବାବେଳେ ଆସନ୍ତା ୧୧ ତାରିଖ ଭସାଣି ଉତ୍ସବ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ଭିନ୍ନକ୍ଷମଙ୍କୁ ରାସନ୍ ଚାଉଳ ଓ ଭତ୍ତା ଟଙ୍କା ନମିଳିବା ଘଟଣା

# ତଦନ୍ତ କରି ପଦକ୍ଷେପ ନେବାକୁ ବିଭାଗୀୟ ନିର୍ଦ୍ଦେଶ

**ମହାକାଳପଡ଼ା,୩।୯(ସଂଚାର ବ୍ୟୁରୋ):** ଜଣେ ଶତପ୍ରତିଶତ ଭିନ୍ନକ୍ଷମ ଅବିବାହିତ ଯୁବତୀଙ୍କର ଆଧାର କାର୍ଡ ନଥିବାରୁ ତାଙ୍କୁ ରାସନ୍ ଚାଉଳ ମିଳୁନି। ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ୫ ମାସ ହେବ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ପକ୍କାଘର ଖଣ୍ଡିଏ ନଥିବାରୁ ଚାଳ ଛପର ଘରେ ଜୀବନ କାଟୁଛନ୍ତି ଯୁବତୀ। ଘଟଣାରେ ପ୍ରଶାସନର ଦୃଷ୍ଟି ଦେଉନଥିବା ଯୁବତୀଙ୍କ ପରିବାର ଅଭିଯୋଗ କରିଥିଲେ।

ଏନେଇ ଗତ ବୁଧବାର 'ସଂଚାର'ରେ ଖବର ପ୍ରକାଶ ପାଇଥିଲା। ଘଟଣାକୁ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ବିଭାଗୀୟ ତତ୍ପରତା ପାଇଁ ଅଭିଯୋଗ ଜଣାଇଥିଲେ।



ବିଭାଗ ତରଫରୁ ଘଟଣାକୁ ଗୁରୁତର ସହ ନେଇ ସମ୍ପୃକ୍ତ ଅଧିକାରୀଙ୍କୁ ତଦନ୍ତ କରି ପଦକ୍ଷେପ ନେବାକୁ ପଠାଯାଇଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ତେର ଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଓସ୍ତର ଗ୍ରାମର ଚନ୍ଦ୍ରମଣି ଦାସଙ୍କ ଝିଅ ଅନୁପମା ଦାସ ଜଣେ ଶତପ୍ରତିଶତ ଭିନ୍ନକ୍ଷମ ଅବିବାହିତ ଯୁବତୀ। ୩୫ ବର୍ଷୀୟ ଅନୁପମାଙ୍କ ଉଭୟ ହାତ ଓ ଗୋଡ଼ ଅଚଳ। ହାତଗୋଡ଼ ଅଚଳ ହେତୁ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଛନ୍ତି ଓ ପରିବାର ଲୋକେ ଖୁଆଇଲେ ପେଟକୁ ମୁଠାଏ ଦାନା ଯାଉଛି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କର ଆଧାର କାର୍ଡଟିଏ ହୋଇପାରି ନାହିଁ। ଆଧାର କାର୍ଡ ନଥିବାରୁ ରାସନ୍ କାର୍ଡରେ ନାମ ଥାଇ ମଧ ତାଙ୍କୁ ୨ ବର୍ଷ ହେବ ରାସନ୍ ଚାଉଳ ମିଳୁନି। କେବଳ ସେତିକି ନୁହେଁ ତାଙ୍କ ପାଖରେ ଡିଜିଟାଲ ୟୁଡିଆଇଡି ପ୍ରମାଣପତ୍ର ନଥିବା ଯୋଗୁଁ ଗତ ୫ ମାସ ହେବ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କୁ ଅନ୍ତୋଦୟ ଯୋଜନାରେ ଘର ଖଣ୍ଡିଏ ମଧ ମିଳି ପାରିନା ନାହିଁ। ଏମିତି ପରିସ୍ଥିତିରେ ଏକ ଚାଳ ଛପର ଘରେ ଗୁମୁରି ଗୁମୁରି କାନ୍ଦିବାକୁ ବାଧ ହେଉଛନ୍ତି ଅନୁପମା। ଏନେଇ ଗତ ୩ ସେପ୍ଟେମ୍ବରରେ 'ସଂଚାର'ରେ ଖବର ପ୍ରକାଶ ପରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍, ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା।

### ମୌଳିକ ସୁବିଧା ପାଇଁ ଆଜି ବି ଚାଲିଛି ସଂଘର୍ଷ

# ଜରିପାଲ ତଳେ ଦୟନୀୟ ଅବସ୍ଥାରେ ବିତୁଛି ଜୀବନ



**ଆଳି,୩।୯ (ସଂଚାର ବ୍ୟୁରୋ):** ୭୯ତମ ସ୍ୱାଧୀନତା ଦିବସ ପାଳନ ପରେବି ଆଜିବି ମୌଳିକ ସୁବିଧା ପାଇଁ ସଙ୍ଘର୍ଷ କରିବାକୁ ପଡୁଛି। ଛିଣ୍ଡା ପାଲ ଓ ଡିବିରି ଆଲୁଅରେ ବିତୁଛି ଜୀବନ। ସରକାର ଆସୁଛି ଯାଉଛି କିନ୍ତୁ ସରକାର ଗରିବ କଲ୍ୟାଣ ଯୋଜନାରେ ଅସହାୟ ଅଭାବୀ ପରିବାରକୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରୁଥିବା ନେଇ ଡିମଡିମ ପିଟୁଥିବା ବେଳେ କୋଉଠି ନା କୋଉଠି ତାହା ବାଟମାରଣା ଭଳି ମନେହୁଏ। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ କଳସପୁର ଗାଁର ଲତା ଦାସଙ୍କ ପରିବାର କ୍ଷେତ୍ରରେ।

ଲତା ଦାସଙ୍କ ପରିବାର କହିଲେ ସ୍ୱାମୀ ରତିକାନ୍ତ ଦାସ, ଦୁଇଜଣ ୯ ଓ ୧୧ ବର୍ଷୀୟ ପୁଅ ସହିତ ଗୋଟିଏ ୮ ବର୍ଷର ଝିଅକୁ ମିଶାଇ ପାଞ୍ଚପ୍ରାଣୀ କୁଟୁମ୍ବ। ପରିବାରର ମୁଖ୍ୟ ରତିକାନ୍ତ ଦିନ ମଜୁରିଆ ଭାବେ ଅନ୍ୟ କାହାର ଭଡା ଗାଡି ଚଳେଇ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ନିଜର ଜାଗାବାଡି ଖଣ୍ଡେ ନ ଥିବାରୁ କଳସପୁର ରିଂବନ୍ଧ ପାଖ ରାସ୍ତା କଡ଼ରେ ଜରିପାଲ ଟାଣି ଭଙ୍ଗା ଚାଳ ଛପର ଛୋଟିଆ କୁଡ଼ିଆରେ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି।

ବିଜୁଳି ସଂଯୋଗ ନ ଥିବାରୁ ରାତିରେ ଘର ଅନ୍ଧାର ଫଳରେ ୩ଟି ପିଲାଙ୍କ ପାଠପଢାରେ ବ୍ୟାଘାତ ହେବା ସହ ଡିବିରି ଆଲୁଅ ଟିକକ ସାହାଭରସା । ଭୂଇଁପୁର ବିଦ୍ୟୁତ ସେକ୍ସନର ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ବିଜୁଳି ଆଲୁଅ ଟିକେ ମିଳିପାରୁନି। ରାଜ୍ୟ ସରକାରଙ୍କ ବହୁମୁଖୀ ଗରିବ କଲ୍ୟାଣ ଯୋଜନା ଯେମିତି ଏହି ପରିବାର ପାଇଁ ପ୍ରହସନ ପାଲଟିଛି । ଭୂମିହୀନଙ୍କୁ ଜମି ଯୋଗାଇଦେବାକୁ ସରକାର ଯୋଜନା ପ୍ରସ୍ତୁତ କରିଥିବା ବେଳେ ପ୍ରକୃତ ହିତାଧିକାରୀଙ୍କୁ ଏହାର ଫାଇଦା ନ ମିଳି ବଡ଼ବଡିଆ ବାବୁଙ୍କୁ ପଟ୍ଟା ମିଳୁଛି । ସ୍ଥାୟୀ ଜାଗା ଖଣ୍ଡିକ ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଘର ଖଣ୍ଡେ ମିଳିପାରୁନି ।

ବାରମ୍ବାର ତହସିଲ ଠାରୁ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ସୁଦ୍ଧା କେହି ତାଙ୍କ ଗୁହାରି ଶୁଣୁ ନଥିବା ଲତା ଦାସ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ ନୂଆ ସରକାର ଆସିଥିବାରୁ ନୂଆ ଆଶା ଆକାଂକ୍ଷା ମନରେ ବାନ୍ଧିଛନ୍ତି ବୋଲି ପରିବାର ସଦସ୍ୟ କହିଛନ୍ତି।

## ଲକ୍ଷାଧିକ ଟଙ୍କା ବ୍ୟୟରେ ଲାଗିଥିବା ଷ୍ଟ୍ରୀଟ ଲାଇଟ ଅଚଳ



**ସାଲେପୁର,୩।୯ (ସଂଚାର ବ୍ୟୁରୋ):** ନାନ୍ଦୋଳ ବଜାରରେ ଲାଗିଥିବା ଷ୍ଟ୍ରୀଟ ଲାଇଟ ଗୁଡିକ ସମ୍ପୂର୍ଣ ଅଚଳବସ୍ଥା । ସୂଚନା ଥାଉକି ୦୮ ଜାନୁଆରୀ ୨୦୨୨ ମସିହାରେ ସାଲେପୁରର ମାନ୍ୟବର ବିଧାୟକ ପ୍ରଶାନ୍ତ ବେହେରାଙ୍କ କରକମଳରେ ନାନ୍ଦୋଳ ବଜାର ସମେତ ସାଲେପୁର ଅଞ୍ଚଳର ଅନେକ ବଜାରରେ ଆଲୋକି ରଣ ଉଦ୍ଦେଶ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନାନ୍ଦୋଳ ସମେତ ଅନେକ ଛୋଟ ବଡ ଜାଗାରେ ଷ୍ଟ୍ରୀଟ ଲାଇଟ ଲଗାଯାଇଥିଲା । ଫଳରେ ନାନ୍ଦୋଳ ବଜାର ସମେତ କଟକ-ଚାନ୍ଦବାଲି ରାସ୍ତାରେ ରାତ୍ରିକାଳୀନ ଯାତାୟାତ କରୁଥିବା ହଜାର ହଜାର ଲୋକ ଉପକୃତ ହେଉଥିଲେ। ହେଲେ ରକ୍ଷଣାବ୍ୟକ୍ଷଣର ଅଭାବ ଯୋଗୁ ୩-୪ ବର୍ଷ ଭିତରେ ଏବେ ଏହି ଷ୍ଟ୍ରୀଟ ଲାଇଟ ଗୁଡିକ ସମ୍ପୂର୍ଣ ଅଚଳ ହୋଇଯାଇଥିଲେ ମଧ କୌଣସି ପ୍ରଶାସନ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ନିଘା ନଥିବାରୁ ଏହି ଅଞ୍ଚଳରେ ଚଳପ୍ରଚଳ ହେଉଥିବା ବ୍ୟକ୍ତିମାନେ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହ ଅନେକ ସମୟରେ ଅନ୍ଧାର ଯୋଗୁ ଛୋଟ ବଡ ଦୁର୍ଘଟଣା ମଧ ଘଟୁଛି । ତେଣୁକରି ଏହି ବଜାର ଉପରେ ନିର୍ଭର କରୁଥିବା ଶତାଧିକ ଦୋକାନୀ ଏବଂ ଅଞ୍ଚଳବସୀ ଯଥାଶୀଘ୍ର ଏହି ଷ୍ଟ୍ରୀଟ ଲାଇଟ ଗୁଡିକୁ ସଚଳ କରିବା ପାଇଁ ଦାବି କରିଛନ୍ତି।

## ବିଦ୍ୟାଳୟରେ ଉଡ଼ିଲା ପାକିସ୍ତାନ ପତାକା

**ଡେରାବିଶ,୩।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଏକ ଉଚ୍ଚବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ର ପାକିସ୍ତାନ ପତାକା ତାର ସାଇକେଲରେ ଉଡ଼ାଇ ବିଦ୍ୟାଳୟକୁ ଆସିବା ସହିତ ଶ୍ରେଣୀଗୃହକୁ ନେଇ ଉଡ଼ାଇଥିଲା। ଏହି ଘଟଣରେ ଶ୍ରେଣୀ ଶିକ୍ଷକ ତାଗିଦ କରିବାରୁ ଛାତ୍ରଜଣକ ଶିକ୍ଷକଙ୍କ ସହିତ ବଚସା କରିଥିଲା। ଏହି ଘଟଣାଟି ତୁରନ୍ତ ପ୍ରଚାର ହୋଇଯିବା ପରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଛାତ୍ରଟିକୁ ଏହି ପତାକା ଉଡ଼ାଇବାରୁ ନିବୃତ ରଖିବା ସହ ତାର ଅଭିଭାବକଙ୍କୁ ବିଦ୍ୟାଳୟକୁ ଡକାଇଥିଲେ। ତେବେ ଉକ୍ତ ଛାତ୍ରର ଅଭିଭାବକ ବିଦ୍ୟାଳୟକୁ ଆସି କ୍ଷମା ପ୍ରାର୍ଥନା କରିବା ସହ ଏପରି ଆଗକୁ ଆଉ ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ ବିଦ୍ୟାଳୟରେ ପଢୁଥିବା ନବମ ଶ୍ରେଣୀ ଛାତ୍ରରେ ମୁଣ୍ଡରେ ପାକିସ୍ତାନ ପ୍ରେମ ଆସିଲା କିପରି ଓ ସେ ପାକିସ୍ତାନ ପତାକା ଆଣିଲା କେଉଁଠୁ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦେଶଦ୍ରୋହୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ବନିତା ହତ୍ୟାକାଣ୍ଡ ରହସ୍ୟ ଉନ୍ମୋଚିତ



**ପଟ୍ଟାମୁଣ୍ଡାଇ,୩।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳରେ ନିକଟରେ ସଂଗଠିତ ବହୁ ଚର୍ଚ୍ଚିତ ବନିତା ରାଉତ ହତ୍ୟାକାଣ୍ଡ ମାମଲାର ରହସ୍ୟ ଉନ୍ମୋଚିତ ହୋଇଛି । ହତ୍ୟାକାଣ୍ଡର ଅଭିଯୁକ୍ତ ସନ୍ତୋଷ ପରିଡାଙ୍କ ସହିତ ସୁଧ ଟଙ୍କା ଫେରସ୍ତକୁ ନେଇ ବନିତାଙ୍କର ଝଗଡା ହୋଇଥିଲା । ଉଭୟଙ୍କ ମଧରେ ବଚସା ହେବା ପରେ ଅଭିଯୁକ୍ତ ସନ୍ତୋଷ ବନିତାର ତଣ୍ଟି ଚିପି କ୍ୟାବିନ ଭିତରେ ହତ୍ୟା କରିବା ପରେ ଜରି ଓ ବେଡ଼ସିଟରେ ବାନ୍ଧି ବନିତା ଶବକୁ କ୍ୟାବିନ ଭିତରେ ଫୋପାଡ଼ି ଦେଇ ତାଲା ପକାଇ ଫେରାର ହୋଇଯାଇଥିଲା। ଅଭିଯୁକ୍ତ ସନ୍ତୋଷକୁ ଯାଜପୁର ଜିଲ୍ଲା ପାଣିକୋଇଲିରୁ ପୁଲିସ ଗିରଫ କରିଛି ବୋଲି ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡ଼ା ଅତିରିକ୍ତ ଏସପି ସୁଧାକର ସାହୁ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ଏସଡିପି ଓ କ୍ଷମାସାଗର ପଣ୍ଡା ଓ ଆଇଆଇସି ବନ୍ଦନା ପାତ୍ର ଉପସ୍ଥିତ ଥିଲେ । ସ୍ଥାନୀୟ ପୋଲିସ ଅଭିଯୁକ୍ତ ସନ୍ତୋଷକୁ ଆଜି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

**ଡେରାବିଶ,୩।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଇନ୍ଦାଲୋ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଅନିଲ ସାମନ୍ତରାୟ (୬୩)ଙ୍କ ଗତକାଲି ପରଲୋକ ହୋଇଯାଇଛି। ଶ୍ରୀ ସାମନ୍ତରାୟ ଅଢ଼ଙ୍ଗା ଗ୍ରାମରୁ ତିନି ତିନି ଥର ୱାର୍ଡ଼ ମେମ୍ବର ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୧୭ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ଇନ୍ଦାଲୋ ପଞ୍ଚାୟତର ନାଏବ ସରପଞ୍ଚ ଭାବେ ସୁଚାରୁ ରୂପେ କାର୍ଯ୍ୟ କରିଆସୁଥିଲେ। ଗତ ୬ ମାସ ତଳେ ଚାନ୍ଦୋଳ ବଜାରରୁ ଘରକୁ ଫେରୁଥିବା ବେଳେ ବାଇକ୍‌ରୁ ପଡି ଗୁରୁତର ହୋଇ ଚିକିତ୍ସିତ ହେଉଥିଲେ।

## ଚୋରାମଦ ଜବତ, ୫ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା,୩।୯(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ତନ୍ତିଆପାଳ ମେରାଇନ, ମହାକାଳପଡ଼ା ଓ ମାର୍ଶାଘାଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମାଲୁଆ ଗ୍ରାମର ବିଭୁତି ସାମଲ(୨୬)ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ସହିତ ଏକ ସ୍କୁଟି ଜବତ କରାଇଯାଇଥିବା ବେଳେ କାନ୍ତିଲ ଗ୍ରାମର ଝଣ୍ଟି ରାଉତ(୪୫)ଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ, ବିଜୟନଗର ଗ୍ରାମର ଭାବଗ୍ରାହି ବସନ୍ତିଆ(୬୦)ଙ୍କ ଠାରୁ ୨୫ ଲିଟର ଦେଶୀମଦ, ନଛିପଡା ଗ୍ରାମର ଚଗଲକ ଦାସ(୪୩)ଙ୍କ ଠାରୁ ୨୭ ଲିଟର ଦେଶୀ ମଦ ଏବଂ ଜଗଦିଶପୁର ଗ୍ରାମର ସରୋଜ ସାମଲ (୩୦)ଙ୍କ ଠାରୁ ୩୨ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୨୯ ଲିଟର ବିଦେଶୀ ଓ ଦେଶୀ ମଦ ସହିତ ଏକ ସ୍କୁଟି ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୧୬ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ମହାକାଳପଡ଼ା,୩।୯ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକର ଭିନ୍ନକ୍ଷମଙ୍କ ପାଇଁ ସେପ୍ଟେମ୍ବର ୧୬ ତାରିଖ ମଙ୍ଗଳବାର ଦିନ, ମହାକାଳପଡା ବ୍ଲକ କାର୍ଯ୍ୟାଳୟ ଠାରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏନେଇ ମହାକାଳପଡ଼ା ବିଡ଼ିଓଙ୍କ ତରଫରୁ ସୂଚନା ଦିଆଯାଇଛି। ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର (ୟୁଡିଆଇଡି) ପାଇଁ ଅନଲାଇନରେ ଦରଖାସ୍ତ କରିଥିବା ମୂଳ କାଗଜ, ଆବେଦନ ସମୟରେ ଦେଇଥିବା ମୋବାଇଲ ନମ୍ବର, ଆଧାର କାର୍ଡର ନକଲ ଓ ପୂର୍ବରୁ ପାଇଥିବା ମେଡିକାଲ୍ ପ୍ରମାଣପତ୍ର ସାଙ୍ଗରେ ଧରି ଦରଖାସ୍ତକାରୀମାନେ ଉକ୍ତ ଶିବିରରେ ଉପସ୍ଥିତ ହୋଇ ସେଠାରେ ବସୁଥିବା ମେଡିକାଲ ବୋର୍ଡର ସହାୟତାରେ ଭିନ୍ନକ୍ଷମତା ପରୀକ୍ଷଣ କରାଇବା ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଯାହାଫଳରେ ଭିନ୍ନକ୍ଷମମାନେ ସୁବିଧାରେ ୟୁଡିଆଇଡି ପ୍ରମାଣପତ୍ର ପାଇ ପାରିବେ।

## ମାର୍ଶାଘାଇକୁ ଏନଏସି ମାନ୍ୟତା ପାଇଁ ଆଶା ବଢ଼ିଲା

### ଜିଲ୍ଲା ପ୍ରଶାସନକୁ ତଥ୍ୟ ମାଗିଲା ନଗର ଉନ୍ନୟନ ବିଭାଗ

**ମାର୍ଶାଘାଇ,୩।୯ (ସଂଚାର ବ୍ୟୁରୋ):** ମାର୍ଶାଘାଇକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ପ୍ରଦାନ ନିମନ୍ତେ ଆଉ ଏକ ବାଟ ଫିଟିଛି। ମହାକାଳପଡ଼ା ବିଧାୟକଙ୍କ ଚିଠି ପରେ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବାକୁ ନଗର ଉନ୍ନୟନ ବିଭାଗ ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନକୁ ଚିଠି କରାଯାଇଛି।

ମାର୍ଶାଘାଇକୁ ଏନଏସି ମାନ୍ୟତା ପ୍ରଦାନ କରିବାକୁ ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗା ପ୍ରସନ ନାୟକ ଗତ ଅଗଷ୍ଟ ୧୦ରେ ଦାବୀ କରି ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ । ଏନଏସି ପାଇଁ ମାନଦଣ୍ଡ ପାଇଁ ଆବଶ୍ୟକ ଜନସଂଖ୍ୟା (ଅନୁସୂଚିତ,ଜନଜାତି, ସାଧାରଣ ବର୍ଗର ମହିଳା ଏବଂ ପୁରୁଷ ୨୦୧୧ ଜନଗଣନା ଅନୁସାରେ), କେତେଗୋଟି ରାଜସ୍ୱ ଗ୍ରାମ ସାମିଲ ହେବେ, ସେହି ଗ୍ରାମ ଗୁଡିକର ସୀମାରେଖାର ନକ୍ସା, ଚତୁଃପାର୍ଶ୍ୱ ଅଞ୍ଚଳ, ହାଇସ୍କୁଲ, କଲେଜ, ଡେଲି ମାର୍କେଟ, ପୋଷ୍ଟ ଅଫିସ, ଉପ ନିବନ୍ଧକ କାର୍ଯ୍ୟାଳୟ, ପୋଲିସ ଷ୍ଟେସନ, ବ୍ୟବସାୟିକ କେନ୍ଦ୍ର, ଲୋକସଂଖ୍ୟାର ଘନତା, ଚାଷ ଏବଂ ବ୍ୟବସାୟ ଉପରେ ନିର୍ଭରଶୀଳତା, ରାସ୍ତା, ଜଳ ନିଷ୍କାସନ ବ୍ୟବସ୍ଥା, ଜଳ ଯୋଗାଣ, ଖେଳପଡ଼ିଆ, ବ୍ୟାଙ୍କ, ଜିଲ୍ଲା ସଦର ମହକୁମାକୁ ଯାତାୟାତର ସୁବିଧା, ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରୁଥିବା ସ୍ଥଳ, ବାଣିଜ୍ୟ ବ୍ୟବସାୟର ଉନ୍ନତ ପ୍ରତିଷ୍ଠାନ (ହୋଲସେଲ ଡିପୋ, ରିଟେଲ ମାର୍କେଟ, ଫିଲିଙ୍ଗ ଷ୍ଟେସନ) ଆଦି ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ଉଲ୍ଲେଖ ରହିଛି । ତଥ୍ୟ ମିଳିବା ପରେ ଆଇନ ଅନୁଯାୟୀ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ପତ୍ରରେ ନଗର ଉନ୍ନୟନ ବିଭାଗ ପତ୍ରରେ ଉଲ୍ଲେଖ କରିଥିବାରୁ ମାର୍ଶାଘାଇକୁ ସରକାର ଶୀଘ୍ର ଏନଏସି ଘୋଷଣା କରିପାରନ୍ତି ବୋଲି ଆଶା ଉଦଜୀବିତ ହୋଇଛି ।

# ବାଲିଗଦା ଯୋଗୁଁ ଦୈନିକ ଘଟୁଛି ଦୁର୍ଘଟଣା



**ଡେରାବିଶ,୩।୯ (ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଡେରାବିଶ ବ୍ଲକ ଅନ୍ତର୍ଗତ ସଲାର ମଠ ଛକ ନିକଟରେ ରାଜପଥ ଉପରେ ଗଦା ହୋଇ ରହିଛି ୫୦ ଟ୍ରିପରୁ ଅଧିକ ବାଲି। ଏହି ବାଲିର ପାହାଡ଼ ଧିରେ ଧିରେ ରାଜପଥକୁ ମାଡ଼ି ଚାଲିଲାଣି। ଫଳରେ ବାଲି ନିମନ୍ତେ ଦୈନିକ ଦୁର୍ଘଟଣାମାନ ଘଟୁଛି। ଗତକାଲି ସକାଳେ ଜନୈକ ବାଇକ୍ ଆରୋହୀ ରାସ୍ତା କଡ଼ରେ ଯାଉଥିବା ବେଳେ ଏହି ବାଲି ଗଦାରେ ପଶି ଭାରସାମ୍ୟ ହରାଇବା ସହିତ ପଡ଼ି ଖଣ୍ଡିଆ ଖାବରା ହୋଇଥିଲେ। ଏ ସମ୍ପର୍କରେ ଗଣମାଧମରେ ପ୍ରକାଶ କରାଯାଉଥିଲେ ମଧ ଉଭୟ ଖଣି ବିଭାଗ ଓ ତହସିଲ ପ୍ରଶାସନ ଚୁପ୍ ହୋଇ ବସିରହିଛି। ଶୁଣିବାକୁ ମିଳିଛି ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏଠାରେ ଗ୍ରାମ ରାସ୍ତା କାମ ଆଳରେ ବାଲି ଗଦା କରି ବାଲି ବେପାର ନିମନ୍ତେ ମସୁଧା ଚଳାଇଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

ଖଣି ବିଭାଗ ଓ ତହସିଲ ପ୍ରଶାସନ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଘରୋଇ କାମ ନିମନ୍ତେ ଗଦା କରିଥିବା ବାଲି ନିକଟରେ ପହଞ୍ଚି ଫାଇନ୍ କାଟୁଥିବା ବେଳେ ରାଜ୍ୟ ରାଜପଥ କଡ଼ରେ ଗଦା ହୋଇରହିଥିବା ଏହି ବାଲି ପାହାଡ଼ ଉପରେ କିପରି ସେମାନଙ୍କର ନଜର ପଡୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଏପରିକି ଏହି ରାଜ୍ୟ ରାଜପଥ ଦେଇ ଜିଲ୍ଲା କାର୍ଯ୍ୟାଳୟ ଠାରୁ ତହସିଲ ପ୍ରଶାସନ ଯାଏ ବହୁ ଅଧିକାରୀ ଯାଉଥିଲା ବେଳେ କିପରି ଏହି ବାଲିଗଦା ସେମାନଙ୍କ ନଜର ଆଢୁଆଳରେ ରହିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କଲାଣି। ଜିଲ୍ଲା ପ୍ରଶାସନ ଏ ସମ୍ପର୍କରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶ୍ମଶାନରେ ଲାଇଟ୍ ଲଗାଇଲେ ଯୁବ ସମାଜସେବୀ



**ରାଜକନିକା,୩।୯ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ଅବିଭକ୍ତ ଓଳାଭର ପଞ୍ଚାୟତର ଓଳାଭର ଗାଁ ଶ୍ମଶାନ ଓ ମୁସଲିମ୍ ବସ୍ତି କବରସ୍ଥାନରେ ଦୀର୍ଘଦିନ ହେବ ଅନ୍ଧାରରେ ଶବ ସତ୍କାର ହେବା କାରଣରୁ ନାନା ପ୍ରକାର ଅସୁବିଧାର ସମ୍ମୁଖିନ ହେଉଥିଲେ ଲୋକେ। ଏନେଇ ବି ପ୍ରଶାସନ ପାଖରେ ଗୁହାରୀ ପରେ କୌଣସି ସୁଫଳ ମିଳିଲା ନାହିଁ । ଏମିତିକି ସ୍ଥାନୀୟ ଜନପ୍ରତିନିଧି ବି କର୍ଣ୍ଣପାତ କରିଲେ ନାହିଁ। ଗତକାଲି ସ୍ଥାନୀୟ ଯୁବ ସମାଜସେବୀ ଦେବ କୁମାର ନାଥ ଏଭଳି ସମସ୍ୟା ପ୍ରତି ନିଜର ଆନୁଗତ୍ୟ ଦେଖାଇ ନିଜସ୍ୱ ଖର୍ଚ୍ଚରେ ଓଳାଭର ଶ୍ମଶାନ, ମୁସଲିମ୍ କବରସ୍ଥାନ ଓ ପଞ୍ଚମୁଖି ହନୁମାନ ମନ୍ଦିର ନିକଟରେ ୪ଟି ସୌରଚାଳିତ ଆଲୋକ ପୋଷ୍ଟ ଲଗାଇ ସମସ୍ୟାର ସମାଧାନ କରିଛନ୍ତି। ଯୁବକଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଅନ୍ୟମାନଙ୍କ ମଧରେ ହବିବ୍, ସୁଲେମାନ,ହୁନା ମିଆଁ, ବୁଲୁଆ ପଣ୍ଡାଙ୍କ ସମେତ ବହୁ ସ୍ଥାନୀୟ ଯୁବକ ଉପସ୍ଥିତ ରହି ସହଯୋଗ କରିଥିଲେ। ଗ୍ରାମର ଉନ୍ନତିକରଣ କାର୍ଯ୍ୟରେ ସ୍ଥାନୀୟ ପ୍ରଶାସନ ଅବହେଳା କରୁଥିବା ଯୋଗୁଁ ଗ୍ରାମବାସୀ ଦୀର୍ଘଦିନ ହେବ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଯୁବ ସମାଜସେବୀ ଦେବ ନାଥ ଉଦାହରଣ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ବର୍ଷାରେ ବେହାଲ ଯାଜପୁର ସହର



**ଯାଜପୁର,୩।୯ (ସଂଚାର ବ୍ୟୁରୋ):** ଲଗାଣ ବର୍ଷାରେ ଯାଜପୁର ସହର ବେହାଲ ହୋଇଯାଇଛି। ଜମି ରହିଥିବା ବର୍ଷା ପାଣି ବନ୍ୟାର ଭ୍ରମ ସୃଷ୍ଟି କରୁଛି। ସହରର ଘରେ ଘରେ ବର୍ଷା ପାଣି ପଶି ଯାଇଛି । ବିଭିନ୍ନ ଖାଲୁଆ ସ୍ଥାନରେ ବର୍ଷା ପାଣି ଲହଡି ଭାଙ୍ଗୁଥିବା ଦେଖାଦେଇଛି।

ଦୀର୍ଘ ଚାରି ଘଣ୍ଟାର ଲଗାଣ ବର୍ଷା ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମଧ ପାଣି ପଶିଯାଇଛି। ଗାନ୍ଧୀ ଛକରୁ ଯାଜପୁର ଥାନା ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିବା ସହିତ କୋର୍ଟ ସମ୍ମୁଖ ରାସ୍ତାରେ ମଧ ପାଣି ଜମିଛି। କୋର୍ଟ କ୍ୟାମ୍ପସ ମଧରେ ଆଣ୍ଠୁଏ ଉଚ୍ଚତାରେ ବର୍ଷା ପାଣି ଜମି ରହିଥିବାରୁ କୋର୍ଟ କାମରେ ବାଧା ଉପୁଜିଥିବା ଦେଖିବାକୁ ମିଳିଛି। ସ୍କୁଲ ଛୁଟି ସମୟରେ ପ୍ରବଳ ବର୍ଷା ହେଉଥିବାରୁ ପିଲାମାନେ ତିନ୍ତି ବୁଡି ନୟାନ୍ତ ହୋଇଛନ୍ତି । ଆଗକୁ ଅଧିକ ବର୍ଷା ଆଶଙ୍କା ଥିବାରୁ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ଚିନ୍ତା ବଢି ଯାଇଛି । ଯାଜପୁର ଜିଲ୍ଲାରେ ପ୍ରବଳ ବର୍ଷା ଫଳରେ ରାସ୍ତା ଘାଟ ଶୁନସାନ ହୋଇଯାଇଛି।

ଗତକାଲି ଠାରୁ ସାରା ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଲାଗି ରହିଥିଲା ବେଳେ ଆଜି ଏହା ବୃଦ୍ଧି ପାଇଛି । ଆଜି ସକାଳୁ ଯାଜପୁରରେ ପ୍ରବଳ ବର୍ଷା ଲାଗି ରହିଛି । ପ୍ରବଳ ବର୍ଷା ଫଳରେ ରାସ୍ତା ଘାଟରେ ପାଣି ଜମି ଥିବା ଦେଖିବାକୁ ମିଳିଛି। ବର୍ଷା ଫଳରେ ବିଭିନ୍ନ ଦୋକାନ ବଜାର ବନ୍ଦ ରହିଥିଲା ବେଳେ ଦୀର୍ଘ ସମୟ ଧରି ଖାଲୁଆ ସ୍ଥାନରେ ଜମି ରହିଥିବା ପାଣିକୁ ଫାୟାର ଅଫିସ କର୍ମଚାରୀ ମାନଙ୍କ ସାହାର୍ଯ୍ୟରେ ନିଷ୍କାସନ କରାଯାଇଛି ।

## ବିଧାୟିକାଙ୍କ ପ୍ରତିନିଧି ହେଲେ ପ୍ରକାଶ ତ୍ରିପାଠୀ



**ଯାଜପୁର,୩।୯ (ସଂଚାର ବ୍ୟୁରୋ):** ଯାଜପୁର ବିଧାୟିକା ସୁଜାତା ସାହୁଙ୍କ ଯାଜପୁର ବ୍ଲକ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି ପ୍ରକାଶ ତ୍ରିପାଠୀ। ଆଜି ତାଙ୍କୁ ଯାଜପୁର ବ୍ଲକ ପରିସରରେ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ପୁଷ୍ପଗୁଛ ଦେଇ ସ୍ୱାଗତ କରିଛନ୍ତି। ପ୍ରକାଶ ପୂର୍ବରୁ ଜିଲ୍ଲା ବିଜୁଜନତା ଦଳର ଉପସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ଜଣେ ମିଷ୍ଟ ଭାସୀ, ପରୋପକାରୀ ଓ ସୁସଂଗଠକ ଭାବେ ବେଶ ପରିଚିତ। ଏନେଇ ଘୋଷଣା ହେବା ପରେ କର୍ମୀ ମହଲରେ ଆନନ୍ଦର ବାତାବରଣ ଖେଳିଯାଇଛି। ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ, ସମ୍ବର୍ଦ୍ଧନା କରାଯାଇଛି। ତାଙ୍କର ଏହି ନିଯୁକ୍ତି ପାଇଁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ବର୍ତ୍ତମାନର ବିଧାୟକ ସୁଜାତା ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଅଧାପନ୍ତରିଆ ରାସ୍ତା ନିର୍ମାଣ ସାରିବାକୁ ଦାବି



**ଡେରାବିଶ,୩।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଜନସାଧାରଣ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ସେମାନଙ୍କ ଗ୍ରାମ ରାସ୍ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ୨୦୨୧ ମସିହା ନଭେମ୍ବର ମାସରେ କେନ୍ଦ୍ରାପଡ଼ା ଆରଡି ବିଭାଗ-୧ ପକ୍ଷରୁ ଅନୁଆପଡ଼ାରୁ ଗିରିଗୋଲା ଶାସନ ଭାୟା ସୋରିଷିଆ, ଗହଗା, ଦାନପୁର ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ଟେଣ୍ଡର କରାଯାଇ କାର୍ଯ୍ୟାରମ୍ଭ ହୋଇଥିଲା। ଏହି କାର୍ଯ୍ୟର ଅବଧି ୧୧.୧୧.୨୦୨୧ ରୁ ଆରମ୍ଭ ହୋଇ ୧୦.୦୮.୨୦୨୨ ମଧରେ ଶେଷ ହେବା କଥା। ହେଲେ ଠିକାଦାର ଜଣକ କାର୍ଯ୍ୟଅବଧି ଶେଷ ହୋଇଯାଇଥିଲେ ମଧ ଜନବହୁଳ ଗ୍ରାମ ଅନୁଆପଡ଼ା, ହରିପୁର, ସୋରିଷିଆ ଅଞ୍ଚଳରେ ଏଯାବତ୍ ରାସ୍ତା କାମ କରୁନାହାଁନ୍ତି।

ଉକ୍ତ ତିନିକୋଟି ଗ୍ରାମରେ ଅନ୍ୟୁନ୍ୟ ଛଅ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ରାସ୍ତା ନିର୍ମାଣ ନହେବା ଫଳରେ ରାସ୍ତାର ଅବସ୍ଥା ଏପରି ହୋଇଛି ଯେ, ଆବଶ୍ୟକ ସ୍ଥଳେ ଅଗ୍ନିଶମ ସେବା ଗାଡ଼ି ଓ ଆମ୍ବୁଲାନ୍ସ ଗାଡ଼ି ଗ୍ରାମ ମଧକୁ ପ୍ରବେଶ କରିବା କଷ୍ଟକର ହୋଇପଡୁଛି। ତେଣୁ ବାଧହୋଇ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ରାସ୍ତା ନିର୍ମାଣ ନିମନ୍ତେ ଅଭିଯୋଗ କରିଛନ୍ତି।

● ୨୧ ବର୍ଷ ପରେ ଗ୍ରାହକଙ୍କ ସ୍ୱାର୍ଥ ପାଇଁ ବାହାରିଲା ଓଇଆରସି

# ଆସିଲା ନୂଆ କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ

■ ଟାଟା ପାୱାରର କମିବ ପତିଆରା
■ ସାଧାରଣ ଲୋକେ ମତ ଦେବାକୁ ଅପିଲ୍

ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ): ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଦୀର୍ଘ ୨୧ ବର୍ଷ ପରେ ବିତରଣ କମ୍ପାନୀଗୁଡିକ ପାଇଁ ପ୍ରଣୀତ ହୋଇଥିବା କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୦୪କୁ ରଦ୍ଦ କରି ନୂତନ କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୨୫ ପ୍ରସ୍ତୁତ କରିଛନ୍ତି। ନୂତନ ଭାବେ ପ୍ରସ୍ତୁତ ଡ୍ରାଫ୍ଟ ଅଧିନିୟମ-୨୦୨୫କୁ ସାଧାରଣ ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କ ମତାମତ ଆହ୍ୱାନ କରିଛନ୍ତି। ଆସନ୍ତା ୨୨ ତାରିଖ ମଧ୍ୟରେ ଇଚ୍ଛୁକ ବ୍ୟକ୍ତିମାନେ ଏହା ଉପରେ ମତାମତ ପଇଠ କରିବା ପାଇଁ ଆୟୋଗ ନିବେଦନ କରିଛନ୍ତି। ଓଡ଼ିଶାର ଏକ କୋଟି ବିଦ୍ୟୁତ ଉପଭୋକ୍ତାଙ୍କୁ କିପରି ଓ କେତେ ସମୟ ଭିତରେ ଉନ୍ନତ ମାନର ବିଦ୍ୟୁତସେବା ଉପଲବ୍ଧ ହେବ, ସେଥିପାଇଁ ଏପରି ମାନଦଣ୍ଡ ଆୟୋଗ ବିଜ୍ଞପ୍ତି କରିବା ପାଇଁ ବିଦ୍ୟୁତ ଆଇନ-୨୦୦୩ରେ ନିର୍ଦ୍ଦେଶ ରହିଛି। ଟାଟା ବିତରଣ କମ୍ପାନୀଗୁଡ଼ିକ ପାଇଁ ମାନଦଣ୍ଡର ପରିପାଳନ ମଧ୍ୟ ବାଧ୍ୟତାମୂଳକ। ଏଥିରେ ବିଫଳ ହେଲେ ସେମାନେ ଉପଭୋକ୍ତାଙ୍କୁ କେତେ କ୍ଷତିପୂରଣ ଓ କେଉଁ ସମୟ ଅବଧିରେ ପଇଠ କରିବେ, ତାହା ମଧ୍ୟ ଉଲ୍ଲେଖ ରହିଛି। ଓଡିଶା ବିଦ୍ୟୁତ ସେବାରେ ନିୟୋଜିତ ବିତରଣ କମ୍ପାନୀଗୁଡ଼ିକର କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ମାନର ବିଦ୍ୟୁତସେବା ଯୋଗାଇବାର ଏକ ପ୍ରମୁଖ ନିୟାମକ ପ୍ରକ୍ରିୟା ଯାହାକୁ ଆଜି ପର୍ଯ୍ୟନ୍ତ ଆୟୋଗ ଅଣଦେଖା କରିଆସୁଥିଲେ। ତେବେ ଆୟୋଗ ଏବେ ନିଜ ଆତ୍ମମାମଲା ଦାୟର କରି ଟାଟା ବିତରଣ କମ୍ପାନୀଗୁଡ଼ିକର କାର୍ଯ୍ୟଦକ୍ଷତା ସମୀକ୍ଷା କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଅବିଳମ୍ବେ ଆୟୋଗ ନୂତନ କାର୍ଯ୍ୟଦକ୍ଷତା ମାନଦଣ୍ଡର ଡ୍ରାଫ୍ଟ ଅଧିନିୟମ ପ୍ରସ୍ତୁତ କରି ବିଜ୍ଞାପନ ଜାରି କରିଛନ୍ତି। ବିଜ୍ଞପିତ ଗ୍ୟାରେଣ୍ଟିଯୁକ୍ତ କାର୍ଯ୍ୟଦକ୍ଷତା ମାନଦଣ୍ଡ ଓ କ୍ଷତିପୂରଣ ସାରଣୀ-୨ ନିମ୍ନରେ ସର୍ବସାଧାରଣଙ୍କ ଅବଗତି ପାଇଁ ସଂଯୋଗ କରିଛି। ତେବେ ଚିଠା ମାନଦଣ୍ଡରେ ଗ୍ରାମାଞ୍ଚଳ ଅବହେଳିତ ହୋଇଥିବା ନଜରକୁ ଆସିଛି ଓ ଆୟୋଗ ଧାର୍ଯ୍ୟ କରିଥିବା କ୍ଷତିପୂରଣ ଜୋରିମାନା ଭାରତର ଅନ୍ୟ ଆୟୋଗଗୁଡ଼ିକ ଧାର୍ଯ୍ୟ କରିଥିବା ଜୋରିମାନାଠାରୁ ଯଥେଷ୍ଟ କମ। ମାସକୁ କେତେ ଘଣ୍ଟା ବିଦ୍ୟୁତ୍ ଯୋଗାଣ ହେଉଛି ଓ କେତେ ଥର ବିଦ୍ୟୁତ୍ ବ୍ୟାହତ ହେଉଛି, ତା'ର ତଥ୍ୟ ମାସିକ ବିଲରେ ଉପଭୋକ୍ତାଙ୍କୁ ଦେବା ପାଇଁ ମାନଦଣ୍ଡରେ ଆୟୋଗ ବ୍ୟବସ୍ଥା କରିନାହାନ୍ତି। ଏସବୁ ସହ ଅନ୍ୟ କିଛି ବିଶେଷ ପ୍ରସଙ୍ଗକୁ ଆସନ୍ତା ୨୨ ତାରିଖ ଭିତରେ ଆୟୋଗରେ ପୈଠ କରିବା ପାଇଁ ପ୍ରସ୍ତୁତ ହେଉଥିବା ବିଶିଷ୍ଟ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି।

ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ଆଇଓଏଫ୍‌ଏସ୍ ଅଧିକାରୀ

# ଶିଳ୍ପାୟନ ଅଭିବୃଦ୍ଧିରେ ଆଇଏଫ୍‌ଏସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ): ଆଜି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଓଡ଼ିଶା ଗସ୍ତରେ ଆସିଥିବା ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଅଧିକାରୀ ମନୋଜ କୁମାର ମହାପାତ୍ର, ଅମିତ ନାରଙ୍ଗ ଓ ଗ୍ଲୋରିଆ ଗାଙ୍ଗଟେ ଲୋକସେବା ଭବନଠାରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଇଏଫ୍‌ଏସ୍ ଅଧିକାରୀଙ୍କୁ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଥିଲେ ଯେ ଓଡ଼ିଶାରେ ପ୍ରଚୁର ଖଣିଜ ସମ୍ପଦ, ସୁଦୀର୍ଘ ଉପକୂଳ, ଗଭୀର ବନ୍ଦର ସହ ଦୃଢ଼ ଶିଳ୍ପ ଭିତ୍ତିଭୂମି ରହିଛି। ଓଡ଼ିଶାର ଶିଳ୍ପନୀତି ସଂକଳ୍ପ-୨୦୨୨ ମାଧ୍ୟମରେ ନୀତିଗତ ନିଷ୍ପତ୍ତି ଗ୍ରହଣରେ ତ୍ୱରାନ୍ୱିତ ପ୍ରକ୍ରିୟା, ପ୍ରଭାବଶାଳୀ ଏକକ ୱିଣ୍ଡୋ ସିଷ୍ଟମ୍ ବ୍ୟବସ୍ଥା ସହ ସ୍ୱଚ୍ଛ ଶାସନ ଓ ବ୍ୟବସାୟ କରିବାର ଅନୁକୂଳତା ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସହାୟକ ହୋଇପାରିଛି। ଆପଣମାନେ ଭାରତର ରାଷ୍ଟ୍ରଦୂତ ଭାବେ ବିଦେଶରେ ଏସବୁ ତଥ୍ୟ ଉପସ୍ଥାପନ କରିପାରିବେ। ଏହା ଦ୍ୱାରା ବିଦେଶୀ ନିବେଶକମାନେ ଓଡ଼ିଶାରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ। ଅନ୍ୟପକ୍ଷରେ ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଖୁବ୍ ଗୁରୁତ୍ୱାରୋପ କରାଯାଉଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ବ୍ୟାପକ ନେଟ୍‌ୱାର୍କ ମାଧ୍ୟମରେ ଆଇଟିଆଇ ଓ ପଲିଟେକ୍‌ନିକ୍‌ରେ ଦକ୍ଷତା ବିକାଶ କ୍ଷେତ୍ରରେ ବେଶ୍ ଅଗ୍ରଗତି କରିଛି। ଆଇଟିଇ ସିଙ୍ଗାପୁର ସହ ସହଭାଗିତା ଦ୍ୱାରା ସର୍ବାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପ୍ରଯୁକ୍ତି ବିଦ୍ୟାରେ ତାଲିମ ପ୍ରଦାନକୁ ବ୍ୟାପକ କରାଯାଇଛି। ଓଡ଼ିଶା ଏବେ ଏପରି କର୍ମଶକ୍ତି ସୃଷ୍ଟି କରୁଛି ଯାହା କେବଳ ନିଯୁକ୍ତିଭିତ୍ତିକ ନ ହୋଇ ଉଦ୍ୟୋଗ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଆହ୍ୱାନକୁ ମୁକାବିଲା କରିବାରେ ମଧ୍ୟ ସକ୍ଷମ। ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ବିଶ୍ୱ ସ୍ତରରେ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତିକୁ ଉପସ୍ଥାପନ କରିବାରେ ଆପଣମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତର ଅର୍ଥନୈତିକ ଦୂତ ଭାବେ ଆପଣମାନେ ଏହି କାର୍ଯ୍ୟ ସଠିକ୍ ରୂପେ ପରିଚାଳନା କରିପାରିବେ ଓ ସମ୍ଭାବ୍ୟ ନିବେଶକମାନଙ୍କୁ ଏ କ୍ଷେତ୍ରରେ ଥିବା ସୁଯୋଗର ସୁବିଧା ନେବାକୁ ପ୍ରୋତ୍ସାହିତ କରିପାରିବେ। ଏଥିସହ ରାଜ୍ୟରୁ ବାହାରୁଥିବା ଦକ୍ଷ ମାନବ ସମ୍ବଳ ନିମନ୍ତେ ବିଦେଶରେ ନିଯୁକ୍ତି ସୃଷ୍ଟିରେ ମଧ୍ୟ ସହାୟକ ହୋଇପାରିବେ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ଏସ୍‌ଆଇସି



ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ): ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡାଙ୍କ ନେତୃତ୍ୱରେ ଆଜି ରାଜ୍ୟ ସୂଚନା କମିଶନର୍ (ଏସ୍‌ଆଇସି) ଆଜି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ଭେଟିଛନ୍ତି। କମିଶନର୍‌ମାନେ ବିଭିନ୍ନ କାର୍ଯ୍ୟକଳାପ ଓ ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ କମିଶନ୍‌ର ସାମ୍ପ୍ରତିକ ପଦକ୍ଷେପ ସମ୍ପର୍କରେ ଶ୍ରୀ ପରିଡ଼ା ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ରାଜ୍ୟପାଳ ଡ. କମ୍ଭମପାଟି ବିଚାରାଧୀନ ମାମଲାଗୁଡ଼ିକର ସମାଧାନ ନେଇ ସନ୍ତୋଷ ପ୍ରକାଶ କରିବା ସହ ଅନ୍ୟ ରାଜ୍ୟର ସୂଚନା କମିଶନଙ୍କ ଦ୍ୱାରା ପ୍ରବର୍ତ୍ତିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ପ୍ରଚଳନ ପାଇଁ ପ୍ରଶଂସା କରିଥିଲେ। ଏଥିସହ ସେ ସୂଚନା ଅଧିକାର ମାମଲା ସହ ଜଡିତ ବିଭିନ୍ନ ସରକାରୀ ଅଧିକାରୀମାନଙ୍କୁ ବିଭିନ୍ନ ପ୍ରତିଷ୍ଠାନରେ ଉପଯୁକ୍ତ ତାଲିମ ପ୍ରଦାନ କରାଯିବା ଉଚିତ ବୋଲି କହିଥିଲେ। ସେହିପରି କମିଶନର ସଦସ୍ୟମାନେ କହିଥିଲେ ଯେ ମାମଲାର ସମାଧାନ ପାଇଁ ଉପଯୁକ୍ତ ଡିଜିଟାଲାଇଜେସନ୍ ପ୍ରଚଳନ କରାଯାଇଛି। ଆବେଦନକାରୀମାନେ ସେମାନଙ୍କ ଆବେଦନ ଅନଲାଇନରେ ଦାଖଲ କରିପାରିବେ ଏବଂ କମିଶନ ଦ୍ୱାରା ପ୍ରଦତ୍ତ ସମସ୍ତ ନିର୍ଦ୍ଦେଶ ସାଧାରଣ ଲୋକଙ୍କ ପାଇଁ ଏହାର ସରକାରୀ ୱେବସାଇଟରେ ମଧ୍ୟ ଉପଲବ୍ଧ ହୋଇପାରୁଛି। ଆବେଦନକାରୀମାନଙ୍କୁ ମାମଲାର ଶୁଣାଣି ପାଇଁ ଭୁବନେଶ୍ୱର ଯିବାରେ ହେଉଥିବା ଅସୁବିଧା ଦୂର କରିବା ପାଇଁ ରାଜ୍ୟପାଳ କମିଶନରମାନଙ୍କୁ ବିଭିନ୍ନ ଜିଲ୍ଲା ମୁଖ୍ୟାଳୟ ପରିଦର୍ଶନ କରି ସେଠାରେ ଶୁଣାଣି କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳ କମିଶନଙ୍କୁ ଅଧିକ ତ୍ୱରାନ୍ୱିତ ସମାଧାନ ଓ ବିଚାରାଧୀନ ମାମଲାଗୁଡ଼ିକୁ ସର୍ବନିମ୍ନ ସ୍ତରକୁ ହ୍ରାସ କରିବାକୁ ରାଜ୍ୟପାଳ କମିଶନଙ୍କୁ ପରାମର୍ଶ ଦେଇଛନ୍ତି। କମିଶନର ସୁଶାନ୍ତ କୁମାର ମହାନ୍ତି, ଜଗନ୍ନାଥ ରଥ, ପ୍ରାଣବିନ୍ଦୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ ଓକଲ୍ପନା ପଟ୍ଟନାୟକ ପ୍ରମୁଖ ସାକ୍ଷାତ ସମୟରେ ଉପସ୍ଥିତ ଥିଲେ।

● କମିଶନରେଟ୍ ପୁଲିସ୍‌ର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ମହିଳାଙ୍କ ସୁରକ୍ଷା ଉପରେ ଏସିପିଙ୍କ ଗୁରୁତ୍ୱାରୋପ



କଟକ,୩।୯(ସଂଚାର ବ୍ୟୁରୋ): 'ଦୁର୍ଗାପୂଜାର ଆୟୋଜନ ଏବଂ ପରିଚାଳନା ଏପରି ହେବା ଆବଶ୍ୟକ, ଯେପରି ଜଣେ ମହିଳା ମେଢ଼ ଭିତରେ ନିଜକୁ ସୁରକ୍ଷିତ ମନେ କରିବେ। ଏକ ଭୟ ମୁକ୍ତ ବାତାବରଣରେ ଚାଲି ବୁଲି ପାରିବେ। ସେହିଭଳି ପୂଜା ସମୟରେ ମେଲୋଡି ପରିବେଷଣ ସ୍ଥାନରେ ଜଣେ ବାପା ତା ଝିଅ ସହ ଓ ଜଣେ ଭାଇ ନିଜ ଭଉଣୀ ସହ ଏକାଠି ବସି ମେଲୋଡି କାର୍ଯ୍ୟକ୍ରମ ଦେଖିପାରିବେ ଓ ଶୁଣିପାରିବେ। ତେଣୁ ମେଲୋଡିରେ ଅଶ୍ଳୀଳତା ବନ୍ଦ ହେବାର ଆବଶ୍ୟକତା ରହିଛି ଓ ଏଥିରେ ଜନସାଧାରଣଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି ଦ୍ୱୈତନଗରୀର ଅତିରିକ୍ତ ପୁଲିସ କମିଶନର (ଏସିପି) ନରସିଂହ ଭୋଳ କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ସାରଳା ଭବନଠାରେ କମିଶନରେଟ ପୁଲିସ ପକ୍ଷରୁ ଅନୁଷ୍ଠିତ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ଏସିପି ଶ୍ରୀ ଭୋଳ କଲିକତା ଦୁର୍ଗାପୂଜାର ଉଦାହରଣ ରଖିଛନ୍ତି। ଏହାଦ୍ୱାରା ଆମେ ଆମ ଦୁର୍ଗା ପୂଜାକୁ ନେଇ ଗର୍ବ କରିପାରିବା ବୋଲି ସେ କହିଛନ୍ତି।

ଦୁର୍ଗାପୂଜାର ମାହୋଲ୍ ଆରମ୍ଭ ହେବାକୁ ଆଉ ୪ ସପ୍ତାହରୁ ବି କମ୍ ସମୟ ରହିଛି। କିନ୍ତୁ ଏବେଠାରୁ ରୌପ୍ୟ ସହର କଟକ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି। ଦୁର୍ଗାପୂଜାକୁ କିଭଳି ଶାନ୍ତି ଓ ଶୃଙ୍ଖଳାର ସହ ଆୟୋଜି କରାଯିବ, ସେନେଇ ବୈଠକ ପରେ ବୈଠକ ବସୁଛି। ଗତକାଲିର ପୂଜା ପ୍ରସ୍ତୁତି ବୈଠକରେ କଟକ ସହରର ସମସ୍ତ ଶାନ୍ତି କମିଟି ଓ ପୂଜା କମଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସମ୍ବଲପୁର ମହାନଗର ନିଗମ ନିର୍ବାଚନ: ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତିକୁ ରଦ୍ଦ କଲେ ହାଇକୋର୍ଟ

ସମ୍ବଲପୁର,୩।୯(ସଂଚାର ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ନିର୍ବାଚନ ପାଇଁ ଫିଟିଲା ବାଟ । ସମ୍ବଲପୁର ମହାନଗର ନିଗମ ନିର୍ବାଚନ ମାମଲାର ବିଚାର କରି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ । ମହାନଗର ନିଗମ ୱାର୍ଡ ସଂରକ୍ଷଣ ପାଇଁ ବିଜ୍ଞପ୍ତି ପ୍ରକାଶକୁ ଚାଲେଞ୍ଜ କରି ୨୦୧୫ରୁ ହୋଇଥିଲା ମାମଲା। କୋର୍ଟରେ ମାମଲା ଚାଲିଥିବାରୁ ମହାନଗର ନିଗମ ଗଠନ ସତ୍ତ୍ୱେ ନିର୍ବାଚନ ହୋଇପାରିନଥିଲା। ମହାନଗର ନିଗମ ୱାର୍ଡ ସଂରକ୍ଷଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୫୦%ରୁ ଉର୍ଦ୍ଧ୍ୱ ୱାର୍ଡ ସଂରକ୍ଷିତ ବର୍ଗଙ୍କ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ବିବାଦ ହୋଇଥିଲା। ଯାହାକୁ ବିରୋଧ କରି ହାଇକୋର୍ଟରେ ହୋଇଥିଲା ମାମଲା । ୬ ସପ୍ତାହ ମଧ୍ୟରେ ସାନି ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ରହିଛି ।

# ବୃଦ୍ଧକାଳର ସାହାରା ସାଜିଛି 'ଆୟୁଷ୍ମାନ ବୟୋ ବନ୍ଦନା'

■ ଖର୍ଚ୍ଚ ବହୁଳ ଚିକିତ୍ସା ଏବେ ସହଜଲବ୍ଧ
■ ୫.୮୨ ଲକ୍ଷରେ ପହଞ୍ଚିଛି ହିତାଧିକାରୀ ସଂଖ୍ୟା



ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ): ଆୟୁଷ୍ମାନ ବୟୋବନ୍ଦନା ଯୋଜନା ବରିଷ୍ଠ ନାଗରିକମାନଙ୍କ ପାଇଁ ବୃଦ୍ଧ କାଳର ସାହାରା ସାଜିଛି। ବଡ଼ ବଡ଼ ହସ୍ପିଟାଲମାନଙ୍କରେ ଖର୍ଚ୍ଚ ବହୁଳ ଚିକିତ୍ସା ସେମାନଙ୍କ ପାଇଁ ଏବେ ଦେୟମୁକ୍ତ ଭାବେ ସହଜଲବ୍ଧ ହୋଇଛି। ସହରରୁ ଗ୍ରାମାଞ୍ଚଳ, ଉପକୂଳରୁ ଉପାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ସମସ୍ତ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ମନରେ ଏ ଯୋଜନା ନୂଆ ବିଶ୍ୱାସ ଓ ଭରସା ଜନ୍ମାଇଛି। ରାଜ୍ୟରେ ଗତ ଏପ୍ରିଲ ୧୧ରୁ ଆରମ୍ଭ ହୋଇଥିବା ଏହି ଯୋଜନାର ଲୋକପ୍ରିୟତା ଦ୍ରୁତ ଗତିରେ ବଢ଼ିଚାଲିଛି। ଫଳତଃ ୫ ମାସରୁ କମ୍ ସମୟ ମଧ୍ୟରେ ଗତ ୩୧ ତାରିଖ ସୁଦ୍ଧା ରାଜ୍ୟର ସବୁ ଅଞ୍ଚଳରୁ ପ୍ରାୟ ୫.୮୨ ଲକ୍ଷ ବରିଷ୍ଠ ନାଗରିକ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଓଡ଼ିଶା ଓ ବାହାର ରାଜ୍ୟସ୍ଥିତ ତାଲିକାଭୁକ୍ତ ହସ୍ପିଟାଲମାନଙ୍କରେ ଓଡ଼ିଶାର ୧୦୧୪୬ ଜଣ ବରିଷ୍ଠ ନାଗରିକ ବିଭିନ୍ନ ପ୍ରକାର ଜଟିଳ ରୋଗର ଦେୟମୁକ୍ତ ଚିକିତ୍ସା ସୁବିଧା ପାଇଛନ୍ତି। ସେମାନଙ୍କ ଚିକିତ୍ସା ବାବଦରେ ୩୯୬୦.୭୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସରକାର ଯୋଗାଇଦେଇଛନ୍ତି। ଏହିପରି ଜଣେ ବରିଷ୍ଠ ନାଗରିକ ହେଉଛନ୍ତି କଳାହାଣ୍ଡି ଜିଲ୍ଲା କାମଥାନା ଗ୍ରାମର ୭୨ ବର୍ଷୀୟ ମହିଳା ଟି. ଲକ୍ଷ୍ମୀ। ଗତ ଜୁଲାଇ ୫ରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଭବାନୀପାଟଣା ସରକାରୀ ଚିକିତ୍ସାଳୟକୁ ନେଇଥିଲେ। ପ୍ରାଥମିକ ପରୀକ୍ଷାରୁ ସେ ଗୁରୁତର ହୃଦ୍‌ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଭବାନୀପାଟଣା ଡାକ୍ତରଖାନାରେ ପ୍ରାରମ୍ଭିକ ଚିକିତ୍ସା ଓ ଯତ୍ନ ପରେ ତାଙ୍କର ଅବସ୍ଥା ସାମୟିକ ଭାବେ ସ୍ଥିର ହେଲା ଓ ଡାକ୍ତର ତୁରନ୍ତ ଉଚ୍ଚତର ହୃଦ୍‌ରୋଗ ଚିକିତ୍ସା ପାଇଁ ତାଙ୍କୁ ସୁପର ସ୍ପେସାଲିଷ୍ଟ୍ ହସ୍‌ପିଟାଲ୍‌କୁ ଯିବାକୁ ପରାମର୍ଶ ଦେଲେ। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆୟୁଷ୍ମାନ୍ ବୟୋବନ୍ଦନା କାର୍ଡ ଟି. ଲକ୍ଷ୍ମୀଙ୍କୁ ଆଶା ଓ ଭରସା ଦେଲା। ତାଙ୍କ ସ୍ୱାମୀ ତାଙ୍କୁ ଜୁଲାଇ ୬ରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲରେ ଭର୍ତ୍ତି କରିବା ପରେ ସେଠାରେ ତାଙ୍କର ଦେୟମୁକ୍ତ ଚିକିତ୍ସା ଆରମ୍ଭ ହେଲା। ଉପଯୁକ୍ତ ପରୀକ୍ଷା ନିରୀକ୍ଷା ଓ ଆନ୍‌ଜିଓଗ୍ରାମ୍‌ରୁ ଛାତିର ୨ଟି ରକ୍ତନଳୀରେ ପ୍ରତିବନ୍ଧକ ଥିବା ଜଣାପଡ଼ିଲା। ଆବଶ୍ୟକୀୟ ଆନ୍‌ଜିଓପ୍ଲାଷ୍ଟି ସର୍ଜରୀ କରାଯିବା ସହ ୨ଟି ଷ୍ଟେଣ୍ଟ ଲଗାଯାଇଥିଲା। ପରେ ଧୀରେ ଧୀରେ ଲକ୍ଷ୍ମୀ ଆରୋଗ୍ୟ ଲାଭ କଲେ ଓ ଜୁଲାଇ ୧୦ ତାରିଖରେ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେଲେ। ତାଙ୍କର ସମୁଦାୟ ଚିକିତ୍ସା ସମ୍ପୂର୍ଣ୍ଣ ଦେୟମୁକ୍ତ ଥିଲା ଓ ଚିକିତ୍ସା ବାବଦରେ ପ୍ରାୟ ୧.୭୨ ଲକ୍ଷ ଟଙ୍କାର ଖର୍ଚ୍ଚ ସରକାର ବୟୋବନ୍ଦନା କାର୍ଡ ମାଧ୍ୟମରେ ଯୋଗାଇଦେଇଥିଲେ। ଏବେ ଲକ୍ଷ୍ମୀ ପୂରାପୂରି ସୁସ୍ଥ ଅଛନ୍ତି ଓ ସେ ନିଜର ସାଧାରଣ ଜୀବନଯାପନ କରୁଛନ୍ତି। ଏଥିପାଇଁ ତାଙ୍କ ପୁଅ ଟି. ଭାନୁ ପ୍ରସାଦ ରାଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମ ରାଜ୍ୟରେ ଏହାକୁ ପ୍ରଚଳନ କରାଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଉଛୁ। ଏହି ଯୋଜନା ଆମ ମା'ଙ୍କ ଜୀବନ ରକ୍ଷାକଲା। କାର୍ଡ ବିନା ଏପରି ଖର୍ଚ୍ଚ ବହୁଳ ଚିକିତ୍ସା କରିବାକୁ ଆମେ ସମର୍ଥ ହୋଇ ନଥାନ୍ତୁ "।

■ ରାଜ୍ୟ ସଂଲଗ୍ନ ପ୍ରଶିକ୍ଷଣ ଅଧିବେଶନ

# ସୁଯୋଗର ସଦୁପଯୋଗ ପାଇଁ ରାଷ୍ଟ୍ରଦୂତଙ୍କ ଆହ୍ୱାନ



ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ): ରପ୍ତାନୀ କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି। ବିଭିନ୍ନ ଦେଶରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ମଧ୍ୟ ରପ୍ତାନୀ ବୃଦ୍ଧି ଦିଗରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ତେଣୁ ଓଡ଼ିଆ ରପ୍ତାନିକାରୀ ବନ୍ଧୁଗଣ ଏହି ସୁଯୋଗର ସଦୁପଯୋଗ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଆଗେଇ ଆସିବାକୁ ରାଜ୍ୟ ସଂଲଗ୍ନ ପ୍ରଶିକ୍ଷଣ ଅଧିବେଶନରେ ଯୋଗଦେଇ ରାଷ୍ଟ୍ରଦୂତମାନେ ଆହ୍ୱାନ ଦେଇଛନ୍ତି। ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ ମେ' ଫେୟାର୍ ହୋଟେଲଠାରେ 'ରପ୍ତାନୀ ନୀତି ଓ ବିଶ୍ୱ ବଜାର ସଂଯୋଗୀକରଣ' ଶୀର୍ଷକ ପ୍ରଶିକ୍ଷଣ ଅଧିବେଶନରେ ଯୋଗଦେବା ଅବସରରେ ରାଷ୍ଟ୍ରଦୂତମାନେ ଏହି ମତ ପ୍ରକାଶ କରିଛନ୍ତି।

ରପ୍ତାନୀ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ଆଲୋଚନା ଆୟୋଜିତ ହୋଇଥିଲା। ବୁକାରେଷ୍ଟରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର, ସ୍ଲୋଭେନିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅମିତ ନାରଙ୍ଗ, ମାଲଟାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗଟେ ପ୍ରମୁଖ ଅନ୍ତର୍ଜାତୀୟ ସହଯୋଗ ଓ ରପ୍ତାନୀ ବୃଦ୍ଧିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରପ୍ତାନିକାରୀମାନେ ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ଭାବ ବିନିମୟ ବୃଦ୍ଧି କରିବା ପାଇଁ ରାଷ୍ଟ୍ରଦୂତମାନେ ଆହ୍ୱାନ କରିଥିଲେ। ୟୁରୋପ ବଜାରରେ ପ୍ରବେଶ ପାଇଁ ମାଲଟା ଓ ସ୍ଲୋଭେନିଆ ପ୍ରବେଶ ଦ୍ୱାର ହୋଇଥିବାରୁ ଏହାର ଫାଇଦା ଉଠାଇବା ପାଇଁ ସେମାନେ କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସୁଯୋଗର ଲାଭ ଉଠାଇ ଓଡ଼ିଆ ରପ୍ତାନିକାରୀମାନେ ବିଦେଶ ଉପକୂଳରେ ସଫଳତାର ଛାପ ଛାଡ଼ିବେ ବୋଲି ସେମାନେ ଆଶା ବ୍ୟକ୍ତ କରିଛନ୍ତି। ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶିକା ନିମେଶିକା ନଟରାଜନ ଆଲୋଚନାର ପରିଚାଳନା କରିଥିଲେ।

ସେହିପରି ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ରଖିବା ସହ ଓଡ଼ିଶାରେ ଥିବା ରପ୍ତାନୀ ସମ୍ଭାବନା ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପନ କରିଥିଲେ। କଲିକତାସ୍ଥିତ ଆପେଡା ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, ଏମପେଡାର ଉପନିର୍ଦ୍ଦେଶକ ଡକ୍ଟର ଅଭିମାନ ଲାହିରି, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଜ୍ଞାନ ମହାନ୍ତି, ଫିକି ପକ୍ଷରୁ ରାଜେନ ପାଢୀ, ଏଫଆଇଇଓ ଓଡ଼ିଶା ମୁଖ୍ୟ କମଳକାନ୍ତ ସାହୁ ରପ୍ତାନୀ କ୍ଷେତ୍ରକୁ ବିସ୍ତାର କରିବା ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ସହକାରୀ ନିର୍ଦ୍ଦେଶକ ଶିଶିର ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ଅତିରିକ୍ତ ଶାସନ ସଚିବ ମହେଶ ଚୌଧୁରୀ, ଯୁଗ୍ମ ଶାସନ ସଚିବ କମଳଜିତ ଦାସ, ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଭାକର ଦାସ, ବହୁ ଉଦ୍ୟୋଗୀ, ରପ୍ତାନିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେମିନାର




ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ): କମଳା ନେହେରୁ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ତରଫରୁ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ସେମିନାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ବିଜ୍ଞାନ ବିଭାଗର ମୁଖ୍ୟ ମଧୁସ୍ମିତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ କାର୍ଯ୍ୟରତ ହୃଦାନନ୍ଦ ପୃଷ୍ଟି ବକ୍ତା ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ସଂଜ୍ଞା, କାରଣ ଓ ନିରାକାରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମାନସିକ ସ୍ୱାସ୍ଥ୍ୟ ଆମର ଭାବନା, ଚିନ୍ତନ ଓ ସାମାଜିକ ସୁସ୍ଥତାକୁ ଅନ୍ତର୍ଭୁକ୍ତ କରେ। ଆମେ ଯେପରି ଭାବୁ, ଅନୁଭବ କରୁ ଏବଂ କାର୍ଯ୍ୟକରୁ, ସେଭଳି ଭାବରେ ଏହା ଆମ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ଅନ୍ୟତମ ବକ୍ତା ଭାବେ ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲି ଯୋଗଦେଇ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ କିଭଳି ଭାବେ ମାନସିକ ଚାପକୁ ନିୟନ୍ତ୍ରଣ କରାଯିବା ସହ ମାନସିକ ଓ ଶାରିରୀକ ସୁସ୍ଥତାର ଆମ ଦୈନନ୍ଦିନ ଜୀବନରେ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଶିକ୍ଷା ଓ ସଚେତନତା ବଢ଼ାଇବା ସହ ସାମାଜିକ ଅପବାଦ ବିଲୋପ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ବୋଲି ଶ୍ରୀମତୀ ଦାସ କହିଥିଲେ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଉପଦେଷ୍ଟା କମିଟି ବୈଠକ




ଭୁବନେଶ୍ୱର,୦୩।୯(ସଂଚାର ବ୍ୟୁରୋ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବାର୍ଷିକ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱବିଦ୍ୟାଳୟ ଓ ଏହାର ସହବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ୨୦୨୪-୨୫ ଆର୍ଥିକ ବର୍ଷରେ ଜାତୀୟ ସେବା ଯୋଜନା ଦ୍ୱାରା ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ଏହି ବୈଠକରେ ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦେଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ଜାତୀୟ ସେବା ଯୋଜନା ଶାଖା ସଂଖ୍ୟା ବୃଦ୍ଧି କରିବା ସହ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧିକ ସଂଖ୍ୟକ ସ୍ୱେଚ୍ଛାସେବୀଙ୍କୁ ସଦସ୍ୟ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଉଚ୍ଚଶିକ୍ଷା ବିଭାଗ ଉପସଚିବ ତଥା ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ୨୦୨୫-୨୬ ଆର୍ଥିକ ବର୍ଷରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବର୍ଷବ୍ୟାପୀ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଅଧିକ ସାମାଜିକ, ସାଂସ୍କୃତିକ ଓ ସେବାମୂଳକ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ । କୁଳପତି ପ୍ରଫେସର ସ୍ୱାଇଁ ଜାତୀୟ ସେବା ଯୋଜନା ଶାଖା ମାଧ୍ୟମରେ ସ୍ୱତନ୍ତ୍ର ଐତିହ୍ୟ ଶିବିର, ଓଡ଼ିଆ ଅସ୍ମିତା ଶିବିର, ପ୍ରତିଭା ଅନ୍ୱେଷଣ ଶିବିର ଓ ବିଭିନ୍ନ ସାମାଜିକ ସଚେତନତା ଶିବିର ଜରିଆରେ ଯୁବ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ । ବିତ୍ତନିୟନ୍ତ୍ରକ ସୁନନ୍ଦା ଷଡଙ୍ଗୀ ତାଙ୍କ ବକ୍ତବ୍ୟରେ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦେଇ ସଚେତନ କରିବା ସହ ବର୍ଷବ୍ୟାପୀ ଅଧିକ ସଂଖ୍ୟକ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଜାତୀୟ ସେବା ଯୋଜନା ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ।

# କଟକରେ ଦୁର୍ଗାପୂଜା ପାଇଁ ଜିଲ୍ଲାପାଳଙ୍କ ଏସ୍‌ଓପି ଜାରି



କଟକ,୩।୯(ସଂଚାର ବ୍ୟୁରୋ): କଟକ ସହରରେ ନିରାପଦ ଓ ସୁଗମ ଭାବେ ଦୁର୍ଗାପୂଜା ପାଳନ ସୁନିଶ୍ଚିତ କରିବା ପାଇଁ ସାଂସ୍କୃତିକ ପରମ୍ପରା, ସୁରକ୍ଷା ନିୟମ ଓ ଟ୍ରାଫିକ୍ ପରିଚାଳନାକୁ ବିଚାରକୁ ନେଇ ଜିଲ୍ଲାପାଳଙ୍କ ମାନକ କାର୍ଯ୍ୟ ପଦ୍ଧତି (ଏସ୍‌ଓପି) ଜାରି କରାଯାଇଛି। ଏଥିସହ କଟକ ସହରରେ ଦୁର୍ଗାପୂଜା ଉତ୍ସବ ସହ ଜଡ଼ିତ ସମସ୍ତ ପୂଜା କମିଟି, ଅଂଶୀଦାର ଓ ଅଂଶଗ୍ରହଣକାରୀଙ୍କ ପାଇଁ ପ୍ରଯୁଜ୍ୟ। ପୂଜା ମଣ୍ଡପ ଓ ତୋରଣର ଆକାର ଏବଂ ନିର୍ମାଣ ବୃଦ୍ଧି ଯୋଗୁଁ ସୁରକ୍ଷା ଏବଂ ଟ୍ରାଫିକ୍ ନିୟମ ସମ୍ପର୍କରେ ହାଇକୋର୍ଟଙ୍କ ଦ୍ୱାରା ଉଠାଯାଇଥିବା ସମସ୍ୟାର ସମାଧାନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ୨୦୨୦ର ରିଟ ପିଟିସନ ସିଭିଲ ପିଆଇଏଲ ନମ୍ବର ୨୧୪୦ର ନିର୍ଦ୍ଦେଶାବଳୀ ସହରର ସମସ୍ତ ପୂଜା କମିଟି ବାଧ୍ୟତାମୂଳକ ଭାବେ ପାଳନ କରିବାକୁ କୁହାଯାଇଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍, କଟକ ପୂଜା କମିଟି ସହ ବୈଠକ କରି ଉକ୍ତ ନିର୍ଦ୍ଦେଶାବଳୀ ପାଳନ ସୁନିଶ୍ଚିତ କରିବେ। ତଦନୁସାରେ କଟକ ସହରରେ ଦୁର୍ଗାପୂଜା ଉତ୍ସବର ଦୃଢ଼ ଓ ସୁଗମ ପରିଚାଳନା ପାଇଁ ଗତ ୨୪ ଓ ୨୫ରେ ବୈଠକ ହୋଇଥିଲା। ପୂଜା ପେଣ୍ଡାଲରେ ଦୈନିକ ଆରତୀ ଓ ଶୋଭାଯାତ୍ରା ସମୟରେ ଡିଜେ ସାଉଣ୍ଡ ସିଷ୍ଟମ୍‌କୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଅନୁମୋଦିତ ସୀମା ଅତିକ୍ରମ କରୁଥିବା ଶବ୍ଦ ଡେସିବଲ୍ ସ୍ତରକୁ ବାରଣ କରାଯାଇଛି। ଫାୟାର ଗନ ଓ ବାଣର ବ୍ୟବହାରକୁ ମଧ୍ୟ କଡ଼ାକଡ଼ି ନିଷେଧ କରାଯାଇଛି। ଆଖିରେ ଜ୍ୱଳନ ବା ସମସ୍ୟା ସୃଷ୍ଟି କରୁଥିବା ଲେଜର ଲାଇଟ ମଧ୍ୟ ନିଷେଧ କରାଯାଇଛି। ପୂଜା କମିଟିଗୁଡ଼ିକ ପ୍ରଚଳିତ ନିୟମ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ସୁନିଶ୍ଚିତ କରିବାକୁ ନିବେଦନ କରାଯାଇଛି। ଦୁର୍ଗାପୂଜାର ସୁଗମ ପରିଚାଳନା ଓ ନିୟମାବଳୀ ପାଳନ ତଦାରଖ କରିବା ପାଇଁ ଜିଲ୍ଲା ପ୍ରଶାସନ ବୈଠକ ଆହୂତ କରିବେ। କଟକ ସହରରେ ଦୁର୍ଗାପୂଜା ଉତ୍ସବ ଓ ବିସର୍ଜନ ସମୟରେ ଶବ୍ଦ ଡେସିବଲ ସ୍ତରର ତଦାରଖ ଓ ନିୟନ୍ତ୍ରଣ କରିବା ପାଇଁ ଯନ୍ତ୍ର ସ୍ଥାପନ କରିବା ଓ ଟ୍ରାଫିକ ନିୟମ ପାଳନ ଏବଂ ଯାନବାହାନର ସୁଗମ ଚଳାଚଳ ସୁନିଶ୍ଚିତ କରିବା ପାଇଁ ପୁଲିସକୁ ଦାୟିତ୍ୱ ଦିଆଯାଇଛି।

ପ୍ରତ୍ୟେକ ପୂଜା କମିଟି ଦ୍ୱାରା ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଳନ ସୁନିଶ୍ଚିତ କରିବା ନିମନ୍ତେ ଅଗ୍ନିଶମ ବିଭାଗକୁ କୁହାଯାଇଛି। ଏଥିସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ଓ ମୂର୍ତ୍ତି ବିସର୍ଜନ ସମୟରେ ଯେପରି କୌଣସି ଅପ୍ରୀତିକର ଘଟଣା ଘଟେନାହିଁ, ତାହା ନିଶ୍ଚିତ କରିବା ପାଇଁ ତାଙ୍କୁ ପ୍ରତି ପୂଜା କମିଟିରେ ଦୁଇ ଜଣ ସ୍ୱେଚ୍ଛାସେବକଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ର ପରିଚାଳନା ସମ୍ପର୍କରେ ଆବଶ୍ୟକ ତାଲିମ ଦେବାକୁ କୁହାଯାଇଛି। ମଣ୍ଡପରେ ସୁରକ୍ଷିତ ବିଦ୍ୟୁତ ସଂଯୋଗ ଏବଂ ଉପଯୁକ୍ତ ଇନସୁଲେସନ ଓ ବୈଦ୍ୟୁତିକ ଗେଟ୍‌ଗୁଡ଼ିକର କୁହାଯାଇଛି। ପୂଜା ମଣ୍ଡପ ଓ ତୋରଣର ଢାଞ୍ଚାଗତ ସଠିକ୍ ନିର୍ମାଣ ନିଶ୍ଚିତ କରିବାକୁ ଟିପିସିଓଡିଏଲକୁ କୁହାଯାଇଛି। ପୂଜା ମଣ୍ଡପ ଓ ତୋରଣର ଢାଞ୍ଚାଗତ ଯୋଜନା ଯାଞ୍ଚ ଓ ଅନୁମୋଦନ ଏବଂ ଓଭରହେଡ୍ ଗେଟ୍/ତୋରଣର ଢାଞ୍ଚାଗତ ଡିଜାଇନ୍ ଏବଂ ନିର୍ମାଣ ସମ୍ବନ୍ଧୀୟ ସୁରକ୍ଷା ଅନୁପାଳନ ସୁନିଶ୍ଚିତ କରିବାକୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭିନ୍ନ ଏଜେନ୍ସି/ବିଭାଗରୁ ଏନଓସି ପ୍ରଦାନ କରିବା ପାଇଁ ସୁବିଧାଜନକ ସ୍ଥାନରେ ଏକକ ବାତାୟନ ବ୍ୟବସ୍ଥା (ସିଙ୍ଗଲ ୱିଣ୍ଡୋ ସିଷ୍ଟମ) କାର୍ଯ୍ୟକ୍ଷମ କରାଯିବ ଓ ଏହା ଆସନ୍ତା ୫ରୁ ଉପଜିଲ୍ଲାପାଳ କଟକ ସଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହେବ। ଆସନ୍ତା ୧୨ ତାରିଖ ସୁଦ୍ଧା ପୁଲିସ୍, ପୂର୍ତ୍ତ ଓ ଭୂମି ଅଧିକାର ବିଭାଗ ଦ୍ୱାରା ସର୍ଭେ ସହ ଅସ୍ଥାୟୀ ଏନଓସି ପ୍ରଦାନ କରାଯିବ। ପେଣ୍ଡାଲ ଏବଂ ଶୋଭାଯାତ୍ରା ରାସ୍ତାରେ ତାର/କେବୁଲର କୌଣସି ବାଧା ଯେପରି ସୃଷ୍ଟି ନ ହୁଏ କିମ୍ବା ତାର ଝୁଲି ନ ପଡେ ତାହା ସୁନିଶ୍ଚିତ କରିବାକୁ ସମସ୍ତ କେବୁଲ ଅପରେଟରମାନଙ୍କୁ କୁହାଯାଇଛି। ବଡ଼ ମଣ୍ଡପଗୁଡ଼ିକ ଯାଞ୍ଚ କରିବା ପାଇଁ ଦୁଇଟି ଦଳ ନିୟୋଜିତ କରାଯିବ। ପ୍ରତି ୨୫/୩୦ ପୂଜା ମଣ୍ଡପର ସମସ୍ୟା ସମାଧାନ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ।

# ଏଆଇ ଅପରାଧ ରୋକି ପାରିବ ?



ଆଧୁନିକ ବିଜ୍ଞାନର ଏକ ବଡ଼ ଉପଲବ୍ଧି ହେଉଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)। ଏହା ଆମର ଦୈନନ୍ଦିନ ଜୀବନରେ ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହେଉଛି, ଯେମିତି ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପରିବହନ। କିନ୍ତୁ ଏକ ପ୍ରଶ୍ନ ଉଠୁଛି: ଏଆଇ କି ଅପରାଧକୁ ପୂର୍ଣ୍ଣରୂପେ ରୋକି ପାରିବ? ଏହି ସମ୍ପାଦକୀୟରେ ଆମେ ଏହି ବିଷୟରେ ଆଲୋଚନା କରିବୁ, ଏହାର ସକରାତ୍ମକ ଏବଂ ନକରାତ୍ମକ ପାର୍ଶ୍ୱକୁ ବିଶ୍ଳେଷଣ କରି।

ପ୍ରଥମେ, ଏଆଇର ସକରାତ୍ମକ ଭୂମିକା ବିଷୟରେ କହିବା। ଏଆଇ ଅପରାଧ ନିରୋଧରେ ଏକ ଶକ୍ତିଶାଳୀ ଉପକରଣ ହୋଇପାରେ। ଉଦାହରଣ ସ୍ୱରୂପ, ପ୍ରେଡିକ୍ଟିଭ୍ ପୋଲିସିଂରେ ଏଆଇ ଐତିହାସିକ ଅପରାଧ ଡାଟା ବିଶ୍ଳେଷଣ କରି ଅପରାଧର ପ୍ୟାଟର୍ନ ଚିହ୍ନଟ କରିପାରେ ଏବଂ ପୋଲିସକୁ ସମ୍ଭାବ୍ୟ ଅଞ୍ଚଳରେ ସମ୍ବଳ ବଣ୍ଟନ କରିବାରେ ସାହାଯ୍ୟ କରିପାରେ। ବ୍ରିଟେନ୍ ସରକାର ଏହିପରି ଏଆଇ ଚ୍ୟାଲେଞ୍ଜ ଆରମ୍ଭ କରିଛନ୍ତି ଯାହା ଅପରାଧୀମାନଙ୍କୁ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଧରିବାରେ ସାହାଯ୍ୟ କରିବ। ଏହା ଛଡ଼ା, ବ୍ୟାଙ୍କ ଏବଂ କମ୍ପାନୀମାନେ ଏଆଇ ବ୍ୟବହାର କରି ଧୋକାବାଜି ଲେନଦେନ ଚିହ୍ନଟ କରନ୍ତି, ଯାହା ଆର୍ଥିକ ଅପରାଧକୁ ରୋକିଥାଏ। ଫରେନସିକ୍ ବିଶ୍ଳେଷଣରେ ଏଆଇ ଚିହ୍ନଟ ଏବଂ ନିରୀକ୍ଷଣରେ ସାହାଯ୍ୟ କରେ।ସାଇବର୍ ଅପରାଧରେ ଏଆଇ ସ୍ୱୟଂଚାଳିତ ଆକ୍ରମଣକୁ ରୋକିବାରେ ଉପଯୋଗୀ। ଏହି ସବୁ ଉଦାହରଣ ଦର୍ଶାଉଛି ଯେ ଏଆଇ ଅପରାଧ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ।

କିନ୍ତୁ ଏହାର ନକରାତ୍ମକ ପାର୍ଶ୍ୱ ମଧ ଅଛି। ଏଆଇ ଅପରାଧକୁ ପୂର୍ଣ୍ଣରୂପେ ରୋକି ପାରିବ ନାହିଁ, କାରଣ ଏହାର ଅନେକ ସୀମାବଦ୍ଧତା ରହିଛି। ପ୍ରଥମେ, ଏଆଇ ସିଷ୍ଟମ୍ ଡାଟାରେ ବାୟାସ୍ ଥାଇପାରେ, ଯାହା ନିର୍ଦ୍ଦିଷ୍ଟ ସମୁଦାୟକୁ ଅନ୍ୟାୟରେ ଟାର୍ଗେଟ୍ କରିପାରେ। ପ୍ରେଡିକ୍ଟିଭ୍ ପୋଲିସିଂରେ ଏହି ବାୟାସ୍ ଜାତିଗତ ବିଭେଦକୁ ବଢ଼ାଇପାରେ। ଗୋପନୀୟତାର ଉଲ୍ଲଙ୍ଘନ ଏକ ବଡ଼ ଚିନ୍ତା, କାରଣ ଏଆଇ ନିରୀକ୍ଷଣ ସ୍ୱାଧୀନତାକୁ ହ୍ରାସ କରିପାରେ। ଏହା ଛଡ଼ା, ଅପରାଧୀମାନେ ମଧ ଏଆଇ ବ୍ୟବହାର କରି ଅପରାଧକୁ ବଢ଼ାଇପାରନ୍ତି, ଯେମିତି ଡିପ୍ଫେକ୍, ସ୍ୱୟଂଚାଳିତ ଆକ୍ରମଣ ଏବଂ ସାଇବର୍ କ୍ରାଇମ୍। ଏହି ଦ୍ୱନ୍ଦ୍ୱ ଭୂମିକା ଦର୍ଶାଉଛି ଯେ ଏଆଇ ଅପରାଧ ସୃଷ୍ଟି ମଧ କରିପାରେ। ଆଇନଗତ ଏବଂ ନୈତିକ ଚ୍ୟାଲେଞ୍ଜ ମଧ ରହିଛି, ଯେମିତି ନିୟନ୍ତ୍ରଣର ଅଭାବ।

ସାରାଂଶରେ, ଏଆଇ ଅପରାଧ ନିରୋଧରେ ସାହାଯ୍ୟ କରିପାରେ କିନ୍ତୁ ଏହାକୁ ପୂର୍ଣ୍ଣରୂପେ ରୋକି ପାରିବ ନାହିଁ। ଏହାର ସଫଳତା ନିର୍ଭର କରେ ନିର୍ଭୁଲ ଡାଟା, ନୈତିକ ବ୍ୟବହାର ଏବଂ ମାନବ ନିରୀକ୍ଷଣ ଉପରେ। ସରକାର ଏବଂ ସମାଜକୁ ଏହି ପ୍ରଯୁକ୍ତିର ନିୟନ୍ତ୍ରଣ ଏବଂ ବ୍ୟବହାର ପାଇଁ ନୀତି ନିର୍ମାଣ କରିବା ଆବଶ୍ୟକ। କେବଳ ଏହିପରି ସନ୍ତୁଳିତ ଦୃଷ୍ଟିକୋଣରେ ଏଆଇ ଏକ ସୁରକ୍ଷିତ ସମାଜ ନିର୍ମାଣରେ ସହାୟକ ହୋଇପାରିବ।

# ଭଗବାନ ବାମନ



**କବୀର କୁମାର ଜେନା**

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ବାମନ ଜୟନ୍ତୀ ନାମରେ ଖ୍ୟାତ। ଶ୍ରୀମଦ୍‌ଭାଗବତର ଅଷ୍ଟମ ସ୍କନ୍ଧରେ ଥିବା ବର୍ଣ୍ଣନା ଅନୁଯାୟୀ, ଏହି ତିଥିରେ ମକର ଚନ୍ଦ୍ର ଶ୍ରବଣା ନକ୍ଷତ୍ରର ଅଭିଜିତ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ବାମନ ଅବତାରରେ ପ୍ରକଟ ହୋଇଥିଲେ। ସତ୍ୟଯୁଗରେ ପ୍ରହ୍ଲାଦଙ୍କ ପୌତ୍ର ଦୈତ୍ୟରାଜ ବଳୀ ସ୍ୱର୍ଗଲୋକରେ ଅଧିକାର ସାବସ୍ୟ କରିଥିଲେ। ବଳୀ ଦାନବୀର ଥିଲେ। ସର୍ବଦା ଧର୍ମ ଆଚରଣ କରୁଥିଲେ। ଫଳରେ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା। ସବୁ ଦେବଗଣ ବଳୀଙ୍କ ଠାରୁ ପରାଜିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଭଗବାନ ବିଷ୍ଣୁ ଦେବତାମାନଙ୍କୁ ବାମନ ରୂପରେ ଅବତାର ନେବା ଲାଗି ପ୍ରତିଶ୍ରୁତି ଦେଲେ। ଏହାର କିଛି ଦିନ ପରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଋଷି କଶ୍ୟପଙ୍କ ପୁତ୍ର ରୂପରେ ଦେବମାତା ଅଦିତିଙ୍କ ଗର୍ଭରୁ ଭଗବାନ ବାମନ ଉତ୍ପନ୍ନ ହୋଇଥିଲେ।

ଭଗବାନ ବିଷ୍ଣୁଙ୍କ ପଞ୍ଚମ ଅବତାର ଥିଲେ ଭଗବାନ ବାମନ। ସେ ଋଷି କଶ୍ୟପ ଏବଂ ଦେବମାତା ଆଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ଜନ୍ମ ସମୟରେ ତାଙ୍କର ନୀଳ ନବଘନ କାନ୍ତି ଦେବତା, ମୁନି ଋଷିମାନଙ୍କୁ ଆଚମ୍ବିତ କରିଦେଇଥିଲେ। ସମସ୍ତେ ତାଙ୍କର ସ୍ତୁତିଗାନ କରିବାକୁ ଲାଗିଥିଲେ। ଭଗବାନ ବାମନଙ୍କ ଆଜାନୁ ଲମ୍ବ ଚାରିଭୁଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭା ପାଉଥିଲା। ସେ ପୀତ ବସ୍ତ୍ର ପରିଧାନ କରିଥିଲେ। କର୍ଣ୍ଣରେ ରକ୍ତ କୁଣ୍ଡଳ ସାଙ୍ଗକୁ ହୃଦୟରେ ଶ୍ରୀବତ୍ସ ଚିହ୍ନ ଶୋଭା ପାଉଥିଲା। ବକ୍ଷରେ ବନମାଳ ଧାରଣ କରିଥିବା ବାମନଙ୍କ ଶିରରେ ମଣିମୁକୁଟ, କଟିରେ ରତ୍ନମେଖଳା, କଣ୍ଠରେ କୌସ୍ତୁଭ ମଣି ଶୋଭାପାଉଥିଲେ। ସେ ବଟୁ ବାମନ ରୂପରେ ଜନ୍ମ ନେଇଥିଲେ। ଜନ୍ମ ଗ୍ରହଣ କରିବା ପରେ ତ୍ରିବିକ୍ରମ ବାମନଙ୍କର ଉପନୟନ ସଂସ୍କାର କରାଯାଇଥିଲା। ସୃଷ୍ଟିକର୍ତ୍ତା ବ୍ରହ୍ମା ଓ ମୁନିମାନେ କଶ୍ୟପ ଆଶ୍ରମରେ ଉପନୟନ ଜାତକର୍ମ କରିଥିଲେ। ସୂର୍ଯ୍ୟଦେବ କର୍ଣ୍ଣରେ ସାବିତ୍ରୀ ମନ୍ତ୍ର ପ୍ରଦାନ କରିଥିଲେ। ଦେବଗୁରୁ କାନ୍ଧରେ ପଇତା, କଶ୍ୟପ କଟିରେ ମର୍କତ ମେଖଳା, ପୃଥିବୀ କାନ୍ଧରେ କୃଷ୍ଣାଜିନ, ଚନ୍ଦ୍ର ଦଣ୍ଡ, ଅଦିତି ମାତା କଉପୀନ, ଆକାଶ ଛତ୍ର, ମୁନିମାନେ କୁଶ ଓ ବ୍ରହ୍ମ ତେଜ, ବ୍ରହ୍ମା କମଣ୍ଡଳୁ, ସରସ୍ୱତୀ ଅକ୍ଷମାଳା, କୁବେର ଭିକ୍ଷାପାତ୍ର ପ୍ରଦାନ କରିଥିଲେ। ଅମ୍ବିକା ଭିକ୍ଷାଦାନ କରିଥିଲେ। ଥରେ ରାଜା ବଳୀ ଅଶ୍ୱମେଧ ଯଜ୍ଞ କରୁଥିବା ସମୟରେ ବାମନ ଯାଇ ଯଜ୍ଞଶାଳାରେ ପହଞ୍ଚିଲେ। ଦାନ ସ୍ୱରୂପ ତାଙ୍କୁ ତିନିପାଦ ଭୂମି ମାଗିଲେ। ଦୈତ୍ୟ ଗୁରୁ ଶଙ୍କରାଚାର୍ଯ୍ୟ ଭଗବାନଙ୍କ ଲୀଳା ବୁଝି ପାରି ବଳୀଙ୍କୁ ଦାନ ଦେବା ଲାଗି ମନା କଲେ। ମାତ୍ର ଦାନ ଦେବା ଲାଗି ବଳୀ ଉଦ୍ୟତ ହୁଅନ୍ତେ, ଶୁକ୍ରାଚାର୍ଯ୍ୟ ଏକ ମାଛି ରୂପ ଧରି ତାଙ୍କ ଶଙ୍ଖରେ ପଶିଗଲେ। ଶଙ୍ଖ ବଜାଇ ନପାରିବାରୁ ବାମନ ଏକ ଶଙ୍ଖ ସଫା କରିବା ଲାଗି ଏକ ଘାସ ପୁରାଇଦେଲେ। ଏହାଦ୍ୱାରା ଶୁକ୍ରାଚାର୍ଯ୍ୟଙ୍କ ଗୋଟିଏ ଆଖି କଣା ହୋଇଯାଇଥିଲା। ଏହାପରେ ଭଗବାନ ତିନିପାଦ ଭୂମି ନେବା ଲାଗି ସଂକଳ୍ପ ନେଲେ।

ପ୍ରଥମ ପାଦରେ ସମ୍ପୂର୍ଣ୍ଣ ଧରିତ୍ରୀ ଏବଂ ଦ୍ୱିତୀୟ ପାଦରେ ସମ୍ପୂର୍ଣ୍ଣ ସ୍ୱର୍ଗରେ ରଖିବା ପରେ ତୃତୀୟ ପାଦ ରଖିବା ପାଇଁ ଭୂମି ମିଳିନଥିଲା। ଏହାପରେ ରାଜା ବଳୀ ନିଜ ମୁଣ୍ଡ ଦେଖାଇଥିଲେ। ବଳୀଙ୍କ ଦାନପ୍ରିୟତା ଦେଖି ଭଗବାନ ବିଷ୍ଣୁ ତାଙ୍କୁ ପାତାଳ ଲୋକର ସ୍ୱାମୀ କରିଦେଇଥିଲେ। ତାଙ୍କ ମୁଣ୍ଡରେ ଗୋଟିଏ ପାଦ ରଖି ବଳୀଙ୍କୁ ପାତାଳ ଲୋକରେ ସ୍ଥାପିତ କରିଥିଲେ। ବାମନ ଅବତାରରେ ପ୍ରଭୁ ଶିକ୍ଷା ଦେଇ ଯାଇଛନ୍ତି ଯେ ମନୁଷ୍ୟ ଯେତେ ଦାନୀ ଓ ଧର୍ମାତ୍ମା ହୋଇଥାଉ ପଛେ ଅହଂକାର ମନୁଷ୍ୟ ପାଇଁ ପତନ ଡାକି ଆଣିଥାଏ। ତେଣୁ ମନୁଷ୍ୟ କେବେ ବି ନିଜ ଧର୍ମକୁ ନେଇ ଗର୍ବ କିମ୍ବା ଅହଂକାରରେ ବୁଡ଼ିଯିବା ଉଚିତ ନୁହେଁ। ଅହଂକାର କାରଣରୁ ହିଁ ରାଜା ବଳୀଙ୍କୁ ସୁତଳ ଲୋକକୁ ଯିବାକୁ ପଡ଼ିଲା। ବାମନ ଅବତାରରେ ଭଗବାନ ଆଉ ଏକ ଶିକ୍ଷା ଦେଇଥାନ୍ତି, ତାହା ହେଲେ କେବେ ବି ନିଜ ସମ୍ପତ୍ତିକୁ ନେଇ ଗର୍ବ କରିବା ଉଚିତ ନୁହେଁ। ଆଜି ପାଖରେ ଥିବା ସମ୍ପତ୍ତି ଆସନ୍ତାକାଲିକୁ ନଥାଇପାରେ। ସବୁ ସମ୍ପତ୍ତି ଭଗବାନଙ୍କର। ଭଗବାନ ବାମନ ଥିଲେ ଉଦାର। ସେଥିପାଇଁ ଭଗବାନ ବାମନ ନିଜର ଭକ୍ତ ବଳୀଙ୍କୁ ମହାବଳୀ ନାମରେ ସମ୍ବୋଧନ କରିଥିଲେ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୯୧୭୩୭୭୯୮୭**

# ଗୁରୁ ଚିର ନମସ୍ୟ



**ଲଳିତ ମୋହନ ମିଶ୍ର**

ଅଜ୍ଞାନ ରୂପକ ଅନ୍ଧକାର ଦୂର କରି ଗୁରୁଙ୍କ ଆଶୀର୍ବାଦ ହିଁ ଜୀବନରେ ଜ୍ଞାନ ରୂପକ ଆଲୋକରେ ଭରିଦିଏ । ଏକ ପରିପୂର୍ଣ୍ଣ ଜୀବନ, ବ୍ୟକ୍ତିତ୍ୱ ନିର୍ମାଣ ଏବଂ ସୁସ୍ଥ ସମାଜ ଗଠନ ହିଁ ଗୁରୁଙ୍କ ଆଶୀର୍ବାଦ । ଏସବୁ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ମହାନ ଗୁରୁଙ୍କୁ ଶତ ଶତ ପ୍ରଣାମ। ଆଶୀର୍ବାଦ ଏକ ପାରମ୍ପାରିକ ଶବ୍ଦ । ସଂସ୍କୃତ ରେ - ଆଶିସ୍ + ବାଦ୍= ଆଶୀର୍ବାଦ । ଯାହା ସ୍ୱସ୍ତିବଚନ , ମଙ୍ଗଳକାରୀ କଥନ , ଶୁଭେଚ୍ଛାର ଅଭିବ୍ୟକ୍ତି, ପ୍ରାର୍ଥନା ଓ କଲ୍ୟାଣକାରୀ ଇଚ୍ଛାକୁ ଆଶୀର୍ବାଦ କୁହାଯାଏ । ସାନ ବ୍ୟକ୍ତିମାନେ ବୟସ କିମ୍ବା ପଦ ପଦବୀରେ ଥିବା ବ୍ୟକ୍ତିଙ୍କୁ ନମସ୍କାର ବା ଅଭିବାଦନ ଜଣାଇଲେ, ବଡମାନେ ଆଶୀର୍ବାଦ ଦେବାର ଏକ ପରମ୍ପରା । ଯେତେବେଳେ ଗୁରୁ ଶିଷ୍ୟର ମୁଣ୍ଡରେ ହାତ ରଖି ଆଶୀର୍ବାଦ ପ୍ରଦାନ କରନ୍ତି, ସେତେବେଳେ ସେ ଶିଷ୍ୟର କ୍ଷମତା ଗୁଣ ଗାରିମାରେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ ଦିଅନ୍ତି । ଗୁରୁ ବିନା କାରଣରେ, ବିନା ସର୍ତ୍ତରେ ଆଶୀର୍ବାଦ ଦିଅନ୍ତି । କିନ୍ତୁ ତାହାକୁ ଶିଷ୍ୟ ନେବାକୁ ସକ୍ଷମ କି ନାହିଁ, ତାହା ଶିଷ୍ୟ ଉପରେ ନିର୍ଭର କରେ । ସେଥିପାଇଁ ସକ୍ଷମ ହେବା ଉଚିତ୍ । ବର୍ଷା ହେଉଥିବ ତୁମେ ଛତା ତଳେ ଠିଆ ହୋଇଥିବ , ଓଦା ହେଉନଥିବ । ଏହାର ଅର୍ଥ ଜଣେ ଆଶୀର୍ବାଦ ଦେଲେ ସତ କିନ୍ତୁ ଶିଷ୍ଯ ଅହଂକାରର ଛତା ତଳେ ନିଜକୁ ଲୁଚାଇ ରଖିଲା, ଓଦା ହେଲା ନାହିଁ .... ବର୍ଷା ହେବ, ମେଘ ଆସିବ ଏବଂ ଶିଷ୍ଯ ଶୁଖିଲା ରହିବ । ସେଥିପାଇଁ ଶିଷ୍ଯର ଗ୍ରହଣୀୟ ମନୋଭାବ ଦରକାର । ଯେପରି ଚାତକ ପକ୍ଷୀ ପାଟିକୁ ଖୋଲାକରି ମେଘକୁ ଚାହିଁ ରହିଥାଏ, ସେହିପରି ଶ୍ରଦ୍ଧା ଓ ଭକ୍ତିରେ ପରିପୂର୍ଣ୍ଣ ଥିବା ହୃଦୟ ଆବଶ୍ୟକ । ନଚେତ୍ ବର୍ଷା ହେବ କିନ୍ତୁ ପାଣି ତୁମ ପାଟିରେ ପଡ଼ିବ ନାହିଁ । ପାଟି ଖୋଲା ରହିବା ଉଚିତ୍ । ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ ଅପେକ୍ଷା କରିବା ଉଚିତ୍ । ଗୁରୁଙ୍କ ଆଶୀର୍ବାଦ ପାଇଲେ ଫଳପ୍ରଦ ହେବ । ସେଥିପାଇଁ ଶିଷ୍ଯ ଶ୍ରଦ୍ଧାଶୀଳ ଭକ୍ତିଶୀଳ ହେବ, ଗୁରୁଙ୍କୁ ପ୍ରଣାମ କରିବ । ବାସ୍ତବରେ ଶିଷ୍ୟଟି ଗୁରୁଙ୍କ ନିକଟରେ ନତ ମସ୍ତକ ହେବା ଦରକାର । ଗୁରୁଙ୍କୁ ଖାଲି ମୁଣ୍ଡ ନୁଆଁଇ ପ୍ରଣାମ ଜଣାଇଲେ ହେବ ନାହିଁ ତା ସହିତ ହୃଦୟ ବିଶ୍ୱାସୀ ହେବା ଆବଶ୍ୟକ । ଏସବୁ ଗୁରୁ ଅନୁଭବ କଲେ ଆଶୀର୍ବାଦ ରୂପକ ବର୍ଷା କରାଇବେ ଏବଂ ତୁମେ ସେଥିରେ ସ୍ନାନ କରିବ । ଗୁରୁ ଆଶୀର୍ବାଦ ଦିଅନ୍ତି କିନ୍ତୁ ଶିଷ୍ଯର ଗୁରୁଙ୍କ ପ୍ରତି ଭକ୍ତି ଶ୍ରଦ୍ଧା ପ୍ରେମାନୁଯାୟୀ ଫଳପ୍ରଦ ହୁଏ । ଯେପରି ଦୀପରୁ ଆଲୋକ ନିର୍ଗତ ହୁଏ । ଫୁଲରୁ ସୁଗନ୍ଧ ପ୍ରବାହିତ ହୁଏ । ସେପରି ଗୁରୁ କିଛି ଦିଅନ୍ତି ଯାହା ବିସ୍ତାର ହୁଏ । ଗୁରୁ ସଦା ସର୍ବଦା ଉଚ୍ଚରେ ରହିବା ଦରକାର । ଆଶୀର୍ବାଦ ପାଇବାର ଏକ କଳା । ସେଥିପାଇଁ ଶିଷ୍ୟକୁ ନତମସ୍ତକ ହେବା ଆବଶ୍ୟକ । ଅହଂକାରକୁ ଦୂର କରିବା ଦରକାର । ଆଶୀର୍ବାଦ ସ୍ୱୀକାର ଏକ ଆସ୍ତିକତା ଭାବ । ଏଥିରେ ଶ୍ରଦ୍ଧା ପ୍ରେମ ଭକ୍ତି ଆସ୍ଥା ନିହାତି ରହିବା ଆବଶ୍ୟକ । ଉଚ୍ଚ ଜଳପ୍ରପାତରୁ ଜଳ



ଯେମିତି ତଳକୁ ପ୍ରବାହିତ ହେଉଛି, ଶ୍ରଦ୍ଧାଶୀଳ ବ୍ୟକ୍ତି ପ୍ରସ୍ତୁତ ରୁହନ୍ତି ସେଥିରେ ସ୍ନାନ କରିବା ପାଇଁ । ସେଥିରେ ସ୍ନାନ କଲେ ଜନ୍ମ ଜନ୍ମ ର ଧୂଳି ଧୋଇଯିବ। ଗୁରୁକୃପା ବିନା ଜୀବନଯାତ୍ରା ଦିଗହରା ହୋଇଯାଏ । ଗୁରୁଙ୍କର ଆଦର୍ଶକୁ ମନେ ପକାଇବା ଦରକାର । ତାହାକୁ ନିଜର ଜୀବନଚର୍ଯ୍ୟାରେ ବିନିଯୋଗ କରିବା ଆବଶ୍ୟକ । ଯାହା ଦ୍ୱାରା ଜଣେ ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବେ। ଯଦି ଜଣେ ଗୁରୁଙ୍କ ତତ୍ତ୍ୱାବଧାନରେ ରହିବେ ତେବେ ତାଙ୍କର ଜୀବନଯାତ୍ରା ଉଚିତ ମାର୍ଗରେ ପରିଚାଳିତ ହେବ । ଶ୍ରଦ୍ଧା ଓ ଭକ୍ତି ଦ୍ୱାରା ଜ୍ଞାନ ପ୍ରାପ୍ତି ହୁଏ। ଭକ୍ତିର ପ୍ରଥମ ସୋପାନ ହେଉଛି ଶ୍ରବଣ । ଗୁରୁଙ୍କର ପ୍ରତ୍ୟେକ ବାକ୍ୟକୁ ଶୁଣିବାରେ ଧ୍ୟାନ ଦେବା ଉଚିତ୍ । ତାଙ୍କର ପ୍ରତ୍ୟେକଟି କଥାକୁ ଗୁରୁତ୍ୱ ଦେବା ଉଚିତ୍ । ଜ୍ଞାନ ଆହରଣ ପାଇଁ ଓ ନିଜକୁ ଉଚିତ ମାର୍ଗରେ ପରିଚାଳିତ କରିବା ପାଇଁ ଗୁରୁଙ୍କ ନିକଟତର ହେବା ବହୁତ ଭଲ । ଗୁରୁଙ୍କ ପ୍ରତି ଭକ୍ତି ରହିବା ଦରକାର । ଗୁରୁଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ହିଁ ଶିଷ୍ୟ ମାନଙ୍କ ଜୀବନର ପାଥେୟ । ଯାହାଙ୍କ ପ୍ରତି ଗୁରୁଙ୍କ ଆଶୀର୍ବାଦ ଅଛି ସେ କେବେ ଜୀବନ ପଥରେ ହାରେନା । ଆଶୀର୍ବାଦର ଅର୍ଥ ହେଉଛି - ଗୁରୁ ତୁମର ଶୂନ୍ୟତାରେ ନିଜକୁ ପୂର୍ଣ୍ଣ କଲେ । ଯାହା ଦ୍ୱାରା ତୁମ ଭିତରେ ଯାହା ଚାପି ହୋଇ ଯାଇଥାଏ ବା ଲୁକାୟିତ ଅବସ୍ଥାରେ ରହିଯାଇ ଥାଏ ,ଗୁରୁଙ୍କ ଆଶୀର୍ବାଦ ଦ୍ୱାରା ଉଜ୍ଜୀବିତ ହୁଏ । ଗୁରୁଙ୍କ ଆଶୀର୍ବାଦ ରୂପକ ମଞ୍ଜି ଫୁଟିବା ଆରମ୍ଭ କରେ, ଏବଂ ତା'ପରେ ବଡ ହୋଇ ଗଛ ହୁଏ । ଭାରତବର୍ଷରେ ଗୁରୁଶିଷ୍ୟ ପରମ୍ପରା ବହୁ ପ୍ରାଚୀନ । ଗୁରୁଙ୍କ ଆଶୀର୍ବାଦ ଲାଭ କରି ଗୁରୁଙ୍କ ଚରଣରେ ସମର୍ପିତ ହେଲେ, ଶିଷ୍ୟ ଅଶେଷ ସମ୍ମାନର ଅଧିକାରୀ ହୁଏ । ଗୁରୁଶିଷ୍ୟ ପରମ୍ପରାରେ ଶିଷ୍ୟ ସର୍ବଦା ଗୁରୁଙ୍କ ନିକଟରେ ବିନମ୍ରତା ଏବଂ ସମର୍ପଣ ଭାବ ପ୍ରକାଶ କରିଥାଏ । ଗୁରୁଙ୍କ ପଦାରବିନ୍ଦରେ ଶିଷ୍ୟ ନିରନ୍ତର ଅନନ୍ୟ । ଭାଗବତରେ କୁହାଯାଇଛି, ଗୁରୁ ସାଧାରଣ ମଣିଷ ନୁହଁନ୍ତି । ଗୁରୁ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁଗଣ ଶିଷ୍ୟଙ୍କ ଚେତନାର ଆଖିକୁ ଖୋଲି ଦିଅନ୍ତି । ଜୀବନ ଓ ଜଗତକୁ ଦେଖାଇ ଦିଅନ୍ତି - ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବାର କୌଶଳ । ଅଜ୍ଞାନ ଅନ୍ଧକାର ପଥରୁ ନିବୃତ୍ତ ହୋଇ ଆଲୋକ ପଥର ଯାତ୍ରୀ ହେବାର ସୂତ୍ର ବତାଇ ଦିଅନ୍ତି । ଗୁରୁ ଏକାଧାରରେ ଶିଷ୍ୟପାଇଁ ବହୁ ଭୂମିକାର ପ୍ରତୀକ । ଯଦିବା ପିତାମାତା ପ୍ରଥମ ଗୁରୁ । କିନ୍ତୁ ବାପା ମା'ଙ୍କଠାରୁ ଅଧିକ ଶିକ୍ଷା ଦୀକ୍ଷା ଗୁରୁ ଦିଅନ୍ତି । ପିଲାଟି ମାଟି ପିଣ୍ଡୁଳା ପରି । ଗୁରୁ ତା'ର ସଂସ୍କାରକୁ ଧରି ରୂପ ଦେଇଥାନ୍ତି । ଗୁରୁ ନିଜର ଅସୀମ ଭଲପାଇବା ଯୋଗୁଁ ଶିଷ୍ୟର ଚରିତ୍ର ଗଠନ କରିଥାନ୍ତି । ଗୁରୁ ଜାଣିପାରନ୍ତି ଶିଷ୍ୟର ମନ । ତେଣୁ ସେ ଦକ୍ଷ ମନୋବିଜ୍ଞାନୀ ଅଟନ୍ତି । ଗୁରୁ ଜାଣିପାରନ୍ତି ଶିଷ୍ଯ ଦେହର ଆବଶ୍ୟକତା । ତେଣୁ ସେ ଚିକିତ୍ସକ। ଗୁରୁ ଜାଣିପାରନ୍ତି ବିଦ୍ୟା ଗ୍ରହଣର କୁଶଳତା ତେଣୁ ସେ ବିଦ୍ୟାଦାତା । ନିଜର ସନ୍ତାନ ଅପେକ୍ଷା ଗୁରୁଙ୍କ ପାଖରେ ଶିଷ୍ୟ ଅଧିକ । ଭାରତୀୟମାନେ ଏହିଭଳି ଗୁରୁକୁ କାଳେ କାଳେ ସମ୍ମାନ ଦେଇ ଆସିଛନ୍ତି । ସ୍ୱପ୍ନବିଳାସୀ ଗୁରୁଙ୍କର ସ୍ୱପ୍ନକୁ ଅଧାର କରି ଆଲେକ୍ ଜାଣ୍ଡାର ବିଶ୍ୱ ବିଜୟୀ ହୁଏ, ଉଦୀୟମାନ ନଚିକେତାଙ୍କ ଜିଜ୍ଞାସା ଜାଗ୍ରତ ହୁଏ । ଶିବାଜୀ ହୁଅନ୍ତି ରାଷ୍ଟ୍ର ନିର୍ମାତା, ଚନ୍ଦ୍ରଗୁପ୍ତ ପାଲଟନ୍ତି ସୁଶାସକ ଓ ସମ୍ରାଟ । ନରେନ୍ ପାଲଟନ୍ତି ବିବେକାନନ୍ଦ । ଶିଷ୍ୟ ଭିତରେ ଉତ୍ତମ ଚରିତ୍ର, ନୈତିକତା, ଶିକ୍ଷା, ଦୀକ୍ଷା ଶୃଙ୍ଖଳା ଗୁରୁ ହିଁ ସୃଷ୍ଟି କରନ୍ତି। ଆମ ମନକୁ ନିୟନ୍ତ୍ରଣ କରିପାରୁଥିବା ଓ ଚରିତ୍ରକୁ ସଜାଡ଼ି ପାରୁଥିବା ଗୁରୁ ଜଣେ ହିଁ ଆମ ପାଇଁ ଯଥେଷ୍ଟ । ତେଣୁ ଆଜିର ଦିନରେ ଗୁରୁଙ୍କ ଆଶୀର୍ବାଦ ଅପରିହାର୍ଯ୍ୟ । ଗୁରୁ ଚିର ନମସ୍ୟ ପୂଜନୀୟ ବନ୍ଦନୀୟ...

**ନୟାଗଡ଼, ୯୪୩୭୯୮୫୮୬୬**

# ବାମନ ବେଶରେ କଳାଠାକୁର



**ଡକ୍ଟର ତପନ କୁମାର ପାଳ**

ଓଡ଼ିଶାରେ ରାଜକୀୟ ନବବର୍ଷ ଆରମ୍ଭ ହୁଏ ଭାଦ୍ରବ ମାସ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆଁ ଠାରୁ। ଓଡ଼ିଆ ପାଞ୍ଜିର ଆରମ୍ଭ ହୁଏ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରୁ ଏବଂ ଏହି ଦିନଟି ସାଧାରଣରେ ଓଡ଼ିଆ ନବବର୍ଷ ଭାବେ ଗୃହୀତ ହୋଇଛି। ମାତ୍ର ସୁନିଆଁ ହେଉଛି ଓଡ଼ିଆ ରାଜାଙ୍କର ରାଜତ୍ୱର ଅଙ୍କ ଗଣନା ବର୍ଷର ପ୍ରଥମ ଦିନ। ବାମନ ବେଶ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ଶ୍ରୀମନ୍ଦିରରେ ପାଳନ କରାଯାଏ। ପୌରାଣିକ ଉପାଖ୍ୟାନ ଅନୁସାରେ ଏହିଦିନ



ଏକ ଶୁଭ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ନିଜ ପଞ୍ଚମ ଅବତାରରେ ଏକ ଦିବ୍ୟ, ଜ୍ୟୋତିର୍ମୟ ବାମନ ବାଳକ ରୂପରେ ଧରିତ୍ରୀରେ ଅବତରଣ କରିଥିଲେ। ନୃସିଂହ ଜନ୍ମ ଓ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପରି ଶ୍ରୀମନ୍ଦିରରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ବାମନ ଜନ୍ମ ପାଳିତ ହେବା ସଙ୍ଗେ ସଙ୍ଗେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏକ ବାମନରୂପ ବାଳକ ବେଶରେ ସଜ୍ଜିତ କରାଯାଇଥାଏ। ଶ୍ରୀମନ୍ଦିରରେ ବାମନଙ୍କ ଜନ୍ମୋତ୍ସବ ନୀତି ଓ ଦ୍ୱିପହର ଧୂପ ଶେଷ ହେବା ପରେ ଜଗନ୍ନାଥ ମହାପ୍ରଭୁ ବାମନ ବେଶ ଧାରଣ କରନ୍ତି।

ଏଥିରେ ସୁଭଦ୍ରା ସାଧାରଣ ବେଶ ଓ ବଳଭଦ୍ର ରାଜ ବେଶରେ ଦୃଶ୍ୟମାନ ହେବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀପୟର ଓ କିରୀଟରେ ଆଭୂଷିତ ହୋଇଥାନ୍ତି। ଶ୍ରୀଜଗନ୍ନାଥଙ୍କ ଶ୍ରୀଭୂଜର ବାମ ହସ୍ତରେ ଛତା ଓ ଡାହାଣ ହସ୍ତରେ କୁଶବଟୁ ଗଡୁ ଧରାଯାଇ ଏକ ବାମନରୂପୀ ନୈଷ୍ଠିକ ବ୍ରାହ୍ମଣ ବେଶରେ ଭୂଷିତ କରାଯାଏ। ପୁଷ୍ପାଳକ ସେବକମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଏପରି ବେଶ କରିଥାନ୍ତି, ଜଣାଯାଏ ସତେ ଯେପରି ଜଗନ୍ନାଥ ମହାପ୍ରଭୁ ସ୍ୱୟଂ ଏକ ବାମନ ବା କ୍ଷୁଦ୍ରକାୟ ବିପ୍ର। ଶ୍ରୀଜଗନ୍ନାଥ ବାମନ ଭାବେ ପରିଚିତ। ଜଗନ୍ନାଥଙ୍କର ହସ୍ତପଦ ବିହୀନ ଅବୟବକୁ ଦର୍ଶନ କଲେ ସେ ସ୍ୱତଃ ବାମନ ଭଳି ଦେଖାଯାନ୍ତି। ବାମନ ବେଶରେ ଠାକୁରଙ୍କ ଲାଗି କରାଯାଉଥିବା ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦି ବେଶ ଦିବସ ପୂର୍ବରୁ ରତ୍ନଭଣ୍ଡାରରୁ ବାହାର କରାଯାଇ ଭଣ୍ଡାର ମେକାପ ସେବକଙ୍କ ତତ୍ତ୍ୱାବଧାନରେ ରହିଥାଏ।

**ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩**

# ପିତୃମାତୃ ଭକ୍ତ ପୁଣ୍ଡରୀକ



**ଶ୍ରୀହରିଗୁରୁ ଆଶ୍ରିତ ଅତୀଶ**

ଭଗବାନଙ୍କୁ ପାଇବା ପାଇଁ ପୁରାଣ ଶାସ୍ତ୍ରରେ ନବ ବିଧ ଭକ୍ତି ବା ମାର୍ଗ ରହିଛି କିନ୍ତୁ ଉଚିତ ଗୁରୁଙ୍କ ମାର୍ଗ ଦର୍ଶନ ନମିଳିଲେ ଜଣେ ମନୁଷ୍ୟ ସେ ଭକ୍ତି ମାର୍ଗରେ ଯାଇ ଭଗବାନଙ୍କୁ ପାଇପାରିବ ନାହିଁ। କିନ୍ତୁ ତା ଠାରୁ ସବୁଠାରୁ ସରଳ ମାର୍ଗ ହେଉଛି ନିଜ ପିତା ଓ ମାତାଙ୍କ ସେବା କରିବା କାରଣ ଏହି ସଂସାରକୁ ଆମକୁ ସେ ଆଣିଛନ୍ତି ତେଣୁ ତାଙ୍କୁ ସେବା କରି ତୃପ୍ତ କରିପାରିଲେ ପରମପିତା ଖୁସି ହୋଇ ଆଶିଷ ସହିତ ଦର୍ଶନ ଦେଇ ସେ ପିତୃମାତୃ ସେବକର ଜୀବନ ଧନ୍ୟ କରନ୍ତି। ସେହିପରି ଜଣେ ପୁତ୍ରର ପିତାମାତାଙ୍କ ସେବା ଦ୍ୱାରା ଦ୍ୱାରକାଧିଶ ଖୁସି ହୋଇ ନିଜେ ଦର୍ଶନ ଦେବାକୁ ଆସି ଓ ଯୁଗ ଯୁଗ ପାଇଁ ତାଙ୍କ ଦ୍ୱାର ଦେଶରେ ଇଟା ଉପରେ ଛିଡ଼ା ହୋଇଛନ୍ତି ସେହି ମହାନ ପିତୃମାତୃ ସେବକର ଜୀବନ ପ୍ରସଙ୍ଗ ବର୍ଣ୍ଣନା କରୁଛି।

ଓଡ଼ିଆ ବର୍ଣ୍ଣବୋଧ ବହିରେ ଭକ୍ତ କବି ଲେଖିଛନ୍ତି 'ପିତାମାତା ଠାରୁ ବଡ଼ ଦେବତା ସର୍ଗ ରାଇଜେ ନାହିଁ, ତାଙ୍କରି ଆଶିଷ ସାହା ଏକା ସିନା ବିପଦୁ ତରିବ ପାଇଁ' ମହାରାଷ୍ଟ୍ର ରାଜ୍ୟର ପଣ୍ଡରପୁର ନାମକ ଏକ ଗ୍ରାମରେ ପଣ୍ଡୁରୀକ ନାମରେ ଜଣେ ଯୁବକ ନିଜ ପିତାମାତା ଓ ପତ୍ନୀଙ୍କ ସହିତ ରହୁଥିଲେ। ତାଙ୍କର ବହୁତ ଧନସମ୍ପତ୍ତି ଥିଲା କିନ୍ତୁ ସେ ବହୁତ ନିଜ ସ୍ତ୍ରୀଙ୍କୁ ପାଗଳ ପରି ଭଲ ପାଉଥିଲେ ଏତେ ଆସକ୍ତ ଥିଲେ ନିଜ ପିତାମାତାଙ୍କ କଥା ବୁଝୁନଥିଲେ ସେମାନଙ୍କୁ ଖାଇବାକୁ ଭଲ କରି ଦେଉନଥିଲେ ସବୁବେଳେ ନିଜ ପତ୍ନୀଙ୍କ ସହିତ ବିଳାସ ମୌଜରେ ଦିନ ବିତୁଥିଲା। ଏହା ଦେଖି ବୃଦ୍ଧ ପିତାମାତା ମନରେ ଚିନ୍ତା କଲେ ପୁଅବୋହୁ ଖୁସିରେ ରୁହନ୍ତୁ ଆମେ କାହିଁକି ଏଠାରେ ରହି ଅଖିଆ ଅପିଆ ମରିବା କାଶୀ ମଲେ ପୁଣ୍ୟ ଅଛି ବାଟରେ ଭିକ୍ଷା କରି ଚାଲିଯିବା। ପୁଅ ବୋହୁଙ୍କ ଅତ୍ୟାଚାର ଓ ଅବହେଳାରୁ ତ୍ରାହି ପାଇବା ପାଇଁ ସେମାନେ କାଶୀ ଚାଲିଲେ ରାତିରେ। କିଛି ଦିନ ପରେ ପୁଣ୍ଡରୀକଙ୍କ ପତ୍ନୀ କହିଲେ ଶୁଣୁଛ ତୁମ ବାପାବୋଉ କୁଆଡ଼େ ପୁଣ୍ୟ କରିବା ପାଇଁ କାଶୀ ଯାଇଛନ୍ତି ଚାଲି ଚାଲି ଆମର ତ ହାତୀ ଘୋଡ଼ା ସବୁ ଅଛି ଚାଲ ସେମାନଙ୍କ ଆଗରୁ ଆମେ କାଶୀ ଯାଇ ପୁଣ୍ୟ କରିଆସିବା ସ୍ତ୍ରୀ ବୋଲକରା ପୁଣ୍ଡରୀକ କହିଲେ ତୁମେ ଯାହା କହିବ ମୁଁ ତାହା କରିବି ଚାଲ ଆମେ ପୁଣ୍ୟ କରିବାକୁ କାଶୀ ଯିବା ଏହା କହି ଘୋଡ଼ା ଚଢ଼ି ଦୁହେଁ କାଶୀ ଅଭିମୁଖେ ବାହାରିଲେ ବାଟରେ ସନ୍ଧ୍ୟା ହୋଇଗଲା ତେଣୁ ଦୁହେଁ ଆଗକୁ ନଯାଇ ସେଠାରେ ଥିବା ଏକ ଆଶ୍ରମରେ ରହିଲେ ଆଶ୍ରମଟି ଗଙ୍ଗା କୂଳରେ ଅବସ୍ଥିତ। ସାଧୁ ସେ ସ୍ୱାମୀ ଓ ସ୍ତ୍ରୀଙ୍କୁ କିଛି ଖାଇବାକୁ ଦେଇ ଏକ ଘର ଦେଖାଇ ଦେଲେ ରାତ୍ରି କାଟିବା ପାଇଁ। ପୁଣ୍ଡରୀକଙ୍କ ସ୍ତ୍ରୀ ଖାଇସାରି ଶୋଇପଡ଼ିଲେ କିନ୍ତୁ ପୁଣ୍ଡରୀକଙ୍କୁ ଆଶ୍ରମ ପରିସର ଭଲ ଲାଗିଲା ସେ ବାରଣ୍ଡାରେ ବସି ଆଶ୍ରମ ପରିବେଶ ଦେଖିବାକୁ ଲାଗିଲେ। ସେ ଦେଖିଲେ ତିନି ଜଣ ଦିବ୍ୟ କନ୍ୟା ଆସେ ଆଶ୍ରମ ପରିସରକୁ ଝାଡୁ କରୁଛନ୍ତି ଚମକି ପଡ଼ିଲେ ପୁଣ୍ଡରୀକ ଏତେ ରାତିରେ ଦିବ୍ୟତେଜ ବାହାରୁ ଥିବା ଏ କନ୍ୟା ମାନେ କିଏ ଓ କାହିଁକି ଆଶ୍ରମ ଝାଡୁ କରୁଛନ୍ତି କୌତୁହଳ ସୃଷ୍ଟି ହେଲା ପୁଣ୍ଡରୀକଙ୍କ ମନରେ ସେ ଯାଇ ସେ କନ୍ୟା ମାନଙ୍କୁ ପଚାରିଲେ ଆପଣମାନେ କିଏ ଓ କାହିଁକି ଏହି ଆଶ୍ରମକୁ ଝାଡୁ କରୁଛନ୍ତି? ସେ ଦିବ୍ୟ କନ୍ୟାମାନେ କହିଲେ ଏହି ଆଶ୍ରମର ସାଧୁ ଜଣକ ନିତ ପିତୃମାତୃ ସେବକ ତେଣୁ ଆମେମାନେ ତାର ଏହି ସେବାରେ ଖୁସି ହୋଇ ତାର ଆଶ୍ରମ ଅଗଣାକୁ ଝାଡୁ କରିବାକୁ ଆସୁ ସବୁଦିନ ଆମ ତିନିଜଣଙ୍କ ନାମ ଗଙ୍ଗା, ଯମୁନା ଓ ସରସ୍ୱତୀ। ଏହା କହି ସେ ତିନି କନ୍ୟା ଅଦୃଶ୍ୟ ହୋଇଗଲେ। ପୁଣ୍ଡରୀକଙ୍କ



ଜାଣିବାକୁ ବାହି ରହିଲା ନାହିଁ ଏ ହେଉଛନ୍ତି ପାପନାଶିନୀ ପୁଣ୍ୟ ମା'ଗଙ୍ଗା, ଯମୁନା ଓ ସରସ୍ୱତୀ ତେଣୁ ସେ ନିଜ ଦୋଷ ବୁଝିପାରି ନିଜ ପିତାମାତାଙ୍କ ଉପରେ କରିଥିବା ଅତ୍ୟାଚାର ସବୁ ମନେ ପଡ଼ିଲା। ସେ କାନ୍ଦି କାନ୍ଦି ନିଜ ସ୍ତ୍ରୀକୁ ସେହି ଆଶ୍ରମରେ ଛାଡ଼ି ନିଜ ପିତାମାତାଙ୍କୁ ଖୋଜିବାକୁ ରାତିରେ ବାହାରି ପଡ଼ିଲେ। ଅନେକ ଦିନ ପରେ ସେ ନିଜ ପିତାମାତାଙ୍କୁ ବାଟରେ ବଡ଼ ବିକଳ ଅବସ୍ଥାରେ ପାଇଲେ ପାଦ ଧରି ପିତାମାତାଙ୍କୁ ନିଜ ଭୁଲ ପାଇଁ କ୍ଷମା ମାଗିଲେ ଓ ପିତାମାତାଙ୍କୁ ଧରି ନିଜ ଘରକୁ ଆସିଲେ ପୁଣ୍ଡରୀକ ପୁରା ବଦଳି ଗଲେ ନିଜ ବାପା ବୋଉଙ୍କୁ ଦେବତା ତୁଲ୍ୟ ସେବା କଲେ। ପାଣି ଗରମ କରି ବାପା ବୋଉଙ୍କୁ ଗାଧେଇ ଦେବା, ସଫା ଲୁଗା ତାଙ୍କୁ ପିନ୍ଧାଇଦେବା, ମଳମୂତ୍ର ସଫାକରି ଦେବା, ଭଲ କରି ଖାଇବାକୁ ଦେବା ଓ ଶୋଇଲା ବେଳେ ତାଙ୍କ ପାଦ ମୋଡ଼ିଦେଇ ବିଛଣା କରିବା ଏହା ଥିଲା ପୁଣ୍ଡରୀକଙ୍କ ପ୍ରତିଦିନ କାର୍ଯ୍ୟ। ପୁଣ୍ଡାରପୁରର ଲୋକମାନେ ପୁଣ୍ଡରୀକଙ୍କ କାର୍ଯ୍ୟ ଦେଖି ଧନ୍ୟ ଧନ୍ୟ କଲେ। ଦିନେ ପୁଣ୍ଡାରପୁରର ଲୋକମାନେ ଦ୍ୱାରକା ଯାଉଥାନ୍ତି ଦ୍ୱାରିକାଧିଶ ଶ୍ରୀକୃଷ୍ଣଙ୍କ ଦର୍ଶନ ପାଇଁ ସେମାନେ ଆସି ପୁଣ୍ଡରୀକଙ୍କୁ କହିଲେ ତୁମେ ଆସ ଆମ ସହିତ ଦ୍ୱାରକା ଯିବା ପ୍ରଭୁଙ୍କ ଦର୍ଶନ କରିବା କିନ୍ତୁ ପୁଣ୍ଡରୀକ କହିଲେ ମୁଁ ମୋର ବାପାମାଙ୍କୁ ଛାଡ଼ି ଗୋଟିଏ କ୍ଷଣ ରହିପାରିବି ନାହିଁ ଯିବି କେମିତି? ତୁମେମାନେ ଯାଅ ଦ୍ୱାରିକାବାସୀ ଶ୍ରୀକୃଷ୍ଣଙ୍କୁ ମୋର ଅସୁବିଧା ବିଷୟରେ କହିବ ଯଦି ସେ କୃପା କରିବେ ସେ ଏହିଠାକୁ ଆସି ଦର୍ଶନ ଦେବେ। ସତକୁ ସତ ପିତାମାତାଙ୍କ ସେବାରେ ପ୍ରଭୁ ପ୍ରୀତ ହୋଇ ପୁଣ୍ଡରୀକଙ୍କୁ ଦର୍ଶନ ଦେବାକୁ ଦ୍ୱାରକାରୁ ପୁଣ୍ଡାରପୁର ଆସିଲେ। ପୁଣ୍ଡାରପୁର ପାଖରେ ପ୍ରବାହିତ ଭୀମ ନଦୀ। ଏହା 'ଚନ୍ଦ୍ରଭାଗା' ନାମରେ ବିଖ୍ୟାତ। ସେହି କୂଳରେ ଥିଲା ପୁଣ୍ଡରୀକଙ୍କ ଘର। ଭଗବାନ ଶ୍ରୀକୃଷ୍ଣ ସଶରୀରେ ପୁଣ୍ଡରୀକଙ୍କ ଘରେ ଆସି ବିରାଜମାନ। ପୁଣ୍ଡରୀକ ସେତେବେଳକୁ ଲିପ୍ତ ଥିଲେ ବାପାମାଆଙ୍କ ସେବାରେ ମା'ଙ୍କ ଗୋଡ଼ ମୋଡୁଥିଲେ ସୋ ସ୍ୱୟଂ ଭଗବାନ ଆସି ଦ୍ୱାର ଦେଶରେ ତାଙ୍କ ତେଜରେ ପୁଣ୍ଡରୀକଙ୍କ ଘର ଆଲୋକିତ ହୋଇଗଲା ପୁଣ୍ଡରୀକ ଜାଣି ପାରିଲେ ପ୍ରଭୁ ଆସିଛନ୍ତି କଲେ ଉଠି ଗଲେ ବାପାବୋଉଙ୍କ ନିଦ ଭାଙ୍ଗିଯିବ। ସେଥିପାଇଁ ସେ ପାଖରେ ଥିବା ଏକ ଇଟାକୁ ପ୍ରଭୁ ଯେତେବେଳେ ଆସିଛନ୍ତି ତାଙ୍କୁ ଆସନ ଦେବା କର୍ତ୍ତବ୍ୟ ତେଣୁ ସେ ଇଟାକୁ ଦ୍ୱାର ଦେଶକୁ ଫିଙ୍ଗିଦେଇ କହିଲେ 'ଓଲଟା'। ଓଟ ଅର୍ଥ ମରାଠୀରେ ଇଟା, ଲ ମାନେ ରୁହନ୍ତୁ। ଅର୍ଥାତ୍ ଇଟାକୁ ଆସନ କରି ରୁହନ୍ତୁ। ଭଗବାନ ଶ୍ରୀକୃଷ୍ଣ ଭକ୍ତ କଥାକୁ ମାନି ଅଣ୍ଟାରେ ଦୁଇ ହାତ ଦେଇ ସେହି ଇଟାରେ ଠିଆ ହେଲେ ଭକ୍ତର ପ୍ରତୀକ୍ଷାରେ। ମା'ଙ୍କ ଗାଢ଼ ନିଦ୍ରା ପରେ ପୁଣ୍ଡରୀକ ଆସିଲେ ପ୍ରଭୁଙ୍କ ସମ୍ବର୍ଦ୍ଧନା କରିବା ପାଇଁ। ଭଗବାନ କହିଲେ ପୁତ୍ର ପୁଣ୍ଡରୀକ ତୁମେ ପିତୃମାତୃ ସେବାରେ ପ୍ରସନ୍ନ ହୋଇଛି ମୁଁ କି ବର ମାଗୁଛ ମାଗ ପୁଣ୍ଡରୀକ କହିଲେ ପ୍ରଭୁ ବାପାମାଙ୍କୁ ଛାଡ଼ି ଆପଣଙ୍କ ଦର୍ଶନ ପାଇଁ ମୁଁ ଯାଇପାରୁନାହିଁ, ତେଣୁ ଏତିକି ପ୍ରାର୍ଥନା ଆପଣ ଏହିଠାରେ ରହିଲେ ମୁଁ ଓ ବାପାମାଆ ଆଜୀବନ ଦର୍ଶନ କରିପାରିବୁ। ଭକ୍ତର ପ୍ରାର୍ଥନାରେ ପ୍ରଭୁ ସନ୍ତୋଷ ହୋଇ ସେହି ଇଟା ଉପରରେ ଅଣ୍ଟାରେ ହାତଦେଇ ଠିଆ ହୋଇଛନ୍ତି ଶରୀର ପରିଣତ ହେଲା ବିଗ୍ରହରେ ଧନ୍ୟ ପୁଣ୍ଡରୀକ ଧନ୍ୟ ପ୍ରଭୁ।

ଅନେକ ଲୋକ ଆମ ଘରକୁ ନିଜ ଦୁର୍ଭାଗ୍ୟ ଖଣ୍ଡନ କରିବାକୁ ମୋର ପୂଜ୍ୟ ବଡ଼ବାପାଙ୍କ ପାଖକୁ ଆସନ୍ତି। ଜାତକ ଦେଖି ବେଳେ ବେଳେ ପରାମର୍ଶ କରନ୍ତି ତୁମେ ତୁମ ବାପାମାଆଙ୍କ ସେବା କରୁନ ଆଗେ ତାଙ୍କୁ ଖୁସି କଲେ ତୁମ ଦୁର୍ଭାଗ୍ୟ ଖଣ୍ଡନ ହେବ ଓ ବାପାମାଆ ଦେହରେ ନଥିଲେ ସେମାନଙ୍କ ମୃତ ତିଥିରେ ଉତ୍ତମ ବ୍ରାହ୍ମଣ ଡକାଇ ଶ୍ରାଦ୍ଧ ତର୍ପଣ କରିବାକୁ କୁହନ୍ତି। ଆଜିକାଲି ସମାଜରେ ଯାହା ହେଉଛି ତାହା ସଭିଙ୍କୁ ଜଣା ହେ ସଭ୍ୟ ସମାଜ ଆମେ ଯଦି ନିଜ ପିତା ମାତାଙ୍କୁ ଅବହେଳିତ କରିବା ତେବେ ଯେତେ ଦିଅ ଦେବତା ପୂଜା କଲେ ମଧ ତାହାର ପଳ କେବେ ପ୍ରାପ୍ତ ହେବନାହିଁ। ନିତାଇ ଗୌର ହରିବୋଲ।

**ଦୂରଭାଷ : ୬୩୭୦୧୫୮୦୫୨୪**

### ସିଏଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ଭାରତରେ ରହିପାରିବେ ଆଫଗାନ୍, ବାଂଲା ଓ ପାକ୍ ସଂଖ୍ୟାଲଘୁ




ନୂଆଦିଲ୍ଲୀ,୩।୯: ଧାର୍ମିକ ନିର୍ଯାତନାରୁ ରକ୍ଷା ପାଇଁ ଭାରତ ଆସିଥିବା ଆଫଗାନିସ୍ତାନ, ବାଂଲାଦେଶ ଏବଂ ପାକିସ୍ତାନର ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଆଜି ବଡ଼ ଆଶ୍ୱସ୍ତି ଦେଇଛନ୍ତି କେନ୍ଦ୍ର ସରକାର। ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମରେ ଏହି ତିନି ଦେଶର ନାଗରିକମାନେ ଭାରତରେ ରହିପାରିବେ ବୋଲି କହିଛନ୍ତି। ଏଥିସହ ଆଫଗାନିସ୍ତାନ, ବାଂଲାଦେଶ ଏବଂ ପାକିସ୍ତାନରୁ ଗତ ୨୦୨୪ ଡିସେମ୍ବର ୩୧ ତାରିଖ ସୁଦ୍ଧା ଭାରତ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ନାଗରିକଙ୍କୁ ପାସପୋର୍ଟ କିମ୍ବା ଅନ୍ୟାନ୍ୟ ଯାତ୍ରା କାଗଜପତ୍ର ବିନା ମଧ୍ୟ ଦେଶରେ ରହିବାକୁ ଅନୁମତି ଦିଆଯିବ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ରହିବା ପାଇଁ ସେମାନଙ୍କୁ ପାସପୋର୍ଟ କିମ୍ବା ଅନ୍ୟାନ୍ୟ କାଗଜପତ୍ରର ଆବଶ୍ୟକତା ପଡ଼ିବ ନାହିଁ। ବିଜେପି ସାଂସଦ ଡକ୍ଟର ସୁକାନ୍ତ ମଜୁମଦାର ଏହି ନିଷ୍ପତ୍ତିକୁ ପ୍ରଶଂସା କରିବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଗୃହ ମନ୍ତ୍ରଣାଳୟ ଦ୍ୱାରା ପକ୍ଷରୁ ଜାରି ଏକ ଆଦେଶରେ କୁହାଯାଇଛି ଯେ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ, ଯେଉଁମାନେ ୩୧ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଭାରତ ଆସିଛନ୍ତି, ସେମାନଙ୍କୁ ପାସପୋର୍ଟ କିମ୍ବା ଅନ୍ୟାନ୍ୟ କାଗଜପତ୍ର ବିନା ମଧ୍ୟ ଦେଶରେ ରହିବାକୁ ଅନୁମତି ଦିଆଯିବ। ଏହି ଆଦେଶ 'ଇମିଗ୍ରେସନ ଆଣ୍ଡ ଫରେନର୍ସ ଆକ୍ଟ, ୨୦୨୫' ଅଧୀନରେ ଜାରି କରାଯାଇଛି। ପୂର୍ବରୁ ସିଏଏ ଅଧୀନରେ ଯେଉଁମାନେ ଡିସେମ୍ବର ୩୧, ୨୦୧୪ ପର୍ଯ୍ୟନ୍ତ ଭାରତକୁ ଆସିଥିଲେ, ସେମାନଙ୍କୁ ରହିବାକୁ ଅନୁମତି ଦେଉଥିଲା ଭାରତ। ଅର୍ଥାତ୍ ଏହା ପରେ ଭାରତ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ ଏଠାରେ ରହିପାରିବେ ନାହିଁ ସିଏଏ ଅଧୀନରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଇମିଗ୍ରେସନ ଆଣ୍ଡ ଫରେନର୍ସ ଆକ୍ଟ, ୨୦୨୫ ଅନୁଯାୟୀ ଏଥିରେ ପରିବର୍ତ୍ତନ ଅଣାଯାଇଛି।

# 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ଯବାନଙ୍କୁ ସମ୍ମାନିତ କଲେ ଶାହ

ରାୟପୁର,୩।୯: କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଏଠାରେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ'ରେ କାରେଗୁଟ୍ଟାଲୁ ପାହାଡ଼ରେ ସଫଳତା ପାଇଥିବା ସିଆରପିଏଫ୍, ଛତିଶଗଡ଼ ପୁଲିସ୍, ଡିଆରଜି ଏବଂ କୋବ୍ରା ବାହିନୀର ସାହସୀ ଯବାନମାନଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେବ ସାଇ ଏବଂ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ କାରେଗୁଟ୍ଟାଲୁ ପାହାଡ଼ରେ ଏପର୍ଯ୍ୟନ୍ତ କରାଯାଇଥିବା ସର୍ବବୃହତ ନକ୍ସଲ ବିରୋଧୀ ଅପରେସନ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' କୁ ସଫଳ କରିବାରେ ବୀରତ୍ୱ ପ୍ରଦର୍ଶନ କରିଥିବାରୁ ଯବାନମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ "ଅପରେସନ ବ୍ଲାକ ଫରେଷ୍ଟ' ସମୟରେ ଯବାନମାନଙ୍କ ସାହସିକତା ଏବଂ ବୀରତ୍ୱକୁ ନକ୍ସଲ ବିରୋଧୀ ଅଭିଯାନ ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ଭାବେ ସ୍ମରଣ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ କାରେଗୁଟ୍ଟାଲୁ ପାହାଡ଼ରେ ଆୟୋଜିତ ସର୍ବବୃହତ ନକ୍ସଲ ବିରୋଧୀ ଅଭିଯାନ 'ଅପରେସନ୍ ବ୍ଲାକ୍ ଫରେଷ୍ଟ'ର

■ ଯବାନଙ୍କ ବୀରତ୍ୱ ନକ୍ସଲବିରୋଧୀ ଅପରେସନରେ ସୁବର୍ଣ୍ଣ ଅଧ୍ୟାୟ

■ ୬.୫ କୋଟି ଜୀବନରେ ଆସିଛି ନୂଆ ସକାଳ

ସଫଳତାରେ ସାହସ ଓ ବୀରତ୍ୱ ପ୍ରଦର୍ଶନ କରିଥିବା ଯବାନମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ, ଏହି ଅଭିଯାନରେ ଯବାନମାନଙ୍କର ସାହସିକତା ଓ ବୀରତ୍ୱକୁ ନକ୍ସଲ ବିରୋଧୀ ଅଭିଯାନର ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ଭାବରେ ସ୍ମରଣ କରାଯିବ। ଶ୍ରୀ ଶାହ ସ୍ପଷ୍ଟ କରିଥିଲେ ଯେ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିବା, ଧରାପଡ଼ିବା କିମ୍ବା ସମୂଳ ନିଶ୍ଚିହ୍ନ ହେବା ପର୍ଯ୍ୟନ୍ତ ମୋଦୀ ସରକାର ବିଶ୍ରାମ ନେବେ ନାହିଁ। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱରେ ଭାରତକୁ ଶୀଘ୍ରହି ନକ୍ସଲ ମୁକ୍ତ କରାଯିବ।

ସେ ଆହୁରି କହିଛନ୍ତି ଯେ ଗରମ, ଉଚ୍ଚ ସ୍ଥାନ ଏବଂ ପ୍ରତ୍ୟେକ ପାଦରେ ଆଇଇଡି ର ବିପଦ ସତ୍ତ୍ୱେ ସୁରକ୍ଷା ବାହିନୀ ଉତ୍ସାହର ସହିତ ଅପରେସନକୁ ସଫଳ କରିଥିଲେ ଏବଂ ନକ୍ସଲଙ୍କ ବେସ୍ କ୍ୟାମ୍ପକୁ ନଷ୍ଟ କରିଦେଇଥିଲେ। ସେ କହିଥିଲେ ଯେ କାରେଗୁଟ୍ଟାଲୁ ପାହାଡ଼ରେ ନିର୍ମିତ ନକ୍ସଲମାନଙ୍କ ସାମଗ୍ରୀ ଏବଂ ଯୋଗାଣ ଶୃଙ୍ଖଳକୁ ଛତିଶଗଡ଼ ପୋଲିସ, ସିଆରପିଏଫ୍, ଡିଆରଜି ଏବଂ କୋବ୍ରା ଯବାନମାନେ ସାହସର



ସହ ଧ୍ୱଂସ କରିଦେଇଥିଲେ। ଶ୍ରୀ ଶାହ କହିଥିଲେ ଯେ ନକ୍ସଲମାନେ ଦେଶର କମ୍ ବିକଶିତ ଅଞ୍ଚଳକୁ ବ୍ୟାପକ କ୍ଷତି ପହଞ୍ଚାଉଛନ୍ତି, ବିଦ୍ୟାଳୟ, ଡାକ୍ତରଖାନା ବନ୍ଦ କରିଦେଉଛନ୍ତି ଏବଂ ସରକାରୀ ଯୋଜନାଗୁଡ଼ିକୁ ଲୋକମାନଙ୍କ ନିକଟରେ ପହଞ୍ଚିବାକୁ ଦେଉନାହାଁନ୍ତି। ସେ କହିଥିଲେ, ନକ୍ସଲ ବିରୋଧୀ ଅଭିଯାନ କାରଣରୁ ପଶୁପତିନାଥ ଠାରୁ ତିରୁପତି ପର୍ଯ୍ୟନ୍ତ ୬.୫ କୋଟି ଲୋକଙ୍କ ଜୀବନରେ ଏକ ନୂଆ ସୂର୍ଯ୍ୟୋଦୟ ଆସିଛି। ଶ୍ରୀ ଶାହ କହିଥିଲେ ନକ୍ସଲ ବିରୋଧୀ ଅପରେସନରେ ଗୁରୁତର ଶାରୀରିକ ଆଘାତ ପାଇଥିବା ସୁରକ୍ଷା ବାହିନୀଙ୍କ ଜୀବନକୁ ସୁଗମ କରିବା ପାଇଁ ମୋଦୀ ସରକାର ସମସ୍ତ ପ୍ରକାର ପ୍ରୟାସ କରୁଛନ୍ତି। ମୋଦି ସରକାର ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ଲାଗି ପ୍ରତିଶ୍ରୁତିବଦ୍ଧ।

# ବନ୍ଦ ହେଲା ଶିଲ୍ପାଙ୍କ ରେସ୍ତୋରାଁ

### ସୋସିଆଲ ମିଡିଆରେ ଦେଲେ ସୂଚନା




ମୁମ୍ବାଇ,୩।୯: ଅଭିନେତ୍ରୀ ଶିଲ୍ପା ସେଟ୍ଟୀଙ୍କୁ ଆଜି ଲାଗିଛି ଜୋରଦାର ଝଟକା। ଠକେଇ ଅଭିଯୋଗ ଭିତରେ ବନ୍ଦ ହୋଇଛି ତାଙ୍କ ମୁମ୍ବାଇସ୍ଥିତ ରେସ୍ତୋରାଁ। ବଲିଉଡ ଅଭିନେତ୍ରୀ ଶିଲ୍ପା ଘୋଷଣା କରିଛନ୍ତି ଯେ ତାଙ୍କର ରେସ୍ତୋରାଁ ବାଷ୍ଟିଅନ୍ ବାନ୍ଦ୍ରା ବନ୍ଦ ହେଉଛି। ସେ ଇନଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ଲେଖି ଏହାର ଘୋଷଣା କରିଛନ୍ତି। ସୋସିଆଲ୍ ମିଡିଆରେ ଖବର ସେୟାର୍ କରି ଶିଲ୍ପା ଲେଖିଛନ୍ତି ଯେ ଆସନ୍ତାକାଲି ଏକ ଯୁଗର ଅନ୍ତ ହେଉଛି କାରଣ ଆମେ ମୁମ୍ବାଇର ସବୁଠାରୁ ପ୍ରତିଷ୍ଠିତ ସ୍ଥାନମାନଙ୍କ ମଧ୍ୟରୁ ଗୋଟିଏ ବାଷ୍ଟିଅନ୍ ବାନ୍ଦ୍ରାଠାରୁ ବିଦାୟ ନେଉଛୁ। ଏକ ଏପରି ସ୍ଥାନ ଯାହା ଆମକୁ ଅସଂଖ୍ୟ ସ୍ମୃତି, କେବେ ନ ଭୁଲାଯାଇପାରୁଥିବା ରାତି ଓ ସହରର ନାଇଟଲାଇଫ୍‌କୁ ଏକ ରୂପ ଦେଇଥିବା ମୁହୂର୍ତ୍ତ ଦେଇଛି, ଏବେ ତା'ର ଶେଷ ସଲାମ୍ ଦେଉଛି। ଶିଲ୍ପା ସେଟ୍ଟୀ ଆଗକୁ କହିଛନ୍ତି ଯେ ସହରରେ ତାଙ୍କର ଦ୍ୱିତୀୟ ରେସ୍ତୋରାଁ, ବାଷ୍ଟିଅନ୍ ଆଟ୍ ଦି ଟପ୍, ଏବେ ମଧ୍ୟ ଖୋଲା ରହିବ। ସେ ଲେଖିଛନ୍ତି ଯେ ଏହି ଲୋକପ୍ରିୟ ସ୍ଥାନର ସମ୍ମାନ କରିବା ପାଇଁ ଆମେ ଆମର ସବୁଠାରୁ ନିକଟତମ ଗ୍ରାହକମାନଙ୍କ ପାଇଁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ସନ୍ଧ୍ୟାର ଯୋଜନା କରୁଛୁ। ଏକ ଏପରି ରାତି ଯାହା ପୁରୁଣା ସ୍ମୃତି, ଉତ୍ସାହ ଓ ମ୍ୟାଜିକରେ ପରିପୂର୍ଣ୍ଣ ହେବ।

କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ମୁମ୍ବାଇରେ ବାଷ୍ଟିଅନ୍ ବାନ୍ଦ୍ରା ପ୍ରସିଦ୍ଧ ବ୍ୟକ୍ତିମାନଙ୍କର ଆଡ୍ଡା ଥିଲା। ପାପାରାଜିମାନେ ତାରକାମାନଙ୍କର ଏକ ଝଲକ୍ ପାଇବା ପାଇଁ ରେସ୍ତୋରାଁରେ ଜମା ହେଉଥିଲେ। ନିକଟରେ ଶିଲ୍ପା ଓ ତାଙ୍କ ସ୍ୱାମୀ ରାଜ୍ କୁନ୍ଦ୍ରା ପୁଣି ଥରେ ବିବାଦରେ ଫସିଛନ୍ତି, ଯେତେବେଳେ ଲୋଟସ୍ କ୍ୟାପିଟାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ନିର୍ଦ୍ଦେଶକ ତଥା ବ୍ୟବସାୟୀ ଦୀପକ୍ କୋଠାରୀ ସେମାନଙ୍କ ବିରୋଧରେ ୬୦ କୋଟି ଟଙ୍କାର ଠକେଇ ଅଭିଯୋଗ ଆଣିଛନ୍ତି। ଏଏନ୍ଆଇ ସହ କଥାବାର୍ତ୍ତା କରି ଶିଲ୍ପା ଓ ରାଜ୍‌ଙ୍କ ଓକିଲ୍ ପ୍ରଶାନ୍ତ ପାଟିଲ୍ ଏପରି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଶିଲ୍ପା କହିଛନ୍ତି ଯେ ସମସ୍ତ ଅଭିଯୋଗ ମିଥ୍ୟା। ଆମକୁ ଏପର୍ଯ୍ୟନ୍ତ ଏଫ୍ଆଇଆର୍‌ର ନକଲ ବି ମିଳିନାହିଁ। ନକଲ ମିଳିଲେ ହିଁ ଅଭିଯୋଗର ସଠିକ୍ ତଥ୍ୟ ଜଣାପଡ଼ିବ। ତା' ଆଧାରରେ ଆମେ ଆଗାମୀ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବୁ। କିନ୍ତୁ ଏହି କାରବାର ୭/୮ ବର୍ଷ ପୁରୁଣା। ଯଦି କାହାକୁ ଲାଗୁଛି ଯେ ତାଙ୍କ ସହ ଅନ୍ୟାୟ ହୋଇଛି, ଠକାମି ହୋଇଛି, ତେବେ ସେ ଅଭିଯୋଗ କରିବା ପାଇଁ ୮-୧୦ ବର୍ଷ ଅପେକ୍ଷା କଲେ କାହିଁକି? ଯଦି କାହାର କିଛି ଆପତ୍ତି ଅଛି, ତେବେ ସେ ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ସହ ଯୋଗାଯୋଗ କରିପାରିବ। ଆମେ ମଧ୍ୟ ତଦନ୍ତ ଏଜେନ୍ସିମାନଙ୍କ ସାମନାରେ ଆମର ସତ୍ୟତା ଉପସ୍ଥାପନ କରିବୁ ଓ ଏହାପରେ ନିଶ୍ଚିତ ଭାବେ ସତ୍ୟ ସାମ୍ନାକୁ ଆସିବ ବୋଲି ଶିଲ୍ପା କହିଥିଲେ। କୋଠାରୀ ଅଭିଯୋଗ କରିଛନ୍ତି ଯେ ଏହି ସେଲିବ୍ରିଟି ଦମ୍ପତି ନିଜ ବ୍ୟବସାୟକୁ ବଢ଼ାଇବା ଉଦ୍ଦେଶ୍ୟରେ ଟଙ୍କା ନେଇଥିଲେ ହେଁ ଏହି ଟଙ୍କାକୁ ସେମାନେ ନିଜ ପାଇଁ ବ୍ୟବହାର କରିଥିଲେ।

## ଆଫଗାନିସ୍ତାନରେ ଆଉ ଏକ ଭୟଙ୍କର ଭୂମିକମ୍ପ

**ଆଫଗାନିସ୍ତାନ,୩।୯:** ଆଫଗାନିସ୍ତାନର ପୂର୍ବ ଭାଗରେ ପୁଣି ଥରେ ମଙ୍ଗଳବାର ସନ୍ଧ୍ୟାରେ ହିନ୍ଦୁକୁଶ ଅଞ୍ଚଳରେ ଭୂମିକମ୍ପ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୨ ରେକର୍ଡ କରାଯାଇଛି। ଭୂମିକମ୍ପ ଝଟକାରେ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ । ଏହା ୪୮ ଘଣ୍ଟା ମଧ୍ୟରେ ଆଫଗାନିସ୍ତାନରେ ଦ୍ୱିତୀୟ ବଡ଼ ଭୂମିକମ୍ପ। ହିନ୍ଦୁକୁଶ ଅଞ୍ଚଳରେ ଘଟିଥିବା ଭୂମିକମ୍ପରେ କୌଣସି ଜୀବନହାନି କିମ୍ବା କ୍ଷୟକ୍ଷତି



ହୋଇଛି କି ନାହିଁ ସେ ବିଷୟରେ ସୂଚନା ମିଳିନାହିଁ। ସେପ୍ଟେମ୍ବର ୧ ତାରିଖ ରାତି ୧୧:୪୭ ସମୟରେ ଆଫଗାନିସ୍ତାନର ନାଙ୍ଗରହାର ଏବଂ କୁନାର ପ୍ରଦେଶରେ ୬.୦ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା । ଏହି ଭୂମିକମ୍ପରେ ପ୍ରାୟ ୧୪୦୦ ଲୋକ ପ୍ରାଣ ହରାଇଥିଲେ।

## କ୍ୱେଟାରେ ବୋମା ବିସ୍ଫୋରଣ, ୨୫ ମୃତ



କ୍ୱେଟା,୩।୯ : ପାକିସ୍ତାନର କ୍ୱେଟାରେ ବଲୁଚ ନ୍ୟାସନାଲ ପାର୍ଟିର ରାଲିରେ ବଡ଼ ବିସ୍ଫୋରଣ । ଏଥିରେ ୨୫ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି । ଆହତଙ୍କ ଚିକିତ୍ସା ନିକଟସ୍ଥ ହସପିଟାଲରେ କରାଯାଉଛି । ଆହତଙ୍କ ମଧ୍ୟରେ ପୂର୍ବ ସାଂସଦ ଅହମଦ ନୱାଜ ଏବଂ ପାର୍ଟି ନେତା ମୁସା ବଲୁଚ ମଧ୍ୟ ସାମିଲ ରହିଛନ୍ତି । ଖବର ମୁତାବକ, ଶାହୱାନି ଷ୍ଟାଡିୟମ ନିକଟରେ ଆୟୋଜିତ ଏକ କାର୍ଯ୍ୟକ୍ରମ ସମାପ୍ତ ହେବାର କିଛି ସମୟ ପରେ ବିସ୍ଫୋରଣ ଘଟିଥିଲା । ଏ ନେଇ ବେଲୁଚିସ୍ତାନ ସ୍ୱାସ୍ଥ୍ୟ ମନ୍ତ୍ରୀ ମୃତ ଏବଂ ଆହତଙ୍କ ସଂଖ୍ୟା ବିଷୟରେ ସୂଚନା ଦେଇଛନ୍ତି । ବିଏନ୍‌ପି ନେତା ଅଖତର ମେଙ୍ଗଲ ଏବଂ ତାଙ୍କ ଗାଡି ଉପରକୁ ଟାର୍ଗେଟ କରାଯାଇଥିଲା । ଆକ୍ରମଣରେ ପରେ ସୁରକ୍ଷା ବାହିନୀ ତୁରନ୍ତ ଅଞ୍ଚଳକୁ ଘେରାବନ୍ଦୀ କରିଥିଲେ। ଅଖତର ମେଙ୍ଗଲଙ୍କ କାଫିଲା ଘଟଣାସ୍ଥଳ ଅତିକ୍ରମ କରିବାର କିଛି ସମୟ ପରେ ବିସ୍ଫୋରଣ ଘଟିଥିଲା । ଯେଉଁଥିରେ ୧୫ ଜଣ ଦଳୀୟ ସଦସ୍ୟଙ୍କ ମୃତ୍ୟୁ ହୋଇଛି । କର୍ତ୍ତୃପକ୍ଷ ଏବେ ବିସ୍ଫୋରଣର ତଦନ୍ତ କରୁଛନ୍ତି । ଅଖତର ମେଙ୍ଗଲ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି, "ଆପଣଙ୍କ ପ୍ରାର୍ଥନା ପାଇଁ ଧନ୍ୟବାଦ। ଆଲ୍ଲାହୁ ଆକବର, ମୁଁ ସୁରକ୍ଷିତ ଅଛି, କିନ୍ତୁ ଆମର କର୍ମୀଙ୍କ ମୃତ୍ୟୁରେ ମୁଁ ଗଭୀର ଦୁଃଖିତ । ପ୍ରାୟ ୧୫ରୁ ଅଧିକ ସଦସ୍ୟଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି । ସେମାନଙ୍କ ବଳିଦାନକୁ କେବେ ଭୁଲି ହେବ ନାହିଁ । ଆଲ୍ଲା ସେମାନଙ୍କୁ ଶାନ୍ତି ମିଳୁ ଏବଂ ସେମାନଙ୍କ ପରିବାରକୁ ଧୈର୍ଯ୍ୟ ଦିଅନ୍ତୁ। ଏହା ମୋ ଉପରେ ଋଣ ରହିଲା ଏବଂ ମୁଁ ଏହାକୁ ଦାୟିତ୍ୱର ସହ ପୂରଣ କରିବି।" ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ଏହି ଆକ୍ରମଣର ଘଟଣାକୁ ନିନ୍ଦା କରିଛନ୍ତି। ଏହି ଆକ୍ରମଣରେ ଆହତମାନଙ୍କ ପାଇଁ ତୁରନ୍ତ ଚିକିତ୍ସା ଯୋଗାଇବା ସହ ମାମଲାର ତଦନ୍ତ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

# ବାୟୁସେନାକୁ ମିଳିବ ଦୁଇଟି ତେଜସ ମାର୍କ-୧ଏ ଯୁଦ୍ଧବିମାନ

**ନୂଆଦିଲ୍ଲୀ, ୩।୯:** ଭାରତୀୟ ବାୟୁସେନା (ଆଇଏଏଫ) ଚଳିତ ମାସ ଶେଷ ସୁଦ୍ଧା ଦୁଇଟି ସ୍ୱଦେଶୀ ତେଜସ ମାର୍କ-୧ଏ ଯୁଦ୍ଧବିମାନ ଅନ୍ତର୍ଭୁକ୍ତ କରିବ, ବୋଲି ପ୍ରତିରକ୍ଷା ସଚିବ ଆର.କେ. ସିଂହ ଘୋଷଣା କରିଛନ୍ତି। ହିନ୍ଦୁସ୍ତାନ ଏୟାରୋନଟିକ୍ସ ଲିମିଟେଡ୍ (ଏଚଏଏଲ) ଦ୍ୱାରା ନିର୍ମିତ ଏହି ଯୁଦ୍ଧବିମାନଗୁଡ଼ିକ ଅସ୍ତ୍ରଶସ୍ତ୍ର ସଂଯୋଜନ କ୍ଷମତା ସହିତ ହସ୍ତାନ୍ତର କରାଯିବ। ଏହି ଘୋଷଣା ଏନଡିଟିଭି ଡିଫେନ୍ସ ସମିଟରେ କରାଯାଇଛି। ଯେଉଁଠାରେ ସିଂହ କହିଛନ୍ତି, "ଆଶା କରାଯାଉଛି ଯେ ସେପ୍ଟେମ୍ବର ଶେଷ ସୁଦ୍ଧା ଏହି ଦୁଇଟି ବିମାନ ଅସ୍ତ୍ରଶସ୍ତ୍ର ସଂଯୋଜନ କ୍ଷମତା ସହିତ ହସ୍ତାନ୍ତର କରାଯିବ।"

ଏହି ହସ୍ତାନ୍ତର ଫେବୃଆରୀ ୨୦୨୧ରେ ଏଚଏଏଲ ସହିତ ସ୍ୱାକ୍ଷରିତ ୪୮,୦୦୦ କୋଟି ଟଙ୍କାର ଚୁକ୍ତି ଅନୁସାରେ ୮୩ଟି ତେଜସ ମାର୍କ-୧ଏ ଯୁଦ୍ଧବିମାନ ଯୋଗାଣ ପାଇଁ



ଏକ ମୁଖ୍ୟ ମାଇଲଖୁଣ୍ଟ ଚିହ୍ନିତ କରୁଛି। ଏହି ଚୁକ୍ତି ଅନୁସାରେ ପ୍ରଥମ ବିମାନ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ହସ୍ତାନ୍ତର ହେବାର ଥିଲା। କିନ୍ତୁ ଆମେରିକୀୟ କମ୍ପାନୀ ଜିଇ ଏୟାରୋସ୍ପେସର ଏଫ୪୦୪ ଇଞ୍ଜିନ ଯୋଗାଣରେ ବିଳମ୍ବ ହେତୁ ଏହି ଯୋଗାଣ ବିଳମ୍ବିତ ହୋଇଛି। ମାର୍ଚ୍ଚ ୨୦୨୫ରେ ପ୍ରଥମ ଏଫ୪୦୪-ଆଇଏନ୨୦ ଇଞ୍ଜିନ ହସ୍ତାନ୍ତର ହେବା ପରେ ଏଚଏଏଲ ବେଙ୍ଗାଲୁରୁରେ ଏକ ସମାନ୍ତରାଳ ଉତ୍ପାଦନ ଲାଇନ ଯୋଗ କରି ଉତ୍ପାଦନ ବୃଦ୍ଧି କରିଛି। ଯାହା ବାର୍ଷିକ ଅତି କମରେ ୧୬ଟି ତେଜସ ମାର୍କ-୧ଏ ଯୁଦ୍ଧବିମାନ ଯୋଗାଣ କରିବାକୁ ଲକ୍ଷ୍ୟ ରଖିଛି। ଏହା ବ୍ୟତୀତ, ସରକାର ଆଗଷ୍ଟ ୧୯, ୨୦୨୫ରେ ୬୭,୦୦୦ କୋଟି ଟଙ୍କାରେ ଅତିରିକ୍ତ ୯୭ଟି ତେଜସ ମାର୍କ-୧ଏ ଯୁଦ୍ଧବିମାନ କ୍ରୟ ପାଇଁ ଅନୁମୋଦନ ଦେଇଛନ୍ତି। ପ୍ରତିରକ୍ଷା ସଚିବ ସିଂହ କହିଛନ୍ତି ଯେ ଏହି ନୂତନ ଚୁକ୍ତି ପ୍ରଥମ ଦୁଇଟି ବିମାନ ହସ୍ତାନ୍ତର ପରେ ସ୍ୱାକ୍ଷରିତ ହେବ। ଏହି ଅତିରିକ୍ତ କ୍ରୟ ଭାରତୀୟ ବାୟୁସେନାର ଯୁଦ୍ଧବିମାନ ଶକ୍ତିକୁ ବୃଦ୍ଧି କରିବ ଏବଂ ପୁରୁଣା ମିଗ-୨୧ ବିମାନଗୁଡ଼ିକୁ ବଦଳାଇବାରେ ସହଯୋଗ କରିବ। ଯାହା ୨୦୨୫ ସେପ୍ଟେମ୍ବର ୧୯ରେ ଔପଚାରିକ ଭାବେ ଅବସର ନେବ। ତେଜସ ମାର୍କ-୧ଏ ହେଉଛି ଏକ ସ୍ୱଦେଶୀ ଡିଜାଇନରେ ନିର୍ମିତ ଯୁଦ୍ଧବିମାନ। ଯେଉଁଥିରେ ୬୫ ପ୍ରତିଶତରୁ ଅଧିକ ଉପାଦାନ ସ୍ୱଦେଶୀ ରହିଛି। ଏହା ଉନ୍ନତ ଏଭିଓନିକ୍ସ, ଆଧୁନିକ ରାଡାର ସିଷ୍ଟମ ଏବଂ ବର୍ଧିତ ଯୁଦ୍ଧ କ୍ଷମତା ସହିତ ସଜ୍ଜିତ। ଏହି ବିମାନ ବାୟୁ ପ୍ରତିରକ୍ଷା, ସାମୁଦ୍ରିକ ଅନୁସନ୍ଧାନ ଏବଂ ଆକ୍ରମଣ ଭୂମିକା ପାଇଁ ଡିଜାଇନ କରାଯାଇଛି। ଏଚଏଏଲ ଅଧ୍ୟକ୍ଷ ଡି.କେ. ସୁନିଲ କହିଛନ୍ତି ଯେ ବିଳମ୍ବ ଜିଇ ଏୟାରୋସ୍ପେସର ଇଞ୍ଜିନ ଯୋଗାଣରେ ବିଳମ୍ବ ହେତୁ ହୋଇଛି, କିନ୍ତୁ ଏହି ସମସ୍ୟା ଏବେ ସମାଧାନ ହୋଇଛି। ଏହା ବ୍ୟତୀତ, ଏଚଏଏଲ ୨୦୨୮ ସୁଦ୍ଧା ୮୩ଟି ତେଜସ ମାର୍କ-୧ଏ ଯୁଦ୍ଧବିମାନର ପ୍ରଥମ ଅର୍ଡର ପୂରଣ କରିବାକୁ ଏବଂ ୨୦୩୧ ସୁଦ୍ଧା ଅତିରିକ୍ତ ୯୭ଟି ବିମାନ ଯୋଗାଣ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ଏହି ବିମାନଗୁଡ଼ିକ ରାଜସ୍ଥାନର ବିକାନେରସ୍ଥିତ ନଳ ଏୟାରବେସରେ ମୁତୟନ କରାଯିବ, ଯାହା ପାକିସ୍ତାନ ସୀମାନ୍ତ ନିକଟବର୍ତ୍ତୀ। ତେଜସ ମାର୍କ-୧ଏ ପ୍ରୋଗ୍ରାମ ମେକ୍ ଇନ ଇଣ୍ଡିଆ ଉଦ୍ୟମ ଅଧୀନରେ ଭାରତର ସ୍ୱାବଲମ୍ବୀ ପ୍ରତିରକ୍ଷା ଉତ୍ପାଦନକୁ ଏକ ପ୍ରମୁଖ ପଦକ୍ଷେପ ଭାବେ ବିବେଚନା କରାଯାଉଛି।

# ଭାରତକୁ ଉପହାର ଦେଲେ ପୁଟିନ୍: ଟ୍ରମ୍ପଙ୍କ ପ୍ଲାନ୍ ଫେଲ୍



**ନୂଆଦିଲ୍ଲୀ, ୩।୯:** ଭାରତ ଖୁବଶୀଘ୍ର ରୁଷିଆରୁ ଶସ୍ତା ତେଲ ଆମଦାନୀ କରିପାରେ। ରୁଷିଆ ଭାରତକୁ ବ୍ରେଣ୍ଟ ତୁଳନାରେ ଅଶୋଧିତ ତୈଳ ଉପରେ ପ୍ରତି ବ୍ୟାରେଲ ପିଛା ୩ ରୁ ୪ ଡଲାର ରିହାତି ପ୍ରଦାନ କରିଛି। ଗତ ସପ୍ତାହରେ ଏହି ରିହାତି ପ୍ରାୟ ୨.୫ ଡଲାର ଏବଂ ଜୁଲାଇରେ ପ୍ରାୟ ୧ ଡଲାର ଥିଲା। ସେପ୍ଟେମ୍ବର ଶେଷ ଏବଂ ଅକ୍ଟୋବରରେ ଲୋଡ ହେବାକୁ ଥିବା କାର୍ଗୋ ପାଇଁ ଏହି ପ୍ରସ୍ତାବ ଦିଆଯାଇଛି। ଅନ୍ୟପକ୍ଷରେ, ଏସ୍-୪୦୦ କ୍ଷେପଣାସ୍ତ୍ର ପ୍ରଣାଳୀର ଅତିରିକ୍ତ ଯୋଗାଣ ସମ୍ପର୍କରେ ଭାରତ ଏବଂ ରୁଷିଆ ମଧ୍ୟରେ ଆଲୋଚନା ଚାଲିଛି। ୨୦୨୬ ଏବଂ ୨୦୨୭ ସୁଦ୍ଧା ରୁଷିଆ ଶେଷ ଦୁଇଟି ୟୁନିଟ ଭାରତକୁ ହସ୍ତାନ୍ତର କରିବ। ଉଲ୍ଲେଖନୀୟ ଯେ, ୨୦୧୮ରେ, ଦୁଇ ଦେଶ ମଧ୍ୟରେ ୫.୫ ବିଲିୟନ ଡଲାରର ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯାହା ଅଧୀନରେ ପାଞ୍ଚଟି ଏସ୍-୪୦୦ ୟୁନିଟ ପାଇବାର ଥିଲା। ଭାରତ ପୂର୍ବରୁ ଏହି ୟୁନିଟ ମଧ୍ୟରୁ ତିନୋଟି ପାଇସାରିଛି। ଭାରତକୁ ରୁଷିଆଠାରୁ ଶସ୍ତା ତେଲ ଏବଂ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀର ଏକ ନୂତନ ସାମଗ୍ରୀ ମିଳିବାର ଆଶା କରାଯାଉଛି। କୁହାଯାଉଛି ଯେ, ମେ ମାସରେ ପାକିସ୍ତାନ ଏବଂ ପିଓକେରେ ଆତଙ୍କବାଦୀ ଘାଟି ଉପରେ ଭାରତର ଅପରେଶନ ସିନ୍ଦୂରରେ ଏସ୍-୪୦୦ ପ୍ରଣାଳୀ ଏକ ବଡ଼ ଭୂମିକା ଗ୍ରହଣ କରିଥିଲା। ରୁଷିଆ ଅଧିକାରୀ ଦିମିତ୍ରୀ ଶୁଗାୟେଭ କହିଛନ୍ତି, ଏହି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାର ସୁଯୋଗ ରହିଛି ଏବଂ ନୂତନ ବିତରଣ ଉପରେ ଆଲୋଚନା ଚାଲିଛି। ଏହି ପ୍ରସ୍ତାବ ଏପରି ସମୟରେ ଆସିଛି, ଯେତେବେଳେ ଭାରତ ଆମେରିକାର ଚାପର ସମ୍ମୁଖୀନ ହେଉଛି। ସମ୍ପ୍ରତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଆମଦାନୀ ଉପରେ ୫୦% ଟାରିଫ୍ ଲାଗୁ କରିଛନ୍ତି। ଏହି ଟାରିଫ୍‌ର ଅଧା ରୁଷିଆ ସହିତ ଭାରତର ବର୍ଦ୍ଧିତ ତୈଳ ବାଣିଜ୍ୟ ଉପରେ ଲାଗୁ କରାଯାଇଛି। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ୨୦୨୨ ମସିହାରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତର ରୁଷୀୟ ତୈଳ ଆମଦାନୀ ଯଥେଷ୍ଟ ବୃଦ୍ଧି ପାଇଛି।

# ନିଲମ୍ବନର ଦିନକ ପରେ ଦଳ ଛାଡ଼ିଲେ କବିତା

**ହାଇଦ୍ରାବାଦ,୩।୯:** ତେଲେଙ୍ଗାନାର ବିଧାୟିକା କେ. କବିତାଙ୍କୁ ଗତକାଲି ଦଳରୁ ନିଲମ୍ବିତ କରାଯାଇଥିବା ବେଳେ ଆଜି ସେ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍)ରୁ ଇସ୍ତଫା ଦେଇଥିବା ନେଇ ଘୋଷଣା କରିଛନ୍ତି। ସେ ତାଙ୍କ ଭାଇ କେଟି ରାମାରାଓଙ୍କୁ ସମ୍ପର୍କୀୟ ଭାଇ ଟି ହରିଶ ରାଓ ଓ ଜେ ସନ୍ତୋଷ ରାଓଙ୍କ ବିରୁଦ୍ଧରେ ଚେତାବନୀ ମଧ୍ୟ ଦେଇଛନ୍ତି। ଶୃଙ୍ଖଳାଗତ ଓ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଗତକାଲି କବିତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। ବିଆରଏସ ସଭାପତି ତଥା କବିତାଙ୍କ ପିତା କେ ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ନିର୍ଦ୍ଦେଶ କ୍ରମେ କବିତାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆର୍ ବିଆରଏସ୍‌ର ପ୍ରତିଷ୍ଠାତା।

ବିଭିନ୍ନ ଜାତୀୟ ଗଣମାଧ୍ୟମରେ



ପ୍ରଚାରିତ ଖବର ଅନୁସାରେ, କବିତା କେଟିଆରଙ୍କୁ ସମ୍ପର୍କୀୟ ଭାଇମାନଙ୍କୁ ବିଶ୍ୱାସ ନ କରିବାକୁ ଅନୁରୋଧ କରିଥିଲେ ଏବଂ ଏହା ମଧ୍ୟ ଅଭିଯୋଗ କରିଥିଲେ ଯେ ସମ୍ପର୍କୀୟ ଭାଇମାନଙ୍କ ଦୁର୍ନୀତି ଯୋଗୁଁ ସିବିଆଇ ତାଙ୍କ ବାପା କେସିଆର୍‌ଙ୍କୁ ତଦନ୍ତ ପରିସରଭୁକ୍ତ କରିଛି। କଲେଶ୍ୱରମ୍ ପ୍ରକଳ୍ପରେ ହେରଫେର ଅଭିଯୋଗର ତଦନ୍ତ ଦାୟିତ୍ୱ ଦିନକ ତଳେ ତେଲେଙ୍ଗାନାର କଂଗ୍ରେସ ସରକାର ସିବିଆଇକୁ ହସ୍ତାନ୍ତର କରିଥିଲେ। ଏହାପରେ କବିତା ସର୍ବସମ୍ମୁଖରେ ତତ୍କାଳୀନ ଜଳସେଚନ ମନ୍ତ୍ରୀ ହରିଶ ରାଓଙ୍କ ନାଁ ନେଇଥିଲେ। ଗତ ୨୦୧୪ରେ ବିଆରଏସ କ୍ଷମତାରେ ଥିବା ସମୟରେ ହରିଶ ଜଳସେଚନ ବିଭାଗର ମନ୍ତ୍ରୀ ଥିଲେ। କବିତାଙ୍କ କହିବା କଥା ଯେ ହେରଫେରରୁ ଟଙ୍କା ହଡ଼ପ ପରେ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ସହ ମିଶି ହରିଶ ଏବେ କେସିଆରଙ୍କ ଭାବମୂର୍ତ୍ତିକୁ ଖରାପ କରିବାକୁ ଚାହୁଁଛନ୍ତି। ସେ ପୂର୍ବତନ ରାଜ୍ୟସଭା ସାଂସଦ ଜେ ସନ୍ତୋଷ କୁମାରଙ୍କ ନାଁ ମଧ୍ୟ ନେଇଥିଲେ। ପରେ କବିତାଙ୍କୁ ବିଆରଏସ୍‌ରୁ ନିଲମ୍ବନ କରାଯାଇଥିଲା। ଏପରିକି ସେ ସମ୍ପର୍କୀୟ ଭାଇମାନଙ୍କ ବିରୋଧରେ ତାଙ୍କ ପରିବାରକୁ ଧ୍ୱଂସ କରିବାର ଯୋଜନା କରୁଥିବାର ଅଭିଯୋଗ ମଧ୍ୟ କରିଛନ୍ତି।

● ଚୀନ ପାଳନ କରୁଛି ଭିକ୍ଟ୍ରି ଡେ ପରେଡ

## ଆମେରିକା ବିରୋଧରେ ଷଡ଼ଯନ୍ତ୍ର: ଟ୍ରମ୍ପ



**ବେଜିଂ,୩।୯:** ଚୀନ ପାଳନ କରୁଛି ଭିକ୍ଟ୍ରି ଡେ ପରେଡ। ଶୁଭେଚ୍ଛା ଜଣାଇବା ସହ ଆମେରିକା ବିରୋଧରେ ଷଡଯନ୍ତ୍ର କରାଯାଉଥିବା ଅଭିଯୋଗ କରିଛନ୍ତି ଡୋନାଲ୍ଡ ଟ୍ରମ୍ପ । ସୋସିଆଲ ମିଡିଆରେ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି, ଆମେରିକା ବିରୋଧରେ ବଡ ଷଡଯନ୍ତ୍ର କରାଯାଉଛି । ଏହି ଅବସରରେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ଉତ୍ତରକୋରିଆ ସର୍ବୋଚ୍ଚ ନେତା କିମ୍ ଜଙ୍ଗ ଉନଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଟ୍ରମ୍ପ କହିଛନ୍ତି, ଚୀନର ବିଜୟ ପାଇଁ ଅନେକ ଆମେରିକୀୟ ନିଜ ଜୀବନ ଦେଇଛନ୍ତି । ସେମାନଙ୍କ ବଳିଦାନକୁ କେବଳ ଆମେରିକା ନୁହେଁ ବରଂ ଚୀନ ବି ମନେ ରଖିବା ଉଚିତ। ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ଓ ଜାପାନ ବିରୋଧରେ ବିଜୟର ୮୦ତମ ବିଜୟ ବାର୍ଷିକ ଉତ୍ସବ ପାଳନ କରୁଛି ଚୀନ । ଏହି ପରେଡରେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଓ ଉତ୍ତରକୋରିଆ ସର୍ବୋଚ୍ଚ ନେତା କିମ୍ ଜଙ୍ଗ ଉନଙ୍କ ସହ ୨୬ ଦେଶର ନେତା ଯୋଗଦେଇଛନ୍ତି ।

## ଦିଲ୍ଲୀ ଓ ପଞ୍ଜାବରେ ବନ୍ୟା ସ୍ଥିତି ଭୟଙ୍କର, ସମସ୍ତ ଶିକ୍ଷାନୁଷ୍ଠାନ ୭ ଯାଏଁ ଛୁଟି



**ପଞ୍ଜାବ/ ନୂଆଦିଲ୍ଲୀ, ୩।୯:** ପଞ୍ଜାବ, ଜମ୍ମୁ କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଭୟଙ୍କର ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି । ପଞ୍ଜାବର ସମସ୍ତ ୨୩ ଜିଲ୍ଲାରେ ୧୪୦୦ରୁ ଅଧିକ ଗାଁ ବନ୍ୟାରେ ପ୍ରଭାବିତ ହୋଇଛି । ବିଭିନ୍ନ ସ୍ଥାନରେ ଲୋକେ ଜଳବନ୍ଦୀ ଘେରରେ ରହିଛନ୍ତି । ଆସନ୍ତା ୭ ଯାଏଁ ରାଜ୍ୟର ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଛୁଟି ଘୋଷଣା ହୋଇଛି । ଏହି ବିପର୍ଯ୍ୟୟରେ ଏପର୍ଯ୍ୟନ୍ତ ୩୦ ଜଣଙ୍କର ମୃତ୍ୟୁ ଘଟିଛି । ସୋମବାର ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ୨୦ କିଲୋମିଟର ବ୍ୟାପୀ ଟ୍ରାଫିକ୍ ଜାମ୍ ହୋଇଥିଲା। ଫଳରେ ଗୁରୁଗ୍ରାମର ଘରୋଇ ଓ କର୍ପୋରେଟ୍ ଅଫିସ୍‌ଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ଘରୁ କାମ କରିବାକୁ କହିଥିଲେ। ବନ୍ୟା ଯୋଗୁ ଦିଲ୍ଲୀ-ଏନ୍‌ସିଆର୍‌ର ବିଭିନ୍ନ ରାସ୍ତା ସମେତ ଜମ୍ମୁ-କଶ୍ମୀର ଓ ଉତ୍ତରାଖଣ୍ଡର ବହୁ ରାସ୍ତା ଅବରୋଧ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି। ଖରାପ ପାଣିପାଗ ଯୋଗୁଁ ଦିଲ୍ଲୀରୁ ଲେହ ଯାଉଥିବା ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି । ଲେହରେ ମଧ୍ୟ ପାଗ ଖରାପ ରହିଛି । ପଞ୍ଜାବରେ ଅଗଷ୍ଟରେ ୨୫୩.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକଠାରୁ ୭୪ ପ୍ରତିଶତ ଅଧିକ ଏବଂ ୨୫ ବର୍ଷ ମଧ୍ୟରେ ସର୍ବାଧିକ। ୭ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ, ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର, ରାଜସ୍ଥାନ ଓ ହରିୟାଣାରେ ପ୍ରବଳ ବର୍ଷା ଲାଗି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ସତର୍କ କରାଇଛି।

# ୧୬ରେ ମିଗ୍-୨୧କୁ ଅବସର

### ଭୂ-ପୃଷ୍ଠରୁ ଆକାଶକୁ ନିକ୍ଷେପ ହୋଇ ପାରୁଥିବା କ୍ଷେପଣାସ୍ତ୍ର ଭାବେ ବ୍ୟବହାର ହେବ

**ନୂଆଦିଲ୍ଲୀ ୩।୯:** ମିଗ୍-୨୧କୁ ଏକ ଭବ୍ୟ ଉତ୍ସବରେ ୧୬ ସେପ୍ଟେମ୍ବର ୨୦୨୫ରେ ଭାରତୀୟ ବାୟୁସେନା (ଆଇଏଏଫ)ରୁ ଅବସର ଦିଆଯିବ। ଏଥି ମଧ୍ୟରେ ଖବର ଆସୁଛି ଏହି ସୁପରସୋନିକ ଯୁଦ୍ଧ ବିମାନକୁ ରିଟାୟାରମେଣ୍ଟ ପରେ କାମିକାଜେ ଡ୍ରୋନ ଅଥବା ଭୂ-ପୃଷ୍ଠରୁ ଆକାଶ (ସର୍ଫେସ ଟୁ ଏୟାର)କୁ ନିକ୍ଷେପ ହୋଇ ପାରୁଥିବା କ୍ଷେପଣାସ୍ତ୍ରର



ପରୀକ୍ଷଣ ପାଇଁ ଡ୍ରୋନରେ ବଦଳାଯାଇ ପାରେ। ଯଦି ସବୁ ଠିକଠାକ ରହିଲା ଅବସର ପରେ ମଧ୍ୟ ଏହି ଯୁଦ୍ଧବିମାନ ଶତ୍ରୁ ପାଇଁ କାଳ ହୋଇ ଉଭା ହେବ। ମିଗ୍-୨୧ ବାଇସନକୁ ୧୯୬୩ରେ ଆଇଏଏଫରେ ସାମିଲ କରାଯାଇଥିଲା। ଏହା ଭାରତର ପ୍ରଥମ ସୁପରସୋନିକ୍ ଫାଇଟର ଜେଟ୍ ଥିଲା। ଏହି ସ୍କ୍ୱାଡ୍ରନ ରିଟାୟାର୍ଡ ହେଲେ ଆଇଏଏଫର ସ୍କ୍ୱାଡ୍ରନ ସଂଖ୍ୟା ୨୯କୁ ଖସି ଆସିବ। ମିଗ୍‌ର ଜାଗା ସ୍ୱଦେଶୀ ଲାଇଟ୍ କମ୍ବାଟ ଏୟାରକ୍ରାଫ୍ଟ ତେଜସ୍ ମାର୍କ ୧ଏ ନେବ। ଆମେରିକା ବାୟୁସେନାରୁ ରିଟାୟାର ଏଫ-୧୬ ଯୁଦ୍ଧ ବିମାନଗୁଡ଼ିକୁ କ୍ୟୁଏଫ-୧୬ ନାମକ ଡ୍ରୋନ ଭାବେ ଉପଯୋଗ କରୁଛି। ଏହି ଡ୍ରୋନ ଗୁଡ଼ିକୁ ମିଜାଇଲ ଟେଷ୍ଟିଂରେ ଟାର୍ଗେଟ୍ ଭଳି ବ୍ୟବହାର କରାଯାଉଛି। ତେବେ ମିଗ୍-୨୧ ସହିତ ସମସ୍ୟା ହେଉଛି ଏହା ୧୯୫୦ ଦଶକରେ ନିର୍ମିତ ଯୁଦ୍ଧ ବିମାନ। ସମୟ ସହିତ ଏହାକୁ ଅଧିକ ଆଡଭାନ୍ସ କରାଯାଇଥିଲେ ବି ଏହାର ଅଧିକାଂଶ ସିଷ୍ଟମ ଏବେବି ଅଟୋମ୍ୟାଟିକ୍ ନୁହେଁ ମାନୁଆଲ ମୋଡରେ କାମ କରୁଛି। ଏଣୁ ଏହାକୁ ମୋଡିଫାଏ କରିବା ପାଇଁ ବ୍ୟୟ କିପରି ହ୍ରାସ କରାଯାଇ ପାରିବ ଏହାର ନିଷ୍ପତ୍ତି ବୈଜ୍ଞାନିକ ଓ ଟେକ୍ନିସିୟାନଙ୍କ ଉପରେ ନିର୍ଭର କରୁଛି।

# ବରିଷ୍ଠ ନାଗରିକ ସଂଘର ଡେଙ୍ଗୁ ସଚେତନତା ଶିବିର

**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ବରିଷ୍ଠ ନାଗରିକ ସଘଂ ପକ୍ଷରୁ ଡେଙ୍ଗୁ ସଚେତନତା ଶିବିର ବରିଷ୍ଠ ନାଗରିକ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖରପୁର ସରକାରୀ ଡାକ୍ତରଖାନାର ଡାକ୍ତର ଅକ୍ଷିତା ସୁବୁଦ୍ଧି ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡେଙ୍ଗୁ ସଂକ୍ରମଣର କାରଣ, ପ୍ରତିକାର ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟର କିପରି ଯତ୍ନ ନେବେ, ସେନେଇ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଯୁବନେତା ମନୋଜ କୁମାର ସାହୁ ଯୋଗଦେଇ କହିଥିଲେ ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ସେମାନେ ସୁସ୍ଥ ଓ ନିରୋଗ ରହିବା ଆବଶ୍ୟକ। ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ, ସହସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ, କୋଷାଧ୍ୟକ୍ଷ ବଂଶୀଧର ନାୟକ, ସଭ୍ୟ ତ୍ରିଲୋଚନ ମହାନ୍ତି, ଅରୁଣ କୁମାର ଦାଶ, ଅକ୍ଷୟ କୁମାର ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ନାଗରିକ ନିରଞ୍ଜନ ସାମଲ ଡେଙ୍ଗୁ ସଚେତନତା ଉପରେ ସ୍ୱଲିଖିତ କବିତା ପାଠ କରିଥିବା ବେଳେ ଉପସଭାପତି ପବିତ୍ର ମୋହନ ପରିଛା ଧନ୍ୟବାଦ ଦେଇଥିଲେ।

# ମେଘାଳୟରେ ଓଡ଼ିଆ ଯବାନ ସହିଦ

● କାନ୍ଦବୋବାଳିରେ ଫାଟି ପଡୁଛି ଗାଁ

**ଅତାବିରା,୩।୯(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଗୋଡ଼ଭଗାର ବିଏସ୍ଏଫ୍ ଯବାନ ଖଗେନ୍ଦ୍ର ମହାପାତ୍ର (୩୬) ମେଘାଳୟରେ ସହିଦ ହୋଇଥିବା ବେଳେ ଏହି ଦୁଃଖଦ ଖବରରେ ସମଗ୍ର ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମିଳିଥିବା ସୂଚନାନୁସାରେ ସ୍ୱର୍ଗତ ଖଗେନ୍ଦ୍ର ବିଏସ୍ଏଫ୍ ଯବାନ ଭାବେ ମଣିପୁର ଓ ମେଘାଳୟ ଅଞ୍ଚଳରେ କାର୍ଯ୍ୟରତ ଥିଲେ। ତେବେ ବୁଧବାର ସକାଳେ ପଡ଼ିଆରେ ଘାସ ସଫା କରୁଥିବା ବେଳେ ହଠାତ୍ ସେଠାରେ କୌଣସି କାରଣବଶତଃ ବିଦ୍ୟୁତ ଆଘାତର ସମ୍ମୁଖୀନ ହୋଇଥିଲେ। ପରେ ସେଠାକାର ଏକ ଡାକ୍ତରଖାନାରେ ଡାକ୍ତର ଖଗେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

ଏ ନେଇ ଗୋଡ଼ଭଗାରେ ଥିବା ଯବାନଙ୍କ ପରିବାର ଲୋକଙ୍କୁ ଫୋନ୍ ମଧ୍ୟରେ ଅବଗତ କରାଯାଇଥିଲା। ଏହି ଖବର ପାଇବା ପରେ ପରିବାର ଲୋକେ ଭାଙ୍ଗିପଡିଛନ୍ତି। ଖଗେନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ଶେଷ ହୋଇଥବୋ ବେଳେ ପାର୍ଥିବ ଶରୀର ଜନ୍ମସ୍ଥାନ ଗୋଡ଼ଭଗାକୁ ଅଣାଯିବାର ବ୍ୟବସ୍ଥା କରାଯାଇଛି।

ପାର୍ଥିବ ଶରୀର ଏଠାରେ ପହଞ୍ଚିବା ପରେ ଆସନ୍ତାକାଲି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସଂସ୍କାର କରାଯିବ। ଖଗେନ୍ଦ୍ରଙ୍କ ବିଧବା ପତ୍ନୀ ନୀଲମ ଓ ୪ ବର୍ଷର ପୁଅ ରୋନାଲ ଅଛନ୍ତି।

# ସ୍କୁଟି ସହ ନକଲି ଜର୍ଦ୍ଦା ଜବତ

**ଭଦ୍ରକ,୩।୯(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କମାରିଆ ବଜାରରୁ ତିହିଡ଼ି ପୁଲିସ ସ୍କୁଟି ସହ ୨୧ କି.ଗ୍ରାରୁ ଅଧିକ ନକଲି ଜର୍ଦ୍ଦା ଜବତ କରିଥିବା ବେଳେ ଏକ ସ୍କୁଟିକୁ ମଧ୍ୟ ଜବତ କରିଥିବା ଜଣାଯାଇଛି। ଏ ସମ୍ପର୍କରେ ପୁଲିସ ୩୦୯/୨୫ରେ ଏକ ମକଦ୍ଦମା ରୁଜୁ କରି ଭଦ୍ରକ ପୁରୁଣାବଜାର ଥାନ ଅଧୀନ ହେଲାସାହି ଗ୍ରାମର ଏସ.କେ. କୁର୍‌ବାନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପ୍ରକାଶ ଯେ ବୁଧବାର ମଧ୍ୟାହ୍ନରେ କମାରିଆ ବଜାରରେ ଏସ.କେ. କୁର୍‌ବାନ ନକଲି ଜର୍ଦ୍ଦା ବିକୁଥିବା ସମ୍ପର୍କରେ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା।

ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ପୁଲିସ୍ ଟିମ୍ କମାରିଆ ବଜାରରେ ପହଞ୍ଚି କୁର୍‌ବାନକୁ ନକଲି ଜର୍ଦ୍ଦା ସହିତ ଧରିଥିଲା। ସେ ଜର୍ଦ୍ଦା ବିକ୍ରିରେ ବ୍ୟବହାର କରୁଥିବା ସ୍କୁଟି ନଂ ଓଡି୨୨ଏସ୍୦୨୨୦କୁ ଜବତ କରିଥିବା ଜଣାଯାଇଛି।

# ନୂଆଦିଲ୍ଲୀରେ ଓମଫେଡ୍ କାଫେ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

## ଏଣିକି ଦିଲ୍ଲୀର ଜଗନ୍ନାଥ ମନ୍ଦିରଗୁଡ଼ିକରେ ଉପଲବ୍ଧ ହେବ ଓମଫେଡ୍ ଘିଅ

**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସରେ ଏକ ଓମଫେଡ୍ କାଫେ ଏବଂ କୋରାପୁଟ କଫି କାଫେର ଉଦ୍‌ଘାଟନ କରିଛନ୍ତି । ଏହି କାଫେ ଦିଲ୍ଲୀରେ ବସବାସ କରୁଥିବା ଓଡିଆ ଲୋକଙ୍କ ଆବଶ୍ୟକତା ପୂରଣ କରିବା ସହିତ ଅନ୍ୟ ଗ୍ରାହକମାନଙ୍କୁ ମଧ୍ୟ ସେବା ଯୋଗାଇ ଦେବ।

ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଭାବ ବିନିମୟ କରି କହିଥିଲେ ଯେ, ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆ ଭାଇ ଭଉଣୀମାନେ ଏବେ ଓମ୍‌ଫେଡ୍ ଦ୍ରବ୍ୟର ସ୍ୱାଦ ଉପଭୋଗ କରିପାରିବେ। ଏହାର ଅନୁପମ ସ୍ୱାଦ ଜନ୍ମମାଟି ସହ ଯୋଡ଼ି ହୋଇ ରହିବାରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ ଯେ ଓମ୍‌ଫେଡ୍ କାଫେକୁ ଦିଲ୍ଲୀବାସୀ ଓ ଅନ୍ୟ ରାଜ୍ୟର ଅଧିବାସୀ ମଧ୍ୟ ଆଦର କରିବେ। ଏହା ସହ କୋରାପୁଟ କଫିର ଚାହିଦା ନିଶ୍ଚୟ ବୃଦ୍ଧି ପାଇବ ବୋଲି କହିଥିଲେ। ଓଡ଼ିଶା ନିବାସରେ ଏହି ପଦକ୍ଷେପ ପାଇଁ ରେସିଡେଣ୍ଟ କମିଶନର ଏବଂ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।



ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ପୁରୀ ଶ୍ରୀମନ୍ଦିରରେ ଓମ୍‌ଫେଡ୍ ଘିଅ ବ୍ୟବହାର ହେବା ପରଠାରୁ ଏହାର ବିଶ୍ୱସନୀୟତା ବଢ଼ିଛି। ଓମ୍‌ଫେଡ୍ ବ୍ରାଣ୍ଡ ତାହାର ଗୁଣବତ୍ତା, ପବିତ୍ରତା ଓ ସ୍ୱାଦ ପାଇଁ ବେଶ ପରିଚିତ। ବିଭିନ୍ନ ଓଡ଼ିଆ ସଂଗଠନ ପକ୍ଷରୁ ଦିଲ୍ଲୀ ଜଗନ୍ନାଥ ମନ୍ଦିରଗୁଡ଼ିକରେ ଓମ୍‌ଫେଡ୍ ଘିଅର ଉପଲବ୍ଧତା ପାଇଁ ପୂର୍ବରୁ ଦାବି ହୋଇ ଆସୁଥିଲା। ଏବେ ଦିଲ୍ଲୀ ଜଗନ୍ନାଥ ମନ୍ଦିରଗୁଡ଼ିକରେ ଓମ୍‌ଫେଡ୍ ଘିଅ ବ୍ୟବହାର କରିବାରେ କୌଣସି ସମସ୍ୟା ରହିବ ନାହିଁ। ସୂଚନାଯୋଗ୍ୟ, ଲୋକଙ୍କ ସରକାର ରାଜ୍ୟର ଦୁଗ୍ଧ ଚାଷୀ ଏବଂ ଦୁଗ୍ଧ ଉତ୍ପାଦକମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଓମ୍‌ଫେଡ୍‌ରେ ସଂସ୍କାର ଆଣିଛି। ଦୁଗ୍ଧଚାଷୀମାନେ ଯୁକ୍ତିସଙ୍ଗତ ଦରରେ ଓମ୍‌ଫେଡ୍‌କୁ ଦୁଗ୍ଧ ବିକ୍ରି କରନ୍ତି ଏବଂ ଓମ୍‌ଫେଡ୍ ସେହି ଦୁଗ୍ଧର ଉଚ୍ଚ ଗୁଣବତ୍ତା ରକ୍ଷା କରି ଉପଭୋକ୍ତାଙ୍କ ପାଖରେ ଦ୍ରବ୍ୟ ପହଞ୍ଚାଇ ପାରୁଛି। ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା, ଦୁଗ୍ଧ ଉତ୍ପାଦକମାନଙ୍କର ସହଯୋଗ ଏବଂ ଓମ୍‌ଫେଡ୍‌ର ନିଷ୍ଠାପର ପ୍ରୟାସ ପାଇଁ ଏହା ସମ୍ଭବ ହୋଇପାରିଛି।

ଏହି କାଫେରେ ପନିର, ବଟର, ଘିଅ, ରାବିଡ଼ି, ଲସି, ଫ୍ଲେଭର ମିଲ୍କ, ଗୁଣ୍ଡଦୁଗ୍ଧ, ସାଦା ଓ ମିଠା ଦହି, ପେଡା, ଗୋଲାପ ଜାମୁ, ହଳଦି, ଏ୨ ଦୁଗ୍ଧ ପରି ଓମଫେଡ ଉତ୍ପାଦ ଉପଲବ୍ଧ ହେବ। ଓମଫେଡର ୧୦ ପ୍ରକାରର ଆଇସକ୍ରିମ୍ ମଧ୍ୟ ଏଠାରେ ଉପଲବ୍ଧ ହେବ । ଓମଫେଡ ଗୁଣବତ୍ତା ରକ୍ଷା କରି ଜନସାଧାରଣଙ୍କ ପାଇଁ ଉତ୍ପାଦ ପ୍ରସ୍ତୁତ କରୁଛି। ତେଣୁ ଆଗାମୀ ଦିନରେ ଓମଫେଡ ଉତ୍ପାଦ ଅନ୍ୟ ରାଜ୍ୟରେ ମଧ୍ୟ ବିକ୍ରି ହେବାର ସୁଯୋଗ ସୃଷ୍ଟି କରାଯିବ । ଓମଫେଡ ଓଡ଼ିଶାର ଗୋପାଳକଙ୍କ ନିଜସ୍ୱ ସଂଗଠନ। ଓମଫେଡର ବୃଦ୍ଧିରେ ରାଜ୍ୟର ଗୋପାଳକ ମାନେ ଲାଭବାନ ହେବେ। ଗୋପାଳକଙ୍କ ଆୟକୁ ବହୁଗୁଣିତ କରିବା ଲକ୍ଷ୍ୟରେ ଆମ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଓ ଗୋପାଳନର ବିକାଶ ଦିଗରେ ଏପରି ଯୋଜନା ଆଗରୁ କେବେ ହୋଇନଥିଲା। ରାଜ୍ୟର ଗୋପାଳକମାନେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଏବେ ସଶକ୍ତ ହୋଇପାରୁଛନ୍ତି।

କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ରେସିଡେଣ୍ଟ କମିସନର ବିଶାଲ ଗଗନ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ସଚିବ ବି. ପରମେଶ୍ୱରନ, ଟିଡିକଲ୍ ପରିଚାଳନା ନିର୍ଦ୍ଦେଶିକା ପୋମା ଟୁଡୁ, ଓମଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଓକିଲ ବନମାଳୀ ମହାପାତ୍ର ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ସରକାରୀ ଓକିଲ ବନମାଳୀ ମହାପାତ୍ରଙ୍କ ଅତିରିକ୍ତ ପିପି ଭାବେ କୋର୍ଟରେ ଭୂମିକା, ଅଟଳ ପ୍ରତିବଦ୍ଧତା, ଆଇନଗତ ଦକ୍ଷତା, ପ୍ରସ୍ତୁତି ଏବଂ ସ୍ପଷ୍ଟ ଉପସ୍ଥାପନା ଚନ୍ଦକା ଥାନା ମାମଲା ନଂ ୨୬୯ ଓ ସହିଦନଗର ଥାନା ମାମଲା ନଂ ୮୭ର ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏଥିପାଇଁ ତାଙ୍କୁ ଆଜି ପୁଲିସ କମିଶନର ଦେବଦତ୍ତ ସିଂ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ପେସାଦାର ମନୋବୃତ୍ତିକୁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ମଧ୍ୟ ଶ୍ରୀ ମହାପାତ୍ର ଦେଶର ନ୍ୟାୟିକ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହେବେ ବୋଲି ଶ୍ରୀ ସିଂହ ଆଶା ବ୍ୟକ୍ତ କରିଛନ୍ତି।

# ଜିଏସଟି ସରଳୀକରଣକୁ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୩।୯:** ଜିଏସଟି ପରିଷଦ ବୈଠକରେ ଜିଏସଟି ସ୍ଲାବରେ ହୋଇଥିବା ପରିବର୍ତ୍ତନକୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଜିଏସଟିରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ପାଇଁ ଲାଭଦାୟକ ହେବାକୁ ଥିବା ବେଳେ ଦେଶର ଟିକସ ବ୍ୟବସ୍ଥାକୁ ଆହୁରୀ ସରଳୀକରଣ କରିବ। କେନ୍ଦ୍ର ସରକାରଙ୍କ ଅମୃତକାଳରେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଏହି ଲକ୍ଷ୍ୟ ପୂରଣରେ ଓଡିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ବୋଲି ସେ କହିଛନ୍ତି।

ରାଜ୍ୟର ଆଦିବାସୀ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦୁପତ୍ର ଉପରୁ ଜିଏସଟିକୁ ୧୮ ପ୍ରତିଶତରୁ ୫ ପ୍ରତିଶତରୁ ହ୍ରାସ ଦ୍ୱାରା ଆଦିବାସୀମାନେ ଉପକୃତ ହେବେ। ଏହାଦ୍ୱାରା ରାଜ୍ୟରେ କେନ୍ଦୁପତ୍ର ସଂଗ୍ରହ ଆହୁରି ବଢ଼ିବ ବୋଲି ସେ କହିଛନ୍ତି। କେନ୍ଦୁପତ୍ର ତୋଳାରେ ସାମିଲ ତୋଳାଳି ଓ ଭେଣ୍ଡରମାନେ ମଧ୍ୟ ଲାଭବାନ ହେବେ। ସେହିଭଳି କୃଷି ସାମଗ୍ରୀ, ଆଗ୍ରିକଲଚର ଇନପୁଟ ଓ ଯନ୍ତ୍ରପାତି ଉପରୁ ଜିଏସଟି ହ୍ରାସ ଚାଷୀଙ୍କ ଉପରେ ପଡୁଥିବା ଆର୍ଥିକ ବୋଝ କମାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଚାଷ ଓଡିଶାର ଅର୍ଥନୀତିର ମେରୁଦଣ୍ଡ। ତେଣୁ ଏହାଦ୍ୱାରା ଓଡିଶାର ଚାଷୀମାନେ ଅଧିକ ଲାଭବାନ ହେବେ ବୋଲି ସେ କହିଛନ୍ତି। ଗ୍ରାମୀଣ ଅର୍ଥନୀତି ବଢ଼ିବା ସହ ଦେଶର ଖାଦ୍ୟ ସୁରକ୍ଷାକୁ ଓଡିଶାର ଯୋଗଦାନ ବଢ଼ିବ।

ଜିଏସଟି ହାରରେ ସଂଶୋଧନ କରାଯିବା ଦ୍ୱାରା ଛୋଠ ବ୍ୟବସାୟୀଙ୍କ ଜିଏସଟି ଦାଖଲ ପ୍ରକ୍ରିୟା ଅଧିକ ସରଳ ହୋଇପାରିବ। ଛୋଟ ଛୋଟ ବ୍ୟବସାୟୀ, ଷ୍ଟଟଅପ ଓ ଆତ୍ମନିର୍ଭରଶୀଳ ବ୍ୟକ୍ତିମାନେ ମଧ୍ୟ ଏହାଦ୍ୱାରା ଲାଭବାନ ହେବେ। ଏହାଦ୍ୱାରା ଜିଏସଟି ଦାଖଲ ସମୟ ମଧ୍ୟ କମିବ। ଏଥିସହିତ ଟିକସଦାତା ଓ ସରକାରଙ୍କ ମଧ୍ୟରେ ବିଶ୍ୱାସ ଓ ସହଭାଗିତା ବଢ଼ିବ ବୋଲି ସେ ଆଶା ରଖିଛନ୍ତି।

# ୟୁପି ଶ୍ରମ ମନ୍ତ୍ରୀଙ୍କ ଓଡ଼ିଶା ଆଗମନ



**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ଉତ୍ତର ପ୍ରଦେଶ ସରକାରଙ୍କ ଶ୍ରମ ଓ ନିଯୁକ୍ତି, ସମନ୍ୱୟ ବିଭାଗର ମନ୍ତ୍ରୀ ଅନିଲ ରାଜଭରଙ୍କ ଓଡ଼ିଶା ଆଗମନ ଅବସରରେ ଆଜି ଭୁବନେଶ୍ୱର ବିମାନ ବନ୍ଦରରେ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆଙ୍କ ସମେତ ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଯୁଗ୍ମ ଶ୍ରମ କମିଶନର ପ୍ରଣବ କୁମାର ପାତ୍ର, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ), ଭୁବନେଶ୍ୱର ପ୍ରଭାକର ବିଶ୍ୱାଳ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ମନ୍ତ୍ରୀ ଶ୍ରୀ ରାଜଭରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଗସ୍ତ ସମୟରେ ମନ୍ତ୍ରୀ ଶ୍ରୀ ରାଜଭର ଶ୍ରମିକ କଲ୍ୟାଣ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ରାଜ୍ୟ ସହ ସହଯୋଗକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହାଛଡ଼ା ତାଙ୍କର ବିଶ୍ୱ କୌଶଳ କେନ୍ଦ୍ର ମଧ୍ୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

# ବାଲି ଚାଲାଣ ବେଳେ ୭ ହାଇୱା ଜବତ

**ଭଦ୍ରକ,୩।୯(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ବିଭିନ୍ନ ଅଞ୍ଚଳରୁ ବେଆଇନ ବାଲି ଚାଲାଣ ହେଉଥିବା ନେଇ ଧାମନଗର ଥାନା ରେ ନୂଆ କରି ଯୋଗଦେଇଥିବା ଥାନା ଅଧିକାରୀ ରଞ୍ଜନ ସେଠୀ ଏବେ ଆକ୍ସନ ମୁଡ୍‌ରେ ଅଛନ୍ତି।ବିଭିନ୍ନ ସ୍ଥାନ ମାନଙ୍କରେ ବେଆଇନ ଡୀଜେ ଉପରେ ଆକ୍ସନ ନେଇଥିବା ବେଳେ ଏବେ ବାବୁ ଙ୍କ ଚୋରାବାଲିଗାଡ଼ି ଉପରେ ନଜର ପଡ଼ିଛି।ସୂଚନା ଥାଉକି ଗତକାଲି ବିଳମ୍ବିତ ରାତିରେ ଧାମନଗର ଅଞ୍ଚଳର ୭ଟି ବାଲି ବୋଝେଇ ହାଇୱା ବେଆଇନ ଭାବେ ବିନା କାଗଜପତ୍ରରେ ବାଲି ବୋଝେଇ କରି ଆସୁଥିବା ବେଳେ ଧାମନଗର ଥାନାଧିକାରୀ ରଞ୍ଜନ ସେଠୀ, ଏସଆଇ ରାଜେଶ ସେଠୀ ଓ ଅନ୍ୟ ପୁଲିସ କର୍ମଚାରିମାନେ ଦୋବଲ ଓ ଦେହୁଡିଆନନ୍ଦପୁର ଅଞ୍ଚଳରୁ ସେଗୁଡିକୁ ଧରିଥିଲେ। ସେଥିରୁ ୩ ଜଣ ଡ୍ରାଇଭର ଗାଡ଼ି ଛାଡି ଦୌଡ଼ି ପଳାଇଯାଇଥିଲେ। ଆଜି ସକାଳେ ଗାଡ଼ିଗୁଡ଼ିକୁ ଥାନାକୁ ଆଣିବା ସହ ଶ୍ରୀ ସେଠୀ ୩୨୬/୨୫ରେ ଏକ ମାମଲା ରୁଜୁ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମଧ୍ୟବିତ୍ତଙ୍କୁ...

ସେହିପରି ଟୁଥବ୍ରସ, ସେଭିଂ କ୍ରିମ, ବଟର, ଘିଅ ଉପରେ ଜିଏସଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ପ୍ୟାକିଂ ହୋଇଥିବା ନମକିନ ଖାଦ୍ୟ, ଭୁଜିଆ, ମିକ୍ସଚର ଓ ବାସନକୁସନ ଉପରୁ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ କମାଯାଇଛି। ଫିଡିଂ ବୋତଲ, ନ୍ୟାପକିନ ଓ କ୍ଲିନିକାଲ ଡାଇପର ଉପରେ ମଧ୍ୟ ଜିଏସଟିକୁ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ଜୀବନ ବିମା ଉପରୁ ଜିଏସଟି ସମ୍ପୂର୍ଣ୍ଣ ଛାଡ କରାଯାଇଥିବା ବେଳେ ଥର୍ମୋମିଟର, ଅକ୍ସିଜେନ, ସବୁ ପ୍ରକାର ଡାଇଗ୍ନୋଷ୍ଟିକ କିଟ, ଗ୍ଲୁକୋମିଟର ଓ ଚସମା ଉପରେ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ଛାତ୍ରଛାତ୍ରୀମାନେ ବ୍ୟବହାର କରୁଥିବା ମ୍ୟାପ, ପେନସିଲ, ସାର୍ପନର, କ୍ରେୟନ, ଖାତା ଓ ରବର ଉପରୁ ଜିଏସଟି ସମ୍ପୂର୍ଣ୍ଣ ଛାଡ କରାଯାଇଛି।

ଚାଷୀଙ୍କ ପାଇଁ ମଧ୍ୟ ସେହିଭଳି ଟ୍ରାକ୍ଟର ଟାୟାର ଓ ସ୍ପେୟାର ପାର୍ଟସ ଉପରେ ଜିଏସଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ଟ୍ରାକ୍ଟର, ବାୟୋ ପେଷ୍ଟିସାଇଡ, ଗଭୀର ଜଳସେଚନ ବ୍ୟବସ୍ଥା, ପାଣି ସ୍ପ୍ରିଙ୍କଲର, କୃଷି, ଉଦ୍ୟାନ କୃଷି ଯନ୍ତ୍ରପାତି ଉପରୁ ଜିଏସଟିକୁ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ୧୨ଶହ ସିସି ଭିତରେ ରହୁଥିବା ସବୁ ପ୍ରକାର ପେଟ୍ରୋଲ ଓ ହାଇବ୍ରିଡ ପେଟ୍ରୋଲ ଏବଂ ସିଏନଜି କାର ଉପରେ ଜିଏସଟି ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି। ୧୫ଶହ ସିସି ମଧ୍ୟରେ ସବୁ ପ୍ରକାର ଡିଜେଲ, ହାଇବ୍ରିଡ କାର ଉପରୁ ମଧ୍ୟ ଜିଏସଟି ୨୮ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି। ୩୫୦ସିସି ତଳକୁ ଥିବା ସବୁ ପ୍ରକାର ମୋଟୋର ସାଇକେଲ ଉପରେ ଜିଏସଟି ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ କମାଯାଇଛି। ୧୨ଶହ ସିସି ଉପରରୁ ସବୁ ଦାମୀ କାର ଉପରେ ୪୦ ପ୍ରତିଶତ ଜିଏସଟି ଲାଗୁ ହେବ।

୩୨ ଇଞ୍ଚରୁ ଅଧିକ ଏଲଇଡି ଓ ଏଲସିଡି ଟିଭି, ଏସି, କମ୍ପ୍ୟୁଟର ମନିଟର, ପ୍ରୋଜେକ୍ଟର, ୱାସିଂ ମେସିନ ଭଳି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରୁ ମଧ୍ୟ ଜିଏସଟି ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ କମାଯାଇଛି। ସିମେଣ୍ଟ ଉପରୁ ମଧ୍ୟ ଜିଏସଟି ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ କମାଇଛନ୍ତି କେନ୍ଦ୍ର ସରକାର। ତେବେ ମୋବାଇଲ, ଲାପଟପ, କମ୍ପ୍ୟୁଟର, ଟାବଲେଟ, ମୋବାଇଲ ୱାଇଫାଇ ଓ ଟେଲିଫୋନ ବିଲ ଉପରେ ଜିଏସଟି ପୂର୍ବପରି ୧୮ ପ୍ରତିଶତ ରହିଛି। ହଜାରେ ଟଙ୍କାରୁ କମ ସବୁ ପ୍ରକାର ଜୋତା ଚପଲ ଉପରେ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ କମାଯାଇଥିବା ବେଳେ ହଜାରେ ଟଙ୍କାରୁ ଅଧିକ ମୂଲ୍ୟର ଜୋତା ଉପରେ ଜିଏସଟି ପୂର୍ବ ପରି ୧୮ ପ୍ରତିଶତ ରହିଛି। ହଜାରେ ଟଙ୍କାରୁ କମ ମୂଲ୍ୟର ପୋଷାକ ଉପରେ ଜିଏସଟି ପୂର୍ବପରି ୫ ପ୍ରତିଶତ ରହିଥିବା ବେଳେ ହଜାରେରୁ ଅଧିକ ମୂଲ୍ୟର ପୋଷାକ ଉପରେ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ବିମାନଯାତ୍ରାରେ ସେହିଭଳି ବିଜନେସ କ୍ଲାସ ଟିକେଟ ଦରରେ ଜିଏସଟି ୧୨ରୁ ୫ ପ୍ରତିଶତକୁ କମାଯାଇଛି, କିନ୍ତୁ ଇକୋନୋମି କ୍ଲାସ ଟିକେଟ ଦର ୫ ପ୍ରତିଶତ ଅପରିବର୍ତ୍ତିତ ରହିଛି। ୭୫୦୦ ଟଙ୍କାରୁ କମ ମୂଲ୍ୟର ହୋଟେଲରେ ରହଣୀ ଉପରେ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ହୋଇଛି। ତାଠାରୁ ଅଧିକ ମୂଲ୍ୟର ହୋଟେଲରେ ଜିଏସଟି ଅପରିବର୍ତ୍ତିତ ରହିଛି। ନୂଆ ଜିଏସଟି ସ୍ଲାବରେ ୧୨ ପ୍ରତିଶତ ସ୍ଲାବରେ ଥିବା ୯୯ପ୍ରତିଶତ ସାମଗ୍ରୀ ଏବେ ୫ ପ୍ରତିଶତ ଶ୍ରେଣୀକୁ ଆସିଥିବା ବେଳେ ୨୮ ପ୍ରତିଶତ ସ୍ଲାବରେ ଥିବା ୯୦ ପ୍ରତିଶତରୁ ଅଧିକ ସାମଗ୍ରୀ ୧୮ ପ୍ରତିଶତ ସ୍ଲାବକୁ ଆସିଛି।

## ଦିନକରେ...

ସେହିଭଳି ଇନାରୀ ଆମେର୍ଟନ ବେର୍ହାଡ ଓ ଏପିଆଇଆରସି ପେନାଙ୍ଗ ସହ ୧୬୫୦ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଚୁକ୍ତି ହୋଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ' ହ୍ୟାଣ୍ଡଲରେ ଉଲ୍ଲେଖ କରିଛନ୍ତି। ଏଥିସହ ଇନଟେଲ, ମାଇକ୍ରନ, ୱେଷ୍ଟର୍ଣ୍ଣ ଡିଜିଟାଲ, ରେନେସାସ ଓ ସିମେନ୍ସ ସହ ମଧ୍ୟ ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ନେଇ ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି।

ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପର ବିକାଶ ପାଇଁ ସରକାର ଏହାଦ୍ୱାରା ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ସେମିକଣ୍ଡକ୍ଟର ସହ ଅତ୍ୟାଧୁନିକ ଇଲୋକ୍ଟ୍ରୋନିକ୍ସ ଶିଳ୍ପର ବିକାଶ ସାଙ୍ଗକୁ ଓଡ଼ିଶାକୁ ଏସବୁ ଶିଳ୍ପର ହବ କରିବାକୁ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଓ ପ୍ରୋତ୍ସାହନ ବାବଦରେ ନିବେଶକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅବଗତ କରିଛନ୍ତି। କେନ୍ଦ୍ର ସରକାରଙ୍କ ସେମିକଣ୍ଡକ୍ଟର ମିଶନ ଓ ରାଜ୍ୟ ସରକାରଙ୍କ ସେମିକଣ୍ଡକ୍ଟର ଉତ୍ପାଦନ ଓ ଫାବଲେସ ନୀତି-୨୦୨୫ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ନୀତି-୨୦୨୫ରେ ରହିଥିବା ବ୍ୟବସ୍ଥା ସମ୍ପର୍କରେ ନିବେଶକଙ୍କୁ ଅବଗତ କରାଯାଇଥିଲା। ଏହି ଦୁଇଟି ନୀତି ଜରିଆରେ ରାଜ୍ୟ ସରକାର ନିବେଶକଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ଭିତ୍ତିଭୂମି ସାଙ୍ଗକୁ ଇକୋ ସିଷ୍ଟମର ବିକାଶ କରୁଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଭାଗୀୟ ପ୍ରମୁଖ ସଚିବ ବିଶାଲ ଦେବ, ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ପ୍ରମୁଖ ନିବେଶକଙ୍କ ସହ ରାଜ୍ୟରେ ଉପଲବ୍ଧ ସୁବିଧା ସୁଯୋଗ ଓ ସରକାରୀ ପ୍ରୋତ୍ସାହନ ନେଇ ଆଲୋଚନା କରିଥିଲେ। ଥମସନ କମ୍ପ୍ୟୁଟିଂ, ଇନେୟୁ, ଏଏସପି ସେମିକନ, ଭିଭିଡିଏନ ଟକ୍ନୋଲୋଜି, ବ୍ରାଣ୍ଡୱାର୍କସ, ଇନସେମୀ, ଫେଲକନ ଓ ଇନଟେଲ ଭଳି ବିଶ୍ୱସ୍ତରୀୟ କମ୍ପାନୀ ସହ ସରକାର ଆଲୋଚନା କରିଥିଲେ। ନିବେଶକଙ୍କ ସହ ଆଲୋଚନା ସମୟରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ ଯେ ଦେଶର କିଛି ପ୍ରମୁଖ ରାଜ୍ୟ ମଧ୍ୟରେ ଓଡିଶା ରହିଛି, ଯାହା ପାଖରେ ସେମିକଣ୍ଡକ୍ଟର ଶିଳ୍ପର ବିକାଶ ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ ରହିଛି।

ସିଙ୍ଗାପୁର, ମାଲେସିଆ, ଯୁକ୍ତରାଷ୍ଟ୍ର ଆମେରିକା ଓ ନେଦରଲ୍ୟାଣ୍ଡ୍ସ ପରି ୪ଟି ସହଯୋଗୀ ରାଷ୍ଟ୍ରର ପ୍ରତିନିଧିଙ୍କ ସହ ୪ଟି ରାଉଣ୍ଡ ଟେବୁଲ ଆଲୋଚନା କରିଥିଲେ ରାଜ୍ୟ ସରକାର। ଏଥିରେ ପରସ୍ପର ମଧ୍ୟରେ ଟେକ୍ନୋଲୋଜିର ଆଦାନପ୍ରଦାନ ସାଙ୍ଗକୁ ସେମିକଣ୍ଡକ୍ଟର ଶିଳ୍ପରେ ଶିଳ୍ପ-ଶିଳ୍ପ ମଧ୍ୟରେ ଭାଗିଦାରୀ ନେଇ ମଧ୍ୟ ଆଲୋଚନା ହୋଇଥିଲା। ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ପାଇଁ କେବଳ ବ୍ୟବସାୟିକ ସୁଯୋଗ ନାହିଁ, ରାଜ୍ୟରେ ଦକ୍ଷ ମାନବ ସମ୍ବଳ ମଧ୍ୟ ରହିଥିବା ବିଭାଗୀୟ ପ୍ରମୁଖ ସଚିବ କହିଛନ୍ତି।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସେମିକନ୍ ଇଣ୍ଡିଆ ୨୦୨୫ ଅବସରରେ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପର ଅଗ୍ରଣୀ ସିଇଓଙ୍କ ସହିତ ମତ ବିନିମୟ କରିଛନ୍ତି। ଶ୍ରୀ ମୋଦି କହିଛନ୍ତି ଯେ ଏହି କ୍ଷେତ୍ରରେ ଭାରତର ନିରନ୍ତର ସଂସ୍କାର ଯାତ୍ରା ବିଷୟରେ ମୁଁ କଥା ହୋଇଛି। ଦୃଢ଼ ଭିତ୍ତିଭୂମି ନିର୍ମାଣ ଏବଂ ନବୋନ୍ମେଷ ସହିତ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ବିଷୟ ଆଲୋଚନାରେ ସାମିଲ ଥିଲା।' ସେ କହିଛନ୍ତି ଯେ ଆଜି ଦିନର ପ୍ରାରମ୍ଭରେ, ସେମିକନ୍ ଇଣ୍ଡିଆ ୨୦୨୫ ଅବସରରେ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପର ଅଗ୍ରଣୀ ସିଇଓଙ୍କ ସହ ମତ ବିନିମୟ ଦେଶର ସମ୍ଭାବନା ଉପରେ ସେମାନଙ୍କର ଆତ୍ମବିଶ୍ୱାସ ସ୍ପଷ୍ଟ ରୂପେ ପ୍ରତିଫଳିତ ହେଉଛି ଓ ଭାରତକୁ ବିଶ୍ୱ ସେମିକଣ୍ଡକ୍ଟର ନବୋନ୍ମେଷ ଏବଂ ଉତ୍ପାଦନର ଏକ ଅଗ୍ରଣୀ କେନ୍ଦ୍ର ଭାବେ ସେମାନେ ବଡ଼ ନିବେଶ କରିବା ଲାଗି ପ୍ରସ୍ତୁତ।

## କଂଗ୍ରେସକୁ...

ଯେ ଲୋକମାନେ ବିରୋଧୀ ଦଳଠାରୁ ଯେଉଁ ଆଶା ରଖୁଛନ୍ତି, ବିଜେଡି ତାହା ପୂରଣ କରିପାରୁନାହିଁ। ବିଜେଡି ଯଦି ମୁଖ୍ୟ ବିରୋଧୀ ଦଳ ଭାବେ ନିଜର ଦାୟିତ୍ୱ ଠିକ ଭାବେ ନିର୍ବାହ ନ କରେ, ତା'ହେଲେ କଂଗ୍ରେସ ରାଜ୍ୟରେ ଆହୁରି ଅଧିକ ବଢ଼ିବ ବୋଲି ସେ ଖୋଲା ମତ ଦେଇଛନ୍ତି। ଏହି ବୟାନ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି ଯେ ଭୂପିନ୍ଦର ଖୁବ ଶୀଘ୍ର ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇପାରନ୍ତି। ତେବେ ଏ ସମ୍ପର୍କରେ ସେ ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବେ କିଛି କହିନାହାଁନ୍ତି। ତାଙ୍କର ଏହି ବୟାନ ଓଡ଼ିଶାର ରାଜନୀତିରେ ଏକ ନୂଆ ମୋଡ଼ ଆଣିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।

## ସ୍କୁଲ ସହ...

ସାକାର କରିବା ଦିଗରେ ଏକ ସଫଳ ପଦକ୍ଷେପ ହେବ। ବିକଶିତ ଭାରତର ଲକ୍ଷ୍ୟ ସେତେବେଳେ ପୂରଣ ହେବ ଯେତେବେଳେ ଆମେ ଆଗାମୀ ଦିନରେ ଶତପ୍ରତିଶତ ଗର୍ଭବତୀ ମହିଳା, ନବଜାତ ଶିଶୁ ଓ ସ୍କୁଲ ଯିବାକୁ ଥିବା ଶିଶୁମାନଙ୍କର ଯତ୍ନ ନେବା। ଏହି ଅବସରରେ ଶ୍ରୀ ପ୍ରଧାନ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପାଠ ପଢ଼ିନଥିବା ଏବଂ ଆଗକୁ ପାଠ ପଢ଼ିବା ପାଇଁ ଇଚ୍ଛା ରଖୁଥିବା ଅଙ୍ଗନବାଡ଼ି ଦିଦିଙ୍କ ପାଇଁ ମଡ୍ୟୁଲ ପ୍ରସ୍ତୁତ କରିବାକୁ ମହିଳା, ଶିଶୁ ବିକାଶ ଓ ଶିକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ ଏଆଇ ସମେତ ଅନ୍ୟ ଜ୍ଞାନକୌଶଳ ମାଧ୍ୟମରେ ବିଶ୍ୱରେ ଜୀବନଶୈଳୀ ସହଜ ହୋଇଛି।ଏଥିପାଇଁ ଆମକୁ ଏଆଇର ଉପଯୋଗ କରି ପିଲାମାନଙ୍କ ଭବିଷ୍ୟତ ନିର୍ମାଣ କରିବା ଉପରେ ଦୃଷ୍ଟି ଦେବା ଉଚିତ୍। ଆମର ଅଙ୍ଗନବାଡ଼ି ଦିଦିମାନେ ପିଲାମାନଙ୍କର ପ୍ରଥମ ଗୁରୁ ଏବଂ ଏଆଇ ମାଧ୍ୟମରେ ଭାରତୀୟ ଭାଷାରେ ଶିକ୍ଷାକୁ ଅଧିକ ସରଳ କରାଯାଇପାରିବ। ଆଗାମୀ ୩ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨ ଲକ୍ଷ ବେସରକାରୀ ଏବଂ ସରକାରୀ ହାଇସ୍କୁଲରେ ବ୍ରଡବ୍ରାଣ୍ଡ୍ ଇଣ୍ଟରନେଟ୍ ସଂଯୋଗ କରାଯିବ। ଆସର୍ ଓ ପରଖ ରିପୋର୍ଟର ସାମ୍ପ୍ରତିକ ତଥ୍ୟନୁସାରେ ଗାଁରେ ପିଲାମାନଙ୍କର ଶିକ୍ଷଣ ଫଳାଫଳରେ ସହର ଅପେକ୍ଷା ଭଲ ହୋଇଛି। ଏହି ଅଭୂତପୂର୍ବ ସଫଳତା ଆମ ଅଙ୍ଗନବାଡ଼ି ଦିଦିମାନଙ୍କର କଠିନ ପରିଶ୍ରମର ପ୍ରତିଫଳନ। ବର୍ତ୍ତମାନ ସମୟରେ ଆମର ଦାୟିତ୍ୱ ହେଉଛି, ଦେଶର ପ୍ରାୟ ୧୫ କୋଟି ପିଲାଙ୍କର ଉପଯୁକ୍ତ ଯତ୍ନ, ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ଯତ୍ନ ନେଲେ ହିଁ ୨୦୪୭ ସୁଦ୍ଧା ବିକଶିତ ଭାରତ ଓ ନିପୁଣ ଭାରତର ସ୍ୱପ୍ନ ସାକାର ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ଶିକ୍ଷା ଏବଂ ସାକ୍ଷରତା ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟ/ କେନ୍ଦ୍ରଶାସିତ ପ୍ରଦେଶର ଉଭୟ ବିଭାଗର ପ୍ରତିନିଧି ଏବଂ ଅଙ୍ଗନବାଡ଼ି କର୍ମଚାରୀମାନେ ଯୋଗଦେଇଥିଲେ।

## ୨୦୨୬ ସୁଦ୍ଧା...

୩,୬୦୦ଡଲାର ଏବଂ ୨୦୨୬ ପ୍ରଥମାର୍ଦ୍ଧରେ୩,୬୦୦-୩,୮୦୦ ଡଲାର ମଧ୍ୟରେ ରହିବ। ଭୂ-ରାଜନୀତିକ ଉତ୍ତେଜନା ବୃଦ୍ଧି ପାଇଲେ ଏହା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ବି ରହିଛି। ଦେଶୀୟ ବଜାରରେ ସୁନା ମୂଲ୍ୟ ବୃଦ୍ଧିରେ ଟଙ୍କାର ଦୁର୍ବଳ ସ୍ଥିତି ଓ ନିବେଶ ଚାହିଦା ମୁଖ୍ୟ ଭୂମିକା ଗ୍ରହଣ କରିଛି। ଭାରତୀୟ ମ୍ୟୁଚୁଆଲ ଫଣ୍ଡ ସଙ୍ଗଠନ (ଏଏମ୍ଏଫ୍ଆଇ) ଅନୁସାରେ, ଗତ ଜୁଲାଇରେ ୧୨.୬ ବିଲିୟନ ଟଙ୍କାର ନେଟ ନିବେଶ ହୋଇଛି, ଯାହା ଗତ ବର୍ଷ ତୁଳନାରେ ଦୁଇଗୁଣ। ସେହିପରି ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଯଦି ଟଙ୍କାର ମୂଲ୍ୟ ଅନୁମାନିତ ସୀମାଠାରୁ ଅଧିକ ହ୍ରାସ ପାଏ, ତେବେ ସୁନା ମୂଲ୍ୟ ଆହୁରି ଅଧିକ ମଧ୍ୟ ହୋଇପାରେ।

## ଧାଡ଼ି ଦର୍ଶନ...

ଦର୍ଶନ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି। ନାଟମଣ୍ଡପକୁ ବାତାନୁକୁଳିତ କରିବାକୁ ମଧ୍ୟ ଏଏସଆଇ ଅନୁମୋଦନ ଦେଇଛି।

ଏହାଛଡ଼ା ଦିବ୍ୟାଙ୍ଗମାନଙ୍କ ପାଇଁ ଉତ୍ତର ଦୁଆରରେ ର୍ୟାମ୍ପ୍ ବ୍ୟବସ୍ଥା ପାଇଁ ଏକ କମିଟି ଗଠନ ହୋଇଛି। ସେଥିପାଇଁ ଏକ ଏସ୍ଓପି ଜାରି କରାଯିବ। ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଦୀଘାରେ ଜଗନ୍ନାଥ ଧାମ ଲେଖାକୁ ନେଇ ପରିଚାଳନା କମିଟି କ୍ଷୋଭ ପ୍ରକାଶ କରିଛନ୍ତି। ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ନେଇ ଆସନ୍ତା ୬ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ଭାବେ ଗଜପତି ମହାରାଜା ସୂଚନା ଦେବେ। ଜଗନ୍ନାଥ ଧାମ ଶବ୍ଦର କୌଣସି ଅପବ୍ୟବହାର କରାଯାଇପାରିବ ନାହିଁ। ସେହିପରି ସଂସଦ ଭବନରେ ରଥଚକ ସ୍ଥାନ ପାଇବା ପ୍ରସ୍ତାବକୁ ପରିଚାଳନା କମିଟି ଅନୁମୋଦନ ଦେଇଛି। ଆହୁରି ଶ୍ରୀମନ୍ଦିର ଭିତରେ ମାତୃ ସ୍ତନ୍ୟପାନ ଗୃହ କାର୍ଯ୍ୟକ୍ଷମ ସଂକ୍ରାନ୍ତରେ ଆଲୋଚନା ହୋଇଛି ବୋଲି ଡ. ପାଢ଼ୀ କହିଛନ୍ତି।

## ଅସ୍ତ୍ର ଛାଡ଼ିଲେ...

କରିଛନ୍ତି। ପରବର୍ତ୍ତୀ ସମୟରେ ସେମାନଙ୍କୁ ସରକାରଙ୍କ ନିୟମ ଅନୁସାରେ ଥଇଥାନ କରାଯିବ ବୋଲି ମଧ୍ୟ ସୁକୁମା ଏସପି କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ କେତେକ ସଂଗଠନରେ ଆଦର୍ଶର ଅଭାବ ଓ ନିରୀହ କ୍ୟାଡରମାନଙ୍କୁ ଦିଆଯାଉଥିବା ନିର୍ଯାତନାରେ ବ୍ୟତିବ୍ୟସ୍ତ ହୋଇ ଏପରି ପଦକ୍ଷେପ ନେଇଥିବା କହିଛନ୍ତି। ସେହିପରି ଛତିଶଗଡ଼ ସରକାର ଦୁର୍ଗମ ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଥିବାରୁ କେତେକ ମାଓବାଦୀ ଏଥିରେ ପ୍ରଭାବିତ ହୋଇ ସମାଜର ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଥିବା ଏସ୍‌ପି ଶ୍ରୀ ଚୌହାନ୍ କହିଛନ୍ତି।

# ୧୦ରୁ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ



**ଭୁବନେଶ୍ୱର,୩।୯ (ସଂଚାର ବ୍ୟୁରୋ):** ଜୀବନ ହାରିବା ରୋକିବାକୁ ସରକାରଙ୍କ ଉଦ୍ୟମ। ଜୀବନ ଜିନ୍ଦାବାଦ ନାମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସରକାର। କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ବିଭାଗ, ଗୃହ ବିଭାଗ,ମହିଳା ଓ ଶିଶୁ ବିକାଶ ବିଭାଗକୁ ସାମିଲ କରାଯିବ। ପ୍ରତି ଜିଲ୍ଲା ମୁଖ୍ୟାଳୟରେ ଏହି ସଚେତନତା କାର୍ଯକ୍ରମ କରାଯିବ। ଏନେଇ ଆଜି ଲୋକସେବା ଭବନରେ ବଡ ବୈଠକ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ବୈଠକ ଆଲୋଚନା କରାଯାଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ପୁଲିସ ଡିଜି ପ୍ରମୁଖ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୧୦ ତାରିଖରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ କଲେଜ, ସ୍କୁଲ ଛାତ୍ରଛାତ୍ରୀ ଓ ଯୁବବର୍ଗମାନେ ସାମିଲ ହେବେ। ୭୦ରୁ ଅଧିକ କଳାକାର ଏଥିରେ ସାମିଲ ହେବେ। ମହିଳା ଶିଶୁ ବିକାଶ ବିଭାଗ, ଗୃହ ଓ ଉଚ୍ଚ ଶିକ୍ଷା ବିଭାଗ ବିଭାଗ ପକ୍ଷରୁ ଏହା ଆୟୋଜିତ ହେବ। ଏହି ଅବସରରେ ବାଣୀବିହାର ଘଟଣାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି,ଏନେଇ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଣଛାତ୍ର ହୁଅନ୍ତୁ କିମ୍ବା ଶୈକ୍ଷିକ ବାତାବରଣ ରଖୁ ନଥିବା ଯେ, କୌଣସି ବ୍ୟକ୍ତି ବିଶେଷ ହୁଅନ୍ତୁ ସେମାନଙ୍କ ଉପରେ ବିଧି ଅନୁସାରେ, ବିଶ୍ୱ ବିଦ୍ୟାଳୟର ନିୟମ ଅନୁସାରେ ଯାହା ଆବଶ୍ୟକ ତାହା କରାଯିବ।

## ନାବାଳକକୁ ମଦ ପିଆଇ ମାଡ଼ ମାରିବା ଅଭିଯୋଗରେ ଜଣେ ଅଟକ



**ପାରାଦ୍ୱୀପ,୩।୯ (ସଂଚାର ବ୍ୟୁରୋ):** ନୃସଂଶ ଆଉ ଅମାନୁଷିକ। ଅନ୍ୟାୟ ଓ ଅତ୍ୟାଚାରର ସବୁ ସୀମା ଲଂଘିଲେ ଦୁଇ ଯୁବକ। ନାବାଳକକୁ ଘରକୁ ଡାକି ମାଡ ମାରିବା ସହ ଜୋରଜବରଦସ୍ତ ପାଟିରେ ବିୟର ପୁରାଇ ପିଆଇଲେ। ମନ ସେତିକିରେ ବୁଝିଲାନି ଯେ ଏହି ଘୃଣ୍ୟ କାର୍ଯ୍ୟ କରୁଥିବା ବେଳର ଭିଡ଼ିଓ ରେକର୍ଡ଼ କରି ତାକୁ ଭାଇରାଲ ମଧ କଲେ। ଏଭଳି ସାଂଘାତିକ ଅଭିଯୋଗ ଆସିଛି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ବନାପାଟ ଗ୍ରାମରୁ। ଏହି ଗ୍ରାମର ଜୈନିକ ନାବାଳକର ବାପା ଗତକାଲି କୁଜଙ୍ଗ ଥାନାରେ କରିଥିବା ଅଭିଯୋଗରେ ଏହି ଅମାନୁଷିକ କାଣ୍ଡର କଥା ବଖାଣିଛନ୍ତି। ସେହି ଗ୍ରାମର ମନୋରଞ୍ଜନ ସାମନ୍ତରାୟ ଓ ସୁଶାନ୍ତ ଦାସ ଏକ କୋଠାରୀରେ ମଦ୍ୟପାନ କରୁଥିବା ବେଳେ ସେହି ବାଟ ଦେଇ ପାଖ ପଡ଼ିଆକୁ ଶୌଚ ହେବାକୁ ନାବାଳକ ଜଣଙ୍କ ଯାଉଥିଲେ। ସୁଶାନ୍ତ ଓ ମନୋରଞ୍ଜନ ନାବାଳକକୁ ଡାକି ଘର ଭିତରେ ଲକ କରି ମାଡ ମାରିବା ସହ ଜୋରଜବରଦସ୍ତ ତାଙ୍କ ପାଟିରେ ବିୟର ବୋତଲ ପୁରାଇ ପିଆଇଥିଲେ। ନାବାଳକଙ୍କୁ ଘଟଣା ବିଷୟରେ କାହାରିକୁ ଜଣାଇଲେ ତତେ ଓ ତୋ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ମଧ ଦେଲେ। ଏଭଳି ଘଟଣାର ଭିଡ଼ିଓ ଭାଇରାଲ ହେଉଥିବା ଗତକାଲି ନାବାଳକର ବାପା ଦେଖିବାପରେ ପୁଅକୁ ସବୁ ପଚାରି ବୁଝି କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ବିଳମ୍ବିତ ରାତ୍ରିରେ ନାବାଳକ ଓ ତାଙ୍କ ବାପାଙ୍କ ଠାରୁ ଅଭିଯୋଗ ରଖି ତଦନ୍ତ ଆରମ୍ଭ କରିଥିବା ବେଳେ ଜଣକୁ ଅଟକ ରଖିଥିବା ଜଣାପଡିଛି।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର,୩।୯ (ସଂଚାର ବ୍ୟୁରୋ):** ବିଦ୍ୟୁତ ସଂସ୍ପର୍ଶରେ ଆସି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଯୋଧାନଗର ଦିତ୍ୱୀୟ ଲାଇନରେ ରହୁଥିବା ବି. ଶ୍ରୀନିବାସ ରାଓଙ୍କ ପୁଅ ବି.ଜ୍ୟୋତି ସ୍ୱରୂପ(୨୪)। ଗୋଶାଣିନୁଆଗାଁ ପୋଲିସ ଏମକେସିଜିରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂଚନା ଦେଇଛି। ଘଟଣାରୁ ପ୍ରକାଶ ଯେ, ଶକ୍ତିନଗର ନିକଟ ଓଁ ବିହାରରେ ଏକ ଆପ୍ପାର୍ଟମେଣ୍ଟ କାମ ଚାଲିଛି। ଜ୍ୟୋତି ସ୍ୱରୂପ ବୁଧବାର ମଧାହ୍ନରେ ସେଠାରେ ଭାଇବ୍ରେଟ ମେସିନ ଅପରେଟର ଭାବେ କାମ କରୁଥିଲେ। ହଠାତ ବିଦ୍ୟୁତ ଆଘାତରେ ଆସି ସେ ଗୁରୁତର ହୋଇପଡିଥିଲେ। ସେଠାରେ କାମ କରୁଥିବା କିଛି ଲୋକ ଜ୍ୟୋତିଙ୍କ ଘରକୁ ଫୋନ କରି ଜଣାଇଥିଲେ। ପରିବାର ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଶ୍ରୀନିବାସ ବିଇଏମସିର ପୂର୍ବତନ କର୍ପୋରେଟର ଥିବା ବେଳେ ଏଭଳି ଦୁଃଖଦ ଖବର ଶୁଣି ତାଙ୍କର ସମର୍ଥକମାନେ ସେଠାରେ ରୁଣ୍ଡ ହୋଇଥିଲେ।

## ଖାଲଖମା ରାସ୍ତାରେ ପଡ଼ି ମୋହରିର ଗୁରୁତର

**ବାଲିଅନ୍ତା,୩।୯ (ସଂଚାର ବ୍ୟୁରୋ):** ସରଦେଇପୁର - ନିମାପଡା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବାଳକାଟି ଫାଣ୍ଡି ପୂରଣ ପଞ୍ଚାୟତ ଅଧୀନ ପଞ୍ଚାୟତ ରୋଡ଼ ଛକ ନିକଟରେ ଆଜି ରାତି ସାଢେ ୯ଟା ସମୟରେ ସ୍କୁଟିରୁ ଛିଟିକିପଡ଼ି ଜଣେ ମୋହରିର ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଆହତ ବ୍ୟକ୍ତି ହେଲେ ବିଶୁନିଆପଡା ଗ୍ରାମର ପୂର୍ଣ୍ଣ ଓରଫ ତ୍ରିଲୋଚନ ସ୍ୱାଇଁ (୪୭) । ଉଲ୍ଲେଖ ଯୋଗ୍ୟ ସରଦେଇପୁର - ନିମାପଡା ରାସ୍ତା ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ଅଧା ପନ୍ତରିଆ ଅବସ୍ଥାରେ ପଡ଼ିଛି । ରାସ୍ତାରେ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଥିବା ଜଣାଯାଇଛି । ଆଜି ପୂର୍ଣ୍ଣ ସ୍କୁଟିରେ ବୁଦ୍ଧିପଡା ଛକରୁ ଘରକୁ ଫେରୁଥିବା ବେଳେ ଖାଲଖମା ରାସ୍ତାରେ ସ୍କୁଟି ନିୟନ୍ତ୍ରଣ ହରାଇବା ଫଳରେ ଛିଟିକିପଡିଥିଲେ । ପୂର୍ଣ୍ଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଡକାଇ ପୂର୍ଣ୍ଣକୁ ପ୍ରଥମେ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇ ଥିଲେ । ଅବସ୍ଥା ସଂକଟାପର୍ଣ୍ଣ ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁସାରେ ପୂର୍ଣ୍ଣ ବାଲିଅନ୍ତା ସବ ରେଜିଷ୍ଟାର କାର୍ଯ୍ୟାଳୟ ଅଧୀନରେ ମୋହରିର କାମ କରନ୍ତି ।



### ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ

# ପାଣି କାଦୁଅରେ ଘାଣ୍ଟି ହେଉଛନ୍ତି

**କାକଟପୁର/ଅସ୍ତରଙ୍ଗ,୩।୯ (ସଂଚାର ବ୍ୟୁରୋ):** ସ୍ୱାଧୀନତାକୁ ଦୀର୍ଘ ୭୮ବର୍ଷ ବିତିଲାଣି। ଅଥଚ ଗାଁକୁ ପକ୍କା ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ଫଳରେ କାଦୁଅ ପଚ ପଚ ରାସ୍ତାରେ ଯିବା ଆସିବା କରିବାକୁ ପଡୁଛି। ବର୍ଷା ହେଲେ ଯନ୍ତ୍ରଣା ଆହୁରି ବଢ଼ିଯାଉଛି। ଗାଡି ମୋଟର ଦୂରର କଥା, ଖାଲି ପାଦରେ ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। ରାସ୍ତା ଅବସ୍ଥା ଏମିତି ହୋଇଛି ଯେ ବାଡ଼ି ଅବା କାହାର ସାହାରା ନ ହେଲେ ରାସ୍ତା ସହଜରେ ଅତିକ୍ରମ କରିହେବ ନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ଗ୍ରାମର ଦଳିତ ବର୍ଗର ବାସିନ୍ଦାଙ୍କ କ୍ଷେତ୍ରରେ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ଗାଁକୁ ଏବେ ମଧ ପକ୍କା ରାସ୍ତାଟିଏ ନିର୍ମାଣ ହୋଇ ପାରିଲା ନାହିଁ।

ଗ୍ରାମବାସୀ ଅଭିଯୋଗରୁ ପ୍ରକାଶ ଯେ,ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଂଚାୟତ ମାଣ୍ଡୁକି ଗ୍ରାମର ଦଳିତ ବର୍ଗର ବାସିନ୍ଦା ବସବାସ କରନ୍ତି। ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଲୋକ ଏହି ରାସ୍ତାରେ ଆଣ୍ଠୁଏ କାଦୁଅ ପାଣିରେ ପଶି ଯିବା ଆସିବା କରୁଛନ୍ତି। ସ୍କୁଲ, କଲେଜ ପିଲାଙ୍କ ଠାରୁ ଆରମ୍ଭ କରି ବଜାର, ହାଟକୁ ଯିବା ସହିତ ଗାଈ, ଛେଳି, ମେଣ୍ଢା ନେଇ ପ୍ରତିଦିନ ଲୋକେ ଯାତାୟାତ କରିଥାନ୍ତି। ଯଦି ଦୈବାତ ରାତିରେ କାହାର ଦେହପା ଖରାପ ହେଲା ଡାକ୍ତରଖାନା ଯିବା ଦୂରର କଥା; ଗାଁ ବାହାରକୁ ମଧ ରୋଗୀଟିଏ ବାହାରି ପାରେ ନାହିଁ। ଆମ୍ବୁଲାନ୍ସଟିଏ କାଦୁଅ ରାସ୍ତା ଯୋଗୁଁ ଗାଁରେ ପହଂଚି ପାରେ ନାହିଁ। ପୁଣି ଅଗ୍ନିଶମ ଭଳି ଜରୁରୀ କାଳୀନ ସେବା ମଧ ପ୍ରଭାବିତ ହୋଇଛି।

ଖାଲି ସେତିକି ନୁହେଁ ବିଭିନ୍ନ ମୌଳିକ ସୁବିଧାରୁ ଏହି ଲୋକମାନେ ବଂଚିତ। ଯେପରିକି ସାଧାରଣ ଲୋକଙ୍କର ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘର ନାହିଁ, ସ୍ୱଚ୍ଛ ଭାରତ ମାଧ୍ୟମରେ ଶୌଚାଳୟ ନାହିଁ, ପାନୀୟ ଜଳ ଭାବେ ଅନେକ ସମୟରେ ଲୁଣି ପାଣି ପିଇବାକୁ ବାଧ୍ୟ ହୋଇଥାନ୍ତି। ପିଇବା ପାଣି ପାଇଁ ୨କିଲୋମିଟର ରୁ ଉର୍ଦ୍ଧ ବାଟ ଅତିକ୍ରମ କରି ଯିବାକୁ ପଡିଥାଏ। ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ବହୁ ଦୂରରେ ଅବସ୍ଥିତ। ଏ ଘଟଣା ସମ୍ପର୍କରେ ମାଣ୍ଡୁକି ପଂଚାୟତ ସରପଞ୍ଚ ରୋଜିନା ଜେନା ଜିଲ୍ଲାପାଳ ଜନଶୁଣାଣି ଶିବିରରେ ଜଣାଇବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଅସ୍ତରଙ୍ଗ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ଉକ୍ତ ଅଞ୍ଚଳ ପରିଦର୍ଶନ କରି ସମସ୍ୟାର ସମାଧାନ କରିବାକୁ। କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଫୁ କରି ଦେଇଛନ୍ତି ଅସ୍ତରଙ୍ଗ ବିଡ଼ିଓ। ଜିଲ୍ଲାପାଳ ନିର୍ଦ୍ଦେଶ ଦେବାରେ ୮ରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ ଉକ୍ତ ଗ୍ରାମକୁ ଗଲେ ନାହିଁ ବିଡ଼ିଓ କି ସ୍ଥିତି ଅନୁଧ୍ୟାନ କଲେ ନାହିଁ। ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ରାଜ୍ୟ ସରକାର ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତର ସହ ନେଇ ମୌଳିକ ସୁବିଧା ସମାଧାନ କରିବାକୁ।



## ଧସିଲା ପୂର୍ତ୍ତ ବିଭାଗ ରାସ୍ତା



**ବାଲିଅନ୍ତା,୩।୯ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ପୂର୍ତ୍ତ ବିଭାଗ ଅଧୀନ ହଂସପାଳ -ଅଭୟମୁଖୀ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଅଣ୍ଡିଲୋ ଗଡା ସଂଲଗ୍ନ ରାସ୍ତା ବର୍ଷେ ନପୁରୁଣୁ ନଷ୍ଟ ହୋଇଗଲାଣି। ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଗଲାଣି । ପିଚୁ ନଷ୍ଟ ହୋଇଯିବା ଯୋଗୁ ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଖାଲଖମା ସୃଷ୍ଟି ହୋଇଛି । ଠିକାଦାର ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ କରି କିଛି ଅସାଧୁ ଅଧିକାରୀଙ୍କୁ ହାତ କରି ବିଲ ମଞ୍ଜୁର କରାଇ ନେଇଥିବା ଜଣାପଡିଛି । ଲଗାଣ ବର୍ଷାଠୁ ବଳି ପଡିଛି ପଞ୍ଚାୟତ ଜନପ୍ରତିନିଧିଙ୍କ ଅସହଯୋଗ। ଗ୍ରାମ ଜଳ ଯୋଗାଣ ଏବଂ ପରିମଳ ବିଭାଗ ପାଇପ ଫାଟି ଯାଇଥିଲେ ହେଁ ମରାମତି କରାଯାଉ ନାହିଁ । ଯାହାଫଳରେ ଉଦ୍‌ବୃତ୍ତ ବର୍ଷା ଏବଂ ପ୍ରକଳ୍ପ ପାନୀୟ ଜଳ ପ୍ରବାହିତ ହେବା ଦ୍ୱାରା ରାସ୍ତା ନଷ୍ଟ ହୋଇଗଲାଣି । ଗ୍ରାମବାସୀ ଏସମ୍ପର୍କରେ ଭିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ମଧ କିଛି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଯାହା ଫଳରେ ୨୦ ଫୁଟ ରାସ୍ତା ଧସି ଗଲାଣି । ପୂର୍ତ୍ତ ବିଭାଗ ଏବଂ ଗ୍ରାମ ପଞ୍ଚାୟତ ଜନ ପ୍ରତିନିଧି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ସରକାରୀ ନିର୍ଦ୍ଦେଶକୁ ବେଖାତିର

## କଲେଜ କର୍ମଚାରୀ ଚଳାଉଛନ୍ତି ଘରୋଇ କୋଚିଂ ସେଣ୍ଟର



**ନାଉଗାଁ,୩।୯ (ସଂଚାର ବ୍ୟୁରୋ):** ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାରମାନରେ ଉନ୍ନତି ପାଇଁ ସରକାରୀ କଲେଜ ଅଧାପକଙ୍କୁ ଟ୍ୟୁସନରୁ ବିରତ ରହିବାକୁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିୟମକୁ ମାନୁ ନ ଥିବା ଅଧାପକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଆଦେଶ ରହିଛି। ଏସବୁ ସତ୍ତ୍ୱେ ସରକାରୀ ଅଧାପକ ଘରୋଇ ଟ୍ୟୁସନ୍ ଓ କୋଚିଂ ସେଣ୍ଟରରେ ଶିକ୍ଷାଦାନ ଦେଉଥିବା ଅଭିଯୋଗ ହେଉଛି। ଯାହାଫଳରେ କଲେଜ ଗୁଡିକରେ ପାଠପଢ଼ା ଅପେକ୍ଷା ଘରୋଇ କୋଚିଂ ସେଂଟର ଓ ଘରୋଇ ଟିୟୁସନରେ ଅଧାପକ ଦାୟିତ୍ୱର ସହକାରେ ପାଠ ପଢ଼ାଉଥିବାରୁ ପିଲାମାନେ କଲେଜ ଅପେକ୍ଷା ଟିୟୁସନ ଓ କୋଚିଂ ସେଣ୍ଟରକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ସରକାରୀ ଅନୁଦାନପ୍ରାପ୍ତ ଅଧାପକମାନେ ଅଧିକ ମାତ୍ରାରେ କୋଚିଂ ସେଣ୍ଟରରେ ପାଠ ପଢ଼ାଉଥିବା ବେଳେ ଅଭିଯୋଗ ସତ୍ତ୍ୱେ ସରକାରଙ୍କ ତରଫରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧମିକ ବିଦ୍ୟାଳୟର ଜନୈକ ଅଧାପକ ଗଙ୍ଗଦାହାଟରେ ଥିବା ଏକ ଘରୋଇ କୋଚିଂ ସେଂଟରରେ ପାଠ ପଢ଼ାଉଥିବାର ଭିଡିଓ ଭାଇରାଲ ହୋଇଛି। କେବଳ ଉକ୍ତ ଅଧାପକ ନୁହଁନ୍ତି ଅନେକ ସରକାରୀ ଅନୁଦାନ ଭୁକ୍ତ ଅଧାପକମାନେ ବିଭିନ୍ନ କୋଚିଂ ସେଂଟରରେ ପାଠ ପଢ଼ାଉଥିବା ଦେଖିବାକୁ ମିଳିଛି। ଏସଂକ୍ରାନ୍ତରେ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଅଧିକାରୀ ଲେଙ୍କାଙ୍କୁ ପଚାରିବାରେ ସେମାନେ ଘରୋଇ କୋଚିଂସେଂଟରରେ ନ ପଢ଼ାଇବା ପାଇଁ ଘୋଷଣାନାମା ପ୍ରଦାନ କରିଛନ୍ତି। ଯଦି ପଢ଼ାଉଥିବେ ତେବେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଦଳିତ ସାହିକୁ ନାହିଁ ରାସ୍ତା

## କାଦୁଅରେ କଲବଲ ହେଉଛନ୍ତି ୧୦ ପରିବାର

**ନାଉଗାଁ,୩।୯ (ସଂଚାର ବ୍ୟୁରୋ):** ଗାଁ ମାନଙ୍କରେ ଗମନାଗମନ ସୁବିଧା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ ସ୍ଥାନୀୟ ପ୍ରଶାସନିକ ଦୂରଦୃଷ୍ଟି ଓ ରାଜନେତାଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଅନେକ ଯୋଜନା ଗ୍ରାମାଞ୍ଚଳରେ ସଫଳ ହୋଇପାରୁ ନଥିବା ଜଣାଯାଉଛି। ଯାହା ଜ୍ୱଳନ୍ତ ଉଦାହରଣ ହେଉଛି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଡେରିକି ପଞ୍ଚାୟତ ଅନ୍ତର୍ଗତ ଗଙ୍ଗଦା (ପାଇକସାହି) ଦଳିତ ସାହିରେ।

ଏହି ସାହିରେ ୧୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସାମାନ୍ୟ ବର୍ଷା ହେଲେ ଉକ୍ତ ପରିବାରର ସଦସ୍ୟମାନେ ବାହାରକୁ ବାହାରିବା ପାଇଁ କଷ୍ଟ ସାଧ ହୋଇପଡୁଛି। ଏପରିକି ପିଲାମାନେ ବିଦ୍ୟାଳୟକୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଛୋଟ ପିଲାମାନେ ଏକ ରକମ ବିଦ୍ୟାଳୟକୁ ଯିବା ବନ୍ଦ କରିଦେଉଥିବା ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି। ଯଦି ହଠାତ କାହାର ଦେହ ଖରାପ ହେଲା ତେବେ କାଦୁଅରେ ବୃଦ୍ଧବୃଦ୍ଧା ରୋଗୀଙ୍କୁ ନେବା କଷ୍ଟ ସାଧ ହୋଇପଡୁଛି। କାଦୁଅ ପାଣି ଦୀର୍ଘ ଦିନ ରହିବା ଫଳରେ ପଚା ଗ୍ୟାସ ହେଉଥିବା ବେଳେ ଏହି ପାଣିରେ ପଶି ଯିବା ଆସିବା କରିବା ଦ୍ୱାରା ଅନେକ ସମୟରେ ଦେହ ଅସୁସ୍ଥ ହେଉଥିବା ସାହିର ପ୍ରଶାନ୍ତ ମଲ୍ଲିକ, ଶରତ ମଲ୍ଲିକ, ଲୋକନାଥ ମଲ୍ଲିକ ଆଦି ପ୍ରକାଶ କରିଛନ୍ତି।



ରାସ୍ତା ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ ମଧ କୌଣସି ସୁଫଳ ମିଳୁ ନଥିବା ଜଣାଯାଇଛି। ଏହି ସାହିକୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରି ଏକ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଛି। ଏସଂକ୍ରାନ୍ତରେ ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ ଜେନାଙ୍କୁ ପଚାରିବାରେ ଜରୁରୀକାଳୀନ ଭିତିରେ ବର୍ତ୍ତମାନ ବାଲି ପକାଯାଇ ରାସ୍ତା ମରାମତି କରାଯିବ, ପରବର୍ତ୍ତି ସମୟରେ କଂକ୍ରିଟ ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ।

## ଉପକୂଳ ସୁରକ୍ଷା ପାଇଁ ଦୁଇଦିନିଆ ସମରାଭ୍ୟାସ ଆରମ୍ଭ



**ପାରାଦ୍ୱୀପ,୩।୯ (ସଂଚାର ବ୍ୟୁରୋ):** ପାରାଦ୍ୱୀପରେ ଆରମ୍ଭ ହୋଇଛି ଦୁଇ ଦିନିଆ ମିଳିତ ସମରାଭ୍ୟାସ ସାଗର କବଚ-୨ । ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଉପକୂଳର ସୁରକ୍ଷା ପାଇଁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତ୍ୟକ ବର୍ଷ ଦୁଇଥର ଆୟୋଜିତ ହେଉଛି ଏହି ମିଳିତ ସମରାଭ୍ୟାସ ସାଗର କବଚ। ତେବେ ଚଳିତ ବର୍ଷର ଦ୍ୱିତୀୟ ସମରାଭ୍ୟାସ ସାଗର କବଚ-୨ ଦୁଇଦିନ ଧରି ଗଭୀର ସମୁଦ୍ରରେ ସ୍ଥଳ ଭାଗରେ ଆରମ୍ଭ ହୋଇଛି। ଏହି ମିଳିତ ସମରାଭ୍ୟାସରେ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକାରୀକୁ କିପରି ପ୍ରତିରୋଧ କରାଯାଇପାରିବ ଏହାର ସମସ୍ତ କଳାକୌଶଳ ପ୍ରଦର୍ଶନ କରିବେ ୧୮ରୁ ଉର୍ଦ୍ଧ୍ୱ ବିଭାଗ। ଗଭୀର ସମୁଦ୍ର ରେ ଇଣ୍ଡିଆନ ନ୍ୟାଭି, ସମୁଦ୍ର କୂଳ ଠାରୁ ୨୦ ଫାଦାନ ବାହାରେ କୋଷ୍ଟଗାର୍ଡ, ସମୁଦ୍ର କୂଳରେ ମତ୍ସ୍ୟ ବିଭାଗ ଓ ମେରାଇନ ପୋଲିସ ସହିତ ଅନ୍ୟ ବିଭାଗ ଗୁଡିକ ପଇଁତରା ମାରୁଛନ୍ତି। ଏଥିସହିତ ସ୍ଥଳଭାଗରେ ମଧ ବିଭିନ୍ନ ବିଭାଗ ସଜାଗ ରହିଛନ୍ତି। ଏହି ୧୮ରୁ ଉର୍ଦ୍ଧ୍ୱ ବିଭାଗରେ ଇଣ୍ଡିଆନ ନ୍ୟାଭି, କୋଷ୍ଟଗାର୍ଡ, ସିଆଇଏସଏଫ, ମତ୍ସ୍ୟ ବିଭାଗ, ମେରାଇନ ପୋଲିସ, କଷ୍ଟମ ବିଭାଗ, ଅଗ୍ନିଶମ ବିଭାଗ ଓ ଓଡିଶା ପୋଲିସ , ବନ ବିଭାଗ, ପାରାଦ୍ୱୀପ ବନ୍ଦର, ଗୁଇନ୍ଦା ବିଭାଗ, ଓଡ୍ରାଫ, ଏନଡିଆରଏଫ ପ୍ରଭୃତିକୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଛି। ରେଡ ଟିମ ଆତଙ୍କବାଦୀଙ୍କ ବେଶରେ ଜଳପଥରୁ ଆସି ସ୍ଥଳପଥରେ ପ୍ରବେଶ କରି ଆକ୍ରମଣ କରିବାକୁ ଯୋଜନା କରିବେ ଏବଂ ଏହି ଆକ୍ରମଣକୁ ପଣ୍ଡ କରିବା ପାଇଁ ବ୍ଲୁ ଟିମ ସ୍ଥଳଭାଗରେ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିବେ। ଏ ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ସୂଚନା ଦେଇଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ବାଲିଅନ୍ତା,୩।୯ (ସଂଚାର ବ୍ୟୁରୋ):** ବାଲିଅନ୍ତା ପଞ୍ଚାୟତ ସମିତିରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଶିବିରରେ ମୋଟ ୧୪୫ ଜଣ ଆବେଦନ କରିଥିଲେ । ଡାକ୍ତର ପରୀକ୍ଷା ପରେ ସେଥିମଧ୍ୟରୁ ଶାରୀରିକ ଅକ୍ଷମତା, ଦୃଷ୍ଟିହୀନ, ମାନସିକ ବିକାରଗ୍ରସ୍ତ ବିଭାଗରେ ସର୍ବମୋଟ ୧୦୦ ଜଣ ହିତାଧିକାରୀ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇବା ନେଇ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନେଇ ଆୟୋଜିତ ସଭାରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ସାର୍ଟିଫିକେଟ ବଣ୍ଟନ କରିଥିଲେ। ଏହା ସହିତ ୨ ଜଣ ହିତାଧିକାରୀଙ୍କୁ କୃତ୍ରିମ ଗୋଡ଼ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ବିଡିଓ ରଶ୍ମିତା ନାଥ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରମାଣପତ୍ର ବଣ୍ଟନ କରିଥିଲେ।

## ଡିଜେ ସାଉଣ୍ଡରେ ଥରିଲା ହିଞ୍ଜିଳିକାଟୁ ସହର

**ହିଞ୍ଜିଳିକାଟୁ,୩।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହରର ବିଭିନ୍ନ ସାହିରେ ୭ଦିନ ଧରି ପୂଜା ପାଇଁ ଆସୁଥିବା ସିଦ୍ଧି ବିନାୟକଙ୍କୁ ମଙ୍ଗଳବାର ଦିନ ବିରାଟ ପଟୁଆରରେ ବିଦାୟ ଦିଆଯାଇଛି। ସହରରେ ପ୍ରାୟ ୨୦ଟି ମେଢ଼ର ଭସାଣି ଉତ୍ସବ ଧୁମଧାମରେ ଆୟୋଜିତ

### ଭିଡ଼ରେ ଫସିଲା ଆମ୍ବୁଲାନ୍ସ




ହୋଇଥିଲା। ସହରର ଥିବା ଘୋଡ଼ାହାଡ଼ ନଦୀରେ ବିସର୍ଜନ କରାଯାଇଥିଲା। ମେଢ଼ ଦେଖିବା ପାଇଁ ସହର ସମେତ ଆଖପାଖ ଅଂଚଳର ଲୋକେ ଦେଖିବା ପାଇଁ ରୁଣ୍ଡ ହୋଇଥିଲେ। ଶାନ୍ତି ଶୃଙ୍ଖଳିତ ନିମନ୍ତେ ହିଞ୍ଜିଳିକାଟୁ ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କ ଅଧକ୍ଷତାରେ ପୁଲିସ ମୁତୟନ କରାଯାଇଥିଲା।

ତେବେ ବିଜୁ ପଟ୍ଟନାୟକ ଛକ ଠାରୁ ରାଜା ସାହି ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଜଟିଳ ହୋଇଯାଇଥିବା ବେଳେ ଆସ୍କା ପଟୁ ଆସୁଥିବା ଏକ ଆମ୍ବୁଲାନ୍ସ ରାଜା ସାହି ନିକଟରେ କିଛି ସମୟ ଧରି ଭିଡ଼ ଭିତରେ ଫସିଥିବା ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଉଚ୍ଚ ଶବ୍ଦ ନ କରିବା କମିଟି ଓ ପୁଲିସ ମଧରେ ଆଲୋଚନା ହୋଇଥିବା ବେଳେ ଡ଼ିଜେ ସାଉଣ୍ଡରେ ପ୍ରକମ୍ପିତ ହୋଇଯାଇଥିଲା ସହର। ଯାହାକି ବରିଷ୍ଠ ନାଗରିକ ଓ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀମାନେ ବହୁ କଷ୍ଟ ଅନୁଭବ କରିଥିଲେ। ଡିଜେର ଛାତିଥରା ଶବ୍ଦ ଅନେକଙ୍କୁ ଅସ୍ୱାଭାବିକ ପରିସ୍ଥିତିରେ ପକାଇଥିଲା।

## ସମରାଭ୍ୟାସ 'ସାଗର କବଚ'ର ସ୍ଥିତି ଅନୁଧ୍ୟାନ କଲେ ଅତିରିକ୍ତ ଏସ୍‌ପି



**କାକଟପୁର/ଅସ୍ତରଙ୍ଗ,୩।୯ (ସଂଚାର ବ୍ୟୁରୋ):** ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀଙ୍କୁ ପ୍ରବେଶ ନ କରାଇବା ପାଇଁ ନୌସେନା ଅଭିନବ ଉପାୟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇ ଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ' ବୁଧବାର ସକାଳ ୬ ଘଟିକାରୁ ଆରମ୍ଭ ହୋଇଥିଲା। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଭାରତ ଦୋହଲିଯିବା ପରେ ଉପକୂଳ ସୁରକ୍ଷାବ୍ୟବସ୍ଥାକୁ ତଦାରଖ କରିବାକୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ତରଫରୁ ପ୍ରତ୍ୟେକ ବର୍ଷ ଆୟୋଜିତ ହେଉଛି ମିଳିତ ସମରାଭ୍ୟାସ "ସାଗର କବଚ "। ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ନୂଆଗଡ, କାଳିଆକଣ, ସହନ ସୁଦିକେଶର, ଗୁଣ୍ଡଲବା ସମେତ ନୌସେନା ଓ ପୋଲିସର ରଣକୌଶଳ ପଦର୍ଶନ କରିଛନ୍ତି। ଗୁରୁବାର ଏହା ସମାପ୍ତି ହେବ। ଏହି ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନି ପୁଲିସ, ମତ୍ସ୍ୟବିଭାଗ, ଅସ୍ତରଙ୍ଗ ପୁଲିସ ସହ ବିଭିନ୍ନ ଥାନା ପୁଲିସ ଏଥିରେ ସାମିଲ ହୋଇଛନ୍ତି। ଏହି ସମରାଭ୍ୟାସ କାର୍ଯ୍ୟକ୍ରମକୁ ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଅସ୍ତରଙ୍ଗ ଅଞ୍ଚଳର କାଳିଆକଣ, ନୂଆଗଡ, ସହନ ସମେତ ବିଭିନ୍ନ ସ୍ଥାନ ବୁଧବାର ପ୍ରତ୍ୟୁଷରୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ସହ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଅସ୍ତରଙ୍ଗ ଅଞ୍ଚଳ ପରିଦର୍ଶନ କରିଥିବା ବେଳେ ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର, ନୂଆଗଡ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରାସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

## ରାସ୍ତାରୁ ଗୋରୁ ହଟାଇବା ଓ ବୁଲା କୁକୁରଙ୍କ ବନ୍ଧ୍ୟାକରଣକୁ ଗୁରୁତ୍ୱ

**ବ୍ରହ୍ମପୁର,୩।୯ (ସଂଚାର ବ୍ୟୁରୋ):** ବୁଲା ଗୋରୁଗାଈଙ୍କ ରାସ୍ତା ଅବରୋଧ ଓ କୁକୁରଙ୍କ ପ୍ରାଦୁର୍ଭାବରେ ସହରବାସୀ ଅତିଷ୍ଠ ହେଲେଣି। ଏହାକୁ ଦୃଷ୍ଟିରେ ରଖି ବୁଧବାର ଦିନ ମହାନଗର ନିଗମ ତରଫରୁ ଏକ

### ମହାନଗର ନିଗମର ବୈଠକ



ବୈଠକ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କ ସଭାପତିତ୍ୱରେ ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମହାନଗର ନିଗମ କମିଶନର ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଯୋଗଦେଇଥିଲେ। ବୈଠକରେ ମହାନଗର ନିଗମ ଅଞ୍ଚଳରେ ୨୪ ଘଣ୍ଟିଆ ପଶୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ସହ ବୁଲା ଗୋରୁଗାଈଙ୍କୁ ରାସ୍ତାରେ ନ ଛାଡ଼ିବା ପାଇଁ ଗାଈ ମାଲିକଙ୍କୁ ତାଗିଦ୍ କରାଯିବା ଉପରେ ଗୁରୁତ୍ୱ ଦେଇଛି ବି.ଇ.ଏମ୍.ସି। ଏହାକୁ ଅମାନ୍ୟ କଲେ ଗାଈକୁ ଉଠାଯାଇ ଆଶ୍ରୟସ୍ଥଳୀ ଠାରେ ସାମୟିକ ଭାବେ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ୧୫ ଦିନ ମଧରେ ଗାଈ ମାଲିକ ତାଙ୍କ ଗାଈକୁ ନେବା ପାଇଁ ଆସିଲେ ଦୁଇ ହଜାର ଟଙ୍କା ଜରିମାନା ଦେବେ।

ସେହିପରି ବୁଲା କୁକୁରଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ମହାନଗର ନିଗମ ତରଫରୁ କୁକୁର ଧରିବା ଗାଡ଼ିରେ ନେଇ ପଶୁ ଚିକିତ୍ସାଳୟରେ ଥିବା କୁକୁର କୋଠରୀ ଘରରେ ରଖିବା ସହ ସେମାନଙ୍କୁ ବନ୍ଧ୍ୟାକରଣ କରି ପୁଣି ଛାଡ଼ିଦେବାର ବ୍ୟବସ୍ଥା କରାଯିବ। ଏହି ବନ୍ଧ୍ୟାକରଣ କାର୍ଯ୍ୟ ସପ୍ତାହକୁ ଚାରି ଦିନ ଜାରି ରଖିବା ପାଇଁ କମିଶନର ଶ୍ରୀ ରାଜେଶିର୍କେ ନିର୍ଦ୍ଦେଶ ଦେଇଛନ୍ତି। ଏହି କାମରେ ଯେ କୌଣସି ବ୍ୟକ୍ତି ଖିଲାପ କଲେ ତାହା ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ଟ୍ରକ୍ ଧକ୍କାରେ ବୋଲେରୋ ଡ୍ରାଇଭରଙ୍କ ମୃତ୍ୟୁ

**ବାରିପଦା,୩।୯ (ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ୨୨୦ ନମ୍ବର ଜାତୀୟ ରାଜପଥ ତିରିଂ ଥାନା ଅନ୍ତର୍ଗତ ବଡଡାଲିମା ଠାରେ ଗତକାଲି ବିଳମ୍ବିତ ରାତ୍ରିରେ ଏକ ବୋଲେରୋ ଗାଡ଼ିକୁ ତିରିଂ ଆଡୁ ଦୃତ ଗତିରେ ଆସୁଥିବା ଏକ ଟ୍ରକ ଧକ୍କା ଦେଇ ଦୃତ ଗତିରେ ପଳାଇ ଯାଉଥିଲା । ଘଟଣାସ୍ଥଳର ଟ୍ରକ ଧକ୍କାରେ ବୋଲେରୋ ଡ୍ରାଇଭର ର ମୃତ୍ୟୁ ହୋଇଥିଲା ।ଅପରପକ୍ଷରେ ଟ୍ରକଟି ଦୃତଗତିରେ ଖସି ପଳାଉଥିବା ସମୟରେ ସ୍ଥାନୀୟ ଲୋକ ଓ ପୋଲିସ ପିଛା କରି ବହଳଦା ପୋଲ ପାଖରେ ଟ୍ରକଟିକୁ ଜବତ କରିଥିଲେ । ମୃତକ ହେଲେ ତିରିଂ ପଞ୍ଚାୟତର ନୂଆଗାଁ ଗ୍ରାମର ସଞ୍ଜିବ ସି (୨୨) । ପୋଲିସ ଗାଡି ଦୁଇଟିକୁ ଜବତ କରିବା ସହ ଏକ ଦୁର୍ଘଟଣା ମାମଲା କେସ ନମ୍ବର ୧୨୮/୨୫ ରୁଜୁ କରି ମୃତକଙ୍କୁ ଶବ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ବୋଲେରୋ ଗାଡ଼ିଟି ଭଡ଼ାରେ ଟିପିଏନଓଡିଏଲର କାମ କରୁଥିଲା ।ସଞ୍ଜିବ ସି ଜଣେ ମେଳାପି, ଯୁବ ସମାଜସେବୀ ଥିଲେ । ତାଙ୍କ ମୃତ୍ୟୁରେ ତିରିଂରେ ଶୋକରେ ଛାୟା ଖେଳିଯାଇଛି।

ସଂଚାର THE SANCHAR

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ତନଖି ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ରାଜ୍ୟର ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ବିଶେଷକରି ବଡ ସମ୍ମିଳନୀ କକ୍ଷ ଥିବା ଅନୁଷ୍ଠାନମାନଙ୍କରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧକମୂଳକ ତନଖି ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ଆଜି ରାଜଭବନରେ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ମୁକାବିଲା ସମ୍ପର୍କିତ ଉପସ୍ଥାପନା ଦେଖିବା ଅବସରରେ ରାଜ୍ୟପାଳ ବିଭାଗର ଉପକରଣ, କର୍ମଚାରୀ, ତାଲିମ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ଅବଗତ ହେବା ପରେ ରାଜ୍ୟପାଳ କହିଥିଲେ ଯେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧମୂଳକ ଯାଞ୍ଚ ସମ୍ଭାବ୍ୟ ବିପଦ ଚିହ୍ନଟ କରିବାରେ ଏବଂ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଆପଦକାଳୀନ ସମୟରେ ସୁରକ୍ଷିତ ସ୍ଥାନାନ୍ତର ପଥ ସୁନିଶ୍ଚିତ ହୋଇଥାଏ, ଆଘାତ କିମ୍ବା ଅଘଟଣ ସମ୍ଭାବନା ହ୍ରାସ ହୁଏ, କ୍ଷୟକ୍ଷତିକୁ ହ୍ରାସ କରାଯାଇପାରେ ଏବଂ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇଥାଏ ବୋଲି ରାଜ୍ୟପାଳ କହିଥିଲେ।

ଉପସ୍ଥାପନା ସମୟରେ ରୋବଟିକ ମନିଟର, ଉନ୍ନତ ଉଦ୍ଧାର ଟେଣ୍ଡର, କମାଣ୍ଡ ଭେଇକିଲ, ହାଇଡ୍ରୋଲିକ ପ୍ଲାଟଫର୍ମ ଏବଂ ଅନ୍ୟାନ୍ୟ ଉନ୍ନତ ଉପକରଣ ଓ ଯନ୍ତ୍ରପାତି ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଯନ୍ତ୍ରପାତି କ୍ରୟ ସମ୍ପର୍କିତ ସ୍ଥିତି ଓ ଭବିଷ୍ୟତରେ ବ୍ୟବସ୍ଥାର ଉନ୍ନତି ପାଇଁ ଯୋଜନା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ। ପୁରୀ ଜିଲ୍ଲା ରାମଚଣ୍ଡୀରେ ଥିବା ଦେଶର ପ୍ରଥମ ନ୍ୟାସନାଲ ୱାଟର ରେସ୍କ୍ୟୁ ଆଣ୍ଡ ୱାଟରମ୍ୟାନସିପ୍ କେନ୍ଦ୍ର, କ-୯ ସ୍କ୍ୱାଡ୍ ନିୟୋଜନ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ବିଭାଗର ଦକ୍ଷତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ଫାୟାର ଲାଇସେନ୍‌ସିଂ ପ୍ରକ୍ରିୟା, ତୃତୀୟ ପକ୍ଷ ଏଜେନ୍ସି ନିୟୋଜନ ଭଳି ପଦକ୍ଷେପ ତଥା ଓଡ଼ିଶାର ସାମଗ୍ରିକ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ପାଲଟିଛି ବୋଲି କହିଥିଲେ। ଏହାପରେ ରାଜ୍ୟପାଳ କମାଣ୍ଡ ଭେଇକିଲ୍ ଦେଖିଥିଲେ ଏବଂ ଏହାର ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ପର୍ଯ୍ୟବେକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଜି ଅଗ୍ନିଶମ ଓ ଆପାତକାଳୀନ ସେବା, କମାଣ୍ଡାଂଟ୍ ଜେନେରାଲ ହୋମଗାର୍ଡ୍ସ ଓ ନିର୍ଦ୍ଦେଶକ ସିଭିଲ ଡିଫେନ୍ସ ଡ. ସୁଧାଂଶୁ ଷଡଙ୍ଗୀ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରପା ରୋଶନ ସାହୁ, ଡିଆଇଜି ଫାୟାର ଆଣ୍ଡ ଏମର୍ଜେନ୍ସି ସର୍ଭିସ୍ ଆଣ୍ଡ ହୋମଗାର୍ଡ୍ସ ଡ. ଉମାଶଙ୍କର ଦାଶ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅର୍ଚ୍ଚନାଙ୍କ ଅଭିଯୋଗରେ ସ୍ୱାମୀ ଅଟକ



**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି ଅର୍ଚ୍ଚନା ନାଗ। ଅର୍ଚ୍ଚନାଙ୍କ ସ୍ୱାମୀ ଥାନାରେ ଅଟକ ରହିଛନ୍ତି। ଜଗବନ୍ଧୁ ଚାନ୍ଦଙ୍କୁ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ପୁଲିସ ଅଟକ ରଖି ପଚରାଉଚରା କରୁଛି। ତେବେ ଅର୍ଚ୍ଚନାଙ୍କ ଅଭିଯୋଗ ପରେ ଜଗବନ୍ଧୁଙ୍କୁ ପୁଲିସ୍ ଉଠାଇ ଆଣି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଅର୍ଚ୍ଚନା ଓ ତାଙ୍କ ପୁଅକୁ ଜଗବନ୍ଧୁ ଆକ୍ରମଣ କରି ମାରିଦେବା ସକାଶେ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତ ୩୦ ତାରିଖରେ ଏ ନେଇ ଅର୍ଚ୍ଚନା ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଏହା ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜଗବନ୍ଧୁଙ୍କୁ ଅଟକ ରଖିବା ସହ ତାଙ୍କ ପାଖରୁ ଗୋଟିଏ ଛୁରି ଜବତ କରିଛି। ଏହି ଘଟଣାରେ ପୁଲିସ୍ ଅଧିକ ତଦନ୍ତ ଜାରି ରଖିଛି।

## ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ-୨ ନିମନ୍ତେ ୫୦ ସିଟ ବୃଦ୍ଧି କଲା ଏନ୍‌ଏମ୍‌ସି




**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ ଆଣ୍ଡ ସମ ହସ୍ପିଟାଲ କ୍ୟାମ୍ପସ-୨ରେ ଚଳିତ ଶିକ୍ଷାବର୍ଷରୁ ଏମବିବିଏସ୍ ପାଠ୍ୟକ୍ରମ ନିମନ୍ତେ ୫୦ଟି ସିଟ୍ ବୃଦ୍ଧି କରିବାକୁ ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି) ଅନୁମୋଦନ କରିଛନ୍ତି। ଗତ ଜାନୁଆରୀ ୨୦୨୩ରେ କଟକ-ଭୁବନେଶ୍ୱର ମଧ୍ୟବର୍ତ୍ତୀ ଫୁଲନଖରାଠାରେ ଉଦଘାଟିତ ହୋଇଥିବା ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ କ୍ୟାମ୍ପସ-୨ରେ ୨୦୨୪-୨୫ ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀଙ୍କ ପାଇଁ ୧୫୦ଟି ସିଟ୍ ରହିଥିଲା। ବର୍ତ୍ତମାନ ୨୦୨୫-୨୬ ଶିକ୍ଷା ବର୍ଷରେ ଦ୍ୱିତୀୟ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପାଇଁ ଏହାକୁ ୨୦୦ କୁ ବୃଦ୍ଧି କରାଯାଇଛି।

## ୨୩ ରିପୋର୍ଟ ଚାପିଛନ୍ତି ବିଜେଡି ସରକାର: ଆଇନ ମନ୍ତ୍ରୀ



**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ପାଖାପାଖି ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡିକୁ ଆଜି ଟାର୍ଗେଟ୍ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ପୁରୀ ଦଳାଚକଟା ତଦନ୍ତ ରିପୋର୍ଟ ନେଇ ଆଇନମନ୍ତ୍ରୀ ତାଙ୍କ ପ୍ରତିକ୍ରିୟା ଦେବାକୁ ଯାଇ କହିଛନ୍ତି ଯେ ଉନ୍ନୟନ କମିଶନର୍ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)ରେ ଦାଖଲ କରାଯାଇ ସାରିଛି। ସିଏମ୍‌ଓ ପକ୍ଷରୁ ଖୁବ୍‌ଶୀଘ୍ର ରିପୋର୍ଟକୁ ସାର୍ବଜନୀନ କରାଯିବ। ବିଜେଡି ସରକାର ତାଙ୍କ ଶାସନ କାଳ ସମୟରେ ୨୩ଟି ତଦନ୍ତ କମିଟି ରିପୋର୍ଟକୁ ଚାପିଦେଇଛନ୍ତି। କିନ୍ତୁ ବିଜେପି ସରକାର ସେପରି କାର୍ଯ୍ୟ କରିବ ନାହିଁ ବୋଲି କହିଛନ୍ତି ଶ୍ରୀ ହରିଚନ୍ଦନ।

## ସ୍ତ୍ରୀକୁ ପଥରରେ ଛେଚି ହତ୍ୟା, ସ୍ୱାମୀ ଅଟକ

**ବାଙ୍ଗିରିପୋଷି,୩।୯(ସଂଚାର ବ୍ୟୁରୋ):** ସ୍ତ୍ରୀକୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ଆସିଛି। ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଚାଉଳଘୋରୀ ଗାଁରୁ ଏଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ମୃତ ମହିଳା ଜଣଙ୍କ ହେଲେ ୨୭ ବର୍ଷୀୟା ମୀନା ସିଂ। ବାଙ୍ଗିରିପୋଷି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି। ଘଟଣା ଅନୁସାରେ ପରିବାରିକ କଳହ ପାଇଁ ଗତକାଲି ବିଳମ୍ବିତ ରାତିରେ ପଥରରେ ସ୍ୱାମୀ ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସକାଳୁ ବାପଘର ଲୋକ ଖବର ପାଇ ବାଙ୍ଗିରିପୋଷି ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଙ୍ଗିରିପୋଷି ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

● ପାରିବାରିକ କଳହରୁ ହତ୍ୟାକାଣ୍ଡ

## ପୁତ୍ରହନ୍ତା ବାପା ଗିରଫ



**ନବରଙ୍ଗପୁର,୩।୯(ସଂଚାର ବ୍ୟୁରୋ):** ପୁଅ ବାପାକୁ ମାରିବାକୁ ଉଦ୍ୟମ କରୁଥିବାରୁ ଶେଷରେ ବାପା ତା'ର ଜୀବନ ନେଇଯାଇଥିବା ଭଳି ଏକ ଅଭାବନୀୟ କାଣ୍ଡ ଘଟିଛି ନବରଙ୍ଗପୁର ଜିଲ୍ଲା କୁନ୍ଦେଇ ଥାନା ଅନ୍ତର୍ଗତ ତରେଇଡ଼ିହି ଗ୍ରାମରେ। ପୁଅ ମୁଣ୍ଡକୁ ଇଟାରେ ଛେଚିଦେବାରୁ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛି। ପାରିବାରିକ କଳହରୁ ଏପରି ଅଘଟଣ ଘଟିଛି। ଏନେଇ ଖବର ପାଇ ସ୍ଥାନୀୟ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିଛି। ଏଥିସହ ନବରଙ୍ଗପୁର ପୁଲିସ୍ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ହାଟଭରାଣ୍ଡି ପଞ୍ଚାୟତର ତରେଇଡିହିର ଜୟଲାଲ ଗଣ୍ଡଙ୍କ ବଡ଼ ପୁଅ ରାଜକୁମାର ଗତ କିଛି ମାସ ଧରି ନିୟମିତ ଭାବେ ମଦ ପିଇ ଘରେ ସ୍ତ୍ରୀ ପିଲା ଓ ବାପା- ମା'ଙ୍କ ସହ କଳିଝଗଡା କରୁଥିଲା। ତେବେ ଗତ ଶୁକ୍ରବାର ରାଜକୁମାର ତା' ପୁଅକୁ ବାଡ଼ିଆପିଟା କରିଥିଲା। ଗତକାଲି ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ସମୟରେ ସେ ପୁଣିଥରେ ମା' ସହ ଝଗଡା ଲାଗିଥିଲା। ଏହାକୁ ବାପା ବାରଣ କରିବାରୁ ସେ ବାପା ସହ ବି ପାଲଟା ଝଗଡା କରିଥିଲା। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଫଳରେ ପୁଅ ନିଜ ବାପା ବେକରେ ଗାମୁଛା ପକାଇ ମାରିବାକୁ ଚେଷ୍ଟା କରିଥିଲା। ଏଥିରେ ବାପା ରାଗିଯାଇ ଘର ବାହାରେ ଥିବା ଏକ ଇଟା ଗଦାରୁ ଇଟା ଆଣି ରାଜକୁମାରର ମୁଣ୍ଡରେ ପାହାର ପକାଇଥିଲେ। ଫଳରେ ରାଜକୁମାର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଓ ସେ ଘଟଣାସ୍ଥଳରେ ପଡ଼ିଯାଇଥିଲା। ଅତ୍ୟଧିକ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କୁନ୍ଦେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଅଭିଯୁକ୍ତ ଜୟଲାଲଙ୍କୁ ଗିରଫ କରିଛି।

## ବ୍ଲକ କାର୍ଯ୍ୟାଳୟରେ ଠିକାଦାରଙ୍କ ଗୁଣ୍ଡାରାଜ୍

● ବିଲ୍ ନ କରିବାରୁ ଜେଇଙ୍କୁ ମାଡ଼

**ବଲାଙ୍ଗୀର,୩।୯(ସଂଚାର ବ୍ୟୁରୋ):** ବଲାଙ୍ଗୀର ପୁଇଁତଲା ବ୍ଲକ କାର୍ଯ୍ୟାଳୟରେ ଘଟିଛି ଏକ ଅଭାବନୀୟ ଘଟଣା। ବ୍ଲକ ଜେଇ ବିଭୂତି ଭୂଷଣ ମହାନ୍ତି ନିଜ ଅଫିସ ଚ୍ୟାମ୍ବରରେ କାର୍ଯ୍ୟରତ ଥିବାବେଳେ ଏହି ସମୟରେ ଜଣେ ଠିକାଦାର ଆସି ଜେଇଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ପୁଇଁତଲା ଥାନାରେ ଅଭିଯୋଗ ହୋଇଛି। ଏନେଇ ବୁଧବାର ଜେଇ ଥାନାରେ ଏତଲା ଦେଇଛନ୍ତି। ସୂଚନାନୁଯାୟୀ, ପୁଇଁତଲା ବ୍ଲକ ଦଶପୁର ଗାଁରେ ଏକ ପହରୀ ମଣ୍ଡପ ନିର୍ମାଣ କାମ ଚାଲିଥିଲା। ମଣ୍ଡପ କାମର ବିଲ କରିବାକୁ ଜେଇ ଅଫିସ ଚ୍ୟାମ୍ବରକୁ ଆସି ବିଲ୍ ପାସ କରିବାକୁ ଠିକାଦାର ଜଣଙ୍କ କହିଥିଲେ। ହେଲେ ଜେଇ ନିମ୍ନମାନର କାମ ହୋଇଥିବାରୁ ବିଲ୍ ହୋଇପାରିବ ନାହିଁ ବୋଲି କହିଥିଲେ। ଏ ନେଇ ଦୁଇ ଜଣଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ହଠାତ୍ ଠିକାଦାର ଜଣଙ୍କ ଜେଇଙ୍କୁ ମାଡ଼ ମାରିଥିଲେ। ଏନେଇ ଜେଇ ବିଭୂତି ଭୂଷଣ ମହାନ୍ତି ପୁଇଁନ୍ତଲା ଥାନାରେ ଠିକାଦାର ପଞ୍ଚାନନ ଡାଗଙ୍କ ବିରୋଧରେ ଏତଲା ଦେଇଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ବ୍ଲକ କାର୍ଯ୍ୟାଳୟକୁ ଆସି ତଦନ୍ତ ଆରମ୍ଭ କରିଛି। ଏବେ ପୁଲିସ ଠିକାଦାର ପଞ୍ଚାନନଙ୍କୁ ଖୋଜୁଥିବା ବେଳେ ସେ ତାଙ୍କ ମୋବାଇଲ ସୁଇଚ ଅଫ୍ କରିଦେଇଥିବା ଥାନାଧିକାରୀ ଅନିତା ପ୍ରଧାନ କହିଛନ୍ତି।

## ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ରୀ ଲହୁଲୁହାଣ

**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧୀନ ଏକ ବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗଣିତ ଆସିଲାନି ବୋଲି ଜଣେ ଶିକ୍ଷୟିତ୍ରୀ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ରୀଙ୍କ ଆଖିରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ଏନେଇ ପରିବାର ଲୋକେ ସ୍ଥାନୀୟ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ କୌଣସି ଗିରଫଦାରୀ ହୋଇନଥିବା ଜଣାପଡ଼ିଛି।

### ସୁବର୍ଣ୍ଣପୁର ପୁଲିସର 'ଅପରେସନ ପ୍ରହାର' ସଫଳ

## ଜବତ ହେଲାଣି ୭୩ କେଜି ଗଞ୍ଜେଇ, ୮ ଗିରଫ



**ସୁବର୍ଣ୍ଣପୁର,୩।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ଗତ ୧ରୁ ଆରମ୍ଭ ହୋଇଥିବା 'ଅପରେସନ ପ୍ରହାର'ରେ ଅଦ୍ୟାବଧି ଉଲ୍ଲେଖନୀୟ ସଫଳତା ମିଳିଛି। ନିଶା କାରବାର ବିରୋଧରେ ଚାଲିଥିବା ଏହି ଅଭିଯାନରେ ଅଦ୍ୟାବଧି ୭୩ କେଜି ଗଞ୍ଜେଇ ଜବତ ହୋଇସାରିଥିବା ବେଳେ ୮ ଜଣଙ୍କୁ ଗିରଫ କରାଯାଇସାରିଛି। ଏନେଇ ଆଜି ସୁବର୍ଣ୍ଣପୁର ଏସପି କାର୍ଯ୍ୟାଳୟ ସଭାଗୃହଠାରେ ଏସପି ନାରାୟଣ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି। ଏହି ଅଭିଯାନରେ ସୁବର୍ଣ୍ଣପୁର ପୁଲିସ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ ପ୍ରତିବଦ୍ଧତା ପ୍ରଦର୍ଶିତ କରୁଥିବା ସେ କହିଛନ୍ତି। ଏହି ଅଭିଯାନରେ ଆଜି ଜିଲ୍ଲା ମୁଖ୍ୟାଳୟରୁ ଏକ ସ୍ୱତନ୍ତ୍ର ଗୁଇନ୍ଦା ସୂଚନା ଆଧାରରେ ତରଭା ପୁଲିସ ତରଭା ଥାନା ଅନ୍ତର୍ଗତ ସୋନପୁର-ବଲାଙ୍ଗୀର ଜାତୀୟ ରାଜପଥ ୫୭ରେ ଘାଟକୈନ୍ତରା ଗ୍ରାମ ନିକଟରେ ନକଲି ନମ୍ବର ପ୍ଲେଟ୍ (ନଂ. ଓଡି୦୬ଡି-୦୨୮୬) ନମ୍ବରବିଶିଷ୍ଟ ମାରୁତି ୱାଗନର୍‌କୁ ଅଟକାଇ ପଚରାଉଚରା କରାଯାଇଥିଲା। ଏହି ସମୟରେ ଉକ୍ତ ଗାଡ଼ିକୁ ଯାଞ୍ଚ୍ କରାଯିବାରୁ ସେଥିରୁ ୬୪ ପ୍ୟାକେଟ୍ ଗଞ୍ଜେଇ ବାହାରିଥିଲା। ଏହି ଗଞ୍ଜେଇ ୨ ଜଣ ଯୁବକ ବୌଦ୍ଧ ଜିଲ୍ଲାରୁ ଚାଲାଣ କରୁଥିବା ସ୍ୱୀକାର ମଧ୍ୟ କରିଛନ୍ତି। ପରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଯାଞ୍ଚ୍ ସମୟରେ ପ୍ରତି ପ୍ୟାକେଟ୍‌ରେ ୧ କେଜି ଓଜନର ଗଞ୍ଜେଇ ଥିବା ଜଣାପଡ଼ିଥିଲା। 'ଅପରେସନ୍ ପ୍ରହାର' ଅଭିଯାନରେ ଅଦ୍ୟାବଧି ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ୪ଟି ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରିଛି। ଏଥିରେ ୭୩ କେଜି ଗଞ୍ଜେଇ ସହ ୧୮୬ଟି କଫ ସିରପ ବୋତଲ ଜବତ ହୋଇଛି।

## ଖଟିଆରେ ବୁହାହେଲେ ସର୍ପାଘାତ ଆହତ

### ରାସ୍ତା ନ ଥିବାରୁ ଆସିପାରିଲାନି ଆମ୍ବୁଲାନ୍ସ



**କୋରାପୁଟ,୩।୯(ସଂଚାର ବ୍ୟୁରୋ):** ରାସ୍ତା ନଥିବାରୁ ଖଟିଆରେ ବୁହା ହୋଇ ମେଡିକାଲ ଗଲେ ସର୍ପାଘାତରେ ଗୁରୁତର ଆହତ ହୋଇଥିବା ଜନୈକ ବ୍ୟକ୍ତି। ଏପରି ଅଭାବନୀୟ ଘଟଣା କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ଲୁଲା ପଞ୍ଚାୟତ ପଦୁଗୁଡା ଗାଁରେ ଦେଖିବାକୁ ମିଳିଛି। ରାସ୍ତା ଅବସ୍ଥା ଭଲ ନ ଥିବାରୁ ଉକ୍ତ ଆହତ ବ୍ୟକ୍ତିଙ୍କୁ ନେବା ସକାଶେ ଆମ୍ବୁଲାନ୍ସ ଗାଁ ଭିତରକୁ ଆସିପାରିନଥିଲା। ଫଳତଃ ଗ୍ରାମବାସୀ ତାଙ୍କୁ ଏକ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବା ପରେ ତାଙ୍କୁ ହସ୍ପଟାଲ୍‌କୁ ନିଆଯାଇପାରିଥିଲା। ସୂଚନାନୁସାରେ, ସାପ କାମୁଡ଼ାରେ ନବୀନ ସାଉଁଟା ନାମକ ବ୍ୟକ୍ତି ଆହତ ହୋଇଥିଲେ। କଷ୍ଟରେ ଛଟପଟ ହେଉଥିଲେ ହେଁ ରାସ୍ତା ନ ଥିବାରୁ ସେ ଖଟିଆରେ ବୁହାହୋଇ ଯାଇଥିଲେ। ପଦୁଗୁଡା ରାସ୍ତା ଭଲ ନଥିବାରୁ ତାଙ୍କୁ ଖଟିଆରେ ବୋହି ଲୁଲା ପର୍ଯ୍ୟନ୍ତ ଅଣାଯିବା ପରେ ଶେଷରେ ଆମ୍ବୁଲାନ୍ସରେ ମେଡିକାଲ ନିଆଯାଇଥିବା ପରିବାର ଲୋକେ କହିଛନ୍ତି।

● ନବରଙ୍ଗପୁରରେ ସାମ୍ବାଦିକଙ୍କୁ ଆକ୍ରମଣ ମାମଲା

## ଡିଜିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର,୩।୯(ସଂଚାର ବ୍ୟୁରୋ):** ଗତ ୨୯ ତାରିଖରେ ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ଅଞ୍ଚଳରେ ଜଣେ ସାମ୍ବାଦିକଙ୍କୁ ମଦ୍ୟପ ମରଣାନ୍ତକ ଆକ୍ରମଣ କରିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବିଶାଖାପାଟଣାକୁ ଚିକିତ୍ସା ସକାଶେ ପଠାଯାଇଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ହସ୍ତକ୍ଷେପ କରିବା ସହ ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବା ସକାଶେ ପୁଲିସ୍ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ସାମ୍ବାଦିକ ଜଣଙ୍କ ମଦ୍ୟପଙ୍କ ଉନ୍ମତ୍ତ କାଣ୍ଡ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରିତ କରିବାରୁ ସେ ପ୍ରତିକ୍ରିୟାଶୀଳ ହୋଇ ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲା। ଏ ସଂକ୍ରାନ୍ତରେ କମିଶନ୍ କହିଛନ୍ତି ଯେ ଏହି ଖବର ସତ୍ୟ ହୋଇଥିଲେ, ଏହା ନିଶ୍ଚିତ ଭାବେ ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ପ୍ରସଙ୍ଗ। ତେଣୁ କମିଶନ ଡିଜିଙ୍କୁ ନୋଟିସ୍ ଜାରି କରିବା ସହ ଦୁଇ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତର ସ୍ଥିତି ଓ ଆହତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ସୂଚନା ପ୍ରଦାନ କରିବାକୁ ମଧ୍ୟ କମିଶନ୍ କହିଛନ୍ତି।

● ଆଇଆଇସିଙ୍କ ସ୍ୱାମୀଙ୍କ ଉନ୍ମତ୍ତକାଣ୍ଡ

## ମାତାଲ୍ ସ୍ୱାମୀଙ୍କ ପାଇଁ ହଟହଟା ହେଲେ ଆଇଆଇସି




**କଣ୍ଟାବାଞ୍ଜି,୩।୯(ସଂଚାର ବ୍ୟୁରୋ):** ଥାନାରେ ଚାଲିଛି ହୋହଲ୍ଲା ପାଟିତୁଣ୍ଡ। କାରଣ ଜଣେ ବ୍ୟକ୍ତି ନିଶାରେ ମାତାଲ ହୋଇ ଲୋକଙ୍କୁ ବିନା କାରଣରେ ମାଡ଼ ମାରିବା ସହ ଗାଳିଗୁଲଜ କରିଛନ୍ତି। ଏହାକୁ ନେଇ ତାତିଥିଲେ ସ୍ଥାନୀୟ ଲୋକେ ଆଉ ସିଧା ଆସି ପହଞ୍ଚିଲେ ଥାନାରେ। ଫଳତଃ ହୋହଲ୍ଲା ଓ ପାଟିତୁଣ୍ଡରେ କମ୍ପୁଛି ଥାନା ପରିସର। ଆଉ ଏ ହାଇଡ୍ରାମା ଚାଲିଛି ସେହି ଥାନାର ଆଇଆଇସିଙ୍କ ସ୍ୱାମୀଙ୍କ ପାଇଁ। କଣ୍ଟାବାଞ୍ଜି ଆଇଆଇସି ରଶ୍ମିତା ବେହେରାଙ୍କ ସ୍ୱାମୀଙ୍କ ଦାଦାଗିରି। ନିଶାରେ ଚୁର ହୋଇ ଲୋକଙ୍କୁ ମାଡ଼ ମାରିଲେ ଆଇଆଇସିଙ୍କ ସ୍ୱାମୀ ଅରବିନ୍ଦ ମହାପାତ୍ର। ନିଜ ମାତାଲ୍ ସ୍ୱାମୀଙ୍କ ପାଇଁ ହଟହଟା ହୋଇଛନ୍ତି ଆଇଆଇସି ଜଣଙ୍କ। ବିନା କାରଣରେ ଲୋକଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ ଅରବିନ୍ଦ। କେବଳ ସେତିକିରେ କଥା ସରିନଥିଲା। ପୁଲିସ ଗାଡ଼ିକୁ ଡାକି ନିଜ ପାୱାର୍ ମଧ୍ୟ ଦେଖାଇଥିଲେ ସେ। କିନ୍ତୁ ଅରବିନ୍ଦଙ୍କ ଏହି ଦାଦାଗିରିକୁ ସ୍ଥାନୀୟ ଲୋକେ ସହ୍ୟ କରିନଥିଲେ। ବରଂ ସେମାନେ ଏହା ବିରୋଧରେ ଥାନାରେ ପହଞ୍ଚି ହୋହଲ୍ଲା କରିଥିଲେ। ଗତକାଲି ବିଳମ୍ବିତ ରାତି କଣ୍ଟାବାଞ୍ଜି ଥାନାରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତାଙ୍କ ସ୍ୱାମୀ ସହରର କେତେକ ଯୁବକଙ୍କୁ ଦୁର୍ବ୍ୟବହାର ଓ ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ସେହିପରି ଏହି ଘଟଣାରେ ଯେଉଁମାନେ ଦୁର୍ବ୍ୟବହାରର ଶିକାର ହୋଇଥିଲେ, ସେମାନଙ୍କୁ ପୁଲିସ ଉଠାଇ ଥାନାକୁ ନେବାକୁ ଚେଷ୍ଟା କରୁଥିବା ସମୟରେ ଲୋକେ ଏହାକୁ ବିରୋଧ କରିଥିଲେ। ଏଥିସହ ଦୁର୍ବ୍ୟବହାର କରିଥିବା ଥାନାଧିକାରୀଙ୍କ ସ୍ୱାମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ସେମାନେ ଲିଖିତ ଅଭିଯୋଗ କରିଥିଲେ। ତେଣୁ ଏହି ଘଟଣାକୁ ନେଇ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ କଣ୍ଟାବାଞ୍ଜି ଥାନାରେ ଏପରି ହାଇଡ୍ରାମା ଚାଲିଥିଲା। ଶେଷରେ ଥାନାଧିକାରୀଙ୍କ ସ୍ୱାମୀ କ୍ଷମା ପ୍ରାର୍ଥନା କରିବାକୁ ବାଧ୍ୟ ହୋଇଥିଲେ। ତା'ପରେ ଯାଇ ଲୋକେ ଶାନ୍ତ ହୋଇଥିଲେ ଓ ପାଖାପାଖି ୪ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ହୋହାଲ୍ଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା।

## ଶ୍ରୀମନ୍ଦିରରେ ଆଜି ୫ ଘଣ୍ଟା ଦର୍ଶନ ବନ୍ଦ

**ପୁରୀ,୩।୯(ସଂଚାର ବ୍ୟୁରୋ):** ଆସନ୍ତାକାଲି ଭାଦ୍ରବ ଶୁକ୍ଳ ଦ୍ୱାଦଶ ତିଥିରେ ବାମନ ଜନ୍ମ ନୀତି ପାଇଁ ଶ୍ରୀଜିଉଙ୍କ ଦର୍ଶନ ସର୍ବସାଧାରଣ ପାଇଁ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ବନ୍ଦ ରହିବ। ସେପଟେ ଶ୍ରୀମନ୍ଦିରରେ ଶୀଘ୍ର ଭକ୍ତମାନଙ୍କ ପାଇଁ 'ଧାଡ଼ି' (କ୍ୟୁ) ଦର୍ଶନ ବ୍ୟବସ୍ଥା ପ୍ରବର୍ତ୍ତନ କରାଯିବ। ବୁଧବାର ନୂତନ ଗଠିତ ଶ୍ରୀମନ୍ଦିର ପରିଚାଳନା କମିଟି ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ଏହି ବ୍ୟବସ୍ଥା ନାଟମଣ୍ଡପରେ ପ୍ରଥମେ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ ଏବଂ ପରେ ପୂର୍ଣ୍ଣାଙ୍ଗ ରୂପେ ଏହାକୁ ଲାଗୁ କରାଯିବ। କମିଟି ଶ୍ରୀଜିଉଙ୍କ ନୀତି ସମୟାନୁସାରେ ସମ୍ପନ୍ନ ହେବା ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏହି ଧାଡ଼ି ବ୍ୟବସ୍ଥା ପାଇଁ ଏକ ମାନକ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରିବ। ଭକ୍ତମାନଙ୍କ ସୁବିଧା ପାଇଁ ନାଟମଣ୍ଡପରେ ଏୟାର-କଣ୍ଡିସନିଂ ସ୍ଥାପନ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେ ଅନୁମତି ଦେଇଛି।

ଖୁଦୁରୁକୁଣୀ ବିସର୍ଜନ ସମୟରେ ମହିଳା ନିଖୋଜ ମାମଲା

## ପ୍ରେମିକ ସହ ପଳାଇଯିବା ପାଇଁ ରଚିଥିଲେ ପ୍ଲାନ୍

**ବାଙ୍କୀ/ପୁରୀ,୩।୯(ସଂଚାର ବ୍ୟୁରୋ):** ଖୁଦୁରୁକୁଣୀ ମୂର୍ତ୍ତି ବିସର୍ଜନ ସମୟରେ ମହିଳା ଭାସିଯାଇଥିବା ଘଟଣାଟି ସମସ୍ତଙ୍କୁ ଚକିତ କଲା ଭଳି ମୋଡ଼ ନେଇଛି। ସୂଚନାନୁସାରେ, ଦୁଇଟି ପିଲାର ମା' ପ୍ରେମିକ ସହ ଖସି ପଳାଇବାକୁ ପ୍ଲାନ କରିଥିଲେ। ସେ ସତରେ ନଦୀରେ ବୁଡିନାହାନ୍ତି। ତାଙ୍କ ଦୁଃସାହସିକ ପ୍ରେମ କଥା ଜାଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ। ଗତ ଦୁଇ ଦିନ ହେଲା ନଦୀରେ ଅଗ୍ନିଶମ ଓ ଓଡ୍ରାଫ୍ ଟିମ୍ ମହିଳାଙ୍କୁ ଖୋଜୁଛି। ହେଲେ ଏବେ ସାମ୍ନାକୁ ଆସିଛି ପ୍ରକୃତ କାରଣ। ମହାନଦୀରେ ଭାସିଯିବାର ମିଛ ନାଟକ ରଚିଥିଲେ ମହିଳା। ଖୁଦୁରୁକୁଣୀ ବିସର୍ଜନ ବେଳେ ନଦୀରେ ସିନା ପଶିଲେ, ହେଲେ ଲୋକଙ୍କ ନଜରରେ ସେ ବୁଡ଼ିଗଲେ। ପ୍ରକୃତରେ କିନ୍ତୁ ସେ ପହଁରି ପହଁରି ଯାଇ ପ୍ରେମିକ ସହ ଚମ୍ପଟ ମାରିଥିବା ଜଣାପଡ଼ିଛି। ଗତ ଦୁଇଦିନ ଧରି ମହାନଦୀରେ ଖୋଜାଖୋଜି କରିଥିଲେ ବି ମହିଳାଙ୍କର କୌଣସି ସନ୍ଧାନ ପାଇନଥିଲେ ଅଗ୍ନିଶମ ଓ ଓଡ୍ରାଫ୍ ଟିମ୍। ୩ଟି ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ଟ ଟିମ୍ ଦୁଇ ଦିନ ଧରି ଅକ୍ଲାନ୍ତ ପରିଶ୍ରମ କରି ତାଙ୍କ ସନ୍ଧାନ ପାଇ ନଥିଲେ। ଆଜି ମହିଳା ଓ ତାଙ୍କ ପ୍ରେମିକକୁ ପୁରୀ ଟାଉନ ଥାନା ପୁଲିସ ଅଟକ ରଖିଥିବା ସୂଚନା ଦେଇଛନ୍ତି ବାଙ୍କୀ ଥାନାଧିକାରୀ। ବାଙ୍କୀ ଥାନା ରତାଗଡ଼ର ମହିଳା ଓ କିଛି ଯୁବତୀ ଗତ ରବିବାର ରାତିରେ ଖୁଦୁରୁକୁଣୀ ଓଷା ସାରି ସୋମବାର ଭୋର ସମୟରେ ବିସର୍ଜନ ପାଇଁ ଯାଇଥିଲେ। ବିସର୍ଜନ ବେଳେ ମହିଳା ଜଣକ ଭାସିଯାଇଥିଲେ ବୋଲି ପ୍ରଚାର ହେଲା। ହେଲେ ଏହା ଥିଲା ତାଙ୍କର ମିଛ ନାଟକ। ପରେ ପ୍ରେମୀ ଯୁଗଳ ପୁରୀ ଚାଲିଯାଇଥିଲେ। ଏ ସମ୍ପର୍କରେ ବାଙ୍କୀ ଥାନା ପୁଲିସ୍ ମହିଳାଙ୍କ ସ୍ୱାମୀଙ୍କଠାରୁ ଖବର ପାଇ ପୁରୀ ଟାଉନ୍ ଥାନା ପୁଲିସକୁ ଜଣାଇଥିଲା। ଏହାପରେ ଟାଉନ୍ ଥାନା ପୁଲିସ୍ ପୁରୀ ଚୂଡ଼ଙ୍ଗ ସାହିରୁ ଯୁବକ ଓ ମହିଳାଙ୍କୁ ଠାବ କରି ଆଣିବା ପରେ ଥାନାରେ ଅଟକ ରଖିଥିଲା।

# ଭଡ଼ାରେ କାର୍ ନେଇ ଲକ୍ଷାଧିକ ଟଙ୍କା ଠକେଇ, ଜଣେ ଗିରଫ



**ବ୍ରହ୍ମପୁର,୩।୯ (ସଂଚାର ବ୍ୟୁରୋ):** ଏକାଧିକ କାର ମାଲିକଙ୍କ ଗାଡି ଭଡାରେ ନେଇ ଏବଂ ବିନା ସମ୍ମତିରେ ବନ୍ଧକ ରଖି ଠକେଇ କରିଥିବା ଅଭିଯୋଗରେ ଆଜି ସ୍ଥାନୀୟ ସଦର ଥାନା ପୁଲିସ ଜନୈକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ କୁକୁଡାଖଣ୍ଡି ସୂର୍ଯ୍ୟନଗରର ଶରତ ଚନ୍ଦ୍ର ତ୍ରିପାଠୀଙ୍କ ପୁଅ ସଂଗ୍ରାମ (୩୪) ବୋଲି ଜଣାପଡ଼ିଛି। ସଂଗ୍ରାମକୁ ଭୁବନେଶ୍ୱରରୁ ଗିରଫ କରାଯାଇଥିବା ବେଳେ ତାଙ୍କଠାରୁ କାରର ପଞ୍ଜିକରଣ ପ୍ରମାଣପତ୍ର, ଭଡ଼ା ସଂକ୍ରାନ୍ତ ଚୁକ୍ତିନାମା ଏବଂ ଆଇଫୋନ ଆଦି ମଧ୍ୟ ପୁଲିସ୍ ଜବତ କରିଥିବା ଜଣାପଡ଼ିଛି। ସେହିପରି ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଅଭିଯୋଗ ପଞ୍ଜିକରଣ ଓ ସେମାନଙ୍କ ଯାନ ଉଦ୍ଧାର ପାଇଁ ନିକଟସ୍ଥ ପୁଲିସ ଥାନାକୁ ଯୋଗାଯୋଗ କରିବାକୁ ପୁଲିସ କୁହାଯାଇଛି।

ଏ ସଂକ୍ରାନ୍ତରେ ପୁଲିସ୍ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ନୟାଗଡ ଜିଲ୍ଲାର ସ୍ୱାଭିମାନ ପ୍ରଧାନ (୨୮) ତାଙ୍କ ମା'ଙ୍କ ନାମରେ ମହିନ୍ଦ୍ରା ଫାଇନାନ୍ସରୁ ଋଣ ନେଇ ଏକ ମାରୁତି ବାଲେନୋ (ଓଡି୦୨ସିଟି ୯୧୯୩) କିଣିଥିଲେ। ତେବେ ତାଙ୍କର ଆର୍ଥିକ ସମସ୍ୟା ଯୋଗୁଁ ସେ ଧାର୍ଯ୍ୟ ସମୟ ମଧ୍ୟରେ କିସ୍ତି ଦେଇପାରିନଥିଲେ। ସେହି ସମୟରେ ବିଶ୍ୱମୋହନ ମହାପାତ୍ର ନାମକ ଜଣେ ବ୍ୟକ୍ତି ସ୍ୱାଭିମାନଙ୍କୁ ନେଇ ସଂଗ୍ରାମ ତ୍ରିପାଠୀଙ୍କ ସହ ପରିଚିତ କରାଇଦେଇଥିଲେ। ସଂଗ୍ରାମ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ତାଙ୍କ ଗାଡ଼ିକୁ ଏସଟି ଏଣ୍ଟରପ୍ରାଇଜେସ୍ କମ୍ପାନୀରେ ଭଡ଼ାରେ ଲଗାଇବେ ଓ ଏ ବାବଦରେ ପ୍ରତି ମାସରେ ୩୦ ହଜାର ଟଙ୍କା ଲେଖାଏଁ ଦେବେ। ଅଭାବରୁ ସଂଗ୍ରାମଙ୍କ ମାଧ୍ୟମରେ ସ୍ୱାଭିମାନ ତାଙ୍କ କାର୍‌କୁ ଭଡା ଲଗାଇବା ସକାଶେ ଦେଇଥିଲେ। ତେବେ ଗାଡ଼ି ପାଇବା ପରେ ସଂଗ୍ରାମ ଗାଡ଼ି ନେଇ ପ୍ରଥମେ ବାଙ୍ଗାଲୋର ଏବଂ ପରେ ହୋସୁର ଯାଇଥିଲେ। ଗାଡ଼ିକୁ ଭଡ଼ାରେ ଲଗାଇବା ସକାଶେ ସେ ସ୍ୱାଭିମାନ ଓ ତାଙ୍କ ମା'ଙ୍କ ଦସ୍ତଖତ ମଧ୍ୟ ନେଇଥିଲେ। କିନ୍ତୁ ଦୀର୍ଘଦିନ ପରେ ବି ସଂଗ୍ରାମ ସ୍ୱାଭିମାନଙ୍କୁ କୌଣସି ଭଡ଼ା ଟଙ୍କା ଦେଇନଥିଲେ। ବରଂ ଅଭିଯୁକ୍ତ ସଂଗ୍ରାମ ଉକ୍ତ କାର୍‌ଟିକୁ ତାମିଲନାଡୁର ହୋସୁରରେ ବନ୍ଧକ ରଖିଥିଲେ। ଭଡ଼ା ଟଙ୍କା ପାଇବା ସକାଶେ ସ୍ୱାଭିମାନ ସଂଗ୍ରାମକୁ ବାରମ୍ବାର କହିଆସୁଥିଲେ ମଧ୍ୟ ସେ ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ।

ଏପରି ସ୍ଥିତିରେ ଅଭିଯୁକ୍ତ ସଂଗ୍ରାମ ଓଡ଼ିଶା ଛାଡି ବାହାର ରାଜ୍ୟକୁ ଚାଲିଯିବାକୁ ଯୋଜନା କରୁଥିବା ନେଇ ସ୍ୱାଭିମାନ ଖବର ପାଇଥିଲେ। ତେଣୁ ସେ ତୁରନ୍ତ ସଦର ଥାନାରେ ପହଞ୍ଚି ଏତଲା ଦେଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ୍ ଏକ ଠକେଇ ମାମଲା ରୁଜୁ କରିବା ସହ ତ୍ୱରିତ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ସଂଗ୍ରାମ ଅନ୍ୟ ୬ ଜଣ କାର ମାଲିକଙ୍କୁ ସମାନ ଭାବେ ଠକିଥିବା ଜଣାପଡ଼ିଥିଲା। ସଂଗ୍ରାମ ଗାଡିଗୁଡ଼ିକୁ ତାମିଲନାଡୁରେ ଆର. ହରି ଚରଣଙ୍କ ନିକଟରେ ବନ୍ଧକ ରଖିଥିବା ଜଣାପଡ଼ିଥିଲା। ଶ୍ରୀରାମ ନଗର ତୃତୀୟ ଲାଇନ୍‌ରେ ରହୁଥିବା ରମେଶ ସାହୁ ଅଭିଯୁକ୍ତ ସଂଗ୍ରାମଙ୍କ ବିରୋଧରେ ସମାନ ଠକେଇ ଅଭିଯୋଗ ବଡ଼ବଜାର ଥାନାରେ ଦାଏର୍ କରିଥିଲେ। ପୁଲିସ୍ ମଧ୍ୟ ତୁରନ୍ତ ତଦନ୍ତ ଆରମ୍ଭ କରି ସଂଗ୍ରାମ କୁକୁଡାଖଣ୍ଡିରେ ନ ରହି ଭୁବନେଶ୍ୱରରେ ରହୁଥିବା ଜାଣି ପାରିଥିଲା। ତୁରନ୍ତ ସଦର ପୁଲିସ୍ ଆଜି ଭୁବନେଶ୍ୱରରେ ପହଞ୍ଚି ସଂଗ୍ରାମକୁ ଗିରଫ କରିଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭୁବନେଶ୍ୱର-ପୁରୀ-କୋଣାର୍କ ରାସ୍ତାରେ ଚାଲିବ ଗ୍ରିନ୍ ହାଇଡ୍ରୋଜେନ୍ ଟ୍ରକ୍

ନୂଆଦିଲ୍ଲୀ: ଦେଶରେ ଗ୍ରିନ୍ ହାଇଡ୍ରୋଜେନ୍ ଟ୍ରକ୍ ଚଳାଚଳ ନେଇ ସରକାର ଯୋଜନା କରିଛନ୍ତି। ଏଥିପାଇଁ ଦେଶର ବିଭିନ୍ନ ଅଞ୍ଚଳରେ ଜାତୀୟ ରାଜପଥଗୁଡ଼ିକର ୧୦ଟି ସ୍ଥାନକୁ ଚିହ୍ନଟ କରାଯାଇଛି। ଯାନ ଚଳାଚଳ ଜନିତ ପ୍ରଦୂଷଣ ହ୍ରାସ ପାଇଁ ଏହା କରାଯିବ ବୋଲି ମଙ୍ଗଳବାର କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ କହିଛନ୍ତି। ଚିହ୍ନଟ ହୋଇଥିବା ୧୦ଟି ରାସ୍ତା ମଧ୍ୟରେ ଭୁବନେଶ୍ୱର-ପୁରୀ-କୋଣାର୍କ ରହିଛି। ଅନ୍ୟ ରାସ୍ତାଗୁଡ଼ିକ ମଧ୍ୟରେ ଗ୍ରେଟର ନୋଏଡା-ଦିଲ୍ଲୀ-ଆଗ୍ରା, ଅହମଦାବାଦ-ଭଦୋଦରା-ସୁରଟ, ସହିବାବାଦ-ଫରିଦାବାଦ-ଦିଲ୍ଲୀ, ଜାମସେଦପୁର-କଳିଙ୍ଗନଗର, ତିରୁଅନନ୍ତପୁରମ-କୋଚି ଏବଂ ଜାମନଗର-ଅହମଦାବାଦ ରହିଛି।

ଏସବୁ ରାସ୍ତାରେ ହାଇଡ୍ରୋଜେନ୍ ଫିଲିଂ ଷ୍ଟେସନ ରହିବ। ଇଣ୍ଡିଆନ୍ ଅଏଲ୍ ଏବଂ ରିଲାଏନ୍ସ ପେଟ୍ରୋଲିୟମ ପକ୍ଷରୁ ଏଗୁଡ଼ିକ ସ୍ଥାପନ କରାଯିବ। ହାଇଡ୍ରୋଜେନରେ ଚଳାଚଳ କରିବାକୁ ଥିବା ଟ୍ରକ ନିର୍ମାଣ କାର୍ଯ୍ୟ ଟାଟା ମୋଟର୍ସ, ଅଶୋକ ଲେଲ୍ୟାଣ୍ଡ୍ ଏବଂ ଭଲଭୋ ଆରମ୍ଭ କରିସାରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଗଡ଼କରୀ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଭାରତ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱର ତୃତୀୟ ବୃହତ୍ ଏବଂ ୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ ହେବା ପାଇଁ ଭାରତକୁ ଏହାର ଭିତ୍ତିଭୂମି ବ୍ୟବସ୍ଥାରେ ଉନ୍ନତି




ଆଣିବାକୁ ହେବ। ଗ୍ରିନ୍ ହାଇଡ୍ରୋଜେନ୍‌ର ଏକ ରପ୍ତାନିକାରୀ ରାଷ୍ଟ୍ର ହେବା ପାଇଁ ଭାରତ ନିକଟରେ ଯଥେଷ୍ଟ କ୍ଷମତା ରହିଛି। ଏଥିସହିତ ଭାରତର ମାଲ ପରିବହନ ବାବଦ ଖର୍ଚ୍ଚ ଚଳିତବର୍ଷ ଡିସେମ୍ବର ସୁଦ୍ଧା ଏକ ଅଙ୍କ ବିଶିଷ୍ଟ ସଂଖ୍ୟାକୁ କମିବ ବୋଲି ମନ୍ତ୍ରୀ କହିଛନ୍ତି।

ଆଇଆଇଟି ବାଙ୍ଗାଲୋର, ଆଇଆଇଟି ଚେନ୍ନାଇ ଏବଂ ଆଇଆଇଟି କାନପୁର ପକ୍ଷରୁ ଏକ ଅନୁଧ୍ୟାନ କରାଯାଇଥିଲା। ସେଥିରୁ ଜଣାଯାଇଛି ଯେ ଭାରତରେ ସଡ଼କ ପରିବହନ ଖର୍ଚ୍ଚ ୬ ପ୍ରତିଶତ ହ୍ରାସ ପାଇଛି। ପୂର୍ବରୁ ମାଲ ପରିବହନ ଖର୍ଚ୍ଚ ପ୍ରାୟ ୧୪ରୁ ୧୬ ପ୍ରତିଶତ ରହୁଥିଲା। ଚୀନରେ ଏହା ୮ ପ୍ରତିଶତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପୀୟ ସଂଘରେ ୧୨ ପ୍ରତିଶତ ରହିଛି। ଆସନ୍ତା ୫ ବର୍ଷ ମଧ୍ୟରେ ଭାରତର ଅଟୋମୋବାଇଲ ଶିଳ୍ପକୁ ୧ ନମ୍ବର ସ୍ଥାନରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଆଜିର ସୁନା ଦର



ପୁଣି ବଢ଼ିଲା ସୁନା ଓ ରୁପା ଦର । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର ।
ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୬,୯୭୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୮,୦୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୬,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୮,୦୫୦ ଟଙ୍କାକୁ ପହଞ୍ଚିଛି ।
ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୬,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୮ ହଜାର ୦୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୭,୧୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୮, ୨୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୬,୯୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୮ ହଜାର ୦୫୦ ଟଙ୍କା ରହିଛି।

# ସର୍ବନିମ୍ନ ସ୍ତରରେ ଟଙ୍କା: ଗୋଟିଏ ଦିନରେ ଖସିଲା ୮ ପଇସା

ନୂଆଦିଲ୍ଲୀ,୩।୯: ଆମେରିକାର ଟାରିଫ ଚାପରେ ପ୍ରଭାବ ଭରତୀୟ ମୁଦ୍ରା ଉପରେ ପଡ଼ିବାରେ ଲାଗିଛି। ମଙ୍ଗଳବାର ଭାରତୀୟ ଟଙ୍କା ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୮ ପଇସା ହ୍ରାସ ପାଇ ୮୮.୧୮ ରେ ବନ୍ଦ ହୋଇଥିଲା। ମୁଖ୍ୟତଃ ଆମେରିକା ସହିତ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିକୁ ନେଇ ଚାଲିଥିବା ଅନିଶ୍ଚିତତା, ବିଦେଶୀ ପାଣ୍ଠିର ନିରନ୍ତର ପ୍ରବାହ ଏବଂ ଘରୋଇ ଇକ୍ୱିଟି ବଜାରରେ ଏକ ନିମ୍ନଗାମୀ ଧାରା ଯୋଗୁ ଭାରତୀୟ ମୁଦ୍ରା ହ୍ରାସ ପାଇଛି।
ମୋଦୀ ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପୂର୍ବରୁ ଟଙ୍କା ଦୁର୍ବଳ ନେଇ କଂଗ୍ରେସ ସରକାର ଉପରେ ପର୍ବଳ



ବର୍ଷିଥିଲେ। ହେଲେ ଏବେ ମୋଦୀଙ୍କ ସରକାର ରହିଥିଲେ ବି ଭାରତୀୟ ମୁଦ୍ରା ନିମ୍ନଗତିରୁ ସୁଧୁରିପାରୁ ନାହିଁ। ଏହା ନିରନ୍ତର ଦୁର୍ବଳ ହେଉଛି। ସରକାରଙ୍କଠାରୁ ଆରବିଆଇ ପର୍ଯ୍ୟନ୍ତ, ସମସ୍ତେ ଟଙ୍କାକୁ ବୃଦ୍ଧି କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଛନ୍ତି। ଏହାସତ୍ତ୍ୱେ ମଧ୍ୟ, ଟଙ୍କା ଏପର୍ଯ୍ୟନ୍ତ ମଜଭୁତ ହୋଇପାରି ନାହିଁ। ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଚଳିତ ବର୍ଷ ଟଙ୍କା ଏପର୍ଯ୍ୟନ୍ତ ୩ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଚଳିତ ପିକ୍‌ରୁ ୫ ପ୍ରତିଶତ କମିଛି ଟଙ୍କା ମୂଲ୍ୟ। ମଙ୍ଗଳବାର (ସେପ୍ଟେମ୍ବର ୨)ରେ ଟଙ୍କା ଏହାର ରେକର୍ଡ ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଛି। ଏହା ପୂର୍ବରୁ ମେ ୨ ତାରିଖରେ ବାଣିଜ୍ୟ ଅଧିବେଶନ ସମୟରେ ଟଙ୍କା ଚଳିତ ବର୍ଷ ସବୁଠାରୁ ଶକ୍ତିଶାଳୀ ସ୍ଥିତିରେ ଥିଲା।
ବିଶେଷଜ୍ଞଙ୍କ ମତରେ, ଶୁଳ୍କର ପ୍ରଭାବ ଟଙ୍କା ଉପରେ ଅଧିକ ଦେଖାଯାଉଛି। ଯାହା ଯୋଗୁଁ ପରିସ୍ଥିତି କ୍ରମାଗତ ଭାବରେ ଖରାପ ହେଉଛି। ଏବେ ଟ୍ରମ୍ପ ଔଷଧ ଉପରେ ମଧ୍ୟ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି। ଏହି ଶୁଳ୍କ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଲାଗୁ ହୋଇପାରେ। ଏପରି ପରିସ୍ଥିତିରେ, ଟଙ୍କାର ଅବସ୍ଥା ଆହୁରି ଖରାପ ହେବାର ଦେଖାଯାଇପାରେ।

# ୧.୮୬ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ

## ଗତବର୍ଷ ଅଗଷ୍ଟ ତୁଳନାରେ ୬.୫% ଅଧିକ

ନୂଆଦିଲ୍ଲୀ,୩।୯: ଚଳିତ ବର୍ଷ ଅଗଷ୍ଟରେ ସରକାର ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି)ରୁ ୧.୮୬ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି । ଗତବର୍ଷ ଅଗଷ୍ଟ ତୁଳନାରେ ଏଥିରେ ୬.୫% ବୃଦ୍ଧି ଘଟିଛି ।
ସୋମବାର ଜାରି ହୋଇଥିବା ସରକାରୀ ତଥ୍ୟ ଅନୁସାରେ, ବର୍ଷେ ତଳେ ଅର୍ଥାତ ୨୦୨୪ ଅଗଷ୍ଟରେ ସରକାର ୧.୭୫ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିଥିଲେ । ସେହିଭଳି ୨୦୨୫ ଜୁଲାଇ ତୁଳନାରେ ଅଗଷ୍ଟରେ ଜିଏସ୍‌ଟି ସଂଗ୍ରହରେ ୧୦ ହଜାର କୋଟି ଟଙ୍କାର ହ୍ରାସ ଦେଖିବାକୁ ମିଳିଛି । ଜୁଲାଇରେ ୧.୯୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ଏହା ପୂର୍ବରୁ ୨୦୨୫ ଏପ୍ରିଲରେ ରେକର୍ଡ ୨.୩୭ ଲକ୍ଷ କୋଟି ଟଙ୍କା ଏବଂ ମେ'ରେ ୨.୦୧ ଲକ୍ଷ କୋଟି ଟଙ୍କାର ପରୋକ୍ଷ ଟିକସ ସଂଗ୍ରହ ହୋଇଥିଲା। ଜୁଲାଇ ମାସରେ ଦେଶରେ ଜିଏସ୍‌ଟିକୁ ୮ ବର୍ଷ ପୂରଣ ହୋଇଛି। ୨୦୧୭ ଜୁଲାଇ ୧ରେ ଏହାକୁ ଦେଶବ୍ୟାପୀ ଲାଗୁ କରାଯାଇଥିଲା । ୨୦୨୪-୨୫ରେ ମୋଟ ଜିଏସ୍‌ଟି ସଂଗ୍ରହ




୨୨.୦୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା, ଯାହା ୫ ବର୍ଷ ତଳେ ଅର୍ଥାତ୍ ୨୦୨୦-୨୧ରେ ମାତ୍ର ୧୧.୩୭ ଲକ୍ଷ କୋଟି ଟଙ୍କା ଥିଲା। ଅର୍ଥାତ୍ ୫ ବର୍ଷରେ ଟିକସ ସଂଗ୍ରହ ପ୍ରାୟ ୨ ଗୁଣା ହୋଇଛି। ୨୦୨୪-୨୫ରେ ପ୍ରତି ମାସ ହାରାହାରି ଜିଏସ୍‌ଟି ଆଦାୟ ୧.୮୪ ଲକ୍ଷ କୋଟି ଟଙ୍କା ରହିଛି । ଏହା ୫ ବର୍ଷ ତଳେ ଅର୍ଥାତ୍ ୨୦୨୦-୨୧ରେ ୯୫ ହଜାର କୋଟି ଟଙ୍କା ଥିଲା । ଜିଏସ୍‌ଟି ଲାଗୁ ହେବା ସମୟରେ ଅର୍ଥାତ୍ ୨୦୧୭ରେ ପଞ୍ଜୀକୃତ ଟିକସଦାତାଙ୍କ ସଂଖ୍ୟା ୬୫ ଲକ୍ଷ ଥିଲା, ଯାହା ଏବେ ବଢ଼ି ୧.୫୧ କୋଟିରୁ ଅଧିକ ହୋଇଛି ।
ଏହାଦ୍ୱାରା ସରକାରଙ୍କ ଟିକସ ପରିସର ମଜଭୁତ ହୋଇଛି ।
ସରକାରଙ୍କ କହିବାନୁସାରେ, ଜିଏସ୍‌ଟି ଲାଗୁ ହେବା ପରେ ଟିକସ ସଂଗ୍ରହ ଏବଂ ଟିକସ ପରିସର ଉଭୟରେ ବୃହତ୍ ବୃଦ୍ଧି ଦେଖିବାକୁ ମିଳିଛି । ଏହାଦ୍ୱାରା ଦେଶର ବିତ୍ତୀୟ ସ୍ଥିତି ସୁଦୃଢ଼ ହୋଇଛି ଏବଂ ଟିକସ ବ୍ୟବସ୍ଥା ଅଧିକ ପାରଦର୍ଶୀ ଏବଂ ସହଜ ପାଲଟିଛି। ଇତିହାସର ସବୁଠାରୁ ବୃହତ୍ ଟିକସ ସଂଗ୍ରହ ୨୦୨୫ ଏପ୍ରିଲରେ ହୋଇଛି। ସରକାର ଆଲୋଚ୍ୟ ସମୟରେ ୨.୩୭ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିଥିଲେ। ବାର୍ଷିକ ଆଧାରରେ ଏଥିରେ ୧୨.୬% ବୃଦ୍ଧି ଘଟିଥିଲା । ଏହା ଜିଏସ୍‌ଟି ସଂଗ୍ରହରେ ରେକର୍ଡ ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି । କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୪ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି ।



# ପାର୍ବଣ ଆଗରୁ ଗ୍ରାହକଙ୍କୁ ଝଟ୍‌କା ଦେଲା ଜୋମାଟୋ

ନୂଆଦିଲ୍ଲୀ,୨।୯: ଉତ୍ସବ ଋତୁ ପୂର୍ବରୁ ଖାଦ୍ୟ ବିତରଣ ଏବଂ କ୍ୱିକ୍ କମର୍ସ କମ୍ପାନୀ ଇଟର୍ନାଲ୍ (ଜୋମାଟୋ ଏବଂ ବ୍ଲିଙ୍କିଟର ମୂଳ କମ୍ପାନୀ) ଗ୍ରାହକମାନଙ୍କୁ ଚକିତ କରିଛି। କମ୍ପାନୀ ୨ ସେପ୍ଟେମ୍ବର ୨୦୨୫ ମଙ୍ଗଳବାର ଦିନ ପ୍ଲାଟଫର୍ମ ଫି ୨୦% ବୃଦ୍ଧି କରିଛି। ଏବେ ଗ୍ରାହକମାନଙ୍କୁ ପୂର୍ବ ପରି ୧୦ ଟଙ୍କା ବଦଳରେ ୧୨ ଟଙ୍କା ପ୍ଲାଟଫର୍ମ ଚାର୍ଜ ଦେବାକୁ ପଡିବ।
ଏଠାରେ ଉଲ୍ଲେଖନୀୟ ଯେ କମ୍ପାନୀ ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ଏହି ପରିବର୍ତ୍ତନ କରିଛି। ଏହା ବିଶ୍ୱାସ କରାଯାଉଛି ଯେ ପର୍ବ ଋତୁରେ ବର୍ଦ୍ଧିତ ପରିଚାଳନା ଖର୍ଚ୍ଚ ଏବଂ ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି ଏହି ପଦକ୍ଷେପ ନିଆଯାଇଛି।
ପ୍ଲାଟଫର୍ମ ଫି ବୃଦ୍ଧି ପାଇଁ




କମ୍ପାନୀର ଏହି ନିଷ୍ପତ୍ତି ପରେ, ଏବେ ପ୍ରତ୍ୟେକ ଅର୍ଡର ପାଇଁ ୨ ଟଙ୍କା ଅତିରିକ୍ତ ଦେବାକୁ ପଡିବ, ଅର୍ଥାତ୍ ମୋଟ ୧୨ ଟଙ୍କା। ଯେଉଁମାନେ ମାସରେ ଅନେକ ଥର ଅର୍ଡର କରନ୍ତି, ସେମାନଙ୍କ ପାଇଁ ଖର୍ଚ୍ଚ ଆହୁରି ବଢ଼ିବ। ଉଦାହରଣ ସ୍ୱରୂପ, ଯଦି ଜଣେ ଗ୍ରାହକ ମାସକୁ ୨୦ ଥର ଅର୍ଡର କରନ୍ତି, ତେବେ ପୂର୍ବରୁ ପ୍ଲାଟଫର୍ମ ଚାର୍ଜ ୨୦୦ ଟଙ୍କା ଥିଲା, ଏବେ ଏହା ୨୪୦ ଟଙ୍କା ହେବ। ଗତ ଦୁଇ ବର୍ଷ ଧରି ଜୋମାଟୋର ପ୍ଲାଟଫର୍ମ ଫିର କାହାଣୀ ନିରନ୍ତର ପରିବର୍ତ୍ତନ ହେଉଛି। କମ୍ପାନୀର ସିଇଓ ଦୀପେନ୍ଦ୍ର ଗୋୟଲ ପ୍ରଥମେ ଏହାକୁ ୨୦୨୩ ରେ ଲାଗୁ କରିଥିଲେ, ଯେତେବେଳେ ଲକ୍ଷ୍ୟ ଥିଲା ମାର୍ଜିନ ବୃଦ୍ଧି କରି ଲାଭକୁ ଉନ୍ନତ କରିବା। ପ୍ରାରମ୍ଭରେ, ଏହି ଫି ପ୍ରତି ଅର୍ଡର ୨ ଟଙ୍କା ରଖାଯାଇଥିଲା। ଏହା ପରେ, କମ୍ପାନୀ ଧୀରେ ଧୀରେ ଏହାକୁ ବୃଦ୍ଧି କରିବା ଆରମ୍ଭ କରିଥିଲା। ୨୦୨୩ରେ ଏହାକୁ ୩ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ୧ ଜାନୁଆରୀ, ୨୦୨୪ ରେ, ଫି ୪ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ୩୧ ଡିସେମ୍ବର, ୨୦୨୩ରେ, ଏହାକୁ ଅସ୍ଥାୟୀ ଭାବରେ ୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏହା ପରେ, କମ୍ପାନୀ ଏହାକୁ ସ୍ଥାୟୀ ଭାବରେ ୧୦ ଟଙ୍କା କରିଦେଲା ଏବଂ ଏବେ, ୨ ସେପ୍ଟେମ୍ବର, ୨୦୨୫ରେ, କମ୍ପାନୀ ଏହାକୁ ଆହୁରି ୧୨ ଟଙ୍କାକୁ ବୃଦ୍ଧି କରିଛି। ଅର୍ଥାତ୍, ମାତ୍ର ଦୁଇ ବର୍ଷ ମଧ୍ୟରେ, ଯାହା ୨ ଟଙ୍କା ଥିଲା ତାହା ଏବେ ୬ ଗୁଣ ବୃଦ୍ଧି ପାଇ ୧୨ ଟଙ୍କା ହୋଇଛି।

## ଏବେବି ଲୋକଙ୍କ ପାଖରେ ଅଛି ୫୯୫୬ କୋଟି ଟଙ୍କାର ୨ ହଜାର ଟଙ୍କିଆ ନୋଟ

ମୁମ୍ବାଇ,୩।୯: ୧୯ ମେ ୨୦୨୩ରେ ଭାରତ ସରକାର ୨ ହଜାର ଟଙ୍କିଆ ନୋଟକୁ ଅଚଳ ବୋଲି ଘୋଷଣା କରିଥିଲା।
ସେବେଠାରୁ ଭାରତୀୟ ବଜାରରୁ ଥିବା ୨ ହଜାର ଟଙ୍କିଆ ନୋଟ୍ ସବୁ ରିଜର୍ଭ ବ୍ୟାଙ୍କ ଫେରିବା ଆରମ୍ଭ ହୋଇଥିଲା । ବର୍ତ୍ତମାନ ଯାଏଁ ୯୮.୩୩ ପ୍ରତିଶତ ନୋଟ



ଆର୍‌ବିଆଇକୁ ଫେରିଆସିଛି ।
ହେଲେ ଏବେବି ଭାରତୀୟ ବଜାରରେ ବିପୁଳ ମାତ୍ରାରେ ୨ ହଜାର ଟଙ୍କିଆ ନୋଟ ରହିଛି ।
ରିଜର୍ଭ ବ୍ୟାଙ୍କର ଜଣେ ଅଧିକାରୀଙ୍କ ମତରେ, ଏବେବି ଲୋକଙ୍କ ପାଖରେ ୫,୯୫୬ କୋଟି ଟଙ୍କାର ୨ ହଜାର ନୋଟ ରହିଛି ।

# ନିବେଶକଙ୍କ ଲାଭ ୩ ଲକ୍ଷ କୋଟି ଟଙ୍କା

## ସେନ୍‌ସେକ୍ସରେ ୪୦୯ ଅଙ୍କ ବୃଦ୍ଧି



ନୂଆଦିଲ୍ଲୀ: ଭାରତୀୟ ସେୟାର ବଜାରରେ ବୁଧବାର ଅପରାହ୍ନ ପରେ ଭଲ କ୍ରୟ ଦେଖିବାକୁ ମିଳିଥିଲା । ଏହି କାରଣରୁ ସେନସେକ୍ସ ଓ ନିଫ୍ଟି କାରବାର ଶେଷରେ ପ୍ରାୟ ଆଧା ପ୍ରତିଶତ ଯାଏ ବଢ଼ି ବନ୍ଦ ହୋଇଛି । ସେନ୍‌ସେକ୍ସ ୪୦୯.୮୩ ଅଙ୍କ ବଢ଼ି ୮୦,୫୬୭.୭୧ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ ନିଫ୍ଟି ୧୩୫.୪୫ ଅଙ୍କ ବଢ଼ି ୨୪,୭୧୫.୦୫ ସ୍ତରରେ ବନ୍ଦ ହୋଇଛି । ଏହି ବୃଦ୍ଧି ସହ ନିବେଶକଙ୍କ ସମ୍ପତ୍ତି ପ୍ରାୟ ୩ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି ।
ଆଜି କାରବାରରେ ସବୁଠୁ ଅଧିକ ବୃଦ୍ଧି ମେଟାଲ୍ କମ୍ପାନି ସେୟାରରେ ଦେଖିବାକୁ ମିଳିଛି । ଦୁର୍ବଳ ଡଲାର ଓ ଚୀନର ଷ୍ଟିଲ୍ ହ୍ରାସ ଯୋଜନା ଯୋଗୁ ଜେଏସଡବ୍ଲୁ ଷ୍ଟିଲ୍, ଟାଟା ଷ୍ଟିଲ୍ ଓ ହିଣ୍ଡାଲ୍କୋର ସେୟାରରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି । ନିଫ୍ଟି ମେଟାଲ୍ ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇ ଟପ୍ ସେକ୍ଟୋରାଲ୍ ଗେନର୍ ରହିଛି ।
ଅନ୍ୟ ସମସ୍ତ ସେକ୍ଟୋରାଲ୍ ଇଣ୍ଡେକ୍ସ କଥା ଯଦି କହିବା, ଏଏସ୍‌ୟୁ ବ୍ୟାଙ୍କ, ଫାର୍ମା ଓ ଅଟୋ ଇଣ୍ଡେକ୍ସରେ ୦.୭ରୁ ୧ ପ୍ରତିଶତ ଯାଏ ବୃଦ୍ଧି ଦେଖିବାକୁ ମିଳିଛି । ଅନ୍ୟପଟେ ଏଫ୍‌ଏମ୍‌ସିଜି, ଏନର୍ଜି, ରିୟଲ୍ଟି ଓ ଇନଫ୍ରା ସେକ୍ଟରରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିଛି । ଅନ୍ୟପଟେ ନିଫ୍ଟି ଆଇଟି ଇଣ୍ଡେକ୍ସ ଆଜି ଚାପରେ ରହିଥିଲା ଓ ୦.୮ ପ୍ରତିଶତ ହ୍ରାସ ପାଇ ବନ୍ଦ ହୋଇଥିଲା। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ୍ ମାର୍କେଟ୍ କ୍ୟାପ୍ ଆଜି ବଢ଼ି ୪୫୨.୮୭ ଲକ୍ଷ କୋଟି ଟଙ୍କା ହୋଇଛି । ପୂର୍ବ କାରବାର ଦିନ ଅର୍ଥାତ୍ ମଙ୍ଗଳବାର ୪୪୯.୯୦ ଲକ୍ଷ କୋଟି ଟଙ୍କା ଥିଲା । ଏହିପରି ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମାର୍କେଟ କ୍ୟାପ୍ ୨.୯୭ ଲକ୍ଷ କୋଟି ଟଙ୍କା ବଢ଼ିଛି । ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ଆଜି ୨.୯୭ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି । ଆଜିର କାରବାରରେ ବିଏସଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୨୨ ସେୟାର ସବୁଜ ସଂକେତରେ ବନ୍ଦ ହୋଇଥିଲା । ଅନ୍ୟପଟେ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଥିଲା ।

# ଖୁବ୍‌ଶୀଘ୍ର ଆରମ୍ଭ ହେବ ନୂଆ ଡିଜିଟାଲ ସେବା 'ଇପିଏଫ୍‌ଓ ୩.୦'

## ଉପକୃତ ହେବେ ୮ କୋଟିରୁ ଊର୍ଦ୍ଧ୍ୱ କର୍ମଚାରୀ

ନୂଆଦିଲ୍ଲୀ,୩।୯: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ) ଖୁବ୍‌ଶୀଘ୍ର ଏହାର ନୂଆ ଡିଜିଟାଲ ସେବା 'ଇପିଏଫ୍‌ଓ ୩.୦'କୁ ଆରମ୍ଭ କରିବାକୁ ଯାଉଛି । ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ ସଦସ୍ୟ ଅର୍ଥନୀତିଜ୍ଞ ସଞ୍ଜୀବ ସାନ୍ୟାଲ୍ ଇପିଏଫ୍‌ଓରେ ବଡ଼ ପରିବର୍ତ୍ତନର ସଂକେତ ଦେଇଛନ୍ତି। ଏହି ପରିବର୍ତ୍ତନ ୨୦୨୫ରେ ହିଁ ଲାଗୁ ହେବ ଏବଂ ଦେଶର ୮ କୋଟିରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଫାଇଦା ପ୍ରଦାନ କରିବ। ମୋବାଇଲ ଆପ୍, ଡିଜିଟାଲ ଡ୍ୟାସ୍‌ବୋର୍ଡ ଏବଂ ୟୁପିଆଇ ପେମେଣ୍ଟ ଭଳି ସୁବିଧା କର୍ମଚାରୀଙ୍କ ଜୀବନକୁ ସହଜ କରିଦେବ । ଇପିଏଫ୍‌ଓ ୩.୦ କେବଳ ଟଙ୍କା ଉଠାଣକୁ ସରଳ କରିବ ନାହିଁ ବରଂ ତଥ୍ୟ ଅପ୍‌ଡେଟ୍ କରିବ ଓ କ୍ଲେମ୍ ପ୍ରକ୍ରିୟାକୁ ବି ଦ୍ରୁତ କରିବ । କର୍ମଚାରୀ ୟୁଏଏନ୍‌କୁ ସକ୍ରିୟ କରି ଏବଂ ଆଧାରକୁ ଖାତା ସହ ଯୋଡ଼ି ଏଟିଏମ୍‌ରୁ ଟଙ୍କା ଉଠାଇପାରିବେ। ଏହି ନୂଆ ପ୍ରକ୍ରିୟାରେ ଇପିଏଫ୍‌ଓ ଏହାର ସଦସ୍ୟମାନଙ୍କୁ ଏକ ବିଶେଷ ଏଟିଏମ୍ କାର୍ଡ ଜାରି କରିବ, ଯାହା ସେମାନଙ୍କ ପିଏଫ୍ ଖାତା ସହ ଲିଙ୍କ୍ ହେବ। ଏହି କାର୍ଡର ବ୍ୟବହାର କରି ଉପଭୋକ୍ତା ଏଟିଏମ୍ ମେଶିନ୍‌ରୁ ସିଧାସଳଖ ନିଜ ପିଏଫ୍ ଟଙ୍କା ଉଠାଇପାରିବେ । ସେହିଭଳି ୟୁପିଆଇରୁ ଟଙ୍କା ଉଠାଣ ପାଇଁ ଉପଭୋକ୍ତାଙ୍କୁ ନିଜର ପିଏଫ୍ ଆକାଉଣ୍ଟକୁ ୟୁପିଆଇ ସହ ଲିଙ୍କ୍ କରିବାକୁ ପଡ଼ିବ । ଏହାପରେ ଉପଭୋକ୍ତା ପିଏଫ୍ ଟଙ୍କାକୁ ନିଜ ବ୍ୟାଙ୍କ୍ ଆକାଉଣ୍ଟକୁ ଟ୍ରାନ୍ସଫର କରିପାରିବେ । ଇପିଏଫ୍‌ଓ ଉଠାଣ କାର୍ଡ ଡେବିଟ୍ କାର୍ଡ ଭଳି ହିଁ ହେବ । କର୍ମଚାରୀ ସଂଗଠନଗୁଡ଼ିକ ପକ୍ଷରୁ ପିଏଫ୍ ଉଠାଣ ପ୍ରକ୍ରିୟାକୁ ଅଧିକ ସରଳ କରିବା ପାଇଁ ଦାବି କରାଯାଇଥିଲା । ତେଣୁ ସରକାର ଏଭଳି ଏକ ବ୍ୟବସ୍ଥା ଆଣିବା ପାଇଁ ବିଚାର କଲେ । ଇପିଏଫ୍‌ଓ ୩.୦ ଦ୍ୱାରା କର୍ମଚାରୀଙ୍କୁ ଆବଶ୍ୟକ ବେଳେ ତତ୍କାଳ ଟଙ୍କା ମିଳିବା ଏବଂ ଅବସର ପାଇଁ ସୁରକ୍ଷିତ ରାଶି ମିଳିବା ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇପାରିବ ।

# ଟୁକୁଣା ହାଟରେ ଚଢ଼ାଉ; ୧୭୦ଗୋରୁ ଜବତ୍; ୧୦ ଗିରଫ



**ଆନନ୍ଦପୁର,୩।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଟୁକୁଣା ସାପ୍ତାହିକ ହାଟରେ ଚଢ଼ାଉ କରାଯାଇଥିବାବେଳେ ବିଭିନ୍ନ ସ୍ଥାନକୁ ଚାଲାଣ ହେବାକୁ ଥିବା ୧୭୦ଗୋରୁ ଜବତ୍ କରାଯାଇଛି। ଏହି ଘଟଣାରେ ୧୦ଜଣଙ୍କୁ ଘସିପୁରା ପୁଲିସ୍ ଗିରଫ କରିଛି। ଟୁକୁଣା ସାପ୍ତାହିକ ହାଟରୁ ବେଆଇନ୍ ଭାବେ ଗୋରୁଚାଲାଣ ହେଉଥିବା ନେଇ ଅଭିଯୋଗ ହେଇ ଆସୁଥିଲା। ଖବରପାଇ ଆଜି ଭୋର ସମୟରେ ସ୍ଥାନୀୟ ବଜରଙ୍ଗଦଳ କର୍ମୀ ଓ ପୁଲିସ୍ ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଚଢ଼ାଉ କରିଥିଲା। ଗୋରୁ ଚାଲାଣ ହେବା ସମୟରେ ୧୭୦ଟି ଗୋରୁ ଜବତ୍ କରାଯାଇଥିଲା। ଜବତ୍ ଗୋରୁକୁ ବାଲେଶ୍ୱର ଗୋଶାଳାକୁ ପଠାଯାଇଛି। ଏହି ମାମଲାରେ ୧୦ଜଣଙ୍କୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି।

## ଖାଲଖମାରେ ଭର୍ତ୍ତି ହୋଇ ପ୍ରତିଦିନ ଘଟୁଛି ଦୁର୍ଘଟଣା

# ମରଣଯନ୍ତା ପାଲଟିଛି ରାସ୍ତା, ଅଭିଯୋଗ ପରେ ବି ହେଉନି ମରାମତି

**ବାଲିଆପାଳ,୩।୯(ସଂଚାର ବ୍ୟୁରୋ):** ବସ୍ତା- ବାଲିଆପାଳ ରାସ୍ତା। ଯାତାୟାତକୁ ସୁଗମ କରିବା ପାଇଁ କୋଟିକୋଟି ଖର୍ଚ୍ଚରେ ନିର୍ମାଣ ହେଉଥିବା ରାସ୍ତାର ଏ ହେଉଛି ବାସ୍ତବତା । ୨୨ କିଲୋମିଟର ରାସ୍ତାର ବିଭିନ୍ନ ସ୍ଥାନ ଖାଲ। ଫଳରେ ଦୁର୍ଘଟଣା ଘଟୁଛି । ଅନେକ ମୃତାହତ ହେଉଛନ୍ତି । ରାସ୍ତାର ସ୍ଥାୟୀ ମରାମତି ପାଇଁ ବାରମ୍ବାର ଦାବି ହେଉଥିଲେ ବି ଏଥିପ୍ରତି କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି ।

ପୂର୍ତ୍ତ ବିଭାଗର ଏହି ରାସ୍ତା ଉପରେ ବ୍ଲକର ପ୍ରାୟ ୫ ଲକ୍ଷ ଲୋକ ନିର୍ଭରଶୀଳ। ଏହି ରାସ୍ତା ସିଧାସଳଖ ପଶ୍ଚିମବଙ୍ଗଙ୍କୁ ସଂଯୋଗ କରୁଛି । ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯା'ଆସର ମାଧ୍ୟମ। ବାଲିଆପାଳରୁ ଧାନ, ପାନ, ମୀନ, କାଜୁ ଭଳି ଅର୍ଥକାରୀ ଫସଲର ରପ୍ତାନୀର ପ୍ରମୁଖ ମାଧ୍ୟମ ଏହି ରାସ୍ତା । ହେଲେ ପୂର୍ତ୍ତ ବିଭାଗ ଏହାର ମରାମତି ପ୍ରତି ଦୃଷ୍ଟି ନ ଦେବା ଚିନ୍ତାର କାରଣ ପାଲଟିଛି ।

ପେଜଗଳା ଚଟାଣ ଏହି ରାସ୍ତା ଉପରେ ପଡୁଥିବାରୁ ବର୍ଷା ଦିନେ ଚଟାଣରେ ୨ ରୁ ୩ ଫୁଟ ପାଣି ପ୍ରବାହିତ ହୁଏ । ସେହି ସମୟରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଏ। ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ପରେ ୨୦୧୬ରେ ୫୦ କୋଟି ବ୍ୟୟରେ ୫ଟି ପୋଲ ନିର୍ମାଣ ହୋଇଥିଲା। ତାହା ବି ବିପଦସଙ୍କୁଳ ଅବସ୍ଥାରେ।



# ଅଖିଳ ଭାରତ କଂଗ୍ରେସ କମିଟିର ସଂଗଠନ ସୃଜନ ଅଭିଯାନ




**ନୟାଗଡ଼, (ସଂଚାର ବ୍ୟୁରୋ):**ନୟାଗଡ଼ ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ ଠାରେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ନୟାଗଡ଼ ଜିଲ୍ଲା କଂଗ୍ରସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ ଅଧକ୍ଷତା ରେ ନୟାଗଡ଼ ବ୍ଲକ ଓ ଏନ୍ଏସିସଂଗଠନ ସୃଜନ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଖିଳ ଭାରତ କଂଗ୍ରସ କମିଟି ସାଧାରଣ ସମ୍ପାଦକ ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗଦେଇ ରାଜ୍ୟରେ କଂଗ୍ରେସକୁ କ୍ଷମତା ଫେରାଇ ଆଣିବାପାଇଁ ଲୋକସଭାର ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ଓଡିଶା କଂଗ୍ରେସ ସଂଗଠନକୁ ଗୁରୁତ୍ୱ ଦେଉଛନ୍ତି। ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଜଣେ ସାଧାରଣ କଂଗ୍ରେସ କାର୍ଯ୍ୟକର୍ତା ସଂଗଠନ ର ସର୍ବୋଚ୍ଚ ପଦବୀ ରେ ବସିପାରିବ, ସଂଗଠନ ସୃଜନ ଅଭିଜନରେ କୌଣସି ନେତା ଙ୍କ ସୁପାରିଶ କାମଦେବ ନାହିଁ। ଯେଉଁ ବ୍ୟକ୍ତି କଂଗ୍ରେସ ଦଳ ପ୍ରତି ଅନୁଗତ୍ୟତା ରଖିଥିବେ, ଛାତ୍ର, ଯୁବ, ମହିଳା ସେବାଦଳରେ ଓ କଂଗ୍ରେସର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିବେ ସେ ହିଁ ଜିଲ୍ଲା ସଭାପତି ହେବେ। ଏଥିରେ ସଂଗଠନ ସୃଜନ ଅଭିଯାନର ଅଖିଳଭାରତ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ଦାଦ୍ରା ନଗର ହାବେଳୀର ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ମହେଶ ଶର୍ମା ଯୋଗଦେଇ ଅଖିଳ ଭାରତ କଂଗ୍ରେସ କମିଟି ଅଧକ୍ଷ ମାଲିକାର୍ଜୁନ ଖଡ଼ଗେ ଓ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ସହ ତୃଣମୂଳ କଂଗ୍ରେସ କର୍ମକର୍ତା ଓ କର୍ମିକ ମତାମତରେ ଜିଲ୍ଲା ସଭାପତି ଚୟନ କରିବାପାଇଁ ସରାଭାରତବର୍ଷ ସବୁ ରାଜ୍ୟରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି, ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ନୟାଗଡ଼ ଜିଲ୍ଲା ରେ ଆଠଦିନ ଧରି ଏହି କାର୍ଯ୍ୟକ୍ରମ ଚଳିବ। ପ୍ରତି ବ୍ଲକ ଏନ୍ଏସିରେ ଏହି ସଂଗଠନ ସୃଜନ ଅଭିଜନ କାର୍ଯ୍ୟକ୍ରମ ରେ ଜିଲ୍ଲାର ମିଡ଼ିଆ, ଓକିଲ, ବଣିକ ସଂଘ, ଶ୍ରମିକ ସଂଗଠନ, ଗଣ ସଂଗଠନ ର କାର୍ଯ୍ୟ କାର୍ଯ୍ୟକର୍ତା ମାନଙ୍କୁ ଭେଟି ସେମାନଙ୍କ ମତାମତ ଗ୍ରହଣ କରାଯିବ।

# ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର



**ନୀଳଗିରି,୩।୯(ସଂଚାର ବ୍ୟୁରୋ):** ଜମି ପଞ୍ଜିକରଣ କ୍ଷେତ୍ରରେ ବିଭିନ୍ନ କଟକଣା କୁ ନେଇ ଗତ ୧୨/୮/୨୫ରିଖ ଠାରୁ ନୀଳଗିରି ମହୋରିର ସଂଘ ପକ୍ଷରୁ ଆଜି ପର୍ଯ୍ୟନ୍ତ ନୀଳଗିରି ଉପ ନିବନ୍ଧକ କାର୍ଯ୍ୟାଳୟ ଆଗରେ ଧାରଣା ରେ ବସିଥିଲେ। ଜିଲ୍ଲା ମୋହରିର ସଂଘର ନିର୍ଦ୍ଦେଶ କ୍ରମେ ଏଯାବତ୍ ଧାରଣାରେ ବସି ଥିବାବେଳେ ୩/୯/୨୫ରିଖ ଦିନ ଉକ୍ତ ଧାରଣାକୁ ପ୍ରତ୍ୟାହୃତ କରି ନେଇଛନ୍ତି ମୋହରିର ସଂଘ। ସୂଚନା ଅନୁସାରେ ଜମି ପଞ୍ଜିକରଣ କ୍ଷେତ୍ରରେ ବିଭିନ୍ନ କଟକଣା ଜାରି କରାଯାଇଥିବା ବେଳେ ବାଲେଶ୍ୱର ଜିଲାର ସମସ୍ତ ମୋହରିର ମିଳିତ ଭାବେ ଉକ୍ତ ନିୟମକୁ ବିରୋଧ କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଟକ ରେ ଏକ ପିଟିସନ ଦାଖଲ କରିଥିଲେ। ଡବ୍ଲ୍ୟୁ.ପି(ସି) ୨୩୯୩୪ରେ ମାନ୍ୟବର ହାଇକୋର୍ଟ ଆସନ୍ତା ୨୫/୯/୨୫ରେ ମାମଲାର ଶୁଣାଣିକୁ ଅର୍ଡର ରହିଅଛି। ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ତଥା ଦୀର୍ଘ ଦିନର ପଞ୍ଜିକରଣ କାର୍ଯ୍ୟ ବନ୍ଦ୍ ହେବା ଯୋଗୁଁ ଜନସାଧାରଣ ବହୁ ଅସୁବିଧାରେ ପଡ଼ିଥିବା ବେଳେ ସ୍ଥାନୀୟ ଉଭୟ ଓକିଲ ସଂଘର ସଭାପତି, ସମ୍ପାଦକ, ବରିଷ୍ଠ ଓକିଲ ବନ୍ଧୁ ତଥା ନୀଳଗିରି ଉପ ନିବନ୍ଧକ ପ୍ରଦୀପ କୁମାର ଦାସଙ୍କ ଅନୁରୋଧ କ୍ରମେ ବୁଧବାର ଦିନ ସମସ୍ତ ମୋହରିର ମାନେ ତାହାକୁ ସମ୍ମାନ ଜଣାଇ କାର୍ଯ୍ୟ ବନ୍ଦ୍ ଧାରଣାକୁ ବନ୍ଦ କରି ୪/୯/୨୫ରିଖ ଠାରୁ କାର୍ଯ୍ୟରେ ଯୋଗ ଦେବାର ନିଷ୍ପତି ହୋଇଥିବାର ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ



**ସୁବର୍ଣ୍ଣପୁର,୩।୯(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉଲୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ୪୦ ତମ ଜାତୀୟ ଚକ୍ଷୁ ଦାନ ପକ୍ଷପାଳନ ମହାବିଦ୍ୟାଳୟ ର ଅଧକ୍ଷ ଡ଼. ଦେବାଶିଷ ପାଣ୍ଡିଆ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପାଳନ ରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ ଅନ୍ୟତମ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ତ୍ରିବିକ୍ରମ ପାଣ୍ଡିଆ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଉପସ୍ଥିତ ରହି ଆଜିକାର ଦିବସ ର ସ୍ୱାସ୍ଥ୍ୟ ବାର୍ତ୍ତା ଯଥା ଚକ୍ଷୁ ଦାନ ମହତ ଦାନ, ତେଣୁ ସମସ୍ତେ ନିର୍ଦ୍ୱନ୍ଦ ରେ ଚକ୍ଷୁ ଦାନ କରନ୍ତୁ ଏ ବିଷୟ ରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ ଓ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ର ଛାତ୍ରୀ ସବୁ, ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟପରିଦର୍ଶକ ପ୍ରମୋଦ କୁମାର ସାହୁ ସଭା ପରିଚାଳନା କରିଥିବାବେଳେ ବିଭାଗର ଅଶ୍ୱିନୀ କୁମାର ମେହେର ଏକ ମ୍ୟାଜିକ ପରିବେଷଣ କରି କାର୍ଯ୍ୟକ୍ରମ କୁ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରି ୧୦ ଜନ କୃତି ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ଏବଂ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଚକ୍ଷୁ ଦାନ ପକ୍ଷ ପାଳନ ଉପରେ ଏକ ଲିଫଲେଟ ପ୍ରଦର୍ଶିତ କରାଯାଇ ସମସ୍ତ ଙ୍କୁ ସଚେତନ କରିବା ପାଇଁ ବଣ୍ଟନ କରାଯାଇଥିଲା।

# ରୋଗାକ୍ରାନ୍ତ ନିରଞ୍ଜନଙ୍କୁ ମିଳିଲା ରାସନ କାର୍ଡ



**ବାଲିଆପାଳ,୩।୯(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ମାଳମାଳ ଯୋଜନା କାର୍ଯ୍ୟକାରୀ କରୁଛନ୍ତି।ହେଲେ ସ୍ଥାନୀୟ ଜନପ୍ରତିନିଧିଙ୍କ ପାଇଁ ବା ଅନ୍ୟ କୈଣସି କାରଣରୁ ସରକାରୀ ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ସୁଚନା ଅନୁସାରେ ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ହାସିମପୁର ଗ୍ରାମର ନିରଞ୍ଜନ ସାହୁ ପତ୍ନୀ ଓ ଦୁଇ ଝିଅଙ୍କ ସହିତ ରହି ଆସୁଛନ୍ତି। ଜମି ବାଡ଼ି ନଥିବା ନିରଞ୍ଜନ ଦିନ ମଜୁରିଆ ଭାବରେ କ୍ଷୀର ସୋସାଇଟରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ହସ ଖୁସିରେ ଜୀବନ କଟାଉଥିବା ଏହି ପରିବାର ଉପରେ ହଠାତ୍ ଦୁଃଖର କଳାବାଦଲ ଛାଇଗଲା ଦୁଇ ମାସ ତଳେ ନିରଞ୍ଜନଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ବର୍ତ୍ତମାନ ଡାକ୍ତର ଙ୍କ ପରାମର୍ଶ ରେ ନିରଞ୍ଜନ ଔଷଧ ସେବନ କରୁଛନ୍ତି। ନିରଞ୍ଜନଙ୍କୁ ଭଲ କରିବା ପାଇଁ ପତ୍ନୀ ଅମ୍ବୁଜା ପାଖରେ ଯାହା ସୁନା ଗହଣା ଥିଲା ତାକୁ ବିକ୍ରୀ କରି ଅପରେସନ କରାଯାଇଛି। ନିରଞ୍ଜନଙ୍କର ପାଖରେ ରେସନ କାର୍ଡ ନଥିବାରୁ ଚିକିତ୍ସା ପାଇଁ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିଲେ। ଆଗକୁ ମଧ୍ୟ ତାଙ୍କର ଚିକିତ୍ସା ଜାରି ରହିବ ସେଥିପାଇଁ ଅର୍ଥର ଆବଶ୍ୟକତା ରହିଛି ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। ଦେଉଳା ସରପଞ୍ଚ ସରୋଜ ପିଳା ବାଲିଆପାଳ ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଙ୍କୁ ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ରଥ ନିରଞ୍ଜନଙ୍କ ଘରକୁ ତଦନ୍ତ ପାଇଁ ଯାଇଥିଲେ।

# ୟୁପି ସ୍କୁଲ ନିର୍ମାଣ ପାଇଁ ଜାଗା ଚିହ୍ନଟ ପାଇଁ ବିଡ଼ିଓଙ୍କୁ ଦାବିପତ୍ର



**ଭବାନୀପାଟଣା,୩।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ଅଧିନ ରେ ଥିବା ବଡ଼ ପୋଡ଼ାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନିଜସ୍ୱ ଜାଗା ନଥିବା କାରଣରୁ ଦିର୍ଘ ବର୍ଷ ଧରି ଅସ୍ଥାୟୀ ଭାବେ ଗ୍ରାମ ର ଜନୈକ ବ୍ୟକ୍ତି ଙ୍କ ଦଖଲ ରେ ଥିବା ମାଲିକାନା ଜାଗା ରେ ବିଦ୍ୟାଳୟ ଚାଲିଛି।ଫଳରେ ଅନେକ ସମୟରେ ବିଦ୍ୟାଳୟ ରେ ପାଠପଢ଼ା ରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଫଳରେ ଗ୍ରାମ ପଞ୍ଚାୟତ ର କଲ୍ୟାଣ ମଣ୍ଡପ ଓ ପିଇଓ କାର୍ଯ୍ୟାଳୟ ରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ରେ ଶିକ୍ଷାଦାନ ହେଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷ ଓ ଗ୍ରାମବାସୀ ମାନେ ଅନେକ ସମୟରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରିଛନ୍ତି।ତେବେ ଆସୁ ସମାଧାନ ଦିଗରେ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରା ଯାଇନଥିବା ଜଣାପଡ଼ିଛି। ବୁଧବାର ଏନେଇ କୋକସରା ବ୍ଲକ ଭୀମ ଆର୍ମି ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଭୀମ ରାଓ ଯୁବକ ସଙ୍ଘ ର କର୍ମକର୍ତ୍ତା ମାନେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିବା ସହ ବିଦ୍ୟାଳୟ ପାଇଁ ସରକାରୀ ଜାଗା ଯୋଗାଇ ଦେବାକୁ ଲିଖିତ ଭାବେ ଦାବି କରିଛନ୍ତି।ଦାବିପତ୍ର ପ୍ରଦାନ ସମୟରେ ଭୀମ ଆର୍ମି ପ୍ରଦେଶ ମହାସଚିବ ଜଗଜିବନ କୁମାର, ଭୀମ ରାଓ ଯୁବକ ସଙ୍ଘ ସଭାପତି ଖିତିରାମ ବାଗ, ନରହରି ସୁନା, ଗୁଲସନ୍ ବାଗ, ଶିବ ଦୁର୍ଗା, କୃଷ୍ଣ ଚନ୍ଦ୍ର ଦୂରିଆ, ତୁଳସୀ ଦୁର୍ଗା, ନବେଶ୍ୱର ଦୁର୍ଗା, ନିରଞ୍ଜନ ନାଏକ ତଥା ଅନେକ ସଦସ୍ୟ ଉପସ୍ଥିତ ଥିଲେ। ବିଡ଼ିଓ ଏହି ଘଟଣା କୁ ଗୁରୁତ୍ୱ ଦେଇ ସ୍ଥାନୀୟ କୋକସରା ତହସିଲଦାର ଙ୍କୁ ଅବଗତ କରାଇବା ପରେ ତହସିଲଦାର ତ୍ୱରିତ ପଦକ୍ଷେପ ଗ୍ରହଣ କରି ଆମପାଣି ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀ ଙ୍କୁ ପଠାଇ ବିଦ୍ୟାଳୟ ନିର୍ମାଣ ପାଇଁ ପୋଡ଼ାଗୁଡା ଗ୍ରାମ ନିକଟରେ ଥିବା ସରକାରୀ ଜମି ରେ ପହଞ୍ଚି ବିଦ୍ୟାଳୟ ପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଲେ ବିଡିଓ



**ବାଲିଆପାଳ,୩।୯(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଡଗରା ପଞ୍ଚାୟତର ଡଗରା ଗ୍ରାମର ଭିନ୍ନକ୍ଷମ ସତ୍ୟ ପ୍ରକାଶ ମଣ୍ଡଳଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସରକାର ଏକ ପକ୍କା ଘର ଯୋଗାଇ ଦେଇଥିଲେ। ହିତାଧିକାରୀ ଜଣକ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିସାରିଛନ୍ତି। ମଙ୍ଗଳବାର ବିଡିଓ ରାଧା ରଞ୍ଜନ ଦାଶ, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଏପିଓ ସୌମ୍ୟକାନ୍ତ ଦାସ, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ବ୍ଲକ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ସ୍ନେହାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଥିଲେ। ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ଯୋଗୁଁ ସରକାର ଙ୍କ ତରଫରୁ ଦିଆଯାଇଥିବା ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# 'ଅପରେସନ ପ୍ରହାର' ଆରମ୍ଭ



**ହିଞ୍ଜିଳିକାଟୁ, ୩।୯ (ସଂଚାର ବ୍ୟୁରୋ):** ନିଶା କାରବାର ଉପରେ ଲାଗିବ ବ୍ରେକ। ଭାଙ୍ଗିବ ନିଶା ବେପାରିଙ୍କ ଗଡ଼ ଓ ତୋଡ଼। କାରଣ ଯୁବପିଢ଼ିଙ୍କୁ ନିଶା କବଳରୁ ମୁକ୍ତ କରିବା ପାଇଁ ଆରମ୍ଭ ହୋଇଛି ଅପରେସନ ପ୍ରହାର। ସହରର ଗଳିକନ୍ଦି ଠାରୁ ଆରମ୍ଭ କରି ଯେଉଁ ଆଡ଼େ ଚାହିଁଲେ ପାନ ଦୋକାନ ଓ ଅଧିକାଂଶ ପାନ ଦୋକାନରେ ଗୁଟଖା ଠାରୁ ଆରମ୍ଭ କରି ତମାଖୁ ଜାତୀୟ ସାମଗ୍ରୀ ବିକ୍ରି ହେଉଛି ଓ ଏଥିରୁ ସ୍କୁଲ, କଲେଜ ନିକଟସ୍ଥ ଅଞ୍ଚଳ ବି ବାଦ ପଡୁନାହିଁ ଓ କୋଟପା ଆଇନ ଅନୁଯାୟୀ ସ୍କୁଲ ଓ କଲେଜ ନିକଟରେ ଗୁଟଖା ଓ ତମାଖୁ ଜାତୀୟ ସାମଗ୍ରୀ ବିକ୍ରିକୁ ନିଷେଦ କରାଯାଇଥିବା ବେଳେ ସହରରେ କିନ୍ତୁ ଏହା ବେଧଡ଼କ ଭାବେ ବିକ୍ରି ଚାଲିଛି ଓ ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ସହରରେ ଥାନା ଅଧିକାରୀଙ୍କ ନେତୃତ୍ୱରେ ଆଜି ସହରରେ ବିଭିନ୍ନ ସ୍ଥାନରର ବିକ୍ରି ହେଉଥିବା ଗୁଟଖା ଓ ତମାଖୁ ଜାତୀୟ ସାମଗ୍ରୀ ଦୋକାନ ଉପରେ ଚଢ଼ଉ କରାଯାଇଛି ଓ ସହରର ୪ଟି ଦୋକାନ ଉପରେ ଚଢ଼ାଉ କରାଯାଇ ଦୋକାନ ଗୁଡିକରୁ ବିପୁଳ ଗୁଟଖା, ସିଗାରେଟ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ ଜବତ କରାଯିବା ସହ ଦୋକାନୀଙ୍କୁ ନୋଟିସ କରାଯାଇଛି। ଏଣିକି ଯେଉଁ ବ୍ୟବସାୟୀ ସ୍କୁଲ, କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ଏଭଳି ସାମଗ୍ରୀ ବିକ୍ରି କରିବେ ସେଠାରେ ଚଢ଼ଉ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି ।

# ଦୁଇ ଦିନିଆ ଭାଲିଆଡିହା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ



**ବୈଶିଙ୍ଗା,୩।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଭାଲିଆଡିହା ଠାରେ ଦୁଇ ଦିନିଆ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଘାଟିତ ହୋଇ ମଙ୍ଗଳବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଭାଲିଆଡିହା ସ୍ଥିତ "ଜିଆଲ ଝାର୍ଣ୍ଣା ଜୁଆଲ ସେମଲେଦ୍" ଫୁଟବଲ କ୍ଲବ୍ ପରିଚାଳନାରେ ଏହି ଦୁଇ ଦିନିଆ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଓ ପଶ୍ଚିମବଙ୍ଗର ୧୬ ଗୋଟି ଦଳ ଭାଗ ନେଇଥିଲେ। ପ୍ରଥମ ଦିନରେ ୮ ଗୋଟି ଦଳ ନିଜର ଖେଳ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ଓଡିଶା ଏଫ୍ ସି ଟିମ୍ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଥିଲେ। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦୁଆ ପଞ୍ଚାୟତର ସରପଞ୍ଚ ମନମୋହନ ମାଝୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ଣାମେଣ୍ଟ କୁ ଉଦଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଦୁଇ ଜଣ ଦକ୍ଷିଣ ଆଫ୍ରିକା ଖେଳାଳି ମଧ୍ୟ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନ୍ଧ୍ୟା ଛଅଟା ସମୟରେ ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ଚାମ୍ପିଅନ ହୋଇଥିବା ଓଡ଼ିଶା ଫୁଟବଲ କ୍ଲବ ଟିମକୁ ଦୁଇଲକ୍ଷ ଟଙ୍କା ,୧ମ ରନର୍ସଅପ ବାଘଡା ନାନ୍ଦୁବାବୁ ଫୁଟବଲ ଟିମକୁ ଦେଢ଼ ଲକ୍ଷ ଟଙ୍କା ଏବଂ ଦ୍ୱିତୀୟ ଓ ତୃତୀୟ ରନର୍ସଅପ୍ ଟିମ କୁ ସତୁରୀ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଉତ୍ସବରେ କ୍ଲବର ସଭାପତି ପପୁ ମାଝୀ , ସମ୍ପାଦକ ଲାଛୁ ମାଝୀ ଓ ମୁଖ୍ୟ ପରିଚାଳକ ଗୋପାଳ ମାଝିଙ୍କ ସଂଯୋଜନାରେ ଆୟୋଜିତ ଫୁଟବଲ ମ୍ୟାଚ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ଭିଡ଼ ଲାଗି ରହିଥିଲା।

# ଛାତ୍ରୀଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ

● ପ୍ରଧାନ ଶିକ୍ଷୟତ୍ରୀଙ୍କ ଖଣ୍ଡନ

**କଣାସ,୩।୯(ସଂଚାର ବ୍ୟୁରୋ):** ଛାତ୍ରୀଙ୍କୁ ଜାତିଆଣ ଅକ୍ଷେପ କରି ମାଡ଼ ମାରିଥିବା ଅଭିଯୋଗ କରିବାରୁ କଣାସ ଥାନା ଅଧିକାରୀ ୨୦୪/୨୫ରେ ଏକ ମକୋଦମା କରି ତଦନ୍ତ କରୁଛନ୍ତି। ଜ୍ୟୋତ୍ସ୍ନା ଙ୍କ ପିତା ଦୀପକ ଏକ ଲିଖିତ ଅଭିଯୋଗ କଣାସ ଶିକ୍ଷା ବିଭାଗ କାଯ୍ୟଳୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା ଙ୍କୁ ଦେଇଛନ୍ତି। ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ପୁରୀରେ ଟ୍ରେନିଂରେ ଥିବାରୁ ଆସନ୍ତା କାଲି ତଦନ୍ତ କରାଯିବ ବୋଲି ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା କହିଛନ୍ତି ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା ଜେନାଙ୍କୁ ଏସଂପର୍କରେ ପଚାରିବାରୁ ସେ କୁହନ୍ତି ଗତକାଲି ସହକାରୀ ଶିକ୍ଷକ ଛୁଟିରେ ଥିବାରୁ ଗୋଟିଏ ମକ୍ଷବକ୍ଷ ରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଏବଂ ଶୁଶୁ ବାଟିକା ପିଲାଙ୍କୁ ବସାଇଥିଲି। ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ମାନିନୀ ଓ ଜ୍ୟୋସ୍ନା ମଧ୍ୟରେ ଖୁମୁଟା ଖୁମୁଟି ହୋଇଥିଲେ ମାନିନୀ ର ମା ମନ୍ଦାକିନୀ ବିଦ୍ୟାଳୟକୁ ଆସି ପ୍ରଧାନ ଶିକ୍ଷୟତ୍ରୀଙ୍କୁ ପିଲା ବାଡ଼ିଆ ବାଡ଼ି ହେଉଛନ୍ତି ବୋଲି ପଚାରି ଆପଣ କଣ କରୁଛନ୍ତି ପଚାରିବାରୁ ପ୍ରତିମା ଦୁଇ ଛାତ୍ରୀ ମାନିନୀ ଓ ଜ୍ୟୋସ୍ନା ଙ୍କୁ କାହିଁକି ବାଡିଆ ବାଡ଼ି ହେଉଛ ପଚାରିବା ସହିତ ଯଦି ବାଡିଆ ବାଡ଼ି ହେବ ପିଟିବି ବୋଲି କହିଥିଲେ ତଦନ୍ତ ହେଲେ ସତ୍ୟ କଥା ଲୋକ ଲୋଚନ ଆସିବ ବୋଲି ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା ଜେନା କହିଛନ୍ତି।

# ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କୁ ଦେଇଥିଲେ ହତ୍ୟା ଧମକ ଦେଇ, ଯୁବକ ଗିରଫ

**ବଡ଼ଗାଁ,୩।୯(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମର ମଦ ବିକ୍ରେତା ବିଷ୍ଣୁ କିଷାନ ପୂର୍ବତନ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କୁ ହତ୍ୟା ଧମକ ଦେଇ ମଙ୍ଗଳବାର ସନ୍ଧ୍ୟାରେ ଗିରଫ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ମଦ ଜବତ କରିଥିବା ଘଟଣାରେ ପୋଲିସକୁ ସୂଚନା ଦେଇଥିବା ସନ୍ଦେହ କରି ନୂଆଁଖାଇ ଦିନ ଠାରୁ ପ୍ରତିଦିନ ସନ୍ଧ୍ୟାରେ ବିଷ୍ଣୁ ପୂର୍ବତନ ବ୍ଲକ ଅଧ୍ୟକ୍ଷା ମିଞ୍ଜଙ୍କୁ ହତ୍ୟା, ବଳାତ୍କାର କରିବାକୁ ଗାଁ ଦାଣ୍ଡରେ ଧମକ ଦେବା ସହିତ ତାଙ୍କ ସ୍ୱାମୀ ଓ ଶିଶୁକନ୍ୟାଙ୍କୁ ହତ୍ୟା କରିବେ ବୋଲି ଧମକ ଦେଉଆସୁଥିଲେ। ଏନେଇ ମିଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଏନେଇ ପୋଲିସ ମଙ୍ଗଳବାର ଏକ ମାମଲା କେସ ନଂ. ୨୩୩, ଦଫା ୧୨୬(୨)/୨୦୬/୩୫୧(୨)ବିଏନଏସ, ୧୨୬(୨), ୩୫(୨) ବିଏନଏସରେ ମାମଲା ରୁଜୁ କରିଛି।

ଉଲ୍ଲେଖଯୋଗ୍ୟ ଯେ, ଏହି ଗ୍ରାମର ୧୦ଟି ସ୍ଥାନରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ଗ୍ରାମର ମହିଳାମାନେ ସଙ୍ଗଠିତ ହୋଇ ଏହାକୁ ବିରୋଧ କରିବାରୁ ମଦ ବିକ୍ରେତାଙ୍କ ଆକ୍ରୋଶର ଶିକାର ହେଉଛନ୍ତି।

# ଭଣଜା ପନିକି ଚୋଟରେ ମାମୁ ଗୁରୁତର



**ବାଲିପାଟଣା,୩/୯(ସଂଚାର ବ୍ୟୁରୋ)** ବାଲିପାଟଣା ଥାନା ଅନ୍ତର୍ଗତ ଅଠାନ୍ତରରେ ଜଣେ ନିଶାଶକ୍ତ ଯୁବକ ଉନ୍ମତ କାଣ୍ଡ ଘଟାଇଛନ୍ତି। ସାମାନ୍ୟ କଥା ଓ ପୂର୍ବ ଶତ୍ରୁତା ରୁ ମାରଣାସ୍ତ୍ରରେ ସମ୍ପର୍କୀୟ ମାମୁଁଙ୍କୁ ହାଣି ଲହୁଲୁହାଣ କରିଛି। ଭଣଜା ପନିକି ଚୋଟ ରେ ମାମୁଁ ସୁଶାନ୍ତ ଭୋଇ ଓରଫ ମଧୁଆ ଙ୍କ ପାପୁଲିରୁ ୨ ଟି ଆଙ୍ଗୁଠି ଛିଣ୍ଡି ସମ୍ପୂର୍ଣ ଅଲଗା ହୋଇ ଯାଇଛି। କଟା ଆଙ୍ଗୁଠି ବହୁ ଦୁରକୁ ଛିଟିକି ଯାଇଛି।ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲ କୁ ପଠା ଯାଇଛି।ଆକ୍ରମଣକାରି ଭଣଜା କୁ ପରିବାର ଲୋକେ ଘରେ ଅଟକ ରଖିଛନ୍ତି।ସୂଚନା ଅନୁସାରେ ଅଠାନ୍ତର ର ସତ୍ୟ ନାରାୟଣ ଭୋଇ ଓରଫ ଭୋଳା ଜଣେ ଅସାମାଜିକ ଯୁବକ ଅଟନ୍ତି। ନିଶା ଖାଇ ଆତଙ୍କ ସୃଷ୍ଟି କରନ୍ତି। ଆଜି ପ୍ରାୟ ୧୨ ଟା ରେ ସୁଶାନ୍ତ ସ୍କୁଲ ପିଲା ଙ୍କୁ ଅଟୋ ରେ ଛାଡି ଘରେ ପହଁଞ୍ଚି ଥିଲେ। ଗାଡ଼ି ରଖି ସେ ସ୍ଥାନୀୟ ବଜାର କୁ ମାଛ କିଣିବାକୁ ଆସିଥିଲେ। ହଠାତ ସେଠାରେ ଭୋଳା ପହଁଞ୍ଚି ଯାଇଥିଲା।ପୂର୍ବ ଆକ୍ରୋଶ ରୁ ମାଛ କଟା ପନିକି ରେ ସୁଶାନ୍ତ ଙ୍କୁ ଆକ୍ରମଣ କରିଥିଲା। ସୁଶାନ୍ତ ଜୀବନ ବଞ୍ଚାଇବା କୁ ଯାଇ ଡାହାଣ ହାତ ଦେଖା ଦେଇଥିଲେ। ପନିକି ଚୋଟ ପାପୁଲି ରୁ ବାଜି ୨ ଟି ଆଙ୍ଗୁଠି ଛିଡି ଯାଇଥିଲା। ଆକ୍ରମଣ ଭୟଙ୍କର ଥିଲା ଯେ ସୁଶାନ୍ତ ଙ୍କ କଟା ଆଙ୍ଗୁଠି ଦୂରକୁ ଛିଟିକି ପଡିଥିଲା। କଟା ଆଙ୍ଗୁଠି ର ପତା ମିଳି ନାହିଁ। ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ଏବଂ ଗ୍ରାମବାସୀ ସୁଶାନ୍ତ ଙ୍କୁ ଉଦ୍ଧାର କରି ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବା ରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠା ଯାଇଛି। ଅନ୍ୟପକ୍ଷ ରେ ଦୁର୍ଦାନ୍ତ ଭୋଳାକୁ ପରିବାର ଲୋକେ ଅଟକ ରଖି ପୋଲିସ ହେପାଜତ କୁ ଦେଇଛନ୍ତି। ପୋଲିସ ଘଟଣା ର ଅଧିକ ତଦନ୍ତ ଚଳାଇଛି।

# ଭ୍ୟାକ୍ସିନ ନେଇ ସିନାପାଲି ହାଇସ୍କୁଲର ୨ ଛାତ୍ରୀ ଅସୁସ୍ଥ



**ଖଡ଼ିଆଳ,୩।୯(ସଂଚାର ବ୍ୟୁରୋ):** ଟିଡି ଭ୍ୟାକ୍ସିନ ନେଇ ୨ଜଣ ଛାତ୍ରୀ ଅସୁସ୍ଥ। ଏଭଳି ଏକ ଘଟଣା ନୂଆପଡ଼ା ଜିଲା ସିନାପାଲି ହାଇସ୍କୁଲ ରେ ଘଟିଛି। ଛାତ୍ରୀମାନେ ସିନାପାଲି ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି । ସୂଚନାନୁଯାୟୀ, ବୁଧବାର ତିନି ଜଣିଆ ଟିମ୍ ସିନାପାଲି ହାଇସ୍କୁଲକୁ ଯାଇ ଟିଡି ଭ୍ୟାକ୍ସିନ ଦେଇଥିଲେ । ଏହାପରେ ଦୁଇ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ଏବେ ଅସୁସ୍ଥଙ୍କ ଚିକିତ୍ସା ଚାଲିଥିବା ସିନାପାଲି ମେଡିକାଲ ଇନଚାର୍ଜ କହିଛନ୍ତି ।

# ମିସ୍ ଟିନ୍ ଇଣ୍ଟରନ୍ୟାସନାଲ-୨୦୨୫

# ରନର୍ସ-ଅପ୍ ହେଲେ ଭାରତର କାଜିୟା ଲିଜ୍



ନୂଆଦିଲ୍ଲୀ, ଜୟପୁରରେ ଅନୁଷ୍ଠିତ ହୋଇଛି ମିସ୍ ଟିନ୍ ଇଣ୍ଟରନ୍ୟାସନାଲ-୨୦୨୫ ଗ୍ରାଣ୍ଡ୍ ଫିନାଲେ । ସ୍ପେନ୍‌ର ଲୋରେନା ରୁଇଜ ଏହି ଟାଇଟଲ୍ ଜିତିଛନ୍ତି । ଭାରତର କାଜିୟା ଲିଜ୍ ମେଜୋ ରନର୍-ଅପ୍ ହୋଇଛନ୍ତି । ପ୍ରତିଯୋଗିତାରେ ଭାରତ ସମେତ କାନାଡା, ବୋଟ୍ସୱାନା, କଲମ୍ବିୟା, କ୍ୟୁବା, ଡୋମିନିକାନ୍ ଗଣରାଜ୍ୟ, ଫିଜି, ଫ୍ରାନ୍ସ, ଜର୍ମାନୀ, ଜାପାନ, ମେକ୍ସିକୋ, ନାମିବିୟା, ନେଦରଲାଣ୍ଡସ, ପାରାଗୁଏ, ପେରୁ, ଫିଲିପିନ୍ସ, ପୁଏର୍ତ୍ତୋରିକୋ, ରୋମାନିଆ, ସ୍ପେନ୍, ଶ୍ରୀଲଙ୍କା, ଆମେରିକା, ଭେନେଜୁଏଲା, ଭିଏତ୍‌ନାମ ଓ ଜିମ୍ବାୱେର ସୁନ୍ଦରୀମାନେ ମଞ୍ଚ ଉପରେ ପ୍ରତିଭା ପ୍ରଦର୍ଶନ କରିଥିଲେ । ଅନେକ ରାଉଣ୍ଡ୍ ଜରିଆରେ ପ୍ରତିଯୋଗିତାର ବିଜୟିନୀଙ୍କୁ ଚୟନ କରାଗଲା । ମିସ୍ ୟୁନିଭର୍ସ ଇଣ୍ଡିଆର ମାଲିକ ଓ ମିସ୍ ଟିନ୍ ଇଣ୍ଟରନ୍ୟାସନାଲ୍‌ର ସଂଚାଳକ ନିଖିଲ ଆନନ୍ଦ ଏ ଅବସରରେ କହିଥିଲେ, ବିଶ୍ୱସ୍ତରରେ ଭାରତର ସମୃଦ୍ଧ ପରମ୍ପରା, କଳା ଓ ସଂସ୍କୃତି ପ୍ରଦର୍ଶନର ଏହା ଏକ ଅଦ୍ୱିତୀୟ ମଞ୍ଚ । ଫ୍ୟାଶନ୍ କ୍ଷେତ୍ରରେ ଭାରତର ଅନ୍ତର୍ଜାତୀୟ ପ୍ରଭାବ ଦ୍ରୁତ ବୃଦ୍ଧିପାଉଛି । ମିସ୍ ଟିନ୍ ଇଣ୍ଟରନ୍ୟାସନାଲ ଭଳି କାର୍ଯ୍ୟକ୍ରମ ଜରିଆରେ ଏହା ଆହୁରି ମଜଭୁତ ହେବ । ମୂଳ କେରଳ ବାସିନ୍ଦା କାଜିୟା ଏହା ପୂର୍ବରୁ ସମ୍ମାନାସ୍ପଦ ମିସ୍ ଟିନ୍ ଡିଭା ଟାଇଟଲ୍ ଜିତିଥିଲେ । ମିସ୍ ଟିନ୍ ଇଣ୍ଟରନ୍ୟାସ୍‌ନାଲ ଇଣ୍ଡିଆ-୨୦୨୪ ମୁକୁଟ ବି ଜିତିଥିଲେ । ସେ ଜଣେ ପ୍ରଶିକ୍ଷିତ ନୃତ୍ୟଶିଳ୍ପୀ । ଅନେକ ବିଶ୍ୱସ୍ତରୀୟ ନୃତ୍ୟ କାର୍ଯ୍ୟକ୍ରମରେ ସେ ଅଂଶଗ୍ରହଣ କରିଛନ୍ତି । ନିରନ୍ତରତା ଓ ଋତୁସ୍ରାବ ସ୍ୱଚ୍ଛତା ପାଇଁ କାର୍ଯ୍ୟରତ କାଜିୟା ସ୍ପିରିଟ୍‌ଇକୋହେଲ୍‌ଥ ସହ ମିଶି କାମ କରୁଛନ୍ତି। ମିସ୍ ଟିନ୍ ଡିଭା ମଞ୍ଚରେ ମଧ୍ୟ ସେ ଏହା ଉପରେ ସ୍ୱର ଉଠାଇଥିଲେ ।

# 'ପରମ ସୁନ୍ଦରୀ'

## ୫ମ ଦିନରେ ୪.୨୫ କୋଟି ଆୟ



ମୁମ୍ବାଇ, ସିଦ୍ଧାର୍ଥ ମାଲହୋତ୍ରାଙ୍କ ଅଭିନୀତ ଫିଲ୍ମ 'ପରମ ସୁନ୍ଦରୀ' ଅଗଷ୍ଟ ୨୯ରେ ରିଲିଜ୍ ହୋଇଛି । ଏହି ଫିଲ୍ମକୁ ଫ୍ୟାନ୍ସ ବେଶ୍ ପସନ୍ଦ ଆସିଛି। ଫିଲ୍ମରେ ସିଦ୍ଧାର୍ଥ ଓ ଜାହ୍ନବୀ କପୁରଙ୍କ କେମେଷ୍ଟ୍ରି ଲୋକଙ୍କ ମନ ଜିତିଛି। ତେବେ ଫିଲ୍ମଟି ପ୍ରଥମ ଦିନରେ ୭ କୋଟିରୁ ଅଧିକ ଆୟ କରିଥିଲା। ତେବେ ବର୍ତ୍ତମାନ ଫିଲ୍ମଟି ୫ମ ଦିନରେ ପହଞ୍ଚିଥିବା ବେଳେ ଫିଲ୍ମର କଲେକ୍ସନ କେତେ ଜାଣନ୍ତୁ। ସାକନିକଙ୍କ ଅନୁସାରେ, 'ପରମ ସୁନ୍ଦରୀ' ପ୍ରଥମ ଦିନରେ ୭.୨୫ କୋଟି ସହ ଓପନିଂ କରିଥିଲା । ଏହା ପରେ ଦ୍ୱିତୀୟ ଦିନରେ ୯.୨୫ କୋଟି, ୩ୟ ଦିନରେ ୧୦.୨୫ କୋଟି ଆୟ କରିଥିଲା । ସେହିପରି ୪ର୍ଥ ଦିନରେ ୩.୨୫ କୋଟି ଓ ୫ମ ଦିନରେ ୪.୨୫ କୋଟି ଆୟ କରିଛି । ତେବେ ଫିଲ୍ମର ବର୍ତ୍ତମାନ ସୁଦ୍ଧା ମୋଟ୍ କଲେକ୍ସନ ୩୪.୨୫ କୋଟିକୁ ବୃଦ୍ଧି ପାଇଛି । ପ୍ରକାଶ ଥାଉକି, ଫିଲ୍ମର କାହାଣୀ ଶାହାରୁଖ ଖାନ୍ ଓ ଦୀପିକା ପାଦୁକୋନଙ୍କ 'ଚେନ୍ନାଇ ଏକ୍ସପ୍ରେସ' ସହ ତୁଳନା କରାଯାଉଛି ।

'ପରମ ସୁନ୍ଦରୀ'ରେ ସିଦ୍ଧାର୍ଥ ଦିଲ୍ଲୀର ଜଣେ ଧନୀ କିମ୍ବା ଜଣେ ବଡ଼ ବ୍ୟବସାୟୀ ପରମ ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ, ଜାହ୍ନବୀ ଜଣେ କେରଳର ଝିଅ ଏବଂ ପେଶାରେ ଜଣେ କଳାକାର ଭାବେ ନଜିର ଆସିଛନ୍ତି । ଯିଏ ତାଙ୍କ ପରମ୍ପରା ଏବଂ ନୀତି ଉପରେ ଦୃଢ଼ ।

ତେବେ ମ୍ୟାଡକ୍ ଫିଲ୍ମସ୍, ପ୍ରଯୋଜକ ଦିନେଶ ବିଜନଙ୍କ ଦ୍ୱାରା ନିର୍ମିତ ହୋଇଥିବା ବେଳେ ଫିଲ୍ମର ନିର୍ଦ୍ଦେଶନା ତୁଷାର ଜଲୋଟ ଦେଇଛନ୍ତି ।

# 'ମୁଞ୍ଜ୍ୟା-୨'ରେ ଶର୍ଭରୀ



ନୂଆଦିଲ୍ଲୀ, ଦର୍ଶକଙ୍କୁ ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଭେଟି ଦେଇଚାଲିଛି ମ୍ୟାଡ୍‌ଡକ୍ ହରର୍ କମେଡି ୟୁନିଭର୍ସ । 'ସ୍ତ୍ରୀ-୨'ର ବ୍ଲକ୍‌ବଷ୍ଟର ସଫଳତା ଫ୍ରାଞ୍ଚାଇଜିର ଲୋକପ୍ରିୟତାକୁ ସୁଦୂରପ୍ରସାରୀ କରିଥିଲା । ସେହିଭଳି ଛୋଟ ବଜେଟ୍ ଫିଲ୍ମ 'ମୁଞ୍ଜ୍ୟା'ର ସଫଳତା ସମସ୍ତଙ୍କୁ ଚକିତ କରିଥିଲା । ଫିଲ୍ମଟି ଶର୍ଭରୀ ୱାଗ୍ ଓ ଅଭୟ ବର୍ମାଙ୍କ କ୍ୟାରିଅର୍‌କୁ ମାଇଲେଜ୍ ଦେଲା। ଫ୍ରାଞ୍ଚାଇଜି ଏବେ 'ମୁଞ୍ଜ୍ୟା'ର ସିକ୍ୱେଲ୍ 'ମହା ମୁଞ୍ଜ୍ୟା'ର ରିଲିଜ୍ ପାଇଁ ପ୍ରସ୍ତୁତ ହେଉଛି । ଏହି କ୍ରମରେ ଫିଲ୍ମର ଷ୍ଟାର୍ କାଷ୍ଟ୍‌କୁ ନେଇ ତାଜା ଖବର ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରିଛି । ଚର୍ଚ୍ଚା ହେଉଛି, 'ମୁଞ୍ଜ୍ୟା-୨'ରେ ସର୍ଭରୀଙ୍କୁ ପୁଣି ଥରେ ଦେଖିବାକୁ ମିଳିନପାରେ । ତାଙ୍କ ବଦଳରେ ଅଭୟ ବର୍ମାଙ୍କ ଅପୋଜିଟ୍‌ରେ ଜଣେ ନୂଆ ଚେହେରାଙ୍କୁ ସ୍ଥାନ ମିଳିପାରେ ।

ରିପୋର୍ଟ ଅନୁସାରେ, 'ମହା ମୁଞ୍ଜ୍ୟା'ର ନିର୍ମାତା ଫିମେଲ୍ ଲିଡ୍ ରୋଲ୍ ପାଇଁ ପ୍ରତିଭା ରାଣ୍ଟାଙ୍କୁ କାଷ୍ଟ୍ କରିବା ନେଇ ଆଲୋଚନା କରିଛନ୍ତି । ଖୁବ୍‌ଶୀଘ୍ର ସେ ଫିଲ୍ମ ସାଇନ୍ କରିବେ ବୋଲି ମଧ୍ୟ ଶୁଣିବାକୁ ମିଳୁଛି । ତାଙ୍କ ଚରିତ୍ର ସିରିଜ୍‌ରେ ନୂଆ ଏନର୍ଜି ଆଣିବ । ତାଙ୍କ ଏଣ୍ଟ୍ରି କାହାଣୀକୁ ନୂଆ ଦିଗ ଦେବ ଏବଂ ଭବିଷ୍ୟତର ସିକ୍ୱେଲ ପାଇଁ ରୋମାଞ୍ଚକର ସମ୍ଭାବନାର ମାର୍ଗ ଖୋଲିବ । ଆମିର ଖାନ୍‌ଙ୍କ ପ୍ରଯୋଜିତ 'ଲାପତା ଲେଡିଜ୍' ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ପ୍ରତିଭା ।



# ଫସିଗଲେ ସଞ୍ଜୟ ଲୀଳା ଭଂଶାଳି

## ରୁଜୁ ହେଲା ଠକେଇ ମାମଲା



ବଲିଉଡର ଲୋକପ୍ରିୟ ସିନେମା ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଂଶାଳି ବର୍ତ୍ତମାନ ସମସ୍ୟା ଘେରରେ ଛନ୍ଦି ହୋଇଯାଇଛନ୍ତି। ତାଙ୍କର ଆଗାମୀ ଫିଲ୍ମ 'ଲଭ୍ ଆଣ୍ଡ୍ ୱାର୍' ସୁଟିଂ ଆରମ୍ଭ ହେବା ପୂର୍ବରୁ ବିବାଦରେ ଫସିଯାଇଛି। ରାଜସ୍ଥାନର ବିକାନେରରେ ସଞ୍ଜୟ ଲୀଳା ଭଂଶାଳି ଏବଂ ଅନ୍ୟ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀ ପ୍ରତୀକ ରାଜ ମାଥୁର ଦାବି କରିଛନ୍ତି ଯେ ତାଙ୍କୁ ଫିଲ୍ମ ପାଇଁ ଲାଇନ୍ ପ୍ରଯୋଜକ ଭାବରେ ନିଯୁକ୍ତି ଦିଆଯାଇଥିଲା, କିନ୍ତୁ ପରେ ତାଙ୍କୁ ପ୍ରୋଜେକ୍ଟରୁ ବାହାର କରିଦିଆଯାଇଥିଲା। କରିଥିବା କାମ ପାଇଁ ତାଙ୍କୁ କୌଣସି ପ୍ରକାର ପାରିଶ୍ରମିକ ମଧ୍ୟ ଦିଆଯାଇ ନଥିଲା। ସେ 'ଲଭ୍ ଆଣ୍ଡ୍ ୱାର୍' ଫିଲ୍ମର ସୁଟିଂ ପାଇଁ ପ୍ରଶାସନିକ ଅନୁମୋଦନ, ସୁରକ୍ଷା ବ୍ୟବସ୍ଥା, ହୋଟେଲ ବୁକିଂ ଏବଂ ଅନ୍ୟାନ୍ୟ ସ୍ଥାନୀୟ ବ୍ୟବସ୍ଥା ପରିଚାଳନା କରିଥିଲେ। କିନ୍ତୁ ଯେତେବେଳେ ସେ ଅଗଷ୍ଟ ୧୭, ୨୦୨୫ରେ ବିକାନେରର ହୋଟେଲ୍ ନରେନ୍ଦ୍ର ଭବନରେ ପହଞ୍ଚିଲେ, ସେତେବେଳେ ସଞ୍ଜୟ ଲୀଳା ଭଂଶାଳିଙ୍କ ଦଳର ଦୁଇଜଣ ସଦସ୍ୟ ଉତ୍କର୍ଷ ବାଲି ଏବଂ ଅରବିନ୍ଦ ଗିଲ୍ ତାଙ୍କ ସହିତ ଦୁର୍ବ୍ୟବହାର କରିଥିଲେ। କେବଳ ଏତିକି ନୁହେଁ ଭବିଷ୍ୟତରେ ତାଙ୍କ କମ୍ପାନିକୁ କୌଣସି ସୁଟିଂରେ ସାମିଲ କରାଯିବ ନାହିଁ ବୋଲି ବି ଧମକ ଦିଆଯାଇଥିଲା।

# ଡାକ୍ତରଖାନାର ନିର୍ମାଣ ଚାଲିଥିବା ନୂତନ କୋଠା ପରିଦର୍ଶନ କଲେ ଜିଲାପାଳ



**ବୈଶିଙ୍ଗା,୩।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଆରୋଗ୍ୟ କେନ୍ଦ୍ରକୁ ଏକ ଶହ ବର୍ଷ ପୂର୍ବରୁ ବୈଶିଙ୍ଗା ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ମୟୁରଭଞ୍ଜ ମହାରାଜା ନିର୍ମାଣ କରିଥିଲେ । ସେହି ପୁରୁଣା ଗୃହରେ ଅଦ୍ୟାବଧି ସ୍ୱାସ୍ଥ୍ୟସେବା ଚାଲିଆସୁଛି । ୨୪ ବର୍ଷର ସରକାର ଶେଷ ବର୍ଷରେ ପ୍ରଦାନ କରିଥିବା ଅନୁଦାନରେ ଚାଲିଥିବା ନୂତନ କୋଠାର ନିର୍ମାଣ ସମ୍ପର୍କ ରେ ପଚାରି ବୁଝିବା ସହହସ୍ତାନ୍ତର ପାଇଁ କେତେଦିନ ଲାଗିବ ତାଗିଦ କରିଥିଲେ । ଏତଦ ବ୍ୟତିତ ୫ -ଟି ରେ ଆସିଥିବା ଅନୁଦାନରେ ନିର୍ମାଣ ହେବାକୁଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କ ରେ ସମୀକ୍ଷା କରିଥିଲେ । ଏତଦ ବ୍ୟତିତ ବୈଶିଙ୍ଗା ସିଏଚସି କୁ ମୋ ହସ୍ପିଟାଲ ଯୋଜନରେ ଅନ୍ତର୍ଭୁକ୍ତ ହୋଇଥିବା ଓ ସେଥି ନିମନ୍ତେ ଆସିଥିବା ୯୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଅନୁଦାନ ସମ୍ପର୍କ ରେ ଅନୁଧ୍ୟାନ କରିବା ସହ କେବେ କାର୍ଯ୍ୟ ଆରମ୍ଭ ହେବ ସେ ସମ୍ପର୍କ ରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ସିପୁନ ପଣ୍ଡାଙ୍କୁ ପଚାରି ବୁଝିଥିଲେ । ବହୁ ପୁରାତନ ଡାକ୍ତରଖାନା ହୋଇଥିବାବେଳେ ଏହାର ପାଚେରୀ ନଥିବା, ଫାଟକ ନଥିବା ଓ ପରିମଳ ବ୍ୟବସ୍ଥା ଠିକ ନଥିବାରୁ ଡାକ୍ତର ଓ ଅନ୍ୟ କର୍ମଚାରୀ ମାନେ ଅଭିଯୋଗ କରିଥିଲେ । । ଜିଲାପାଳ ହେମକାନ୍ତ ସୟ ଙ୍କ ସହିତ ଜିଲା ମୁଖ୍ୟାଳୟର ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ଦାସ, ବି ପି ଓ ସସ୍ମିତା ଦାଶ ପ୍ରମୁଖ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ପୁରାତନ ଡାକ୍ତରଖାନା ରେ ଜଣେ ମାତ୍ର ଡାକ୍ତର ଥିବାବେଳେ ଅନ୍ୟ ଜଣେ ଡେପୁଟେସନ ରେ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେଉଥିବା ଅଭିଯୋଗ କର୍ତ୍ତବ୍ୟରତ ଡାକ୍ତର କରିଛନ୍ତି । ସ୍ଥାନୀୟ ବିଧାୟକ ଅଦ୍ୟାବଧି କହିବା ଅନୁଯାୟୀ ଡାକ୍ତର ପଦବୀ ପୂରଣ କରିନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ପ୍ରତିକୂଳ ପାଗ ତଥା ପ୍ରବଳ ବର୍ଷା ହେବା ସତ୍ୱେ ଜିଲାପାଳଙ୍କ ଗସ୍ତକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

### ଝାରସୁଗୁଡାରେ ଚାଷ ଜମିରେ ପାଉଁଶ ମାଡ଼ିଯିବା ଘଟଣା

# କ୍ଷତିପୂରଣ ମାମଲାରେ ପ୍ରଶାସନକୁ ଭୁଆଁ ବୁଲାଉଛି ଠିକା ସଂସ୍ଥା

**ଝାରସୁଗୁଡା,୩।୯(ସଂଚାର ବ୍ୟୁରୋ):** ହେକ୍ଟର ହେକ୍ଟର ଚାଷ ଜମିରେ ପାଉଁଶ ପାଣି ମାଡ଼ିଗଲା।

ଯେଉଁଥିପାଇଁ ଜମିରେ ଚାଷ ଅସମ୍ଭବ ହୋଇପଡ଼ିଛି ।

ଲଗାଣ ବର୍ଷାରେ ଜାତୀୟ ରାଜପଥ ୪୯ର ବାଇପାସ୍ ପ୍ରକଳ୍ପରୁ ପାଉଁଶ ମାଡ଼ିଯାଇ ଝାରସୁଗୁଡ଼ାର ୫ଟି ବ୍ଲକର ୬୫୯.୬ ହେକ୍ଟର ଜମି ପ୍ରଭାବିତ ହୋଇଥିଲା। କିର୍ମିରା ଓ କୋଲାବିରା ବ୍ଲକରେ କ୍ଷତିଗ୍ରସ୍ତ ହୋଇଥିଲା ୧୩୧ ହେକ୍ଟର ଚାଷ ଜମି ।



ଏଥିରେ ସରକାର ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସ୍ଥିର ହୋଇଥିଲା। ଠିକାସଂସ୍ଥା ମେସର୍ସ ମହେନ୍ଦ୍ର ସ୍ୱାଇଁ ଇନ୍‌ଫ୍ରା ଇଞ୍ଜିନିୟର୍ସ ଚାଷୀଙ୍କୁ ୪୩ ଲକ୍ଷ ୫୩ ହଜାର ୯୧୬ ଟଙ୍କାର କ୍ଷତିପୂରଣ ପ୍ରଦାନ ନେଇ ନୋଟିସ୍ କରିଥିଲେ ଅତିରିକ୍ତ ଜିଲ୍ଲାପାଳ। ଏବଂ କ୍ଷତିପୂରଣ ବାବଦ ଟଙ୍କାକୁ ୭ ଦିନରେ ତହସିଲ କାର୍ଯ୍ୟାଳୟରେ ଜମା ନେଇ ନିର୍ଦ୍ଦେଶ ଦିଆଯାଇଥିଲା ।

ହେଲେ ଠିକାସଂସ୍ଥା ନଦେଇ ପ୍ରଶାସନ ସହ ଖେଳିବା ଆରମ୍ଭ କରିଦେଇଛନ୍ତି । ଜିଲ୍ଲା ପ୍ରଶାସନ ପ୍ରଥମେ ଦେଇଥିବା ଅବଧି ପୂରି ଅତିରିକ୍ତ ୭ ଦିନ ଅବଧି ସରିବା ପରେ ବି ତହସିଲରେ ଟଙ୍କା ଜମା ହୋଇନି ।

ଜିଲ୍ଲା ପ୍ରଶାସନ ପଚାରିବାରୁ ଏନଏଚଏଆଇ ମାଧ୍ୟମରେ ଆଉ ୭ ଦିନର ମହଲତ ମାଗିଛି ଠିକାସଂସ୍ଥା । ଅନ୍ୟପଟେ ୭ ଦିନରେ ଟଙ୍କା ଜମା ନହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ । ଏସବୁ ଭିତରେ ଚାଷୀକୁ କେବେ ତା' କ୍ଷତିପୂରଣ ମିଳିବ ତାକୁ ଚାହିଁ ବସିଛି ଚାଷୀ ।

## ଦୁଇ ବର୍ଷ ହେବ ଜଳୁନି ଷ୍ଟ୍ରିଟ ଲାଇଟ୍

● ଗ୍ରାମବାସୀଙ୍କ ମରାମତି ଦାବି



**ଫିରିଙ୍ଗିଆ,୩।୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ପାଦେରୀପଡ଼ା ରାଇଗୁଡ଼ା ଛକରେ ଥିବା ଷ୍ଟ୍ରିଟ ଲାଇଟ୍ ଆଜକୁ ପ୍ରାୟ ଦୁଇ ହେବ ଅଚଳ ଅବସ୍ଥାରେ ପଡ଼ିରହିଛି। ଏହି ଛକ ସାମନା ଗୋଟିଏ ଧର୍ମ ମଣ୍ଡପ ଅଛି ତେଣୁ ରାତ୍ରି କାଳରେ ମଣ୍ଡପ ରେ ବସି ଯେକୌଣସି ବୈଠକ ହୋଇପାରୁ ନାହିଁ।ଏ ବିଷୟରେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ଜଣେଇ ଥିଲେ ମଧ୍ୟ ରିପେୟାର ପାଇଁ ଆସୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ରାଇଗୁଡ଼ା ଗ୍ରାମବାସୀ। ଏହି ଅଞ୍ଚଳ ବଣ ପାହାଡ ହେଇଥିବାରୁ ରାତ୍ରି କାଳରେ ବାହାର କୁ ବାହାରିବା ଅସମ୍ଭବ ହୋଇ ଯାଉଛି। ଯାହା ଫଳରେ ରାତ୍ରି କାଳରେ ଚୋରି, ଡକାୟତ ହେବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ଷ୍ଟ୍ରିଟ ଲାଇଟ୍ ରିପେୟାର କରିବା ପାଇଁ ରାଇଗୁଡ଼ା ଗ୍ରାମବାସୀ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ସମସ୍ୟାର କେବେ ସମାଧାନ ହେଉଛି।

# ଭାଙ୍ଗିଯାଇଛି ଅଙ୍ଗନବାଡ଼ି ଘର, ନୂତନ କୋଠା ନିର୍ମାଣ ଦାବି

**ଖଜୁରୀପଡ଼ା,୩।୯(ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଅରା ପାଜୁ ପଞ୍ଚାୟତର ଦରଡ଼ା ଗାଁ ଠାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ୧୩ ମେ ୨୦୨୫ କାଳବୈଶାଖୀ ବର୍ଷା ଝଡ଼ରେ ଭାଙ୍ଗି ଯାଇଛି। ଯାହା ଫଳରେ କୋମଳ ମତି ଶିଶୁ ମାନେ ପାଠ ପଢ଼ିବାରେ ହଇରାଣ ହେଉଛନ୍ତି।ଅଙ୍ଗନବାଡ଼ି କେନ୍ଦ୍ର ଭାଙ୍ଗି ଯିବା ପରେ ଏବେ ଅସ୍ଥାୟୀ ଅଙ୍ଗନବାଡ଼ି କେନ୍ଦ୍ର ସ୍କୁଲ ଘରେ ଚାଲିଛି।ମିଳିଥିବା ସୂଚନା ଅନୁଯାୟୀ ଜନ୍ମରୁ ୬ ବର୍ଷ ମଧ୍ୟରେ ୨୫ ଜଣ ଶିଶୁ ରହୁଥିବା ୩ ବର୍ଷରୁ ୬ ବର୍ଷ ମଧ୍ୟରେ ୦୯ ଜଣ ଶିଶୁ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଛନ୍ତି। ସ୍କୁଲରୁ ଗୋଟିଏ କୋଠରୀ ଦିଆ ଯାଇଥିବାରୁ ପିଲାଙ୍କ ଖାଦ୍ୟ ସାମଗ୍ରୀ,



ପାଠ ପଢ଼ା ସରଞ୍ଜାମ ରଖିବା ସହିତ ଶିକ୍ଷାଦାନ କରାଯାଉଛି। ତେଣୁ ସରକାର ଏଥି ପ୍ରତି ଦୃଷ୍ଟି ଦେଇ ନୂତନ କୋଠା ମଞ୍ଜୁର କଲେ କୋମଳ ମତି ଶିଶୁ ମାନେ ପାଠ ପଢ଼ା ରେ ବ୍ୟାଘାତ ସୃଷ୍ଟି ହେବ ନାହିଁ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରଦ୍ଧାଞ୍ଜଳି ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ନୂତନ କୋଠା ନିର୍ମାଣ କରିବା ପାଇଁ ପ୍ରକଳ୍ପ ପଠା ଯାଇଛି।ଅନୁମୋଦନ ରାଶି ଆସିଲେ ନୂତନ କୋଠା ନିର୍ମାଣ କରାଯିବ ବୋଲି କହିଛନ୍ତି।

# ଦୁଇ ବାଲି ବୋଝେଇ ଟ୍ରାକ୍ଟର ଜବତ

## ମାମଲା ରଫାଦଫା ଅପଚେଷ୍ଟା ବିଫଳ

**ତିର୍ତ୍ତୋଲ,୩।୯ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ତହସିଲ ଅଧୀନ ମହାନଦୀ ଏବଂ ପାଇକା ନଦୀର ଏକାଧିକ ସ୍ଥାନରେ ବେଆଇନ ଘାଟ ତିଆରି କରି ଦୈନିକ ହଜାର ହଜାର ଟ୍ରିପ ବାଲି ଟ୍ରାକ୍ଟର ଚୋରାଚାଲାଣ ହେଉଛି। ସରକାରୀ ରାଜସ୍ୱ କୁ ହରିଲୁଟ କରିବା ସହିତ ତିର୍ତ୍ତୋଲ ଅଞ୍ଚଳରେ ଚୋରା ବାଲି ଚାଲାଣ ସବୁ ସୀମା ପାର କରିସାରିଲାଣି, ଏକାଧିକ ମୁଷ୍ଟିମେୟ ବ୍ୟକ୍ତି ଏହି ଚୋରା ବାଲି ଚାଲାଣରେ ସକ୍ରିୟ ରହିବା ସହିତ ଅବାଧରେ ଏହାକୁ ଏକ ଲାଭଜନକ ବ୍ୟବସାୟ ର ନାଁ ଦେଇସାରିଲେଣି। ଉଭୟ ତିର୍ତ୍ତୋଲ ତହସିଲ ଏବଂ ଜିଲ୍ଲା ମାଇନିଂ ବିଭାଗର ଅପାରଗତା ଏହି ଚୋରା ବାଲିଚାଲାଣ କୁ ବହୁ ମାତ୍ରାରେ ଅଭୟବର ପ୍ରଦାନ କରିଛି। ବିପୁଳ ପରିମାଣ ର ରାଜସ୍ୱହାନି କରିବା ସହିତ ଉଭୟ ବିଭାଗର ଅଧିକାରୀ ମାନେ ନିଜ ନିଜ ପକେଟ ଗରମ କରି ଚୁପ ବସୁଥିବା ବେଳେ ବର୍ତ୍ତମାନ କିଛି ମାତ୍ରାରେ ଏହି ଚୋରା ଚାଲାଣ ଉପରେ ରୋକ ଲଗାଇଛି ତିର୍ତ୍ତୋଲ ପୋଲିସ, ବାରମ୍ବାର ଚଢ଼ାଉ ଫଳରେ ବାଲି ମାଫିଆ ମାନେ ଭୟଭୀତ ଅବସ୍ଥାରେ। ଗତ ସୋମବାର (ସେପ୍ଟେମ୍ବର ଏକ ତାରିଖ)ରେ ତିର୍ତ୍ତୋଲ ପୋଲିସ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ସୂଚନା ଅନୁଯାଇ ଟ୍ରାକ୍ଟର ଦୁଇଟି ଗୋପାଳପୁର(ଶଙ୍ଖେଶ୍ୱର)



ଅଞ୍ଚଳର ହୋଇଥିବା ବେଳେ ବିଜେଡି ଦଳର କିଛି ତୁଙ୍ଗ ନେତା ଙ୍କ ଛତ୍ରଛାୟା ରେ ଏହି ଚୋରା ବ୍ୟବସାୟ ଚଳାଇଥିଲେ। ତିର୍ତ୍ତୋଲ ଥାନାଅଧିକାରୀ ଏହି ଟ୍ରାକ୍ଟର ଦୁଇଟି କୁ ଜବତ କରିବା ପରେ ଏକାଧିକ ବିଜେପି କର୍ମୀ ଥାନାରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଡେରା ପକେଇଥିଲେ ଗାଡି ଦୁଇଟି କୁ ମୁକୁଳେଇବା ପାଇଁ। ବିଜେଡି ଦଳର କିଛି ଛାମୁଆଁ ପଞ୍ଚାୟତ ସ୍ଥରୀୟ ନେତା ତଥା ଚୋରା ବାଲି ମାଫିଆ ମାନଙ୍କ ଚାପ ହ୍ରାସ କରିବା ପାଇଁ ନୂଆ ନୂଆ ରାଜନୀତି କରୁଥିବା ପଡୋଶୀ ପଞ୍ଚାୟତ ର କିଛି ବିଜେପି କର୍ମୀ ସେମାନଙ୍କ ଛଦ୍ମବେଶୀ ବନ୍ଧୁ ସାଜି ଥାନା ପରିସରକୁ ଲୋକାରଣ୍ୟ କରିରଖିଥିଲେ। ଦୁଃଖର ବିଷୟ ଉଭୟ ଶାସକ ଏବଂ ବିରୋଧୀ ଙ୍କ ମିଳିତ ପ୍ରଚେଷ୍ଟା ରେ କେସ୍ କୁ ରଫାଦଫା କରିବା ସମ୍ଭବ ହୋଇନଥିଲା।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମ୍ପର୍କୀୟଙ୍କୁ ସଂଘବଦ୍ଧ ଆକ୍ରମଣ

**କୋଡ଼ିଙ୍ଗା,୩।୯(ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ଗତ ଅଗଷ୍ଟ ୨୦୨୨ ମସିହାରେ ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାରମାସି ଗ୍ରାମରେ ନିଜ ସମ୍ପର୍କୀୟ ଙ୍କୁ ସଂଘବଧ୍ୟ ଆକ୍ରମଣ କରି ହତ୍ୟା ମାମଲାର ଶୁଣାଣି କରି ଆଜି ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଦୌରା ଜର୍ଜଙ୍କ ତରଫରୁ ଜଣେ ନାବାଳକ ଙ୍କ ସମେତ ୬ ଜଣ ଅଭିଯୁକ୍ତ ଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଲେ।

ଗତ ୬ ଅଗଷ୍ଟ ୨୦୨୨ ମସିହାରେ ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବାରମାସି ଗ୍ରାମର ଡମ୍ବୁରୁ ପୂଜାରୀ ଓ ପଦଲାମ ପୂଜାରୀ ନିଜ ଜମିରେ କାମ କରୁଥିଲେ ସେ ସମୟରେ ସେ ସମୟରେ ଅଭିଯୁକ୍ତ ଅନନ୍ତ ପୂଜାରୀ, ଶିବ ପୂଜାରୀ, ଚନ୍ଦନ ପୂଜାରୀ, ଡୁମର ପୂଜାରୀ, ଡାଲିମ୍ବ ପୂଜାରୀଙ୍କ ସମେତ ଜଣେ ନାବାଳକ ମିଳିତ ଭାବେ ଆକ୍ରମଣ କରିଥିଲେ ଓ ପଦଲାମ ପୂଜାରୀ ଙ୍କୁ ଟ୍ରାକ୍ଟର ଚାପି ଦେଇଥିଲେ ଫଳରେ ଘଟଣା ସ୍ଥଳରେ ଡମ୍ବୁରୁ ପୂଜାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଟ୍ରାକ୍ଟର ଚାପି ହୋଇଥିବା ପଦଲାମ ପୂଜାରୀ ଗୁରୁତର ହୋଇ ପଡ଼ିଥିଲେ। ତେବେ ଘଟଣାକୁ ନେଇ ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଙ୍କ ବିଷ୍ଣୁ ପ୍ରସାଦ ମିଶ୍ର ଙ୍କ କୋର୍ଟ ରେ ମକଦମା ଚାଲିଥିଲା ଏବଂ ୨୭ ଜଣ ସାକ୍ଷ୍ୟ ପ୍ରମାଣ କୁ ଭିତ୍ତି କରି ଏହାର ରାୟ ପ୍ରକାଶ ପାଇଥିଲା ଏବଂ ଘଟଣାରେ ଜଡ଼ିତ ଜଣେ ନାବାଳକ ଙ୍କ ସମେତ ୬ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଲେ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ। ଏହାସହ ଦଶ ହଜାର ଟଙ୍କା ର ଜୋରିମାନା ଦଣ୍ଡାଦେଶ ଶୁଣାଇ ଛନ୍ତି।

# ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ବର୍ଦ୍ଧିତ ଭତ୍ତାରେ କେଳେଙ୍କାରୀ

**ଆନନ୍ଦପୁର,୩।୯(ସଂଚାର ବ୍ୟୁର):** ବର୍ଦ୍ଧିତ ଭତ୍ତା ବଣ୍ଟନ ରେ କେଳେଙ୍କାରୀ।୮୦ ବୟସ ରୁ କମ୍ ଓ ୮୦ ପ୍ରତିଶତ ବିକଳାଙ୍ଗ ରୁ କମ୍ ଦିବ୍ୟାଙ୍ଗ ହାତେଇଛନ୍ତି ବର୍ଦ୍ଧିତ ଭତ୍ତା।ରାଜ୍ୟସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୮୦ ପ୍ରତିଶତ ଅଧିକ ବିକଳାଙ୍ଗ ମାନଙ୍କ ପାଇଁ ମାସକୁ ୩୫୦୦ ଟଙ୍କା ଭତ୍ତା ବଣ୍ଟନ କରିବା ପାଇଁ ଘୋଷଣା କରିଛନ୍ତି।କିନ୍ତୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।ସାମାଜିକ ସୁରକ୍ଷା ବିଭାଗ ର ଗୋଲକ ଧନ୍ଦାରେ ଚନ୍ଦି ହୋଇ ରହିଛନ୍ତି ଅନେକ ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗ ।ଯେଉଁମାନେ ବର୍ଦ୍ଧିତ ଭତ୍ତା ପାଇବେ ସେମାନେ ପୁଣି ଥରେ ସାମାଜିକ ସୁରକ୍ଷା ବିଭାଗ ରେ ଭୋଟର ପରିଚୟପତ୍ର, ଆଧାର କାର୍ଡ ଏବଂ ଅନଲାଇନ୍ ବିକଳାଙ୍ଗ ପ୍ରମାଣ ପତ୍ର ଦାଖଲ କରିବା ପାଇଁ ନିୟମ ରହିଛି।ଆନନ୍ଦପୁର ବ୍ଲକ ରେ ସାମାଜିକ ସୁରକ୍ଷା ଅଧିକାରୀ ନ ଥିବା ବେଳେ ବିଭାଗ ର କର୍ମଚାରୀ ମାନଙ୍କ ଦୁର୍ନୀତି ଖୋର୍ ମନୋଭାବ ପାଇଁ ବଳି ପଡୁଛନ୍ତି ଯୋଗ୍ୟ ହିତାଧିକାରୀ।ଆନନ୍ଦପୁର ବ୍ଲକ ମୋଚିନ୍ଦା ପଞ୍ଚାୟତ ରେ ନରେଶ କାହାଳୀ ଓ ବାସନ୍ତୀ ପଣ୍ଡିତ, ପଞ୍ଚୁପଲ୍ଲି ପଞ୍ଚାୟତ ରେ ଇନ୍ଦ୍ରମଣି ପରିଡା, ବାଇଲୋ ପଞ୍ଚାୟତ ରେ ସୁଦର୍ଶନ ସାହୁ ଏବଂ କାଠକଟା ପଞ୍ଚାୟତ ର ଅନନ୍ତ ସାହୁ ଙ୍କ ର ଅନଲାଇନ୍ ରେ ବିକଳାଙ୍ଗ ପ୍ରମାଣ ପତ୍ର ରେ ୮୦ ପ୍ରତିଶତ ରୁ କମ୍ ଥିବା ବେଳେ ସାମାଜିକ ସୁରକ୍ଷା ବିଭାଗ ର କର୍ମଚାରୀ ଙ୍କୁ ହାତଗୁଞ୍ଜା ଦେଇ ଯାଞ୍ଚ କରାନଯାଇ ବିକଳାଙ୍ଗ ପ୍ରମାଣ ପତ୍ର କୁ ଡ଼ିଟିପି କରି ୮୦ ପ୍ରତିଶତ ରୁ ଉର୍ଦ୍ଧ୍ୱ କରାଯାଉଥିବା ଚର୍ଚ୍ଚା ହେଉଛି।ଆନନ୍ଦପୁର ବ୍ଲକ ର କିଛି ପଞ୍ଚାୟତ ରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଯାଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ମାନଙ୍କ ପାଉଥିବା ବର୍ଦ୍ଧିତ ଭତ୍ତା, ଅନଲାଇନ୍ ବିକଳାଙ୍ଗ ପ୍ରମାଣ ପତ୍ର ଯାଞ୍ଚ କରିବା ସହ ମୃତ ବ୍ୟକ୍ତିଙ୍କ ନାମରେ ଉଠୁଥିବା ଭତ୍ତା ଗୁଡ଼ିକୁ ଯାଞ୍ଚ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ମହାପ୍ରଭୁ ଶ୍ରୀ ଜଗନ୍ନାଥ ସେବକଙ୍କ ଦେହାନ୍ତ



**ବୋରିଗୁମ୍ମା,୩।୯(ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହର ରଥଯାତ୍ରା ରେ ଛେରା ପଂହଁରା କରି ବୋରିଗୁମ୍ମା ରାଜା ଭାବେ ବେଶ ପରିଚିତ ଥିଲେଙ୍କୁଏବଂ ଜଗନ୍ନାଥ ମନ୍ଦିର ର ଉନ୍ନତିକରଣ ସହ ପ୍ରଭୁଙ୍କର ବାର ମାସରେ ତେର ପର୍ବରେ ନିସ୍ୱାର୍ଥପର ଭାବରେ କାର୍ଯ୍ୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରଭୁଙ୍କର ସେବକ ଦୟାନିଧି ମହାନ୍ତି ଙ୍କ ସୋମବାର ବିଳମ୍ବିତ ରାତ୍ର ୨. ୩୦ ମିନିଟ ସମୟରେ ପରଲୋକ ହୋଇଯାଇଛନ୍ତୁ ତାଙ୍କୁ ୮୮ବର୍ଷ ହୋଇଥିଲାଜ୍ଞୁ ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ଥିବାବେଳେ ଗତ କିଛିଦିନ ପୂର୍ବେ ତାଙ୍କର ଶରୀର ଅତ୍ୟନ୍ତ ଅସୁସ୍ଥ ହେବାରୁ ପ୍ରଥମେ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲାଜ୍ଞୁ ଆଜି ସନ୍ଧ୍ୟାରେ ତାଙ୍କ ମୃତଦେହ ନିଜ ବାସଭବନକୁ ଆଣିବାପରେ ଆସନ୍ତାକାଲି ସକାଳେ ଅନ୍ତିମ ସଂସ୍କାର କରାଯିବଜ୍ଞୁ ତାଙ୍କ ମୃତ୍ୟୁ ଖବର ଶୁଣି ବୋରିଗୁମ୍ମା ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି। ଏବଂ ଆଜି ଶ୍ରୀ ମହାନ୍ତିଙ୍କ ବାସଭବନରେ ଆତ୍ମୀୟସ୍ୱଜନଙ୍କ ସହ ସହରର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶୋକସନ୍ତପ୍ତ ପାରିବାରକୁ ସାନ୍ତ୍ୱନା ଦେଉଥିବା ଦେଖିବାକୁ ମିଳିଛି।

## ଏରସମା ପୁଲିସ ଆକ୍ସନ ମୁଡ଼ରେ ଡିଜେ ଗାଡି ଜବତ

**ଏରସମା,୩।୯(ସଂଚାର ବ୍ୟୁରୋ):** ଆଜିକାଲି ଡିଜେ ସାଉଣ୍ଡ ଏତେ ଭୟଙ୍କର ହେଲାଣି କେହି ଆଉ ଏପରି ଉଚ୍ଚସ୍ୱରକୁ ପସନ୍ଦ କରୁ ନାହାନ୍ତି। ଏହାଦ୍ୱାରା ହୃଦୟକୁ ଆଘାତ ହେଉଛି। ସୋମବାର ରାତିରେ ଏରସମା ପୁଲିସ ପାଟ୍ରୋଲିଙ୍ଗ କରୁଥିବା ସମୟରେ ମାଣପୁର ଗ୍ରାମରେ ଏକ ଡିଜେ ସିଷ୍ଟମ ଉଚ୍ଚ ସ୍ୱରରେ ବାଜଉଥିବାରୁ ଗାଡିକୁ ପୁଲିସ ଜବତ କରିଛି। କେସ ନମ୍ବର ୨୯୬/୨୫।ଏଣୁ ସମସ୍ତଙ୍କୁ ସତର୍କ କରାଇ ଦିଆଯାଉଛି ଶବ୍ଦ ପ୍ରଦୂଷଣ ହେଲେ ଆଇନ ତା ବାଟରେ କାର୍ଯ୍ୟ କରିବ। ଅତ୍ୟଧିକ ସାଉଣ୍ଡ ବଜାଇ ଯାଉଥିବା ଡି.ଜେ ସହିତ ଗାଡି ନଂ ଓଡି ୨୧ ଜେ ୨୮୮୪ କୁ ମଧ୍ୟ କେସ୍ ନଂ ୨୯୨/୨୫ ଏବଂ ଧାରା ୧୨୬(୨)/୨୯୬/୩୫୧(୨)/୧୩୨/୩(୫)ରେ ଜବତ କରାଯାଇ ଏରସମା ଥାନାକୁ ଅଣାଯାଇଅଛି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲା।

● ପୁଅର କାଠ ଫାଳିଆ ଆକ୍ରମଣରେ ବାପା ମୃତ ଘଟଣା

# ଗିରଫ ହେଲା ହତ୍ୟାକାରୀ

**ବାଲିପାଟଣା,୩।୯(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଦେଉଳିଧରପୁର ଗ୍ରାମର ବ୍ରହ୍ମାନନ୍ଦ ଜେନା(୬୦)ଙ୍କୁ ରବିବାର ରାତିରେ ପାରିବାରିକ କଳହରୁ ବଡ଼ପୁଅ ରଞ୍ଜନ ଜେନା(୩୫) ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ।ଫଳରେ ବ୍ରହ୍ମାନନ୍ଦଙ୍କ ମୃତ୍ୟୁ ହୋଇଥିଲା।ଏହି ଘଟଣାରେ ଫେରାର ଥିବା ରଞ୍ଜନଙ୍କୁ ମଙ୍ଗଳବାର ପୁଲିସ ଗିରଫ କରିଛି। ଅପରାହ୍ନରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ କେଉଁ କାରଣକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା ତାହା ଜଣାପଡ଼ିନାହିଁ। ସୂଚନା ଅନୁଯାଇ ରବିବାର ରାତ୍ରିରେ ଦେଉଳିଧର ପୁର ଗ୍ରାମର ରଞ୍ଜନ ନିଶାସକ୍ତ ଅବସ୍ଥାରେ ପହଁଞ୍ଚି ଘରେ ପାଟିତୁଣ୍ଡ କରିଥିଲେ। ପରେ ୨ ଭାଇ ରଞ୍ଜନ ଏବଂ ଲୋକନାଥ ମାରପିଟ ହୋଇଥିଲେ। ଉଭୟଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ।

ଏଥିରେ ରଞ୍ଜନ ଉତକ୍ଷିପ୍ତ ହୋଇ ଏକ କାଠ ଫାଳିଆ ରେ ସାନ ଭାଇ ଏବଂ ବାପାଙ୍କୁ ମାଡ଼ ମାରିଥିଲେ। କାଠ ଫାଳିଆ ମାଡରେ ଉଭୟ ବାପ-ପୁଅଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗାଁ ଲୋକେ ଉଭୟଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ବାପା ବ୍ରହ୍ମାନନ୍ଦ ଜେନାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଲୋକନାଥଙ୍କୁ ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବାଲିପାଟଣା ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିଥିଲା।

### ମହିଳା ମହାବିଦ୍ୟାଳୟ ଓ ଶ୍ରେଣୀ ଗୃହରେ ବନ୍ୟାଜଳ

# ପାଣି ଘେରରେ ପରୀକ୍ଷା ଦେଲେ ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀ

**ନୀଳଗିରି,୩।୯ (ସଂଚାର ବ୍ୟୁର):** ନୀଳଗିରିରେ ଲଘୁଚାପ ବର୍ଷା ସୋମବାର ରାତ୍ରି ଠାରୁ ଲାଗିରହିଥିବା ବେଳେ ମଙ୍ଗଳବାର ରାତ୍ରିରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା। ଫଳରେ ନୀଳଗିରି ସହରର ବିଭିନ୍ନ ରାସ୍ତାରେ ଦୀର୍ଘ ସମୟ ଧରି ବର୍ଷା ପାଣିର ସୁଅ ଛୁଟିଥିଲା। ଏହି ଲଗାଣ ବର୍ଷା ପାଣି ନୀଳଗିରି ଏନ୍.ଏ.ସି. ଅଧିନ ନିଜଗଡ଼ ଠାରେ ଥିବା ମହିଳା ମହାବିଦ୍ୟାଳୟ ପରିସରେ ଆଣ୍ଠିଏ ପାଣି ହେବା ସହ ଶ୍ରେଣୀ ଗୃହରେ ପାଣି ପଶିଥିବା ଦେଖିବାକୁ ମିଳିଥିଲା। ଶ୍ରେଣୀ ଗୃହ ଭିତରେ ପାଣି ଥିବା ବେଳେ ଚିଆର ବେଞ୍ଚରେ ବସି ଯୁକ୍ତ ୩ ସେକେଣ୍ଡ ସେମିଷ୍ଟାର ପାଇଁ ପରୀକ୍ଷା ଦେଉଥିଲେ ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀ। ମହାବିଦ୍ୟାଳୟରେ ଡ୍ରେନେଜ୍ ବ୍ୟବସ୍ଥା ନଥିବା କାରଣରୁ ଶ୍ରେଣୀ ଗୃହର ଭିତର ପରିସର ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇପଡ଼ିଥିଲା। ଶ୍ରେଣୀ ଗୃହରେ କାଦୁଅ ପାଣି ଏକ ଅପରିଷ୍କାର ପରିବେଶ ସୃଷ୍ଟି କରିଥିବାରୁ ଏ ନେଇ ଅସନ୍ତୋଷ ଦେଖାଦେଇଛି। ମହାବିଦ୍ୟାଳୟର ତିନିପାର୍ଶ୍ୱରେ ବଡ ବଡ କୋଠା ଘର ମାନ ଗଢ଼ି ଉଠିଥିବା ଓ ଦିନକୁ ଦିନ



ରାସ୍ତା ଉଚ୍ଚ ହେବା ସହ ସେହି ତୁଳନାରେ ମହାବିଦ୍ୟାଳୟର ପରିସର ଡାଉନ୍ ହୋଇଯିବାରୁ ପାଣି ପଶୁଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ସେହିପରି ଭବିଷ୍ୟତରେ ଶ୍ରେଣୀ ଗୃହରେ ପାଣି ନପଶିବା ଓ ମହାବିଦ୍ୟାଳୟ ପରିସରରୁ ପାଣି ନିଷ୍କାସନର ବ୍ୟବସ୍ଥା କରିବା ଦିଗରେ ସ୍ଥାନୀୟ ପ୍ରଶାସନ, ନିର୍ବାଚିତ ଜନ ପ୍ରତିନିଧି ଓ ସଚେତନ ନାଗରିକ ତତ୍ପର ହେବା ଆବଶ୍ୟକ। ଏହି ଘଟଣା ପରେ ବୁଧବାର ଅପରାହ୍ନରେ ଏନ୍.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା ଓ ବ୍ଲକ ତରଫରୁ ମହିଳା ମହାବିଦ୍ୟାଳୟକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି।

# ଷଷ୍ଠତମ ଜିଲ୍ଲା ପରିଷଦର ସାଧାରଣ ବୈଠକ

**ନବରଙ୍ଗପୁର,୩।୯ (ସଂଚାର ବ୍ୟୁର):** ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କ ଅଧ୍ୟକ୍ଷତାରେ ଷଷ୍ଠତମ ଜିଲ୍ଲା ପରିଷଦ ର ଅଷ୍ଟମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ସାଂସଦ (ଲୋକସଭା)ବଳଭଦ୍ର ମାଝି, ମାନ୍ୟବର ସାଂସଦ (ରାଜ୍ୟସଭା) ମୁଜିବୁଲ୍ଲା ଖାଁ, ମାନ୍ୟବର ବିଧାୟକ ଡ଼ାବୁ ଗାଁ ମନୋହର ରାନ୍ଧାରୀ, ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ମାନ୍ୟବର ବିଧାୟକ ଝରି ଗାଁ ନରସିଂହ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ମଞ୍ଚାସିନ ଥିଲେ।ଜିଲ୍ଲାପାଳ ସମସ୍ତ ଜନ ପ୍ରତିନିଧି, ସଭ୍ୟ ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ ଓ ଜିଲ୍ଲା ପରିଷଦ ବୈଠକ ରେ ସଫଳ ଆଲୋଚନା ଉପରେ ବିଶେଷ କହିଥିଲେ।ବୈଠକ ରେ ନବରଙ୍ଗପୁର ଜିଲ୍ଲାର ୨୬ ଜଣ ଜିଲ୍ଲାପରିଷଦ ସଭ୍ୟ ଓ ୧୦ ଜଣ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯୋଗ ଦେଇ ନିଜ ଅଞ୍ଚଳ ରେ ବିଭିନ୍ନ ସମସ୍ୟା ଓ




ଅସୁବିଧା, ଉନ୍ନତିମୂଳକ କାର୍ଯ୍ୟ ର ତଥ୍ୟ, ଅଭିଯୋଗ ଉପରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଙ୍କୁ ପ୍ରଶ୍ନ ପଚାରିଥିଲେ। ବୈଠକ ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, କୃଷି, ମହିଳା ଓ ଶିଶୁ ବିକାଶ, ଗ୍ରାମ୍ୟ ନିର୍ମାଣ, ଅନୁସୂଚିତ ଜାତି ଓ ଜନଜାତି, ଅବକାରୀ, ବିଦ୍ୟୁତ, ଜିଲ୍ଲା ସାମାଜିକ ସୁରକ୍ଷା ଇତ୍ୟାଦି ବିଭାଗ ର ଅଧିକାରୀ ଜନ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ଗୃହରେ ସୁଚନା ଅନୁସାରେ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିରାମୟ ଯୋଜନା ରେ ସମସ୍ତ ଔଷଧ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି।

## ୨୦ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ ଗିରଫ



**ଦିଗପହଣ୍ଡି,୩।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ଶ୍ୟାମ ସୁନ୍ଦର ପଲ୍ଲୀ ଗ୍ରାମ ଉପର ସାହିର ଋଷିଆ ମଲ୍ଲିକଙ୍କୁ ବୁଧବାର ଦିଗପହଣ୍ଡି ଅବକାରୀ ଓଆଇସି ଅନୀତା ପ୍ରଧାନ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅବକାରୀ ମାମଲା ନଂ.୯୫/୨୫-୨୬ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ,ମଙ୍ଗଳବାର ସନ୍ଧ୍ୟାରେ ଅବକାରୀ ଓଆଇସି ସଦଳବଳେ କେ.ନୂଆଗାଁ ଥାନା ଅଧିନ ଶ୍ୟାମସୁନ୍ଦର ପଲ୍ଲୀ, ପାଳଝାଡି, ବଡ଼ପଦା, ଚଷା ନିମଖଣ୍ଡି ଗ୍ରାମ ଇଲାକାରେ ପାଟ୍ରୋଲିଂ କରୁଥିବା ବେଳେ ଶ୍ୟାମସୁନ୍ଦରପଲ୍ଲୀ ଗ୍ରାମ ରାସ୍ତାରେ ଅଭିଯୁକ୍ତ ସନ୍ଦେହଜନକ ଭାବେ ଏକ ଜରିବସ୍ତା ଧରି ଯାଉଥିଲେ। ଏହାଦେଖି ଅବକାରୀ କର୍ମଚାରୀ ତାଙ୍କୁ ଅଟକାଇ ଖାନତଲାସି କରିବାରୁ ସେଥିରେ ଏକ ପ୍ଲାଷ୍ଟିକ ଜାରକିନରେ ୨୦ ଲିଟର ଦେଶୀମଦ ଥିବା ଜଣାପଡିଥିଲା। ସାକ୍ଷ୍ୟ ମାନଙ୍କ ଉପସ୍ଥିତିରେ ଜବତ ମଦର ରସାୟନିକ ପରୀକ୍ଷା କରାଯାଇଥିଲା। ଅଭିଯୁକ୍ତ ଉକ୍ତ ମଦକୁ ବିକ୍ରୀ ନିମନ୍ତେ ନେଉଥିବା ସ୍ୱୀକାର କରିବା ପରେ ତାଙ୍କୁ ଦିଗପହଣ୍ଡି ଅବକାରୀ କାର୍ଯ୍ୟାଳୟକୁ ଉଠାଇ ଅଣାଯାଇଥିଲା।ଏହି ଚଢାଉ ଧରପଗଡ ରେ ଅବକାରୀ ଏଏସଆଇ ଏନ. ତ୍ରିପତି , କନେଷ୍ଟବଳ ଏସକେ. ରାଜେଶ ଉଦ୍ଦିନ, ବଳରାମ ପାତ୍ର,ରାଜେଶ କୁମାର ଜେନା ପ୍ରମୁଖ ସାମିଲ ଥିଲେ।